ଧରିତ୍ରୀ
DHARITRI

ଶୁକ୍ରବାର, ମେ ୧/୨୦୨୦ (୧୮ ପୃଷ୍ଠା) Friday, May 1/2020

୪୬ଶ ଭାଗ ୧୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ଉଦ୍ଧବ ଠାକ୍‌ରେଙ୍କ ଆଶା ମଉଳିଲା

ମହାରାଷ୍ଟ୍ରର ଖାଲିପଡ଼ିଥିବା ୯ ବିଧାନ ପରିଷଦ ଆସନ ପାଇଁ ନିର୍ବାଚନ କରାଇବାକୁ ରାଜ୍ୟପାଳ ଇସିଙ୍କୁ ଅନୁରୋଧ କରିଛନ୍ତି। ଫଳରେ ଉଚ୍ଚ ସଦନକୁ ମନୋନୀତ ହେବା ଲାଗି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ଆଶା ମଉଳିଯାଇଛି।

୦୨

୧୮

ୱିଲିୟମସନ ଶ୍ରେଷ୍ଠ ଖେଳାଳି

କେନ୍ ୱିଲିୟମସନ ନ୍ୟୁଜିଲାଣ୍ଡର ଶ୍ରେଷ୍ଠ ଦିନିକିଆ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି।

ଦିନକରେ ଯାଜପୁରରୁ ୧୭

- କଟିକଟା କଣ୍ଟେନମେଣ୍ଟ ଅଞ୍ଚଳର ୧୬ ଚିହ୍ନଟ
- ଦଶରଥପୁର, ଯାଜପୁର ବ୍ଲକରେ ବଢୁଛି ସଂଖ୍ୟା
- ଡାହାଣହତା ପଞ୍ଚାୟତର ୫ ଗ୍ରାମକୁ କଣ୍ଟେନମେଣ୍ଟ ଅଞ୍ଚଳ ଘୋଷଣା

ଭୁବନେଶ୍ୱର(ବ୍ୟୁରୋ)/ଯାଜପୁର ଅଫିସ/ଦଶରଥପୁର (ଡି.ଏନ.ଏ.), ୩୦।୪

କରୋନା ଭୂତାଣୁ (କୋଭିଡ-୧୯) ସଂକ୍ରମଣରେ ଯାଜପୁର ଜିଲା ଏବେ ହଟସ୍ପଟ ପାଲଟିଛି। ଦିନକୁ ଦିନ ଏଠାରେ ସଂକ୍ରମଣକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ଯାଜପୁର ଜିଲାରେ ଏବେ ସର୍ବାଧିକ ସକ୍ରିୟ କରୋନା ସଂକ୍ରମିତ ରହିଛନ୍ତି। ଗୁରୁବାର ମୋଟ ୧୭ଜଣ(ସକାଳେ ୩ ଓ ଅପରାହ୍ନରେ ୧୪ଜଣ) ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୬ରେ ପହଞ୍ଚିଛି। କୋରେଇ ଓ ରସୁଲପୁର ବ୍ଲକ ଅଞ୍ଚଳରେ ଜଣେ ଲେଖାଏ ବ୍ୟକ୍ତି ସଂକ୍ରମଣରେ ସୀମିତ ରହିଥିବାବେଳେ ଯାଜପୁର ଓ ଦଶରଥପୁର ବ୍ଲକରେ ୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଗୁରୁବାର କରୋନା ସଂକ୍ରମିତ ଚିହ୍ନଟ ୧୭ଜଣଙ୍କ ମଧ୍ୟରୁ ୧୬ ଜଣ କ୍ୱାରାଣ୍ଟାଇନ ବା ଆବଦ୍ଧାଞ୍ଚଳର ହୋଇଥିବାରୁ ଅଧିକ ଚିନ୍ତାର ବିଷୟ ନୁହେଁ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଛି।

କରୋନା ସମ୍ପର୍କିତ ରାଜ୍ୟସ୍ତରୀୟ ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ କୁମାର ସିଂ କହିଛନ୍ତି ଯେ, ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ କଟିକଟା ଅଞ୍ଚଳରୁ ୨୦୦ନମୁନା ସଂଗ୍ରହ କରାଯାଇଥିଲା। ତନ୍ମଧ୍ୟରୁ ୧୪ଟି ପଜିଟିଭ ବାହାରିଥିବା ନେଇ ସୂଚନା ମିଳିଛି। ଏହା କଣ୍ଟେନମେଣ୍ଟ ଅଞ୍ଚଳ ହୋଇଥିବାରୁ ଭୟ କରିବାର କୌଣସି କାରଣ ନାହିଁ ବୋଲି ସଞ୍ଜୟ ଆଶ୍ୱାସନା ଦେଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଦଶରଥପୁର ବ୍ଲକ ଡାହାଣହତା ଗ୍ରାମର ଜଣେ ୬୫ ବର୍ଷ ବୟସ୍କ ବୃଦ୍ଧ ଥିବା ଜଣାପଡ଼ିବା ପରେ ଡାହାଣହତା ପଞ୍ଚାୟତକୁ କ୍ୱାରାଣ୍ଟାଇନ ଘୋଷଣା କରାଯାଇଛି। ଅପରାହ୍ନରେ ଚିହ୍ନଟ ୧୪ ଜଣ ସଂକ୍ରମିତ ବ୍ୟକ୍ତି ବୈତରଣୀ ନଦୀକୂଳ ଭଦ୍ରକ ଜିଲା ସୀମାନ୍ତର ବୋଲି ସୂଚନା ମିଳିଛି। ଏପର୍ଯ୍ୟନ୍ତ ଯାଜପୁର ଜିଲାର ୧୩ ପଞ୍ଚାୟତର ☞ପୃଷ୍ଠା-୪

ସୁସ୍ଥ ହେଲେ ରାଉରକେଲାର ୨ ସଂକ୍ରମିତ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ସୁନ୍ଦରଗଡ ଜିଲା ରାଉରକେଲାର ୨ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଏଥିସହିତ ଓଡ଼ିଶାରେ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୪୧ରେ ପହଞ୍ଚିଛି। ସେହିଭଳି ବୁଧବାର ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୩୧, ୬୯୬ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି। ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୪୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମାତ୍ର ଜଣେ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି । ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ବର୍ତ୍ତମାନ ୧୦୦ ରହିଛି । ସେହିଭଳି ୧୮୨ ଜଣ ହସ୍‌ପିଟାଲ୍ ଆଇସୋଲେଶନ୍‌ରେ ଅଛନ୍ତି ।

ପରପାରିରେ ରଷି କପୁର

- ଚନ୍ଦନୱାଡ଼ି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ
- ଲକ୍‌ଡାଉନ ଯୋଗୁ କେବଳ ପରିବାର ସଦସ୍ୟ ଓ ଘନିଷ୍ଠ ସମ୍ପର୍କୀୟ ଯୋଗଦେଲେ

ମୁମ୍ବାଇ,୩୦।୪(ପି.ଟି.)

ବଲିଉଡ୍ ଜଗତରେ ଦୀର୍ଘ ୩ ଦଶନ୍ଧି ଧରି ରୋମାଣ୍ଟିକ୍ ହିରୋ ଭାବେ ନିଜର ପରିଚୟ ସୃଷ୍ଟି କରିଥିବା ବର୍ଷୀୟାନ ଅଭିନେତା ରଷି କପୁରଙ୍କର ଗୁରୁବାର ପୂର୍ବାହ୍ନ ୮ଟା ୪୫ରେ ମୁମ୍ବାଇର ଏଚ୍.ଏନ୍. ରିଲାଏନ୍ସ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ଦୁଇବର୍ଷ ହେଲା ସେ କ୍ୟାନ୍‌ସର (ଲ୍ୟୁକେମିଆ)ରେ ପୀଡିତ ଥିଲେ। ଚଳଚ୍ଚିତ୍ର ଜଗତ ସହ ଜଡ଼ିତ କପୁର ପରିବାରର ତୃତୀୟ ପିଢ଼ି ରଷି କପୁର ତାଙ୍କ ଅଭିନେତ୍ରୀ ସ୍ତ୍ରୀ ନୀତୁ, ପୁଅ ରଣବୀର ଓ ଝିଅ ରିଧିମାଙ୍କ ସହ ରହୁଥିଲେ। ଅଭିନେତା ଇର୍ଫାନ ଖାନଙ୍କ ପରଲୋକର ଦିନକ ପରେ ରଷିଙ୍କ ଦେହାନ୍ତ ବଲିଉଡ୍ ଜଗତରେ ଶୋକର ଛାୟା ଖେଳାଇଦେଇଛି। ରଷି ୧୯୫୨ ସେପ୍ଟେମ୍ବର ୪ରେ ମହାରାଷ୍ଟ୍ରର ଚେମ୍ବୁରରେ ଏକ ପଞ୍ଜାବୀ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଗୁରୁବାର ଅପରାହ୍ନ ୩ଟା ୪୫ରେ ଦକ୍ଷିଣ ମୁମ୍ବାଇର ଚନ୍ଦନୱାଡ଼ି ଶ୍ମଶାନରେ ରଷିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

☞ପୃଷ୍ଠା-୪

୧୯୫୨-୨୦୨୦

ରୋମାଣ୍ଟିକ୍ ରଷି ପୃଷ୍ଠା-୧୦

ଫୁଟ୍‌ବଲ କିମ୍ବଦନ୍ତୀ ଚୁନି ଗୋସ୍ୱାମୀଙ୍କ ଦେହାନ୍ତ

କୋଲକାତା, ୩୦।୪ (ପି.ଟି.)

ପୂର୍ବତନ ଆଇକନିକ ଫୁଟ୍‌ବଲର ତଥା ପ୍ରଥମ ଶ୍ରେଣୀ କ୍ରିକେଟର ଅଲରାଉଣ୍ଡର ଚୁନି ଗୋସ୍ୱାମୀଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ୧୯୬୨ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ଅଧିନାୟକତ୍ୱ କରିଥିଲେ। ଦେଶରେ ଫୁଟ୍‌ବଲ ପାଇଁ ଉଲ୍ଲେଖନୀୟ ଅବଦାନ ସକାଶେ ସେ ଅର୍ଜୁନ ପୁରସ୍କାର (୧୯୬୩) ଓ ପଦ୍ମଶ୍ରୀ (୧୯୮୩) ସମ୍ମାନରେ ସମ୍ମାନିତ ହୋଇଥିଲେ। ଭାରତୀୟ ଦଳର ଅନ୍ୟତମ ଶ୍ରେଷ୍ଠ ଫରୱାର୍ଡ ଖେଳାଳି ଭାବେ ସେ ତାଙ୍କ କ୍ୟାରିୟରରେ ୧୩ଟି ଅନ୍ତର୍ଜାତୀୟ ଗୋଲ୍ ସ୍କୋର କରିଥିଲେ। ଜଣେ ଅଲରାଉଣ୍ଡର କ୍ରିକେଟର ଭାବେ ମଧ୍ୟ ସେ ବେଙ୍ଗଲ ଦଳରୁ ପ୍ରତିନିଧିତ୍ୱ କରିଥିଲେ।

(ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୧୦)

ସୁରଟରୁ ଓଡ଼ିଶା ବାହାରିଲା ୧୨ ବସ୍

ଭଞ୍ଜନଗର/ସୋରଡା/ଆସିକା,୩୦।୪(ଡି.ଏନ.ଏ.)

ଲକ୍‌ଡାଉନ ସତ୍ତ୍ୱେ ସୁରଟ ପ୍ରଶାସନର ଅନୁମତି ନେଇ ପ୍ରବାସୀ ଓଡ଼ିଆ ଘରକୁ ଫେରୁଛନ୍ତି। ସୁରଟ ପାଣ୍ଡେଶ୍ୱର, ବୀରଭୂମି, ବେସ୍ତନର ସିଦ୍ଧାର୍ଥନଗରରୁ ୧୨ଟି ବସ୍ ଗୁରୁବାର ରାତିରେ ସେଠାରେ ଥିବା ଲୋକଙ୍କୁ ନେଇ ଓଡ଼ିଶା ଅଭିମୁଖେ ବାହାରିଛି। ସେଥିରୁ ୬ଟି ବସ୍ ସୋରଡା ଓ ଧରାକୋଟ ବ୍ଲକର ଲୋକଙ୍କୁ ନେଇ ଆସୁଥିବା ଜଣାପଡଛି। ଆଉ ୩ଟି ବସ୍‌ରେ ଆସିକା ଅଞ୍ଚଳର ଯାତ୍ରୀ ଥିବାବେଳେ ସେମାନେ ଆସିକା ଡି.ପଲ୍ ସ୍କୁଲସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବେ। ଅନ୍ୟ ୩ ବସ୍ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯିବ ବୋଲି ଜଣାପଡିଛି। ବସ୍‌ରୁ ଯେଭଳି କୌଣସି ଯାତ୍ରୀ ଓହ୍ଲାଇ ଘରକୁ ନ ଯିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ଦୃଷ୍ଟି ରଖାଯାଉଛି। ବସ୍‌ଗୁଡିକ ଓଡ଼ିଶା ସୀମାରେ ପ୍ରବେଶ କରିବା ପରେ କଡା ସୁରକ୍ଷା ମଧ୍ୟରେ ନିର୍ଦ୍ଧାରିତ ସ୍ଥାନକୁ ଅଣାଯିବ ବୋଲି ଜଣାପଡିଛି।

ଓଡ଼ିଶା ପାଇଁ ଆସିପାରେ ଗମ୍ଭୀର ସ୍ଥିତି

- ଆଶଙ୍କା ପ୍ରକାଶ କରୁଛନ୍ତି ସ୍ୱାସ୍ଥ୍ୟ ବିଶାରଦ
- ବାହାର ରାଜ୍ୟ ଫେରନ୍ତାଙ୍କୁ ନେଇ ବଢୁଛି ଚିନ୍ତା
- ମାସକରେ ୧୨ ଜିଲାରେ ୧୩୮ ନୂଆ ସଂକ୍ରମିତ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଓଡ଼ିଶାରେ କରୋନା ଭୂତାଣୁ ସଂକ୍ରମଣ ବଢୁଥିବାରୁ ଏହା ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିବାରେ ଲାଗିଛି। ମାର୍ଚ୍ଚ ୩୧ ତାରିଖରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ଥିଲା। କିନ୍ତୁ ମାସକ ପରେ ଏହା ୧୪୨ରେ ପହଞ୍ଚିଛି। ଅର୍ଥାତ ୧ ମାସ ମଧ୍ୟରେ ୧୩୮ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯଦିଓ ଦେଶ କିମ୍ବା ଅନ୍ୟ ରାଜ୍ୟର ବୃଦ୍ଧି ତୁଳନାରେ ଏହା କମ୍ ତଥାପି ଓଡ଼ିଶା ପାଇଁ ଏହା ଗମ୍ଭୀର ସ୍ଥିତି ସୃଷ୍ଟି କରିବାକୁ ଯାଉଥିବା ସ୍ୱାସ୍ଥ୍ୟ ବିଶାରଦମାନେ ଆଶଙ୍କା କରୁଛନ୍ତି।

ଲକ୍‌ଡାଉନ ଉଠିବା ପରେ ଅନ୍ୟ ରାଜ୍ୟରେ ଥିବା ଲକ୍ଷ ଲକ୍ଷ ଓଡ଼ିଆ ଲୋକମାନେ ଫେରିବେ। ତେଣୁ ସମ୍ପୃକ୍ତ ପ୍ରବାସୀମାନେ ଏହି ମହାମାରୀକୁ ଆହୁରି ଅଧିକ ବଢ଼ାଇଦେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଯେତିକି ସଂକ୍ରମିତ ଅଛନ୍ତି ସେମାନଙ୍କ ମଧ୍ୟରୁ ୫୦ ଜଣ କେବଳ ପଶ୍ଚିମବଙ୍ଗ ଫେରନ୍ତା ବୋଲି ସରକାରୀ ତଥ୍ୟ କହୁଛି। ଆଗାମୀ ଦିନରେ ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ ଭଳି ବହୁଳ ସଂକ୍ରମଣ ରାଜ୍ୟରୁ ଆସିବାକୁ ଥିବା ଲୋକମାନଙ୍କୁ ଯଦି ଠିକ୍ ଭାବେ କ୍ୱାରାଣ୍ଟାଇନ୍ କରା ନ ଯାଏ କିମ୍ବା ସ୍ୱାସ୍ଥ୍ୟ ପରୀକ୍ଷା ନ ହୁଏ ତେବେ ପରିସ୍ଥିତି ବିଗଡ଼ିଯିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ମାସକ ପୂର୍ବରୁ ଖୋର୍ଦ୍ଧା ଜିଲାର ଭୁବନେଶ୍ୱରରୁ ୩ ଓ ଭଦ୍ରକ ସହରର ଜଣଙ୍କୁ ମିଶାଇ ସ୍ଥିତି କେବଳ ୪ରେ ଥିଲା। କିନ୍ତୁ ମାସକ ମଧ୍ୟରେ ଏହି ମହାମାରୀ ଅନ୍ୟ ୧୨ଟି ଜିଲା ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, କଟକ, ପୁରୀ, ଢେଙ୍କାନାଳ, କୋରାପୁଟ, କେନ୍ଦୁଝର, ଦେବଗଡ଼ ଏବଂ ଝାରସୁଗୁଡ଼ାକୁ ମିଶାଇ ମୋଟ୍ ୧୪ ଜିଲାରେ ପାଦ ଥାପି ସାରିଲାଣି। ଗତ ସପ୍ତାହରେ ଗ୍ରୀନ୍ ଜୋନ୍‌ରେ ଥିବା କୋରାପୁଟ, କେନ୍ଦୁଝର, ଝାରସୁଗୁଡା ଓ ଦେବଗଡ ଏବେ ରେଡ୍ ଜୋନକୁ ଆସିଯାଇଛି। ତେବେ ପଡ଼ୋଶୀ ଜିଲାଗୁଡ଼ିକରେ ସଂକ୍ରମଣ ଦେଖାଦେଇଥିବାରୁ ସମ୍ବଲପୁର, ମୟୂରଭଞ୍ଜ, ବରଗଡ, ଅନୁଗୋଳ ଜିଲା ପାଇଁ ତାହା ଶୁଭ ସଂକେତ ନୁହେଁ। ସେହିପରି ଖୋର୍ଦ୍ଧା ରେଡ୍ ଓ କଟକ ଅରେଞ୍ଜ ଜୋନ୍‌ରେ ଥିବାରୁ ନୟାଗଡ଼ ଜିଲା ମଧ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ନ ଥିବା ଭଳି ମନେ କରାଯାଉଛି। ☞ପୃଷ୍ଠା-୪

ରୁଷିଆରେ ଲକ୍ଷାଧିକ ସଂକ୍ରମିତ



- ପ୍ରଧାନମନ୍ତ୍ରୀ ମିଖାଇଲ ମିଶୁସ୍ତିନ କରୋନା ପଜିଟିଭ୍
- ବିଶ୍ୱରେ ୩୨.୫୦ ଲକ୍ଷ ଭୂତାଣୁ ଆକ୍ରାନ୍ତ
- ଆମେରିକାରେ ଗଲାଣି ୬୨ ହଜାର ଜୀବନ

ମସ୍କୋ,୩୦।୪

କରୋନାରେ ବିଶ୍ୱର ୩୨ ଲକ୍ଷ ୫୦ ହଜାର ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨ ଲକ୍ଷ ୨୯ ହଜାରରୁ ଊର୍ଦ୍ଧ୍ୱ ଜୀବନ ଯାଇଛି। ଆମେରିକା, ୟୁରୋପ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ରୁଷିଆ ଓ ବ୍ରିଟେନ ସ୍ଥିତି ମଧ୍ୟ କ୍ରମଶଃ ଅଣାୟତ୍ତ ହେବାରେ ଲାଗିଛି। ରୁଷିଆରେ ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୭ ହଜାର ଛୁଇଁଥିବାବେଳେ ଗତ ୨୪ ଘଣ୍ଟାରେ ୭ ହଜାରରୁ ଅଧିକ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରୁଷିଆ ପ୍ରଧାନମନ୍ତ୍ରୀ ମିଖାଇଲ ମିଶୁସ୍ତିନଙ୍କର ମଧ୍ୟ କରୋନା ☞ପୃଷ୍ଠା-୪

ଲଘୁଚାପ: ଓଡ଼ିଶା ଉପରେ ପ୍ରଭାବ ନାହିଁ

୩

ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ' ୧ ତାରିଖ ଶୁକ୍ରବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ' ୩ ତାରିଖ ରବିବାର ସକାଳେ ପ୍ରକାଶ ପାଇବ।

ଆଜିର ସମ୍ପାଦକୀୟ

ଲୁଚାଛପା କାହିଁକି

ଆଜିର ମନ୍ତବ୍ୟ

"ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ପୁନଃ ନିଶ୍ଚିତ କରିଛି ଭାରତ ଗସ୍ତ।

–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

ସାହରନପୁରରୁ ଦିଶୁଛି ହିମାଳୟ

୩୦ ବର୍ଷ ପରେ ପ୍ରଥମ ଥର

ମିରଟ,୩୦।୪

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଜାରି ଲକ୍‌ଡାଉନ୍ ଯୋଗୁ ଯାନବାହନ ଚଳାଚଳ ବନ୍ଦ ଥିବାରୁ ପ୍ରଦୂଷଣ ହ୍ରାସ ପାଇଛି। ଉତ୍ତରପ୍ରଦେଶର ସାହରନପୁରରେ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୫୦ ତଳକୁ ଖସିଥିବାରୁ ସେଠାରୁ ଗଙ୍ଗୋତ୍ରିରହିମଆଚ୍ଛାଦିତଗିରିଶୃଙ୍ଗଦୃଶ୍ୟମାନହେଉଛି।

ଦୀର୍ଘ ୩ ଦଶନ୍ଧି ପରେ ପ୍ରଥମଥର ପାଇଁ ସାହରନପୁରରୁ ଗଙ୍ଗୋତ୍ରିକୁ ଦେଖିହେଉଛି। ପୂର୍ବରୁ ସହରବାସୀ ବୟୋଜ୍ୟେଷ୍ଠଙ୍କଠାରୁ କେବଳ ଏହାର କାହାଣୀ ଶୁଣିଆସୁଥିଲେ। ହେଲେ ଏବେ ବର୍ତ୍ତମାନର ପିଢ଼ି ସାହରନପୁରରୁ ହିମାଳୟର ଗିରିଶୃଙ୍ଗ ଦେଖି ବିସ୍ମିତ ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ଏବେ ସୋସିଆଲ ମିଡିଆରେ ପର୍ବତମାଳାର ଫଟୋ ପୋଷ୍ଟ କରି ଖୁସିବ୍ୟକ୍ତ କରୁଛନ୍ତି। ଇନ୍‌କମ୍ ଟାକ୍ସ ଇନ୍‌ସ୍ପେକ୍ଟର ଦୁଷ୍ୟନ୍ତ କୁମାର ଓ ତାଙ୍କ ସ୍ତ୍ରୀ ନିଧି ସାଇନି ରବିବାର ଆଭ୍ୟନ୍ତରୀଣ ହିମାଳୟର ବନ୍ଦରପୁଞ୍ଛ ଓ ଗଙ୍ଗୋତ୍ରିର ଫଟୋ ଉଠାଇ ଟୁଇଟରରେ ଶେୟାର କରିଥିଲେ। ଭାରତୀୟ ଜଙ୍ଗଲ ସେବା ଅଧିକାରୀ ତଥା ରାଜ୍ୟ ଜୈବବିବିଧତା ବୋର୍ଡ ସଚିବ ରମେଶ ପାଣ୍ଡେ ଉକ୍ତ ଫଟୋକୁ ଶେୟାର କରିବା ପରେ ☞ପୃଷ୍ଠା-୪

ଚାଇନା ଆଣୁଛି ଡିଜିଟାଲ କରେନ୍ସି

୪ ସହରରେ ଲାଗୁ ହେବ ଇ-ଆର୍‌ଏମ୍‌ବି

ନୂଆଦିଲ୍ଲୀ,୩୦ ।୪

ଚାଇନା ଏହାର ସରକାରୀ ଡିଜିଟାଲ କରେନ୍ସି ଇ-ଆର୍‌ଏମ୍‌ବିକୁ ପରିକ୍ଷଣ ଭିତ୍ତିରେ ଲାଗୁ କରିବାକୁ ଯାଉଛି। ଆସନ୍ତା ସପ୍ତାହରେ ଚାଇନାର ୪ ପ୍ରମୁଖ ସହରରେ ଏହି କରେନ୍ସି ଲାଗୁ ହେବ ବୋଲି ସେଠାକାର ଏକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଚାଇନା କେନ୍ଦ୍ରୀୟ ବ୍ୟାଙ୍କ ଉକ୍ତ ଡିଜିଟାଲ କରେନ୍ସିକୁ ବିକଶିତ କରିଛି। ପ୍ରମୁଖ ଅର୍ଥ ବ୍ୟବସ୍ଥାଙ୍କ ମଧ୍ୟରେ ଏହା ପ୍ରଥମ ସରକାରୀ ଡିଜିଟାଲ କରେନ୍ସି ହେବ। ସେଞ୍ଜେହେନ, ସୁଝୁ, ଚେଙ୍ଗଡୁ ସମେତ ଦକ୍ଷିଣ ବେଜିଂର ଜିଓଙ୍ଗାନ ଭଳି ସ୍ଥାନଗୁଡିକରେ ଏହାକୁ ଶୁଭାରମ୍ଭ କରିବା ନେଇ ଯୋଜନା ରଖାଯାଇଛି। ସରକାରୀ ଗଣମାଧ୍ୟମ ଚାଇନା ଡେଲି ପକ୍ଷରୁ କୁହାଯାଇଛି ଯେ, ଏହାକୁ ନିର୍ଦ୍ଧାରିତ ସହରଗୁଡିକର ମନିଟାରି ସିଷ୍ଟମରେ ଲାଗୁ କରାଯିବା ନେଇ ନିଷ୍ପତ୍ତି ହୋଇଛି। କେତେଜଣ ସରକାରୀ କର୍ମଚାରୀ ସେମାନଙ୍କ

ମେ ମାସର ବେତନ ଏହି ଡିଜିଟାଲ କରେନ୍ସିରେ ଲାଭ କରିବେ। ରିପୋର୍ଟ ମୁତାବକ, ସୁଝୋ ସହରରେ ସବ୍‌ସିଡି ପରିବହନ ସେବା ଯୋଗାଣ ଲାଗି ଏହି ଡିଜିଟାଲ କରେନ୍ସିର ☞ପୃଷ୍ଠା-୪

ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଜଣେ ଭାରତୀୟ ବଂଶୋଦ୍ଭବ ଛାତ୍ରୀଙ୍କୁ ସମ୍ମାନିତ କରିଛି। ଆଲାବାମା ନର୍ଥପୋର୍ଟର ୧୭ ବର୍ଷୀୟା ହାଇସ୍କୁଲ ଛାତ୍ରୀ ବନିଜା ରୁପାନୀଙ୍କ ପ୍ରସ୍ତାବିତ ନାଁରେ ନାସା ଏହାର ପ୍ରଥମ ମାର୍ସ ହେଲିକପ୍ଟରକୁ ନାମିତ କରିଛି। ସେ ନାସା ପକ୍ଷରୁ ଆୟୋଜିତ 'ନେମ୍ ଦି ରୋଭର' ପ୍ରତିଯୋଗିତାରେ ତାଙ୍କର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ହେଲିକପ୍ଟର ନାଁ ଇଙ୍ଗେନୁଇଟି ରଖିବାକୁ ରୁପାନି ପ୍ରସ୍ତାବ ଦେଇଥିଲେ।

ଲକ୍‌ଡାଉନ୍ ଚାଲିଥିବାବେଳେ ଶ୍ରମିକ ଦିବସର ଅବ୍ୟବହିତ ପୂର୍ବରୁ ପାଟନାର ଏକ ଇଟାଭାଟିରେ କାର୍ଯ୍ୟରତ ଶ୍ରମିକ।

କରୋନା ଆରୋଗ୍ୟ ହାର ୨୫.୧୯%

ନୂଆଦିଲ୍ଲୀ,୩୦।୪: ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩ ହଜାର ଅତିକ୍ରମ କରିଥିବାବେଳେ ଆରୋଗ୍ୟ ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୧୪ ଦିନ ତଳେ ଆରୋଗ୍ୟ ହାର ୧୩ ପ୍ରତିଶତ ରହିଥିବାବେଳେ ଏବେ ତାହା ୨୫.୧୯ ପ୍ରତିଶତକୁ ବୃଦ୍ଧି ପାଇଥିବା ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଲକ୍‌ଡାଉନ ପୂର୍ବରୁ କୋଭିଡ୍-୧୯ ମାମଲା ଦ୍ୱିଗୁଣିତ ହେବା ପାଇଁ ୩.୪ ଦିନ ଲାଗୁଥିବାବେଳେ ଏବେ ତାହା ୧୧ ଦିନକୁ ବୃଦ୍ଧି ପାଇଛି। କରୋନା ସଂକ୍ରମିତଙ୍କ ମଧ୍ୟରେ ମୃତ୍ୟୁହାର ୩.୨ ପ୍ରତିଶତ ରହିଛି, ଯାହା କି ଅନ୍ୟ ରାଷ୍ଟ୍ର ତୁଳନାରେ ବହୁତ କମ୍। ମୃତକଙ୍କ ମଧ୍ୟରେ ୬୫ ପ୍ରତିଶତ ପୁରୁଷ ହୋଇଥିବାବେଳେ ୩୫ ପ୍ରତିଶତ ମହିଳା। ମାର୍ଚ୍ଚ ୨୫ରୁ ଦେଶବ୍ୟାପୀ ଲକ୍‌ଡାଉନ ରହିବା ଫଳରେ କରୋନା ସଂକ୍ରମଣ ରୋକିବା ଦିଗରେ ଏହା ବେଶ୍ ସଫଳ ହୋଇପାରିଛି। ସଂକ୍ରମଣ ଓ ମୃତ୍ୟୁ ହାର କ୍ରମାଗତ ଭାବେ ହ୍ରାସ ପାଇଚାଲିଥିବା ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତାଭ କାନ୍ତ କହିଛନ୍ତି।

୨୪ ଘଣ୍ଟିଆ ଶିକ୍ଷା ଚ୍ୟାନେଲ ପାଇଁ ସୁପର-୩୦ ପ୍ରତିଷ୍ଠାତାଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ,୩୦।୪(ପି.ଟି.) କୋଭିଡ୍-୧୯ ଜନିତ ଲକ୍‌ଡାଉନ ଲାଗି ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ସମସ୍ତେ ଅନ୍‌ଲାଇନ ଶିକ୍ଷା ଉପଲବ୍ଧ କରିବା ସମ୍ଭବ ନୁହେଁ। ସେଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି 'ଦୂରଦର୍ଶନ ଏଜୁକେଶନ' ନାମରେ ଏକ ୨୪ ଘଣ୍ଟିଆ ଶିକ୍ଷା ଚ୍ୟାନେଲ ଆରମ୍ଭ କରିବା ଲାଗି ସୁପର-୩୦ର ପ୍ରତିଷ୍ଠାତା ତଥା ବିଶିଷ୍ଟ ଗଣିତଜ୍ଞ ଆନନ୍ଦ କୁମାର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ସୁପର-୩୦ ଶିକ୍ଷାନୁଷ୍ଠାନ ମାଧ୍ୟମରେ ପ୍ରତିବର୍ଷ ଆଇଆଇଟି-ଜେଇଇ ପ୍ରବେଶିକା ପରୀକ୍ଷା ପାଇଁ ଗରିବ ଶ୍ରେଣୀର ୩୦ ଜଣ ମେଧାବୀଙ୍କୁ ସଫଳ କରାଉଥିବା ଆନନ୍ଦ କୁମାର ଏନେଇ ଏଚ୍‌ଆର୍‌ଡି ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଡିଡି ପକ୍ଷରୁ ଏଭଳି ଏକ ଚ୍ୟାନେଲ ଆରମ୍ଭ କରାଗଲେ ଦେଶବ୍ୟାପୀ ଛାତ୍ରୀଛାତ୍ରୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଭାରତ ସମେତ ସାରା ବିଶ୍ୱ

ଆନନ୍ଦ କୁମାର

ଏବେ କରୋନା ମହାମାରୀ ଜନିତ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହୋଇଛି। ଜୀବନ ବଞ୍ଚାଇବା ପାଇଁ ଦେଶକୁ ଲକ୍‌ଡାଉନରେ ରଖାଯାଇଥିବାବେଳେ ପିଲାମାନଙ୍କ ଶିକ୍ଷା ଗୁରୁତର ପ୍ରଭାବିତ ହୋଇଥିବା ସେ କହିଛନ୍ତି। କେତେକ ଶିକ୍ଷାନୁଷ୍ଠାନ ଅନ୍‌ଲାଇନ ଶିକ୍ଷାଦାନ ପାଇଁ ଉଦ୍ୟମ ଚଳାଇଥିଲାବେଳେ ଏହା ସବୁ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ ହୋଇପାରିବ ନାହିଁ। ତେଣୁ ଡିଡି ପକ୍ଷରୁ ଶିକ୍ଷା ଚ୍ୟାନେଲ ଆରମ୍ଭ କରିବାକୁ ସେ ଅନୁରୋଧ କରିଛନ୍ତି।

ମଉଳିଲା ଉଦ୍ଧବଙ୍କ ଆଶା

ମୁମ୍ବାଇ,୩୦।୪: ମହାରାଷ୍ଟ୍ରରେ ଖାଲିପଡ଼ିଥିବା ୯ ବିଧାନ ପରିଷଦ ଆସନ ପାଇଁ ନିର୍ବାଚନ କରାଇବାକୁ ରାଜ୍ୟପାଳ ଭଗତ ସିଂ କୋଶ୍ୟାରି ଗୁରୁବାର ଇସିଙ୍କୁ ଅନୁରୋଧ କରିଛନ୍ତି। ଫଳରେ ଉଚ୍ଚ ସଦନକୁ ମନୋନୀତ ହେବା ଲାଗି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ରଖିଥିବା ଆଶା ମଉଳିଯାଇଛି। ବିଧାନ ପରିଷଦକୁ ମନୋନୟନ କରାଇବାରେ ରାଜ୍ୟପାଳ ଟାଳଟୁଳ ନୀତି ଆପଣାଇବାରୁ ଉଦ୍ଧବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ସହାୟତା ଲୋଡ଼ିଥିଲେ। କେନ୍ଦ୍ରରୁ ରାଜଭବନକୁ ବାର୍ତ୍ତା ଆସିବା ନେଇ ଶିବସେନା ଆଶାବାଦୀ ଥିଲା। ଲକ୍‌ଡାଉନ କଟକଣା କୋହାଳ ହୋଇଥିବାରୁ ନିର୍ଦ୍ଦିଷ୍ଟ ଗାଇଡଲାଇନ ସହିତ ବିଧାନ ପରିଷଦ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇପାରିବ ବୋଲି

ନିର୍ବାଚନ ପାଇଁ ରାଜ୍ୟପାଳଙ୍କ ସୁପାରିସ

ରାଜ୍ୟପାଳ କହିଛନ୍ତି। ଉଦ୍ଧବ କୌଣସି ଗୃହର ସଦସ୍ୟ ନାହାନ୍ତି। ମୁଖ୍ୟମନ୍ତ୍ରୀ ପଦ ବଞ୍ଚାଇ ରଖିବାକୁ ହେଲେ ତାଙ୍କୁ ମେ' ୨୭ ପୂର୍ବରୁ ବିଧାନ ପରିଷଦକୁ ନିର୍ବାଚିତ ହେବାକୁ ପଡ଼ିବ। କରୋନା ମହାମାରୀ ସଙ୍କଟ ଯୋଗୁ ଇସି ଉପରୋକ୍ତ ଆସନ ପାଇଁ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି।

ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟ | ସ୍ଥଗିତାଦେଶକୁ ନା

ନୂଆଦିଲ୍ଲୀ,୩୦।୪: ନୂଆ ପାର୍ଲାମେଣ୍ଟ ଭବନ ସମେତ ଅନ୍ୟାନ୍ୟ ସରକାରୀ ସୌଧ ନିର୍ମାଣ ଲାଗି ରାଷ୍ଟ୍ରପତି ଭବନଠାରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ୩ କି.ମି. ବ୍ୟାପୀ ଅଞ୍ଚଳରେ ହେବାକୁ ଥିବା ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟ ଉପରେ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହି ପ୍ରକଳ୍ପ ନିମନ୍ତେ ଆବଶ୍ୟକ ମଞ୍ଜୁରୀ ପାଇଁ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରାଯାଇଥିବାବେଳେ ସ୍ଥଗିତାଦେଶ ଅନାବଶ୍ୟକ ବୋଲି ସିଜେଆଇ ଏସ୍.ଏ. ବୋବ୍‌ଡେ ଏବଂ ଜଷ୍ଟିସ୍ ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠ କହିଛନ୍ତି। ସେଣ୍ଟ୍ରାଲ ଭିଷ୍ଟା ବ୍ୟବହାର କରୁଥିବା ଜମିକୁ ପିଟିଶନରେ ଚ୍ୟାଲେଞ୍ଜ କରାଯାଇଥିଲା। ଲୁଟ୍ୟେନ୍‌ସ ଜୋନ୍‌ରେ ୮୬ ଏକର ଜମି ଉପରେ ଏହି ପ୍ରକଳ୍ପ ହେଉଥିବାରୁ ଲୋକେ ଖୋଲା ଓ ସବୁଜ ସ୍ଥାନରୁ ବଞ୍ଚିତ ହେବେ ବୋଲି ଏଥିରେ କୁହାଯାଇଥିଲା। ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣକୁ ବିରୋଧ କରିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରକଳ୍ପ ବିରୋଧରେ ଅନ୍ୟ ଏକ ପିଟିଶନ ଅଦାଲତଙ୍କ ବିଚାରାଧୀନ ରହିଛି।

ଅମୃତସର ରାସ୍ତାରେ ଟୟ ବଲ୍ ବିକ୍ରି ପାଇଁ ଯାଉଛନ୍ତି ଜଣେ ବୃଦ୍ଧ।

କରୋନା ଆଳରେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୩୦।୪: ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧୀ ବିକ୍ଷୋଭକାରୀଙ୍କୁ ରାଜନୈତିକ ଉଦ୍ଦେଶ୍ୟମୂଳକ ଭାବେ କୋଭିଡ୍-୧୯ ଆଳରେ ଗିରଫ କରାଯାଉଛି। ଦିଲ୍ଲୀ ପୋଲିସ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୋଲିସ କ୍ଷମତାର ଅପବ୍ୟବହାର କରି ଗଣତନ୍ତ୍ରକୁ ନ୍ୟୂନ କରିଦେଉଥିବା ଅନେକ ବୁଦ୍ଧିଜୀବୀ ଅଭିଯୋଗ ଆଣିଛନ୍ତି। ବିରୋଧୀଙ୍କ ବିରୋଧରେ ପଦକ୍ଷେପର ଅପରାଧୀକରଣ ଭାରତୀୟ ଗଣତନ୍ତ୍ରକୁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି।

ମହାମାରୀ କରୋନା ବିରୋଧରେ ଲଢ଼େଇ ବେଳେ ବିଭିନ୍ନ ରାଷ୍ଟ୍ରର ସରକାରମାନେ ଜରୁରୀ କ୍ଷମତା ପ୍ରୟୋଗ କରିଛନ୍ତି। କୋଭିଡ୍-୧୯ ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଲକ୍‌ଡାଉନ୍ ଜାରି କରାଯାଇଥିବାବେଳେ ଏହା ମୌଳିକ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ହନନ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଏହି ଚିନ୍ତା ବା ବ୍ୟଗ୍ରତା ଭାରତରେ ସତ ପ୍ରମାଣିତ ହୋଇଥିବା ମନେହେଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଦିଲ୍ଲୀ ପୋଲିସ ସିଏଏ-ଏନ୍‌ଆର୍‌ସିକୁ ବିରୋଧ କରୁଥିବା ଅନେକ ଲୋକଙ୍କୁ ବିଗତ କିଛିଦିନ ମଧ୍ୟରେ ଗିରଫ କରିଛି। ଭାରତୀୟ ନାଗରିକତ୍ୱ ଆଇନରେ ଏକ ସାମ୍ପ୍ରଦାୟିକ ବୈଶିଷ୍ଟ୍ୟକୁ ଯୋଡ଼ାଯାଇଥିବାରୁ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ କଡ଼ା ନିନ୍ଦା କରାଯାଇଛି। ମୁସଲମାନମାନଙ୍କୁ ହଇରାଣ କରିବା ପାଇଁ ଅନେକଙ୍କୁ ବ୍ୟବହାର କରାଯାଇପାରେ ବୋଲି ଆଶଙ୍କା କରାଯାଇଥିଲା। ଗିରଫଙ୍କ ମଧ୍ୟରୁ ୩ ଜଣ ହେଉଛନ୍ତି ନୂଆଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆରେ ବିକ୍ଷୋଭ ଆୟୋଜନ କରିଥିବା ବ୍ୟକ୍ତି। ଦୁଇଜଣ ହେଉଛନ୍ତି ଛାତ୍ରୀ ସଫୁରା ଜର୍ଗର ଓ ଛାତ୍ର ମିରାନ ହାଇଦର। ତୃତୀୟ ବ୍ୟକ୍ତି ଜଣକ ଜାମିଆ ଆଲୁମ୍‌ନି ଆସୋସିଏଶନ ଅଧ୍ୟକ୍ଷ ଶିଫା-ଉର୍-ରହମାନ। ଏ ସମ୍ପର୍କିତ ମାମଲାରେ ପୋଲିସ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନର ଦିଲ୍ଲୀ ଅଧ୍ୟକ୍ଷା କନ୍‌ୱଲପ୍ରୀତ କୌରଙ୍କ ଫୋନ୍‌କୁ ଜବତ କରିଛି। ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ସମେତ କେତେକ କଠୋର ଆଇନ ବଳରେ ଏହି ସମସ୍ତଙ୍କ ଗିରଫଦାରି ହୋଇଛି। ଫେବୃୟାରୀରେ ଦିଲ୍ଲୀରେ ୫୩ ଜଣଙ୍କ ଜୀବନ ନେଇଥିବା ସାମ୍ପ୍ରଦାୟିକ ଦଙ୍ଗା ପାଇଁ ଏମାନେ ଷଡ଼ଯନ୍ତ୍ର ରଚିଥିବା ପୋଲିସ ଦାବି କରିଛି। ତେବେ ଅଦ୍ୟାବଧି ଦିଲ୍ଲୀ ପୋଲିସ ନିଜ ଦାବି ସପକ୍ଷରେ କୌଣସି ଠୋସ୍ ପ୍ରମାଣ ଯୋଗାଡ଼ କରିପାରି ନାହିଁ। ବାସ୍ତବରେ ସେମାନେ କ'ଣ ଷଡ଼ଯନ୍ତ୍ର କରିଥିଲେ ସେନେଇ ପୋଲିସ ଏଫ୍‌ଆଇଆର୍‌ରେ କିଛି ସ୍ପଷ୍ଟ ଭାବେ ଉଲ୍ଲେଖ କରିନାହିଁ।

ବିକ୍ଷୋଭର ଅପରାଧୀକରଣ

ଅଭିଯୋଗ ଆଣିବାରେ ଏହି ଅସ୍ପଷ୍ଟତା, କଠୋର ୟୁଏପିଏ ସାଙ୍ଗକୁ ଲକ୍‌ଡାଉନ୍ ପୋଲିସକୁ ଏପରି କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅନୁମତି ଦେଇଛି, ଯାହାକି ନାଗରିକ ସ୍ୱାଧୀନତା ପାଇଁ ଅତ୍ୟନ୍ତ ହାନିକାରକ ମନେହୁଏ। ଏହି ଗିରଫଦାରି ଏକ ଆଇନଗତ ପଦକ୍ଷେପ ପରିବର୍ତ୍ତେ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ନାଗରିକତ୍ୱ ଆଇନ ବିରୋଧୀ ବିକ୍ଷୋଭକାରୀଙ୍କ ଉପରେ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ କାର୍ଯ୍ୟାନୁଷ୍ଠାନ ପରି ଲାଗୁଛି। ଦିଲ୍ଲୀ ପୋଲିସ ଏଠାରେ ବିକ୍ଷୋଭ ପାଇଁ ଉଦ୍ଦିଷ୍ଟ ପ୍ରତ୍ୟେକ କାର୍ଯ୍ୟର ଅପରାଧୀକରଣ ଲାଗି ତତ୍ପରତା ଦେଖାଇଛି। ଉଦାହରଣ ସ୍ୱରୂପ ଅଭିଯୁକ୍ତମାନେ ବିକ୍ଷୋଭ ପାଇଁ ଯୋଜନା ଓ ବ୍ୟବସ୍ଥା କରିବା ଲାଗି ପରସ୍ପରକୁ ଯୋଗାଯୋଗ କରିଥିବା ପୋଲିସ କହିଥିଲା। ସେହିପରି ବିକ୍ଷୋଭରେ ଶୁଫି-ଉର୍-ରହମାନ ନିଜ ସମ୍ପୃକ୍ତି ନେଇ ଜେରା ବେଳେ ସ୍ୱୀକାର କରିଥିବା ସମ୍ପର୍କରେ ଅଦାଲତଙ୍କୁ ପୋଲିସ ଅବଗତ କରାଇଛି। ଦଙ୍ଗା ଆରମ୍ଭ ହେବାର ପୂର୍ବଦିନ ଭାଜପା ନେତା କପିଲ ମିଶ୍ରା ବିକ୍ଷୋଭକାରୀମାନଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ। ବାସ୍ତବରେ କପିଲ ଏହି ହିଂସାକୁ ଉସୁକାଇଥିବା ନେଇ ପ୍ରତ୍ୟକ୍ଷ ପ୍ରମାଣ ରହିଛି। ହିଂସା ଭିଆଇବାବେଳେ ଆକ୍ରମଣକାରୀମାନେ ତାଙ୍କ ନାମ ପ୍ରକାଶ କରିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ହେଲେ ଦିଲ୍ଲୀ ପୋଲିସ କପିଲଙ୍କ ବିରୋଧରେ କିଛି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଅନ୍ୟପକ୍ଷରେ ପୋଲିସ ମୁସଲମାନ ସମୁଦାୟ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିବାର ତଥ୍ୟଗତ ପ୍ରମାଣ ରହିଛି। ଏହି ଦଙ୍ଗାରେ ପ୍ରାଣ ହରାଇଥିବା ମୃତକଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି ମୁସ୍‌ଲିମ ସମ୍ପ୍ରଦାୟର।

ଲକ୍‌ଡାଉନ୍‌ର ଅପବ୍ୟବହାର

ଆହୁରି ଚକିତ କରିଦେବା ଭଳି ବିଷୟ ହେଉଛି ନାଗରିକତ୍ୱ ଆଇନ ବିରୋଧୀ ଏହି ଅଭିଯାନ ଉପରେ ଆକ୍ରମଣ ଉଦ୍ୟମ କରୋନା ସଂକ୍ରମଣ ରୋକିବା ଲାଗି ଜାରି କରାଯାଇଥିବା ଲକ୍‌ଡାଉନ୍ ବେଳେ ହୋଇଛି। ସରକାରଙ୍କ ହାତରେ ପ୍ରଭୁତ କ୍ଷମତା ଥିବାରୁ ବିକ୍ଷୋଭକାରୀଙ୍କ ବିରୋଧରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅଭିଯୋଗ ହୋଇଛି। ଏନ୍‌ଆର୍‌ସି ଏବଂ ସିଏଏ ବିରୋଧରେ ହୋଇଥିବା ବିକ୍ଷୋଭ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଥିଲା। ଦେଶର ନାଗରିକତ୍ୱ ଆଇନର ସମ୍ପ୍ରଦାୟିକୀକରଣ ପଦକ୍ଷେପରୁ ଭାରତୀୟ ଧର୍ମନିରପେକ୍ଷତାକୁ ରକ୍ଷା କରିବା ଥିଲା ଏହାର ଉଦ୍ଦେଶ୍ୟ। ବିରୋଧୀମାନଙ୍କ ବିରୋଧରେ ପଦକ୍ଷେପର ଅପରାଧୀକରଣ ଭାରତୀୟ ଗଣତନ୍ତ୍ରକୁ ଏକ ଶକ୍ତ ଧକ୍କା ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

ସିଏଏ-ଏନ୍‌ଆର୍‌ସି ବିକ୍ଷୋଭକାରୀଙ୍କ ଗିରଫଦାରି

ସଫୁରା ଜର୍ଗର

ବାପାଙ୍କ ମୁକ୍ତି ଲାଗି ସୁପ୍ରିମକୋର୍ଟ ଗଲେ ୨ନାବାଳକ

ନୂଆଦିଲ୍ଲୀ,୩୦।୪: କୋଭିଡ୍-୧୯ ମହାମାରୀର ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶ୍ନ କରି ଗତ ୧୧ତାରିଖଠାରୁ ଜେଲ୍‌ରେ ଅଛନ୍ତି କଂଗ୍ରେସ ନେତା ସଚିନ ଚୌଧାରୀ। ଚୌଧାରୀଙ୍କ ମୁକ୍ତି ପାଇଁ ତାଙ୍କ ୨ନାବାଳକ ପୁତ୍ର ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଭୟ ଦିଲ୍ଲୀ ଏବଂ ଉତ୍ତରପ୍ରଦେଶ ସରକାର କରୋନା ସଂକ୍ରମଣ ରୋକିବାରେ ବିଫଳ ହୋଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ହଜାର ହଜାର ପ୍ରବାସୀଙ୍କୁ ଠିକ୍‌ଭାବେ ଖାଦ୍ୟ ମିଳୁନାହିଁ। ଲୋକମାନେ ଭୋକ ବିକଳରେ ଛଟପଟ ହେଉଛନ୍ତି। ଏହାର ପ୍ରତିବାଦ କରି କଂଗ୍ରେସ ନେତା ଚୌଧାରୀ ଦିଲ୍ଲୀ-ମୋରାଦାବାଦ୍ ରାଜପଥକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚୌଧାରୀଙ୍କ ଏହି କାର୍ଯ୍ୟ ତାଙ୍କୁ ଅଧିକ ଲୋକପ୍ରିୟ କରାଇଦେବ ବୋଲି ଭାବି ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଇଛି ବୋଲି ଆବେଦନରେ ଦର୍ଶାଯାଇଛି। ଅଭିଯୋଗ କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ତେଣୁ ବାପାଙ୍କୁ ଖୁବ୍‌ଶୀଘ୍ର ଜେଲ୍‌ରୁ ମୁକ୍ତି କରିବାକୁ ନାବାଳକଦ୍ୱୟ ଅନୁରୋଧ କରିଛନ୍ତି। ଚୌଧାରୀଙ୍କ ୨ ଓ ୭ବର୍ଷର ନାବାଳକ ପୁତ୍ର ସେମାନଙ୍କ ମା'ଙ୍କ ଜରିଆରେ ଏହି ଆବେଦନ କରିଛନ୍ତି। କଂଗ୍ରେସ ନେତା ଚୌଧାରୀଙ୍କ ବିରୋଧରେ ଆଇଟି ଆକ୍ଟର ଦଫା ୬୬(ଏ), ୬୭, ଆଇପିସିର ଦଫା ୧୮୮, ୨୬୯, ୨୭୦, ୨୭୧,୧୫୩, ୧୨୪(ଏ) ଏବଂ ବିପର୍ଯ୍ୟୟ ପରିଚାଳନା ଆଇନର ଦଫା ୫୬ରେ ଏକ ମାମଲା ରୁଜୁ ହୋଇଛି।

ଭାରତରେ କରୋନା ସ୍ଥିତି

ରାଜ୍ୟ/ୟୁଟି	ମୋଟ ସଂକ୍ରମିତ	ଚିକିତ୍ସାଧୀନ	ଆରୋଗ୍ୟ	ମୃତ୍ୟୁ
ମହାରାଷ୍ଟ୍ର	୧୦,୪୯୮	୮,୨୬୬	୧,୭୭୩	୪୫୯
ତାମିଲନାଡୁ	୨,୩୨୩	୧,୦୩୮	୧,୧୫୮	୨୭
ଦିଲ୍ଲୀ	୩,୪୩୯	୨,୨୯୧	୧,୦୯୨	୫୬
ତେଲଙ୍ଗାନା	୧,୦୧୬	୫୮୨	୪୦୯	୨୫
କେରଳ	୪୯୮	୧୧୧	୩୮୩	୪
ଉତ୍ତରପ୍ରଦେଶ	୨,୨୧୧	୧,୬୨୦	୫୫୧	୪୦
ଆନ୍ଧ୍ରପ୍ରଦେଶ	୧,୪୦୩	୧,୦୫୧	୩୨୧	୩୧
ରାଜସ୍ଥାନ	୨,୫୫୬	୧,୬୬୨	୮୩୬	୫୮
ମଧ୍ୟପ୍ରଦେଶ	୨,୬୨୫	୨,୦୦୬	୪୮୨	୧୩୭
କର୍ନାଟକ	୫୬୫	୩୧୫	୨୨୯	୨୧
ଗୁଜରାଟ	୪,୩୯୫	୩,୫୬୮	୬୧୩	୨୧୪
ହରିୟାଣା	୩୩୯	୧୦୦	୨୩୫	୪
ଜମ୍ମୁ-କଶ୍ମୀର	୬୧୪	୩୯୦	୨୧୬	୮
ପଶ୍ଚିମବଙ୍ଗ	୭୫୮	୬୦୧	୧୨୪	୩୩
ପଞ୍ଜାବ	୪୮୦	୩୫୬	୧୦୪	୨୦
ଓଡ଼ିଶା	୧୪୨	୧୦୦	୪୧	୧
ବିହାର	୪୨୨	୩୩୬	୮୪	୨
ଉତ୍ତରାଖଣ୍ଡ	୫୭	୨୧	୩୬	-
ଆସାମ	୪୨	୧୨	୨୯	୧
ଚଣ୍ଡିଗଡ଼	୭୪	୫୬	୧୮	-
ଲଦାଖ	୨୨	୫	୧୭	-
ହିମାଚଳ ପ୍ରଦେଶ	୪୦	୮	୨୭	୨
ଆଣ୍ଡାମାନ ଓ ନିକୋବର	୩୩	୧୭	୧୬	-
ଛତିଶଗଡ଼	୪୦	୪	୩୬	-
ଗୋଆ	୭		୭	-
ପୁଡୁଚେରୀ	୮	୩	୫	-
ଝାଡ଼ଖଣ୍ଡ	୧୦୭	୮୫	୧୯	୩
ମଣିପୁର	୨		୨	-
ଅରୁଣାଚଳ ପ୍ରଦେଶ	୧		୧	-
ନାଗାଲାଣ୍ଡ	୧		୧	-
ମିଜୋରାମ	୧	୧	-	-
ତ୍ରିପୁରା	୨		୨	-
ମୋଟ	୩୪,୭୫୪	୨୪,୬୦୧	୮,୯୯୯	୧,୧୫୧

https://www.covid19india.org ତଥ୍ୟ ଅନୁଯାୟୀ(ଗୁରୁବାର ରାତି ୯ଟା ୩୦ ସୁଦ୍ଧା)

ଦେଶରେ କମିଛି ଅଣକରୋନା ମୃ

କରୋନା ଆଣିଲା ବ୍ୟତିକ୍ରମ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

କରୋନା ମହାମାରୀରେ ପରିଣତ ହୋଇଛି। ଏହି ସ୍ୱାସ୍ଥ୍ୟ ବିପର୍ଯ୍ୟୟ ଦ୍ୱାରା ସାଧାରଣ ଜନତାର ସାମ୍ପ୍ରତିକ ସ୍ଥିତିରେ ପରିବର୍ତ୍ତନ ଆସିଛି। ଅର୍ଥନୈତିକ ସ୍ଥିତି ଘୋର ପ୍ରଭାବିତ ହୋଇଛି। ରାଜ୍ୟ ତଥା ଦେଶକୁ ଚଳାଉଥିବା ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଛି। କେତେକେ ଏହାକୁ ସମୟର ଆହ୍ୱାନ ବୋଲି ଅଭିହିତ କରୁଥିବା ବେଳେ ଅନ୍ୟ କେତେଜଣ ବିପରୀତ ମନ୍ତବ୍ୟ ଦେଇଛନ୍ତି। ନିକଟରେ ରାଜ୍ୟରେ ନ୍ୟାୟିକ କ୍ଷେତ୍ରରେ ଦେଖାଦେଇଥିବା ଏକ ଘଟଣା ଉପରୋକ୍ତ ବାକ୍ୟକୁ ସତ ପ୍ରମାଣିତ କରୁଥିବା ମନେହୁଏ।

ରାଜ୍ୟସ୍ତରୀୟ ନ୍ୟାୟିକ ବ୍ୟବସ୍ଥାରେ ହାଇକୋର୍ଟ ଏବଂ ଏହାର ମୁଖ୍ୟ ବିଚାରପତିଙ୍କ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ପରମ୍ପରା ଅନୁଯାୟୀ କୌଣସି ରାଜ୍ୟର ହାଇକୋର୍ଟର ମୁଖ୍ୟ ବିଚାରପତି ଶପଥ ନେବା କାର୍ଯ୍ୟକ୍ରମ ସେହି ହାଇକୋର୍ଟ ପରିସରର କୌଣସି କକ୍ଷ ଅଥବା ରାଜଭବନ ସମ୍ମିଳନୀ କକ୍ଷ(ଅଭିଷେକ ହଲ୍)ରେ ହୋଇଥାଏ। ଅପରପକ୍ଷରେ ନିକଟରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ମହମ୍ମଦ ରଫିକ୍‌ଙ୍କୁ ରାଜ୍ୟପାଳ ପ୍ରଫେସର

ଲୋକ ସେବା ଭବନରେ ହାଇକୋର୍ଟ ମୁଖ୍ୟ ବିଚାରପତି ଶପଥ ନେବା ଘଟଣା

ଗଣେଶୀ ଲାଲ୍ ଲୋକସେବା ଭବନର ଏକ ସମ୍ମିଳନୀ କକ୍ଷରେ ଶପଥପାଠ କରାଇଥିଲେ। ସାଧାରଣରେ ଦେଖିଲେ ଲୋକସେବା ଭବନରୁ ରାଜଭବନର ଦୂରତା ପ୍ରାୟ ୧ କିଲୋ ମିଟର। ବ୍ୟବସ୍ଥାର ୩ ପ୍ରମୁଖ ଅଙ୍ଗ ହେଉଛି ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ବ୍ୟବସ୍ଥା। ଜାତୀୟସ୍ତରରେ ପାର୍ଲାମେଣ୍ଟ ଏବଂ ରାଜ୍ୟସ୍ତରରେ ବିଧାନସଭା ଏହାର ଅନ୍ତର୍ଭୁକ୍ତ। ସେହିପରି ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟ(ଲୋକସେବା ଭବନ/ଖାରବେଳ ଭବନ/ ନିର୍ମାଣ ଭବନ) ଆଦିରେ କାର୍ଯ୍ୟପାଳିକା ବୈଠକ କରି ବିଭିନ୍ନ ନିଷ୍ପତ୍ତି ନିଆଯାଇଥାଏ। ସେହିପରି ସୁପ୍ରିମକୋର୍ଟ, କୌଣସି ରାଜ୍ୟର ହାଇକୋର୍ଟ, ଜିଲା ଅଦାଲତ ଇତ୍ୟାଦିରେ ନ୍ୟାୟିକ କାର୍ଯ୍ୟକଳାପ କରାଯାଇଥାଏ। ମୂଳତଃ ବ୍ୟବସ୍ଥାପକ ଏବଂ କାର୍ଯ୍ୟପାଳିକା କିପରି କାର୍ଯ୍ୟ କରୁଛି, ଆଇନ ବାଟରେ ଯାଉଛି ନା ନାହିଁ, ତାହା ନ୍ୟାୟପାଳିକା ଦେଖିଥାଏ। ସେହି ଦୃଷ୍ଟିରୁ ରାଜ୍ୟ ନ୍ୟାୟପାଳିକାର ସର୍ବୋଚ୍ଚ ପଦ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଶପଥପାଠ ଏକ ବ୍ୟବସ୍ଥାପକ ବା କାର୍ଯ୍ୟପାଳିକା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ କୋଠାରେ ହେବାକୁ କେତେକ ଚିନ୍ତାଶୀଳ ବ୍ୟକ୍ତି ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। ଆଇନ ବ୍ୟାପାରରେ ରୁଚି ରଖୁଥିବା ସଚିବାଳୟର ଜଣେ ବରିଷ୍ଠ କର୍ମଚାରୀ ମତ ଦେଇ କହିଛନ୍ତି ଯେ, କଟକସ୍ଥିତ ଉଚ୍ଚ ନ୍ୟାୟାଳୟର ବହୁତଳ ବିଶିଷ୍ଟ କୋଠା ନିର୍ମାଣ ହେବାଠାରୁ ମୁଖ୍ୟ ବିଚାରପତି ଏବଂ ଅନ୍ୟ ବିଚାରପତିମାନଙ୍କ ଶପଥପାଠ କାର୍ଯ୍ୟକ୍ରମ କଟକରେ ହିଁ ଅନୁଷ୍ଠିତ ହୋଇଆସୁଛି। ଏଥର କିନ୍ତୁ କଟକରେ ନା ରାଜଭବନ ପରିସରରେ ଏପରି ଏକ କାର୍ଯ୍ୟକ୍ରମ କରାଗଲା। କରୋନା ଆଳରେ ଲୋକସେବା ଭବନରେ ନବ ନିର୍ମିତ ସମ୍ମିଳନୀ କକ୍ଷରେ ମୁଖ୍ୟ ବିଚାରପତିଙ୍କ ଶପଥ ଗ୍ରହଣ ଉତ୍ସବ ଆୟୋଜନ ଏକ ବ୍ୟତିକ୍ରମ ସୃଷ୍ଟି କରିଛି। କରୋନା ଜନିତ କଟକଣା ମଧ୍ୟରେ ଏହି କାର୍ଯ୍ୟକ୍ରମ ରାଜଭବନର ଅଭିଷେକ ହଲ୍‌ରେ କରାଯାଇପାରିଥାନ୍ତା। ଏହି ପରମ୍ପରାକୁ ରକ୍ଷା କରାଯିବାରେ କୌଣସି ଅସୁବିଧା ନ ଥିଲା। ତେଣୁ ଏପରି ବ୍ୟତିକ୍ରମ ପ୍ରତି ସମସ୍ତେ ଯତ୍ନଶୀଳ ହେବା ଉଚିତ ବୋଲି ଅନେକ ମତ ପ୍ରକାଶ ପାଉଛି।

ଲଘୁଚାପ: ଓଡ଼ିଶା ଉପରେ ପ୍ରଭାବ ନାହିଁ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଆଣ୍ଡାମାନ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଅବପାତ ରୂପ ନେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଲଘୁଚାପ ଧୀରେ ଧୀରେ ଘନୀଭୂତ ହୋଇ ଉତ୍ତର-ଉତ୍ତର-ପଶ୍ଚିମ ଦିଗ ଦେଇ ଗତି କରିବା ପରେ ପୁଣି ଉତ୍ତର-ଉତ୍ତର- ପୂର୍ବ ଦିଗ ମ୍ୟାନମାର ଆଡକୁ ଗତି କରିବା ସମ୍ଭାବନା ରହିଛି। ତେବେ ଏହି ଝଡ଼ର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର

କେତେକ ଜିଲାରେ ଝଡ଼ବର୍ଷା ସମ୍ଭାବନା

କେତେକ ଜିଲାରେ ୩୦ରୁ ୪୦ କି.ମି. ବେଗରେ ବର୍ଷାପବନ ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲା ସମେତ ରାୟଗଡା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ବୌଦ୍ଧ, ବଲାଙ୍ଗୀର ଏବଂ ରାଜ୍ୟର ଅନ୍ୟାନ୍ୟ ଭାଗରେ ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଛତିଶଗଡ଼ ଏବଂ ଓଡ଼ିଶା ଉପର ଦେଇ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ୩୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୧୧.୨, ପାରାଦୀପ ୧୩.୪ ଏବଂ ଭୁବନେଶ୍ୱରରେ ୨୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ସୂଚନା ଦିଆଯାଇଛି। ବର୍ଷା ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇଛି। ଟିଟିଲାଗଡ ଓ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନ୍ୟ ସମସ୍ତ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ତଳେ ରହିଛି।



ଆୟୁଷ ଡାକ୍ତରଙ୍କୁ କୋଭିଡ୍-୧୯ ତାଲିମ, ପିପିଇ କିଟ୍ ଦେବାକୁ ଦାବି

ଭୁବନେଶ୍ୱର,୩୦।୪(ବ୍ୟୁରୋ): ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ହେଉଥିବା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଅନ୍ତର୍ଗତ ଆୟୁର୍ବେଦିକ/ହୋମିଓପାଥି ଆୟୁଷ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିଥାନ୍ତି। ବର୍ତ୍ତମାନ ଅଙ୍ଗନୱାଡି/ସ୍କୁଲଗୁଡିକ ଛୁଟି ରହିଛି। ରାଜ୍ୟର ପ୍ରାୟ ୧୧୦୦ ଆୟୁଷ ଡାକ୍ତର କରୋନା ମୁକାବିଲାରେ ସାମିଲ କରିଛନ୍ତି। ରାପିଡ୍ ରେସ୍‌ପନ୍ସ ଟିମ୍‌ରେ ସାମିଲ ଥିବା ଏହି ଆୟୁଷ ଡାକ୍ତରଙ୍କୁ ଆବଶ୍ୟକ ତାଲିମ ଦିଆଯାଇ ନ ଥିବା ରାଜ୍ୟ ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ସଂଘ ପକ୍ଷରୁ କୁହାଯାଇଛି। ସେମାନଙ୍କୁ ପିପିଇ କିଟ୍ ମଧ୍ୟ ମିଳିନାହିଁ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆନୁଷ୍ଠାନିକ ନିଷ୍ପତ୍ତି ନିଆଯାଇ ନ ଥିବା କୁହାଯାଉଛି। ଆୟୁଷ ଡାକ୍ତରକୁ ବାଦ୍ ଦେଲେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀ ଏବଂ ଡାକ୍ତରଙ୍କର ବୀମା ହୋଇଛି। ତେଣୁ ସରକାର ଆୟୁଷ ଡାକ୍ତର ଏବଂ ସେମାନଙ୍କ ପରିବାରର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ସଭାପତି ସୁଶୀଲ କୁମାର ମହାପାତ୍ର ଦାବି କରିଛନ୍ତି।

ଗୋଟିଏ ଶିଫ୍ଟ ଖୋଲିବ ବିମାନବନ୍ଦର

ଭୁବନେଶ୍ୱର,୩୦।୪(ବ୍ୟୁରୋ)

- ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ଯାଏ ଚଳାଚଳ କରିବ ବିମାନ
- ସାମାଜିକ ଦୂରତ୍ୱକୁ ଗୁରୁତ୍ୱ, ରିଆରେଞ୍ଜ ହେବ ଯାତ୍ରୀଙ୍କ ସିଟ୍
- ସ୍ୱତନ୍ତ୍ର ଏସ୍‌ଓପି ଅନୁକରଣ କରିବେ କର୍ତ୍ତୃପକ୍ଷ

ଏଣିକି ଆଉ ୨୪ ଘଣ୍ଟା ନୁହେଁ, ଗୋଟିଏ ଶିଫ୍ଟରେ ଚାଲିବ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର। ଲକ୍‌ଡାଉନ୍ ଉଠିବା ପରେ ବିମାନବନ୍ଦର ଦିନକୁ ଗୋଟିଏ ଶିଫ୍ଟ ଯାତ୍ରୀଙ୍କୁ ସେବା ଯୋଗାଇବ। ପୂର୍ବଭଳି ଏକାସଙ୍ଗେ ୩/୪ଟି ବିମାନ ଆସିବନି କି ଯିବନି। ଗୋଟିଏ ପରେ ଗୋଟିଏ ବିମାନ ଉଡ଼ାଣ ଭରିବେ ଏବଂ ଅବତରଣ କରିବେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଯାତ୍ରୀମାନେ ଯିବାଆସିବା କରିପାରିବେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯିବ ବୋଲି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଭି. ଭି. ରାଓ ସୂଚନା ଦେଇଛନ୍ତି।

ଗୁରୁବାର ସକାଳେ ସମସ୍ତ ଷ୍ଟେକ୍ ହୋଲ୍ଡର ଓ ଏୟାରଲାଇନ୍ସ ସହ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଆଲୋଚନା ହୋଇଥିବାବେଳେ ଆଗାମୀ ଦିନରେ ବିମାନ ଚଳାଚଳ ପାଇଁ ସ୍ୱତନ୍ତ୍ର ଏସ୍‌ଓପି ପ୍ରସ୍ତୁତ ହେବ। ହେଡ୍‌କ୍ୱାର୍ଟର ଦ୍ୱାରା ପ୍ରସ୍ତୁତ ଗାଇଡ୍‌ଲାଇନ୍‌କୁ ଅନୁକରଣ କରାଯିବ। ସରକାରଙ୍କ ଅନୁମତି ପରେ ବିମାନ ଚଳାଚଳ ଆରମ୍ଭ ହେବ ଏବଂ ବିମାନବନ୍ଦରରେ ସାମାଜିକ ଦୂରତ୍ୱକୁ ପ୍ରାଥମିକତା ଦିଆଯିବ। ବିଭିନ୍ନ ସ୍ଥାନରେ ଧାଡ଼ିରେ ଛିଡ଼ାହେବା ପାଇଁ ମାର୍କିଂ କରାଯିବ। ଯାତ୍ରୀମାନେ ଯେପରି ପରସ୍ପରଠାରୁ ୧ରୁ ୧.୫ ମିଟର ଦୂରତା ରକ୍ଷା କରିବେ ସେଥିଲାଗି ସିଟ୍‌ଗୁଡ଼ିକୁ ରିଆରେଞ୍ଜ କରାଯିବ। ବିମାନବନ୍ଦର ପରିସରକୁ ଲଗାତର ସାନିଟାଇଜ୍ କରାଯିବା ସହ ସଫାସୁତୁରା ରଖାଯିବ। ଯାତ୍ରୀଙ୍କ ଲଗେଜ୍‌ଗୁଡ଼ିକୁ ମଧ୍ୟ ସାନିଟାଇଜ୍ କରାଯିବ। ହାତ ଧୋଇବା ପାଇଁ ଏୟାରପୋର୍ଟରେ ପର୍ଯ୍ୟାପ୍ତ ୱାଶ୍‌ବେସିନ୍ ରଖାଯିବ ବୋଲି ରାଓ ସୂଚନା ଦେଇଛନ୍ତି। ସେହିଭଳି ଅଧିକ ଗହଳି ନ କରିବାକୁ ଘଣ୍ଟାକୁ ୨ଟି ବିମାନ ଆସିପାରିବ ଓ ଯାଇପାରିବ। ଭୁବନେଶ୍ୱର ବିମାନବନ୍ଦରରେ ପୂର୍ବରୁ ଦିନକୁ ୧୦ରୁ ୧୨ ହଜାର ଯାତ୍ରୀ ଯାତାୟାତ କରୁଥିବାବେଳେ ୨୪ ଘଣ୍ଟା ବିମାନ ଚଳାଚଳ କରୁଥିଲା। ହେଲେ ଏବେ ଯାତ୍ରୀଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ପରେ ଗୋଟିଏ ବିମାନ ଯେପରି ଯାତାୟାତ କରିବ ତାହାଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ପାଇଁ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଲକ୍‌ଡାଉନ୍ ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ମେଡିକାଲ ଉପକରଣର ପରିବହନ ପାଇଁ କାର୍ଗୋ ବିମାନ ଚଳାଚଳ କରୁଥିବା ସୂଚନା ଦିଆଯାଇଛି।

ଏଡିଆର୍‌ଆଇରେ ହେବ କରୋନା ପରୀକ୍ଷା

କଟକ ଅଫିସ୍,୩୦।୪: କଟକ ଫୁଲନଖରାସ୍ଥିତ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ(ଏଡିଆର୍‌ଆଇ)ରେ କରୋନା ଭୂତାଣୁ ପରୀକ୍ଷା କରାଯିବ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ସହଯୋଗ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ଗୁରୁବାର ରାଜ୍ୟ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏହା ଘୋଷଣା କରାଯାଇଛି। ଏଥି ପାଇଁ ୫ଜଣ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଏସ୍‌ଡିଭିଓ ଡା.ମିହିର କୁମାର ନାୟକ, ଖୋର୍ଦ୍ଧା ଭିଏଏସ୍(ଏମ୍‌ଭିୟୁ) ଡା. ବୀରେନ୍ଦ୍ର କୁମାର ପୃଷ୍ଟି, କଳାହାଣ୍ଡି ଏଭିଏଏସ୍ ଡା. ଅମିତ ରଞ୍ଜନ ସାହୁ, ମାଲକାନଗିରି ଏଭିଏଏସ୍ ଡା. ସୁବାସ ଜେନା ଏବଂ ନବରଙ୍ଗପୁର ଏଡିଭିଓ(ଏଲ୍‌ପି) ଡା. ସୁନିଲ କୁମାର ପ୍ରଧାନ।

୨୫ତମ ଜନ୍ମଦିନ ଶୁଭେଚ୍ଛା

(ଚକୋଲେଟ୍)
ଚନ୍ଦ୍ରିକା ପ୍ରଧାନ
ଶଙ୍କରାପୋଶ, ବଡଗାଁ (ସୁନ୍ଦରଗଡ଼)
ଆଜି ତୁମର ୨୫ତମ ଜନ୍ମବାର୍ଷିକୀ ଅବସରରେ ତୁମର ଚଲାପଥ କୁସୁମିତ ହେଉ ଏବଂ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ କୋଟି କୋଟି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ନେତ୍ରା, ପ୍ରିୟଙ୍କା, ରାଧିକା, ବିଶାଖା, ବାପା, ବୋଉ, ଏବଂ ପରିବାରବର୍ଗ।
ଧ-୧୭୨୬୭

DADLS - 06

ବାର୍ତ୍ତା
'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି।
'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ସହିତ ରାଜ୍ୟର ପ୍ରଗତିରେ କ୍ରିୟାଶୀଳ ଭୂମିକା ନିର୍ବାହ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି।
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା
OIPR-15001/13/0006/2021

DADLS - 06

ବାର୍ତ୍ତା
'ମଇ ଦିବସ' ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ଏବଂ ଶ୍ରମିକ ସମାଜର କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ପୁନଃଘୋଷଣା କରୁଛି।
'କରୋନା' ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ନିୟମକୁ ଠିକ୍ ଭାବରେ ପାଳନ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ସାମାଜିକ ଦୂରତ୍ୱ ନିୟମକୁ ନିଶ୍ଚୟ ପାଳନ କରନ୍ତୁ।
(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-15001/13/0006/2021

DADLS - 06

ବାର୍ତ୍ତା
'ମଇ ଦିବସ' ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ରାଜ୍ୟ ସରକାର ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସର୍ବଦା ଯତ୍ନଶୀଳ ଅଛନ୍ତି। ଶ୍ରମିକମାନଙ୍କ କଲ୍ୟାଣାର୍ଥେ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆଜିର ଦିନରେ ଶ୍ରମିକ ଭାଇଭଉଣୀମାନେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହେବାର ଆବଶ୍ୟକତା ରହିଛି।
ଆଜି ସମଗ୍ର ବିଶ୍ୱ 'କରୋନା' ମହାମାରୀ ରୂପକ ଏକ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି। ଏହି ପରିସ୍ଥିତିରେ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିୟମାବଳୀକୁ ପ୍ରତ୍ୟେକ କ୍ଷେତ୍ରରେ ମାନି କାର୍ଯ୍ୟ କରିବାକୁ ଆପଣମାନଙ୍କୁ ମୁଁ ନିବେଦନ କରୁଛି।
(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
OIPR-15001/13/0006/2021

ଟି.ଏସ୍. ତିରୁମୂର୍ତ୍ତି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି

ଟି.ଏସ୍. ତିରୁମୂର୍ତ୍ତିଙ୍କୁ ଜାତିସଂଘରେ ଭାରତର ପରବର୍ତ୍ତୀ ସ୍ଥାୟୀ ପ୍ରତିନିଧି ଭାବେ ବୁଧବାର ନିଯୁକ୍ତି ପ୍ରଦାନ କରାଯାଇଛି। ୧୯୮୫ ବ୍ୟାଚ୍‌ର ଏହି ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଧିକାରୀ ସୟେଦ ଆକବରୁଦ୍ଦିନଙ୍କ ସ୍ଥାନରେ ଯୋଗଦେବେ। ନିକଟରେ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ଆୟୋଜନରେ ତିରୁମୂର୍ତ୍ତିଙ୍କର ପ୍ରମୁଖ ଭୂମିକା ଥିଲା। ପୂର୍ବରୁ ସେ ଜେନେଭାସ୍ଥିତ ସ୍ଥାୟୀ ମିଶନରେ କାର୍ଯ୍ୟ କରିଥିଲେ।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଚକୋଲେଟ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ତାମିଲନାଡୁରେ ଅଟକିଥିବା ଶ୍ରମିକଙ୍କୁ ଫେରାଇବାକୁ ଉଦ୍ୟମ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

କରୋନା ସଂକ୍ରମଣ ପାଇଁ ଲକ୍‌ଡାଉନ ଜାରି ରହିଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକରେ ଫସିଥିବା ପ୍ରବାସୀ ଓଡ଼ିଆଙ୍କୁ ନେଇ ରାଜ୍ୟ ସରକାର ବିଶେଷ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଅନ୍ୟ ରାଜ୍ୟରେ ଅଟକିଥିବା ଶ୍ରମିକମାନେ ଖାଇବା, ରହିବା ଏବଂ କାମ କରିବାର ସୁବିଧା ହରାଇବା ପରେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ତେଣୁ ସେମାନଙ୍କୁ ଫେରାଇ ଆଣିବାକୁ ସରକାର ବିଭିନ୍ନ ରାଜ୍ୟ ସହ ଯୋଗାଯୋଗ କରିବା ଆରମ୍ଭ କରିଛନ୍ତି। ସେହି ଅନୁଯାୟୀ ତାମିଲନାଡୁରେ ରହୁଥିବା ଓଡ଼ିଆମାନଙ୍କୁ ଓଡ଼ିଶା ଫେରାଇ ଆଣିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏ ସମ୍ପର୍କରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସାମୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। କିପରି ଓଡ଼ିଆ ଶ୍ରମିକ ଫେରିବେ ସେନେଇ ଆଲୋଚନା କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେଇଛନ୍ତି। କେନ୍ଦ୍ର ସରକାର ଏଥିଲାଗି ସହଯୋଗ ଯୋଗାଇ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଅନୁରୋଧ କରିଛନ୍ତି। ଲକ୍‌ଡାଉନ ଯୋଗୁ ତାମିଲନାଡୁରେ ଅଟକି ରହିଯାଇଥିବା ଓଡ଼ିଆ ଶ୍ରମିକମାନଙ୍କ ଉପଯୁକ୍ତ ଯତ୍ନ ନେଉଥିବାରୁ ମୁଖ୍ୟମନ୍ତ୍ରୀ ପାଲାନିସାମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ରାଜ୍ୟକୁ ଫେରିବାକୁ ଚାହୁଁଥିବା ଶ୍ରମିକମାନେ ଯେପରି ସୁବିଧାରେ ଫେରିପାରିବେ ସେନେଇ ସହଯୋଗ କରିବାକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି। ପାଲାନିସାମୀ ମଧ୍ୟ ଏ ଦିଗରେ ସବୁ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଚେନ୍ନାଇର ଗୁରୁ ନାନକ କଲେଜରେ କରାଯାଇଥିବା ଶିବିରରେ ରହିଥିବା ଓଡ଼ିଆମାନେ ଏହି ଅବସରରେ ନବୀନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କଥା ହୋଇଛନ୍ତି। ତାମିଲନାଡୁ ସରକାରଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ବରିଷ୍ଠ ପରାମର୍ଶଦାତା ଆର୍.ବାଲକ୍ରିଷ୍ଣନ ଏହି କାର୍ଯ୍ୟର ତଦାରଖ କରିବେ ବୋଲି ନବୀନ ସୂଚନା ଦେଇଛନ୍ତି।

ପାଲାନିସାମୀଙ୍କ ସହ କଥା ହେଲେ ନବୀନ

ମାସ୍କ, ଛତା ବ୍ୟବହାର କରିବାକୁ ପରାମର୍ଶ

ଚିତ୍ର ଆଙ୍କି ଟୁଇଟ୍ କଲେ ଗଞ୍ଜାମ ଜିଲାପାଳ



ଜିଲାପାଳ ଆଙ୍କିଥିବା ଚିତ୍ର।

ଛତ୍ରପୁର, ୩୦।୪(ଡି.ଏନ୍.ଏ.)

ସାମାଜିକ ଦୂରତ୍ୱ ରକ୍ଷା କଲେ ଓ ମାସ୍କ ପିନ୍ଧିଲେ କରୋନା ଭୂତାଣୁ ସଂକ୍ରମଣକୁ ରୋକିହେବ। ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଏକ ଚିତ୍ର ଆଙ୍କି ନିଜ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଜିଲାପାଳ ମାସ୍କ ପିନ୍ଧା ୨ ମୁହଁ ଉପରେ ୨ଟି ଛତା, ସୂର୍ଯ୍ୟ ଓ କରୋନା ଭୂତାଣୁ ଚିତ୍ର ଆଙ୍କିଛନ୍ତି। ଛତା ବ୍ୟବହାର କଲେ ପରସ୍ପରଠାରୁ ଦେଢ଼ ମିଟର ଦୂରତ୍ୱ ରକ୍ଷା କରାଯାଇପାରିବ ଓ ରୌଦ୍ରତାପରୁ ବର୍ତ୍ତିହେବ। ସେହିପରି ମାସ୍କ ବ୍ୟବହାର କଲେ ପାଟି ଓ ନାକ ଦ୍ୱାରା ସଂକ୍ରମଣ ଭୟ ରହିବନି। ତେଣୁ କରୋନାରୁ ବର୍ତ୍ତିବାକୁ ହେଲେ ଘରେ ରୁହନ୍ତୁ, ଅତି ଆବଶ୍ୟକସ୍ଥଳେ ପଦାକୁ ବାହାରିବାକୁ ହେଲେ ମାସ୍କ ଓ ଛତା ବ୍ୟବହାର କରିବାକୁ ଜନସାଧାରଣଙ୍କୁ ଜିଲାପାଳ ଚିତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଏଣ୍ଟୁଅ ଧାଇଜି କିଆବଣକୁ ଯାଏ ।

ଏଣ୍ଟୁଅର ଗତି ସୀମିତ। କିଆବଣ ତା'ର ଗତିର ଶେଷସୀମା। ସେ ଯାଇ ଯାଇ ସେଇ ଯାଏଁ ଯାଇଥାଏ, ଆଉ ଅଧିକ ଯାଇପାରି ନ ଥାଏ। ଯାହାର ଗତି ବା ଆତଯାତ ଯେଉଁ ଯାଏ ସେ ସେଇ ଯାକେ ଯାଇଥାଏ। ପରୋକ୍ଷରେ ପ୍ରତ୍ୟେକ ବ୍ୟକ୍ତି ବା ପ୍ରାଣୀର ସୀମା ସୀମିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଏକା ମାଘକେ ଶୀତ ଯାଏ ନାହିଁ ।

ମାଘ ମାସ ଶୀତ ମାସ। ଗୋଟିଏ ମାଘ ଗଲେ ଶୀତ ଚାଲିଯାଏନି। ପୁଣି ଆର ବର୍ଷକୁ ମାଘ ମାସ ହେଲେ ଶୀତ ହୁଏ। । ବିପଦଟି ସରିଗଲେ ପୁଣି କେବେ ନା କେବେ ଆସିବା ଭଳି କୌଣସି ଅସୁବିଧା ସବୁଦିନ ପାଇଁ ଏକାବେଳେ ଦୂର ହୋଇଯାଏ ନାହିଁ। । ଘଟଣାର ପୁନରାବୃତ୍ତି ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ହାଇକୋର୍ଟରେ ରାଜ୍ୟ ସରକାର ରଖିଲେ ଜବାବ

କଟକ ଅଫିସ୍,୩୦।୪

ମୁସଲମାନ ବ୍ୟକ୍ତିଙ୍କ ମୃତ୍ୟୁ ମାମଲା

- ରିପୋର୍ଟ ଦେବାକୁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଚିକିତ୍ସାରୁ କେହି ବଞ୍ଚିତ ନ ହୁଅନ୍ତୁ

ଜଣେ ମୁସଲମାନ୍ ବ୍ୟକ୍ତିଙ୍କର ଏକ ଘରୋଇ ନର୍ସିଂହୋମ୍‌ରେ ଡାଏଲିସିସ୍ ନ ହୋଇ ପାରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ମାମଲାରେ ରାଜ୍ୟ ସରକାର ଗୁରୁବାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ସରକାରୀ କିମ୍ବା ଘରୋଇ ହସ୍ପିଟାଲ ହେଉ ଚିକିତ୍ସାରେ ଜାତି, ଧର୍ମର ଯେପରି କୌଣସି ପାତରଅନ୍ତର ନ ହୁଏ, ରାଜ୍ୟ ସରକାର ତାହାକୁ ସୁନିଶ୍ଚିତ କରୁଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଆଡଭୋକେଟ୍ ଜେନେରାଲ୍ ହାଇକୋର୍ଟରେ ଉପରୋକ୍ତ ଜବାବ ଦାଖଲ କରିଛନ୍ତି। ଏହାପରେ ବିଚାରପତି ଶତ୍ରୁଘନ ପୂଜାହାରୀ ଏବଂ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଘଟଣାର ତଦନ୍ତ ପାଇଁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତପରେ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ ପାଇଁ କୁହାଯାଇଛି।

ଏଥିସହ କୌଣସି ରୋଗୀଙ୍କୁ ସରକାରୀ କିମ୍ବା ଘରୋଇ ହସ୍ପିଟାଲ୍‌ରେ ଯେମିତି ଚିକିତ୍ସା ପାଇଁ ମନା ନ କରାଯାଏ, ତାହା ରାଜ୍ୟ ସରକାର ନିଶ୍ଚିତ କରନ୍ତୁ । ଯଦି ଉକ୍ତ ହସ୍ପିଟାଲ୍‌ରେ ଚିକିତ୍ସା ସୁବିଧା ନ ଥିବ, ତେବେ ଯେଉଁଠାରେ ସୁବିଧା ଥିବ, ସେଠାକୁ ସ୍ଥାନାନ୍ତର କରାଯାଉ ବୋଲି ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମାମଲାର ଅନ୍ତ ଘଟିଛି। କଟକ ଅଜରା ଜମାଲ୍ ଏହି ଜନସ୍ୱାର୍ଥ ମାମଲାର ଆବେଦନ କରିଥିବା ବେଳେ ଆଇନଜୀବୀ କିଶୋର କୁମାର ରାଉତ ଏହାକୁ ପରିଚାଳନା କରିଥିଲେ ।

ପ୍ରକାଶଯେ, ସାଲେପୁରର ସୟଦ୍ ଅବଦୁଲ୍ ହସନ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। କଟକ ମଙ୍ଗଳାବାଗର ଏକ ଘରୋଇ ହସ୍ପିଟାଲ୍‌ରେ ତାଙ୍କର ନିୟମିତ ଡାଏଲିସିସ୍ ହେଉଥିଲା। ଗତ ୧୦ ତାରିଖରେ ସେ ଡାଏଲିସିସ୍ ପାଇଁ ଯାଇଥିବା ବେଳେ ହସ୍ପିଟାଲ୍ ଟେକ୍ନିସିଆନ୍ ତାଙ୍କୁ ମନାକରି ଦେଇଥିଲେ। ତବଲିଘି ଜମାତ୍ ଯୋଗୁ ବହୁ ସଂଖ୍ୟାରେ ମୁସଲମାନ୍ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏଣୁ ଅବଦୁଲ୍ ଜଣେ ମୁସଲମାନ୍ ହୋଇଥିବାରୁ ସେ ପ୍ରଥମେ କରୋନା ପରୀକ୍ଷା କରିବାକୁ ଟେକ୍ନିସିଆନ୍ କହିଥିଲେ। ସେଠାରୁ ଅବଦୁଲ୍ ଘରକୁ ଫେରିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଘଟଣାର ଉପଯୁକ୍ତ ତଦନ୍ତ ସହ ଘରୋଇ ହସ୍ପିଟାଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ମୁଖ୍ୟ ଶାସନ ସଚିବ ଏବଂ ଓଡ଼ିଶା କାଉନ୍‌ସିଲ୍ ଅଫ୍ ମେଡ଼ିକାଲ୍ ରେଜିଷ୍ଟ୍ରେଶନ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା।

ଅବସର ଦିନ ମିଳିଲା ପୂର୍ଣ୍ଣକାଳୀନ ପେନ୍‌ସନ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଭିନ୍ନ ବର୍ଗର ୧୦୭ ଜଣ କର୍ମଚାରୀ ଗୁରୁବାର ଅବସର ନେଇଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କ ଅବସରକାଳୀନ ପେନ୍‌ସନ ମଞ୍ଜୁର କରାଯାଇଛି। ସାମାଜିକ ଦୂରତା ନିୟମ କରି ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ୫ଜଣ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପୂର୍ଣ୍ଣ ପେନ୍‌ସନ ପ୍ରଦାନ କରିଛନ୍ତି। ଅବସର ଗ୍ରହଣ କରିଥିବା ଅନ୍ୟମାନଙ୍କ ଅବଶିଷ୍ଟ ଭତ୍ତା ଆଦେଶଗୁଡିକ ଡାକ ମାଧ୍ୟମରେ ପଠାଇ ଦିଆଯାଇଛି। ସାଧାରଣ ପ୍ରଶାସନ, ଗୃହ ଏବଂ ଆକାଉଣ୍ଟାସ ଜେନେରାଲଙ୍କ କାର୍ଯ୍ୟାଳୟ ଏହି କାର୍ଯ୍ୟ ସଫଳଭାବେ କରିଥିବାରୁ ମୁଖ୍ୟ ଶାସନ ସଚିବ ଧନ୍ୟବାଦ ଜଣାଇଛନ୍ତି। ଇ-ପେନ୍‌ସନ ପ୍ରକ୍ରିୟାର ସଫଳ ରୂପାୟନ ପାଇଁ ଇ-ସର୍ଭିସ ବୁକ୍ ଏବଂ ଏଚ୍‌ଆର୍‌ଏମ୍‌ଏସ୍ ଅନ୍‌ଲାଇନ ପୋର୍ଟାଲର ତଥ୍ୟ ରଖିବାକୁ ମୁଖ୍ୟ ଶାସନ ସଚିବ ସବୁ ସରକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ପ୍ରଚଳିତ ପ୍ରକ୍ରିୟା ମାଧ୍ୟମରେ ଅବସରକାଳୀନ ଭତ୍ତା ମଞ୍ଜୁର ସମୟ ସାପେକ୍ଷ ଥିଲା। ଏଥିଲାଗି ବିଭିନ୍ନ ବିଭାଗ ଏବଂ ସମ୍ପୃକ୍ତ କର୍ମଚାରୀ ସେମାନଙ୍କ ଚାକିରିକାଳ ମଧ୍ୟରେ ସେବା ଯୋଗାଇଥିବା ସମସ୍ତ ସ୍ଥାନରୁ ପ୍ରମାଣପତ୍ର ଏବଂ ସ୍ୱୀକୃତି ଆଦି ଦରକାର ପଡୁଥିଲା। ଏହି ପ୍ରକ୍ରିୟାର ସରଳୀକରଣ କରି ଅବସର ଦିନ ହିଁ ପୂର୍ଣ୍ଣ ପେନ୍‌ସନ ମଞ୍ଜୁର ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଏହା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସାଧାରଣ ପ୍ରଶାସନ ବିଭାଗ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଚାକିରି ସମ୍ବନ୍ଧିତ ତଥ୍ୟ ସନ୍ନିବେଶିତ କରିବାର ବ୍ୟବସ୍ଥା କରିଛନ୍ତି। ଇ-ସର୍ଭିସ୍ ବୁକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଅର୍ଥ ବିଭାଗ ପ୍ରକ୍ରିୟା ସରଳୀକରଣ ପାଇଁ ଆବଶ୍ୟକ ନିୟମ ମଧ୍ୟ ପ୍ରଣୟନ କରିଛନ୍ତି। ଆକାଉଣ୍ଟାଣ୍ଟ ଜେନେରାଲଙ୍କ କାର୍ଯ୍ୟାଳୟ ଅନୁମୋଦନକ୍ରମେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅବସର ପେନ୍‌ସନ ମଞ୍ଜୁର ହୋଇପାରିଛି। ଏହି ଅବସରରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

ଦିନକରେ ଯାଜପୁରରୁ ...

୩୦ ଗ୍ରାମକୁ କ୍ୱାରାଣ୍ଟାଇନ ଘୋଷଣା କରାଯାଇଛି। ଗତ ମାର୍ଚ୍ଚ ଶେଷ ସପ୍ତାହରେ ଲକ୍‌ଡାଉନ ଜାରି ହୋଇଥିବାବେଳେ ପଶ୍ଚିମବଙ୍ଗରୁ କରୋନା ଭୂତାଣୁ ନେଇ ଲୋକେ କିଭଳି ଯାଜପୁର ଜିଲାକୁ ପ୍ରବେଶ କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୪୨କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କରାଯାଇଥିବା ଟୁଇଟ୍ ଅନୁଯାୟୀ, ଅପରାହ୍ନରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ଜଣେ ୩ ବର୍ଷୀୟା ଶିଶୁକନ୍ୟା ଏବଂ ଜଣେ ୩ ବର୍ଷୀୟ ଶିଶୁପତ୍ର ଅଛନ୍ତି। ସେହିଭଳି ଜଣେ ୮୫ ବର୍ଷୀୟା ବୃଦ୍ଧା, ୬୨ ବର୍ଷୀୟ ବୃଦ୍ଧ ମଧ୍ୟ ରହିଛନ୍ତି। ଏମାନଙ୍କୁ ବାଦ୍ ଦେଇ ଆଉ ୬ ପୁରୁଷ ଏବଂ ୪ମହିଳା ରହିଛନ୍ତି। ପୂର୍ବାହ୍ନରେ ଚିହ୍ନଟ ହୋଇଥିବା ୩ସଂକ୍ରମିତଙ୍କ ମଧ୍ୟରେ ୧୮ବର୍ଷୀୟ ମହିଳା, ୫୬ ବର୍ଷୀୟ ପୁରୁଷ ଏବଂ ୬୫ ବର୍ଷୀୟ ବୃଦ୍ଧ ରହିଛନ୍ତି। ବୃଦ୍ଧ ଜଣଙ୍କ ନିକଟରେ କଲିକତାରୁ ଫେରିଥିବା ବେଳେ ଅନ୍ୟ ୨ଟି ପଶ୍ଚିମବଙ୍ଗ ଫେରନ୍ତା ସମ୍ପର୍କିତ କେସ୍ ବୋଲି ଜଣାପଡିଛି।

ଗତ ସପ୍ତାହକ ମଧ୍ୟରେ ଯାଜପୁର ଜିଲାରେ ୨୫ଜଣ କରୋନା ସଂକ୍ରମିତ ହୋଇସାରିଲେଣି। ଜିଲାପାଳ ପୂର୍ବରୁ ଦଶରଥପୁର ବ୍ଲକ କଟିକଟା ଓ ବିହିପୁର ସମେତ ମଲ୍ଲିକାପୁର ପଞ୍ଚାୟତର ମହାନ୍ତିପାଟଣା ଓ ମଲ୍ଲିକାପୁର(ଆଂଶିକ) ଗ୍ରାମକୁ ହଟସ୍ପଟ ଓ କଣ୍ଟେନମେଣ୍ଟ ଏରିଆ ଭାବେ ଘୋଷଣା କରିଥିଲେ। ପୂର୍ବରୁ ବିରଜାପୁର ପଞ୍ଚାୟତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ତେବେ ଉପରୋକ୍ତ ସମସ୍ତ ଅଞ୍ଚଳକୁ ଗତ ୨୬ ତାରିଖ ସକାଳ ୮ଟାରୁ ଆସନ୍ତା ମେ ୧୦ତାରିଖ ସକାଳ ୮ ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଏରିଆ ଭାବେ ଗ୍ରହଣ କରିବାକୁ ଜିଲାପାଳ ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲାର ଯାଜପୁର, ଦଶରଥପୁର ଓ କୋରେଇ ବ୍ଲକର ୯ଟି ଗ୍ରାମପଞ୍ଚାୟତର ୨୧ଟି ଗ୍ରାମ କଣ୍ଟେନମେଣ୍ଟ ଜୋନଭାବେ ରହିଛି। ଗୁରୁବାର ଦିନକରେ ୧୭ ସଂକ୍ରମିତ ସୂଚନା ମିଳିବା ପରେ କେବଳ ଡାହାଣହତା ପଞ୍ଚାୟତର ଡାହାଣହତା, କୁଆଁସ, ଦେପୁରା ଓ ଗୋପାଳପୁର ପଞ୍ଚାୟତର ବିଭୂତିପୁର ଓ ମେର୍ଦ୍ଦା ଗ୍ରାମର ୧୨୧୫ ଘରର ୪୯୭୬ ଲୋକଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ୧୬ଜଣ ସଂକ୍ରମିତ କ୍ୱାରାଣ୍ଟାଇନ ଅଞ୍ଚଳ କଟିକଟା ପଞ୍ଚାୟତର ହୋଇଥିବା ଜଣାପଡିଛି। ନୂଆ ସଂକ୍ରମିତ ଚିହ୍ନଟ ହେବାପରେ ଡାହାଣହତା ଓ ଗୋପାଳପୁର ପଞ୍ଚାୟତକୁ ମେ ୧ଶୁକ୍ରବାର ସକାଳ ୬ରୁ ମେ ୧୩ ସକାଳ ୬ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହିସବୁ ଅଞ୍ଚଳକୁ କେହି ପ୍ରବେଶ କରିପାରିବେ ନାହିଁ କିମ୍ବା କାହାକୁ ବାହାରକୁ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ପରପାରିରେ ଋଷି ...

ଲକ୍‌ଡାଉନ କଟକଣା ଯୋଗୁ କେବଳ କପୁର ପରିବାରର ଘନିଷ୍ଠ ସମ୍ପର୍କୀୟ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେଇଥିଲେ। କଡା ପୋଲିସ ସୁରକ୍ଷା ମଧ୍ୟରେ ହସ୍ପିଟାଲରୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀରକୁ ସିଧା ଶ୍ମଶାନକୁ ନିଆଯାଇଥିଲା। ଶେଷକୃତ୍ୟରେ ସ୍ତ୍ରୀ ନୀତୁ ସିଂ, ପୁଅ ରଣବୀର, ଭାଇ ରଣଧୀର, କରୀନା କପୁର ଖାନ, ସୈଫ୍ ଅଲି ଖାନ, ଅଭିଷେକ ବଚ୍ଚନ, ଆଲିଆ ଭଟ୍ଟ ଏବଂ ଅନିଲ ଅମ୍ବାନୀ ପ୍ରମୁଖ ଯୋଗ ଦେଇଥିଲେ। ଝିଅ ରିଧିମା ଦିଲ୍ଲୀରୁ ଫେରୁଥିବାରୁ ସେ ଶେଷକୃତ୍ୟରେ ଯୋଗଦେଇପାରି ନ ଥିଲେ। ଋଷିଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟାନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭକରି ବହୁ ରାଜନେତା, ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ବଲିଉଡ୍‌ର କିମ୍ବଦନ୍ତୀ ଅଭିନେତା ରାଜ କପୁର ଓ କ୍ରିଷ୍ଣାରାଜ କପୁରଙ୍କ ଦ୍ୱିତୀୟ ପୁତ୍ର ଋଷି ଜଣେ ଶିଶୁ କଳାକାର ଭାବେ ଅଭିନୟ ଜଗତରେ ପାଦ ଦେଇଥିଲେ। ୧୯୭୦ରେ ସେ ତାଙ୍କ ପିତା ରାଜ କପୁରଙ୍କ ଚଳଚ୍ଚିତ୍ର 'ମେରା ନାମ ଜୋକର'ରେ ଅଭିନୟ କରି ଶ୍ରେଷ୍ଠ ଶିଶୁ କଳାକାର ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ୧୯୭୩ରେ 'ବବି' ଚଳଚ୍ଚିତ୍ରରେ ସେ ପ୍ରଥମ ଥର ପାଇଁ ଅଭିନେତ୍ରୀ ଡିମ୍ପଲ କପାଡିଆଙ୍କ ବିପକ୍ଷରେ ମୁଖ୍ୟ ଭୂମିକାରେ ଆସିଥିଲେ। ଏଥିପାଇଁ ସେ ୧୯୭୪ରେ ଫିଲ୍ମଫେୟାର ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଥିଲେ। ସେବେଠାରୁ ୨୦୦୦ ମଧ୍ୟରେ ୯୨ଟି ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ପ

ସଂକ୍ଷେପରେ

ନିବେଶକଙ୍କ ଲାଭ ୭.୬୮ ଲକ୍ଷ କୋଟି

ମୁମ୍ବାଇ,୩୦। ୪: ଗୁରୁବାର ଭାରତୀୟ ପୁଞ୍ଜିବଜାରର ସେନ୍‌ସେକ୍ସ ୯୯୭ ପଏଣ୍ଟ ବଢ଼ିଛି। ଗତ ୪ ଦିନ ଧରି ଶେୟାର ବଜାରରେ କାରବାର ଉନ୍ନତ ରହିବାରୁ ନିବେଶକଙ୍କ ସମ୍ପତ୍ତି ୭.୬୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଥିବା ନଜରକୁ ଆସିଛି। ଗୁରୁବାର କାରବାରରେ ସେନ୍‌ସେକ୍ସ ୯୯୭.୪୬ ପଏଣ୍ଟ ବା ୩.୦୫% ବଢ଼ି ୩୩,୭୧୭.୬୨ ପଏଣ୍ଟ ଛୁଇଁଛି। ଗତ କିଛି ସେସନରେ ସେନ୍‌ସେକ୍ସ ୨୩୯୦. ୪୦ ପଏଣ୍ଟ ବା ୭.୬୩% ବଢ଼ିଥିବା ପୁଞ୍ଜି ବଜାର ଡାଟାରୁ ସାମ୍ନାକୁ ଆସିଛି।

ମାସ୍କ ନ ପିନ୍ଧି ଡଣ୍ଡ ଗଣିଲେ ପୋଲିସ କର୍ମଚାରୀ

ବ୍ରହ୍ମଗିରି,୩୦।୪(ଡି.ଏନ.ଏ): ଦେଶରେ କରୋନା ଭାଇରସ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହାକୁ ରୋକିବା ପାଇଁ କୌଣସି ରୋଗପ୍ରତିଷେଧକ ବାହାରି ନଥିବାରୁ କେବଳ ଲକଡାଉନ ଯୋଗୁ ନିୟନ୍ତ୍ରଣ ହୋଇପାରିବ ବୋଲି କୁହାଯାଇଛି। ଏଥିସହ ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର ବାଧ୍ୟତାମୂଳକ କରାଯାଇଥିବା ବେଳେ ଏହାକୁ ଅବମାନନା କଲେ ୨୦୦ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ପୋଲିସଙ୍କ ଜରିଆରେ ଜନତାଙ୍କୁ ସଚେତନ କରାଯାଇଛି। ହେଲେ ବି କେତେକ ଏହି ନିର୍ଦ୍ଦେଶକୁ ଅବମାନନା କରୁଥିବାର ଦେଖାଯାଉଥିବା ବେଳେ ଗୁରୁବାର ବ୍ରହ୍ମଗିରି ଅଞ୍ଚଳର ଜଣେ ପୋଲିସ କର୍ମଚାରୀ ମାସ୍କ ନ ପିନ୍ଧି ଜରିମାନା ଦେଇଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମଗିରି ବ୍ଲକ ପ୍ରଶାସନ ତରଫରୁ ମାସ୍କ ବ୍ୟବହାର ନେଇ ସ୍ଥାନୀୟ ପୋଲିସ ସହ ମିଶି ଜୋରଦାର ଚେକିଂ ଚାଲୁ ରହିଛି। ଗୁରୁବାର ଚେକିଂ ସମୟରେ ଜଣେ ପୋଲିସ କର୍ମଚାରୀ ମାସ୍କ ନ ପିନ୍ଧି ଯାଉଥିବାବେଳେ ପ୍ରଶାସନ ଅଧିକାରୀ ଧରାପଡ଼ି ଜରିମାନା ଦେଇଥିଲେ। ଏହାସହ ୮୭ ଜଣ ଖିଲାପକାରୀଙ୍କଠାରୁ ଏହି ଜରିମାନା ଆଦାୟ କରାଯାଇଛି।

ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ୧.୪୬ ଲକ୍ଷ ଦାନ

ସାକ୍ଷୀଗୋପାଳ,୩୦।୪(ଡି.ଏନ.ଏ.): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳ ଓ ବୀରରାମଚନ୍ଦ୍ରପୁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୃଥକ ଭାବରେ ୧.୪୬ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ କରିଛନ୍ତି। ମହାବିଦ୍ୟାଳୟ କର୍ମଚାରୀ ବୃନ୍ଦ ସ୍ୱେଚ୍ଛାକୃତ ଭାବେ ଦେଇଥିବା ୧. ୧ ଲକ୍ଷ ଟଙ୍କାର ବ୍ୟାଙ୍କ ଚେକ କଲେଜ ଅଧକ୍ଷ ପ୍ର. ନିହାର ରଞ୍ଜନ ଦାଶ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବରିଷ୍ଠ କିରାଣି ରାଜକିଶୋର ପତି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଗୁରୁବାର ପ୍ରଦାନ କରିଛନ୍ତି। ସେହିପରି ବୀରରାମଚନ୍ଦ୍ରପୁର ପଞ୍ଚାୟତର ୯୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୪୫ହଜାର ଟଙ୍କାର ବ୍ୟାଙ୍କ ଚେକ ସତ୍ୟବାଦୀ ବ୍ଲକ ଜୀବିକା ମିଶନ ସଂଯୋଜିକା ଶାଶ୍ୱତି ଦାଶଙ୍କୁ ମହିଳା ମହାସଂଘର ସଭାପତି, ସମ୍ପାଦକ, କର୍ମକର୍ତ୍ତା, ସରପଞ୍ଚ, ପିଇଓ ଏବଂ ୱାର୍ଡସଭ୍ୟମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ଗୋଟିଏ ସ୍ଥାନରେ ୫ରୁ ଅଧିକ ଦୋକାନ ଥିଲେ ମିଳିବନି ଅନୁମତି

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ଦ୍ୱନ୍ଦ୍ୱ ଦୂର କଲେ ବିଏମ୍‌ସି କମିଶନର

- ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ
- ସର୍ତ୍ତମୂଳକ ଅନୁମତି ପାଇଥିବା ଅନ୍ୟ ଦୋକାନ ସକାଳ ୮ରୁ ସନ୍ଧ୍ୟା ୬ ଖୋଲିବ
- ସ୍ଥାନାନ୍ତରିତ ହାଟ ବ୍ୟବସାୟୀ ପୁରୁଣା ସ୍ଥାନକୁ ଫେରିବେ ନାହିଁ
- ଟ୍ରେଡ୍ ଲାଇସେନ୍ସକୁ ପାସ୍ ଭାବେ ବ୍ୟବହାର କରିହେବ

ଦୋକାନ ଖୋଲିବା ନେଇ ବାରମ୍ବାର ଗାଇଡ୍‌ଲାଇନ୍ ଓ କଟକଣା ଲାଗୁ କରାଯାଉଥିବାରୁ ବ୍ୟବସାୟୀମାନେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏହି ଦ୍ୱନ୍ଦ୍ୱକୁ ଦୂର କରି କହିଛନ୍ତି, ଭୁବନେଶ୍ୱରରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ସପିଙ୍ଗ୍ ମଲ୍ ଓ ମାର୍କେଟ କମ୍ପ୍ଲେକ୍ସ ଖୋଲିବ ନାହିଁ। ଯେଉଁଠି ଗୋଟିଏ ବିଲ୍ଡିଂରେ ୫ରୁ ଅଧିକ ଦୋକାନ ଥିବ ତାହାକୁ ମାର୍କେଟ କମ୍ପ୍ଲେକ୍ସ ବୋଲି ଧରାଯିବ ଓ ସେଠାରେ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ମାର୍କେଟ କମ୍ପ୍ଲେକ୍ସରେ ନ ଥିବା ଲୁଗା ଦୋକାନ ଖୋଲି ପାରିବ। ଚା, ପାନ, ଗୁଟ୍‌ଖା, ସେଲୁନ, ସ୍ପା, ଜିମ୍ ଓ ମସାଜ ସେଣ୍ଟର ଖୋଲିପାରିବ ନାହିଁ। ରେଷ୍ଟୁରାଣ୍ଟ ଖୋଲିବ, କିନ୍ତୁ ସେଠାରେ ବସି ଖାଇ ହେବନି। ରେଷ୍ଟୁରାଣ୍ଟରୁ କେବଳ ଖାଦ୍ୟ ହୋମ୍ ଡେଲିଭରି କରିହେବ। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସ୍ଥାନାନ୍ତରିତ ହାଟ ବ୍ୟବସାୟୀ ପୁରୁଣା ସ୍ଥାନକୁ ଫେରିବେ ନାହିଁ। ସେହିପରି ନିର୍ମାଣ ସାମଗ୍ରୀ ଦୋକାନ ଖୋଲାଯାଇଛି, ସାମଗ୍ରୀ ସ୍ଥାନାନ୍ତରଣ ରାତିରେ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନିର୍ମାଣ ସ୍ଥାନରେ ଶ୍ରମିକ ରହୁଥିଲେ, କାମ କରିହେବ। ବାହାରୁ କୌଣସି ଶ୍ରମିକ ଆଣି ନିର୍ମାଣ କାର୍ଯ୍ୟ କରିବାକୁ ଅନୁମତି ନାହିଁ। ଅନୁରୂପ ଭାବେ ଗୋଟିଏ ଦୋକାନରେ ଏକ ସମୟରେ ୫ ଗ୍ରାହକ ଏକାଠି ହେବାକୁ ବାରଣ କରାଯାଇଥିବା କମିଶନର ଚୌଧାରୀ କହିଛନ୍ତି।

ଏଥିସହ ଖୋଲିବାକୁ ଥିବା ବଜାର ଓ ଭିଡକୁ ଲକ୍ଷ୍ୟ କରି ଦୋକାନୀମାନଙ୍କୁ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ କମିଶନର ପରାମର୍ଶ ଦେଇଛନ୍ତି। ଦୋକାନରେ କାମ କରୁଥିବା କର୍ମଚାରୀଙ୍କର ଥଣ୍ଡା, ଜ୍ୱର, କାଶ କିମ୍ବା ଛିଙ୍କ ହେଉଥିଲେ ତାଙ୍କ ବାରଣ କରାଯିବା ସହ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ବିଏମ୍‌ସିକୁ ସୂଚନା ଦେବା ପାଇଁ ସେ କହିଛନ୍ତି। ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ତ୍ତମୂଳକ ଭାବେ ଖୋଲୁଥିବା ଦୋକାନଗୁଡ଼ିକରେ ୫୦% କର୍ମଚାରୀ ରହିବେ। କୌଣସି ଶିଳ୍ପ ସଂସ୍ଥା ଚାହିଁଲେ ଅନୁମତି ମିଳିବ। କିନ୍ତୁ ୩୦% କର୍ମଚାରୀଙ୍କୁ ନେଇ ସମ୍ପୃକ୍ତ ସଂସ୍ଥା କାର୍ଯ୍ୟ କରିବ ଓ କର୍ତ୍ତୃପକ୍ଷ କର୍ମଚାରୀଙ୍କ ସବିଶେଷ ତଥ୍ୟ ପ୍ରଦାନ କରିବେ। ଭୁବନେଶ୍ୱରରେ ବ୍ୟବସାୟୀମାନେ ନିଜ ଟ୍ରେଡ୍ ଲାଇସେନ୍ସକୁ ପାସ୍ ଭାବେ ବ୍ୟବହାର କରିପାରିବେ। ଲକଡାଉନ୍ ଥିବାରୁ ଓ ଭୁବନେଶ୍ୱର ରେଡ୍ ଜୋନ୍‌ରେ ଥିବାରୁ ଏଠାରେ କଟକଣା ରହିବ ବୋଲି କମିଶନର କହିଛନ୍ତି।

ନିୟମ ନ ମାନିଲେ ଦୋକାନୀ, ଗ୍ରାହକ ଗଣିବେ ୫ଶହ ଜରିମାନା

ଭୁବନେଶ୍ୱର,୩୦।୪ (ବ୍ୟୁରୋ)

କମିଶନରେଟ ପୋଲିସର ନୂଆ କଟକଣା

- ୬୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ
- ଜରିମାନା ଆଦାୟ ପାଇଁ ଏଏସ୍‌ଆଇଙ୍କୁ କ୍ଷମତା
- ଗ୍ରାହକ କଥା ନ ମାନିଲେ ପୋଲିସକୁ ଜଣାଇବେ ଦୋକାନୀ

ଲକ୍‌ଡାଉନ୍ ଜାରି ରହିଥିବାବେଳେ କଟକ ଓ ଭୁବନେଶ୍ୱରରେ କେତେକ ନିର୍ଦ୍ଦିଷ୍ଟ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ଦୋକାନଗୁଡିକରେ ସାମାଜିକ ଦୂରତ୍ୱ ବଜାୟ ସହ ଅନ୍ୟସବୁ ନିୟମ ପାଳନ ଉପରେ ଗୁରୁତ୍ୱ ଦେଇ ଗୁରୁବାର ନୂଆ ଗାଇଡ୍‌ଲାଇନ୍ ଜାରି କରିଛି କମିଶନରେଟ ପୋଲିସ। ଦୋକାନୀ ଓ ଗ୍ରାହକ ନିୟମ ପାଳନ ନ କଲେ ସହରାଞ୍ଚଳ ଆଇନର ଧାରା ୯୬(ଡି) ଅନୁସାରେ ୫ଶହ ଟଙ୍କା ଜରିମାନା କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ତେବେ ଜରିମାନା ଆଦାୟ ପାଇଁ ଥାନା ଏଏସ୍‌ଆଇମାନଙ୍କୁ ମଧ୍ୟ କ୍ଷମତା ଦିଆଯାଇଛି। ଏହି ନୂଆ ଅଧିନିୟମ ଶୁକ୍ରବାରଠାରୁ ୬୦ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପୋଲିସ କମିଶନର କହିଛନ୍ତି।

ନୂଆ କଟକଣା ଅନୁସାରେ, ବିଏମ୍‌ସି ଓ ସିଏମ୍‌ସି ଦ୍ୱାରା ଅନୁମତି ମିଳି ନ ଥିବା ଦୋକାନ ଖୋଲିବ ନାହିଁ। ଦୋକାନକୁ ଆସୁଥିବା ଗ୍ରାହକଙ୍କ ମଧ୍ୟରେ ଦୂରତା ୨ ମିଟର ବା ୬ ଫୁଟ ରହିବ। ଗ୍ରାହକମାନେ ଦୋକାନ ପରିସରରେ ଧାଡିରେ ଥିବା ସମୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। କୌଣସି ବ୍ୟକ୍ତି ବଜାର ଅଞ୍ଚଳକୁ ଗୁଟ୍‌ଖା,ପାନ ଇତ୍ୟାଦି ପାଟିରେ ରଖି ଯିବେ ନାହିଁ କି ବାହାରେ ଛେପ ପକାଇବେ ନାହିଁ। ସେହିଭଳି ସବୁ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକମାନେ ନିଜ ଦୋକାନ ପରିସର ଓ ଆଖପାଖ ଅଞ୍ଚଳରେ ସାମାଜିକ ବ୍ୟବଧାନ ପାଇଁ ପଦେକ୍ଷପ ନେବେ। ଦୋକାନ ପାଇଁ ଦିଆଯାଇଥିବା ସମୟ ନିର୍ଘଣ୍ଟକୁ କଡାକଡି ପାଳନ କରିବେ। ଗ୍ରାହକମାନେ କିଣାକିଣି ସମୟରେ ସାମାଜିକ ବ୍ୟବଧାନ ଓ ଶୃଙ୍ଖଳା ରକ୍ଷା ନ କଲେ କିମ୍ବା କଥା ନ ମାନିଲେ, ଦୋକାନୀ ତୁରନ୍ତ ୧୦୦କୁ ଫୋନ୍ କରି ଜଣାଇବେ। ନଚେତ ଦୋକାନୀ ବି ଦଣ୍ଡିତ ହେବେ। ସବୁ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକ, କର୍ମଚାରୀ ସର୍ବଦା ମାସ୍କ ପରିଧାନ କରିବେ। ମାସ୍କ ପିନ୍ଧି ନ ଥିବା ଗ୍ରାହକଙ୍କୁ ଦୋକାନ ଭିତରେ ପଶିବାକୁ ଦେବେ ନାହିଁ। ହାତ ଧୋଇବା ଓ ସାନିଟାଇଜର ବ୍ୟବସ୍ଥା କରିବେ। ଏହିସବୁ ନିୟମକୁ ଗ୍ରାହକ ଓ ଦୋକାନୀ ପାଳନ ନ କଲେ ଜରିମାନା କରାଯିବ ବୋଲି ପୋଲିସ କମିଶନର ଷଡ଼ଙ୍ଗୀ କହିଛନ୍ତି।

ବଢୁଛି 'ମୋ ପ୍ରତିଭା' କାର୍ଯ୍ୟକ୍ରମର ଲୋକପ୍ରିୟତା

ଭୁବନେଶ୍ୱର,୩୦।୪(ବ୍ୟୁରୋ): ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ ଦ୍ୱାରା କୋଭିଡ୍-୧୯ ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା 'ମୋ ପ୍ରତିଭା' କାର୍ଯ୍ୟକ୍ରମ ପ୍ରତି ଦିନକୁ ଦିନ ପିଲାମାନଙ୍କ ଆଗ୍ରହ ବୃଦ୍ଧିପାଉଛି। ଚଳିତ ସପ୍ତାହରେ ଏହି କାର୍ଯ୍ୟକ୍ରମ ୫ମ ସପ୍ତାହରେ ପ୍ରବେଶ କରିଥିବାବେଳେ ପ୍ରାୟ ୯ ହଜାରରୁ ଊର୍ଦ୍ଧ୍ୱ ଆବେଦନ ବିଭାଗର ହସ୍ତଗତ ହୋଇଛି। ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିବାରୁ ପିଲାମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିପାରୁଥିବା କୁହାଯାଇଛି। ବହୁସଂଖ୍ୟାରେ ପ୍ରତିଯୋଗୀ ଚିତ୍ରକଳା ସହ କବିତା ଓ କ୍ଷୁଦ୍ରଗଳ୍ପ ଆଦି ପଠାଉଛନ୍ତି। କୋଭିଡ୍-୧୯ର ମୁକାବିଲାରେ କୋଭିଡ୍ ଯୋଦ୍ଧାମାନଙ୍କର ଅବଦାନକୁ ଏମାନେ ଅତି ଆକର୍ଷଣୀୟ ଶୈଳୀରେ ପରିପ୍ରକାଶ କରୁଛନ୍ତି। ସବୁଥର ଭଳି ଚଳିତ ସପ୍ତାହର ଫଳ ଗୁରୁବାର ଘୋଷଣା କରାଯାଇଥିବାବେଳେ ଆଗାମୀଦିନରେ ଏହି ପ୍ରୟାସ ଜାରିରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

୧୧୯ ରୁ ୧୨୨ ନମ୍ବର କରୋନା ଆକ୍ରାନ୍ତଙ୍କ ବିବରଣୀ ଜାରି

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ପକ୍ଷରୁ ନିୟମିତ ବ୍ୟବଧାନରେ ରାଜ୍ୟର କରୋନା ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି(ଗସ୍ତ ବିବରଣୀ) ପ୍ରଦାନ କରାଯାଉଛି। ସେହିକ୍ରମରେ ଗୁରୁବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୧୧୯ ରୁ ୧୨୨ନମ୍ବର ସଂକ୍ରମିତଙ୍କ ସୂଚନା ଦିଆଯାଇଛି। ୧୧୯ନଂ. ସଂକ୍ରମିତ ରାଜଧାନୀ ଭୁବନେଶ୍ୱର ମଧୁସୂଦନ ନଗରର ଜଣେ ୭୭ ବର୍ଷୀୟ ବୃଦ୍ଧ। ସେ କରୋନା ସଂକ୍ରମିତ ନଂ ୪୧ଙ୍କ ନିକଟ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ସେ ମାର୍ଚ୍ଚ ୨୨ରୁ ନିଜ ପରିବାର ଲୋକଙ୍କ ସହ ଲକ୍‌ଡାଉନରେ ରହି ଆସୁଥିଲେ। ତାଙ୍କ ପରିବାରର ଜଣେ ସଦସ୍ୟ ଏପ୍ରିଲ ୭ରେ ସଂକ୍ରମଣର ଶିକାର ହୋଇଥିଲେ। ସଂକ୍ରମିତଙ୍କ ନିକଟ ସମ୍ପର୍କୀୟ ହୋଇଥିବାରୁ ପ୍ରାଥମିକ ପର୍ଯ୍ୟାୟରେ ଗତ ୯ତାରିଖରେ କରାଯାଇଥିବା ତାଙ୍କ ନମୁନା ନେଗେଟିଭ୍ ଆସିଥିଲା। ଏହା ପରେ ୧୧ରୁ ୨୦ ତାରିଖ ଯାଏ ତାଙ୍କୁ ସରକାରୀ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ୨୧ରୁ ୨୭ ସେ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ପୁନର୍ବାର କରୋନା ସମ୍ପର୍କିତ କେତେକ ଲକ୍ଷଣ ଦେଖାଯିବାରୁ ୨୮ତାରିଖରେ କରାଯାଇଥିବା ନମୁନା ପରୀକ୍ଷାରୁ ସେ ପଜିଟିଭ୍ ଥିବା ଜଣାପଡ଼ିଛି। ଏହା ପରେ ତାଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୧୨୦ନଂ. ସଂକ୍ରମିତ କଳିକତା ବଡ଼ ବଜାରରୁ ଗାଡ଼ି ଭଡ଼ା କରି ନିଜ ସାଥିଙ୍କ ସହ ୨୨-୨୩ ତାରିଖରେ ଝାରସୁଗୁଡ଼ା ବ୍ରଜରାଜନଗର ଅନ୍ତର୍ଗତ ବୁଦ୍ଧିଜାମ୍ ଅଞ୍ଚଳକୁ ଫେରିଥିଲେ। ଟ୍ରାଭେଲ ହିଷ୍ଟ୍ରିକୁ ଅନୁଧ୍ୟାନ କରି ୨୯ ଏପ୍ରିଲରେ କରାଯାଇଥିବା ତାଙ୍କ ନମୁନା ପରୀକ୍ଷା କରାଗଲା। ଏଥରୁ ସେ କରୋନା ପଜିଟିଭ୍ ଥିବା ଜଣାପଡ଼ିଛି। ତାଙ୍କୁ ବର୍ତ୍ତମାନ ରାଉରକେଲାସ୍ଥିତ ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସେହିଭଳି ୧୨୧ନଂ ସଂକ୍ରମିତ ତଥା କେନ୍ଦୁଝର ଜିଲା ପଞ୍ଚୁପାଲିର ୬୦ବର୍ଷୀୟ ବୃଦ୍ଧଙ୍କ ଗ୍ରସ୍ତ ବିବରଣୀ ମଧ୍ୟ ଆସିଛି। ବୃଦ୍ଧ ଜଣଙ୍କ ୨୮-୨୯ ମାର୍ଚ୍ଚରେ କଳିକତା ବଡ଼ବଜାରରୁ ୮ସହଯୋଗୀଙ୍କ ସହ ଓଡ଼ିଶା ଫେରିଥିଲେ। ସେ ମାର୍ଚ୍ଚ ୩୧ରୁ ଏପ୍ରିଲ ୨୯ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରିଛନ୍ତି। କଳିକତା ଗସ୍ତ ରହିବାରୁ ତାଙ୍କ ନମୁନା ପରୀକ୍ଷା କରାଯାଇଥିଲା, ଏଥିସହିତ ତାଙ୍କ ନମୁନା ପଜିଟିଭ୍ ଆସିଥିଲା। ବ୍ୟକ୍ତିଜଣଙ୍କ କେନ୍ଦୁଝରର ପ୍ରଥମ କରୋନା ସଂକ୍ରମିତ। ତାଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିଭଳି ୧୨୨ନଂ ସଂକ୍ରମିତ ମଧ୍ୟ ପଶ୍ଚିମବଙ୍ଗ ଫେରନ୍ତା। ଦେଓଗଡ଼ ଜିଲାର ୩୪ବର୍ଷୀୟ ଯୁବକ ଜଣଙ୍କ କଳିକତାରୁ ଗତ ୨୫/୨୬ ତାରିଖରେ ଟ୍ରକ୍ ଯୋଗେ ରେଢାଖୋଲ ଆସି ସେଠାରୁ ଘରକୁ ଚାଲିଚାଲି ଆସିଥିଲେ। ସେ ୨୬ରୁ ୨୯ ପର୍ଯ୍ୟନ୍ତ ଘରେ ରହିଥିଲେ। ଏହାପରେ ତାଙ୍କ ନମୁନା ପରୀକ୍ଷା କରାଯାଇ କରୋନା ପଜିଟିଭ୍ ବୋଲି ଘୋଷଣା କରାଯାଇଥିଲା। ତାଙ୍କୁ ରାଉରକେଲାର ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

କରୋନା ସଂକ୍ରମିତଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଓଲଟିଲା

କଟକ ଅଫିସ, ୩୦।୪

ଯାଜପୁର ଜିଲା ଦଶରଥପୁର ବ୍ଲକ କଟିକଟା ଅଞ୍ଚଳରୁ କରୋନା ସଂକ୍ରମିତଙ୍କୁ ନେଇ ଭୁବନେଶ୍ୱରର ଏକ କୋଭିଡ ହସ୍ପିଟାଲକୁ ଆସୁଥିବା ଏକ ଆମ୍ବୁଲାନ୍ସ କଟକ ଚାଉଳିଆଗଞ୍ଜା ନିକଟରେ ଗୁରୁବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଡିଭାଇଡରରେ ପିଟିହୋଇ ଗାଡ଼ିଟି ରାସ୍ତାକଡ଼କୁ ଓଲଟିପଡ଼ିଥିଲା। ଚାଉଳିଆଗଞ୍ଜା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଥିରେ ଥିବା ୩ ରୋଗୀଙ୍କୁ ଉଦ୍ଧାର କରିଛି। ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସରେ ଗୋଟିଏ ପରିବାରର ୩ ସଂକ୍ରମିତ ଥିବା ଜଣାପଡ଼ିଛି। ସେମାନଙ୍କୁ ଉଦ୍ଧାର କରାଯାଇ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଯାଇଛି। ପରେ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ସହ ଉକ୍ତ ଅଞ୍ଚଳକୁ ସାନିଟାଇଜ କରାଯାଇଛି। ଯାଜପୁରରେ ଗୁରୁବାର ୧୭ଜଣ କରୋନା ଚିହ୍ନଟ ହେବା ପରେ ସେମାନଙ୍କୁ ୫ଟି ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଅଣାଯାଉଥିଲା। ଏହି ଦୁର୍ଘଟଣାରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ଜନଜାତିଙ୍କ ଜୀବିକା ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଲକ୍‌ଡାଉନ କଟକଣା କୋହଳ

କୋଭିଡ୍-୧୯ରେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଜନଜାତି ଏବଂ ଅନ୍ୟମାନଙ୍କ ଜୀବନଜୀବିକାକୁ ସୁରକ୍ଷିତ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନର୍ସରୀ ଚାରା ପ୍ରସ୍ତୁତି ଓ ବ୍ୟାପକ ବନୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ଜୁନ୍ ସୁଦ୍ଧା ୨ ଲକ୍ଷ ହେକ୍ଟର ଅଞ୍ଚଳରେ ବନୀକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପ୍ରାୟ ୬ ଲକ୍ଷ କେନ୍ଦୁପତ୍ର ତୋଳାଳି ଓ ସାମୟିକ କର୍ମଚାରୀମାନଙ୍କୁ କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡାକ୍ତର ମୋନା ଶର୍ମା ଗୁରୁବାର ଏହି ସୂଚନା ଦେଇଛନ୍ତି।

ସେହିପରି ରାଜ୍ୟ ସରକାରଙ୍କ (କୋଭିଡ-୧୯) ମୁଖପାତ୍ର ସୁବ୍ରତୋ ବାଗ୍‌ଚୀଙ୍କ ସୂଚନାନୁଯାୟୀ, ଶିଳ୍ପ ସଂସ୍ଥା, କର୍ପୋରେଟ୍ ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଘରୁ ଶିଳ୍ପ

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା । ଏବଂ ଝଡଝଞ୍ଝାକୁ ବାଟ ଛାଡିଦେବା । –ଶ୍ରୀମା

ଲୁଚାଛପା କାହିଁକି

ରାଜ୍ୟରେ କୋଭିଡ୍–୧୯ ପଜିଟିଭ୍ କେସ୍ ଭୟାନକ ଭାବେ ବୃଦ୍ଧିପାଉଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ରାଜକୋଷ ଖୋଲି ଦେଇଛନ୍ତି । ଆଜି ପର୍ଯ୍ୟନ୍ତ ସରକାର ଅନ୍ୟ ରାଜ୍ୟ ତୁଳନାରେ ଆମ କାର୍ଯ୍ୟ ମୋଟାମୋଟି ସନ୍ତୋଷଜନକ ବୋଲି କହୁଛନ୍ତି । ସରକାର ନିଜେ କୋଭିଡ୍ ସଫଳତାର କିଛି ସ୍ତମ୍ଭ ହାସଲ କରିଛନ୍ତି ବୋଲି ପ୍ରକାଶ କରୁଛନ୍ତି । ହେଲେ ଏଥିରେ କିଛି ଅସୁବିଧା ଥିବା ପରି ମନେହୁଏ । ଉଦାହରଣ, ଏହି ମହାମାରୀର ମୁକାବିଲା ପାଇଁ ଦେଶରେ ସବୁଠୁ ଭଲ ସ୍ୱାସ୍ଥ୍ୟ ଭିତ୍ତିଭୂମି ଗଢିଛନ୍ତି ବୋଲି ସରକାର କହୁଛନ୍ତି । ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟରେ ଏକାବେଳକେ ସଂଖ୍ୟାଧିକ ହସ୍ପିଟାଲ ଓ ବେଡ୍ ସୃଷ୍ଟି କରିବାର ପଦ୍ଧତି ଯେଉଁଭଳି ଭାବେ କରାଗଲା ତାହା ଠିକ୍ ଲାଗୁନି । ଅନ୍ୟପକ୍ଷରେ ସରକାର ଯେଭଳି ପ୍ରୋଗ୍ରାମ ଲାଗୁ କରି ତାହାକୁ କାର୍ଯ୍ୟକାରୀ କଲେ ସେଥିରେ ଟ୍ରାନ୍ସପରେନ୍ସି ନାହିଁ ବୋଲି ସମାଲୋଚନାର ସ୍ୱର ଉଠିଛି । ସଞ୍ଚାଳନ କରାଯାଇଥିବା ଅଧିକାଂଶ କୋଭିଡ୍–୧୯ ହସ୍ପିଟାଲରେ ପୁରୁଣା ଜାଗାରେ ନୂଆ କରି ସୁବିଧା ଉପଲବ୍ଧ କରାଯିବାର ବ୍ୟବସ୍ଥା କରାଯାଇଛି । ଏବେ କମ୍ ନୂତନ ଭିତ୍ତିଭୂମି ସୃଷ୍ଟି କରାଯାଇଛି । ସଂକ୍ରମଣର ପ୍ରାରମ୍ଭିକ ପର୍ଯ୍ୟାୟରେ କୋଭିଡ୍–୧୯ ଭିତ୍ତିଭୂମିର ବିକାଶକୁ ଦୃଷ୍ଟିରେ ରଖି ସରକାର ବେସରକାରୀ ହସ୍ପିଟାଲମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସେମାନଙ୍କ ସହ ଚୁକ୍ତି କରି ଶହ ଶହ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦେଇଛନ୍ତି । ସେମାନେ କେଉଁ କେଉଁ ସୁବିଧା ଯୋଗାଇଦେବେ ଓ ସେଥିପାଇଁ କି ସର୍ତ୍ତ ରଖାଯାଇଥିଲା ତାହା କେହି ଜାଣିନାହାନ୍ତି । ଏହାର ମାଲିକ ବି କିଏ ହେବ ତାହା ମଧ୍ୟ ସ୍ପଷ୍ଟ ନୁହେଁ । ମହାମାରୀର ଭୟ ଦୂର ହୋଇଗଲା ପରେ ତାହାକୁ କିଭଳି ବ୍ୟବହାର କରାଯିବ ଓ ଲୋକମାନେ ଚିକିତ୍ସା ପାଇଁ କେତେ ଦେୟ ଦେବେ ? ସରକାରୀ ସୁବିଧା ଉପଲବ୍ଧ ହେଉଥିବା ଏସ୍‌ସିବି ଓ କ୍ୟାପିଟାଲ ହସ୍ପିଟାଲ ଭଳି ତାହା ସବୁ ଗଣାଯିବ କି ? ଏଭଳି ଅନେକ ପ୍ରଶ୍ନର ଉତ୍ତର ଲୋଡା ।

ସରକାରୀ ତଥ୍ୟରୁ ଜଣାପଡିଛି ଯେ, ଏହି ସବୁ କୋଭିଡ୍–୧୯ ହସ୍ପିଟାଲକୁ କିମ୍‌ସ, ସମ୍, ଅଶ୍ୱିନୀ ହସ୍ପିଟାଲ ଆଦି ପରିଚାଳନା କରିବେ । କେବଳ ଏତିକି ନୁହେଁ କୋଭିଡ୍ ହସ୍ପିଟାଲ ପାଇଁ ଟାଙ୍ଗୀ ଓ ଅନ୍ୟ କେତେକ ସ୍ଥାନରେ ଘରୋଇ ଜାଗା ଭଡାରେ ନେଇଛନ୍ତି । କିନ୍ତୁ ଏହି ହସ୍ପିଟାଲଗୁଡିକୁ ଚଳାଇବା ପାଇଁ ଘରୋଇ ସଂସ୍ଥା ସହ କରାଯାଇଥିବା ଚୁକ୍ତିରେ ସମୟ ଓ ସର୍ତ୍ତ କ'ଣ ରଖାଯାଇଛି ତାହା ସମ୍ପର୍କରେ କେହି ବି ଜାଣିନାହାନ୍ତି । ଏହା କ'ଣ ସରକାରୀ ପାଣ୍ଠିର ସର୍ବୋତ୍କୃଷ୍ଟ ଉପଯୋଗ କି ? ଟିକସଦାତାଙ୍କ ବିପୁଳ ଟଙ୍କାକୁ ଏ ସବୁ ବେସରକାରୀ ହସ୍ପିଟାଲ ବ୍ୟତୀତ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଥିବା ଏସ୍‌ସିବି ତଥା ଅନ୍ୟ ସରକାରୀ ହସ୍ପିଟାଲରେ ଉପଯୋଗ କରାଯାଇଥିଲେ ଭଲ ହୋଇ ନ ଥାନ୍ତା କି ? ସରକାର ଯେଭଁ ଭଳି ଭାବେ ବହୁ ହସ୍ପିଟାଲରେ ତରବରିଆ ଭାବେ ଶୀଘ୍ର କୋଭିଡ୍ ବେଡ୍‌ର ଆୟୋଜନ କଲେ,ସରକାରୀ ପାଣ୍ଠି ଯେଉଁଭଳି ଭାବେ ଓ ଯେତିକି ଶୀଘ୍ର ବିନିଯୋଗ କରାଯାଇଛି ତାହା ସନ୍ଦେହ ସୃଷ୍ଟି କରଛି । ଏହାବାଦ୍ ସରକାର ଏବେ ରାଜ୍ୟ ବାହାରେ ଅଟକି ରହିଥିବା ୫ ଲକ୍ଷ ଲୋକଙ୍କୁ ଆଣିବାକୁ ବ୍ୟବସ୍ଥା କରି ବହୁତ ବଡ ବୋଝ ନିଜ ଉପରକୁ ଆଣିଛନ୍ତି । ଏମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ୭ ହଜାରରୁ ଊର୍ଦ୍ଧ୍ୱ କେନ୍ଦ୍ରରେ କ୍ୱାରାଣ୍ଟାଇନରେ ରଖିବାର ବ୍ୟବସ୍ଥା କରିବା ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ଏହାକୁ କ'ଣ ପାଇଁ ଏତେ ଶୀଘ୍ର କରାଯାଉଛି ? ରାଜ୍ୟ ବାହାରେ ବି ଏମାନଙ୍କ ପାଇଁ ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବାର ସୁବିଧା କରାଯିବାପରେ ସେମାନଙ୍କୁ ଅଣାଯାଇ ପାରିଥାନ୍ତା । ଏହା ରାଜ୍ୟର ୪,୫ କୋଟି ଲୋକଙ୍କୁ ବିପଦକୁ ଠେଲି ଦେଇଛି । ପଞ୍ଚାୟତ ସ୍ତରରେ ସରପଞ୍ଚମାନଙ୍କୁ ଜିଲାପାଳଙ୍କ କ୍ଷମତା ପ୍ରଦାନ କରାଯାଇଛି । ବ୍ୟକ୍ତିଗତ ପାଇଁ ତଥା ସାମୂହିକ କ୍ଷେତ୍ରରେ ଖର୍ଚ୍ଚ କରିବା ଲାଗି ପାଣ୍ଠି ନିଶ୍ଚିତ କରାଯାଇଛି । ମୁଣ୍ଡ ପିଛି କେତେ ଖର୍ଚ୍ଚ କରାଯିବା ତାର ଗାଇଡ ଲାଇନ ବି କରାଯାଇଛି । ସରପଞ୍ଚଙ୍କ ହାତକୁ ଯାଉଥିବା ଏହି ପାଣ୍ଠିର ବିନିଯୋଗ ଉପରେ କିଏ ତଦାରଖ କରିବେ । ସେମାନଙ୍କ ଅଞ୍ଚଳକୁ ଅଧିକ ଲୋକଙ୍କ ସୁଅ ଛୁଟିବା ଯୋଗୁ ସରପଞ୍ଚମାନଙ୍କ ହାତପାଣ୍ଠି ବୃଦ୍ଧିପାଇବା ଦ୍ୱାରା ସେମାନେ ଅଧିକ ଆଗ୍ରହ ପ୍ରକାଶ କରୁଥିବା ଜଣାପଡୁଛି । ଏହାର କାରଣ ହେଉଛି, ସେମାନେ ଭଲ ଭାବେ ଜାଣନ୍ତି ଯେ ,ସେମାନଙ୍କ ସାର୍ଟିଫିକେଟ ସେମାନେ ହିଁ ଦେବେ । ସେମାନେ ବିଲ କରି ତାହାକୁ ଅନୁମୋଦନ କରିପାରିବେ । ରାଜ୍ୟ ଶିଳ୍ପ ସଚିବ କହିଛନ୍ତି ଯେ, ମାହାମାରୀ ଭଳି ସ୍ଥିତି ଉପୁଜିଲେ ତାହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀ ପାଣ୍ଠିର ବିନିଯୋଗ କରିବାରେ କୌଣସି ସୀମା ରହେନି । ଏହା ଭଲ ଚିନ୍ତାଧାରା । କରୋନା ଭାଇରସ୍ ଭଳି ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପାଣ୍ଠି ବିନିଯୋଗ କରିବାରେ କୌଣସି ଦ୍ୱିଧା ରହିବା ଉଚିତ ନୁହେଁ । ତେବେ ସରକାର ଯେଭଳି ଲୁଚାଛପା, ତରବରିଆ ଭାବେ କାର୍ଯ୍ୟ କଲେ ତାହା ସନ୍ଦେହଜନକ । ଲୁଚାଛପାର କ'ଣ ଆବଶ୍ୟକ ଅଛି ?

ଆଜିର ଅର୍ଥନୀତି

୨୫ ବର୍ଷ ତଳର ଧରିତ୍ରୀ

୧ ମେ ୧୯୯୫

- ଦକ୍ଷିଣ ଆଫ୍ରିକାର ଶାସକ ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ ଦଳର ଫୋନବିଲ୍‌କୁ ପୈଠ କରିବା ପାଇଁ ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ନିତ୍ୟ ବ୍ୟବହୃତ ଜିନିଷ ନିଲାମ ।
- ବହିର୍ବ୍ୟାପାର ମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଦୁଇଦିନିଆ ସାର୍କ ମନ୍ତ୍ରୀସ୍ତରୀୟ ବୈଠକ ଆରମ୍ଭ ।
- ୨ଟି ଜାତୀୟକରଣ ବ୍ୟାଙ୍କର ୩.୮୧ କୋଟି ଟଙ୍କା କ୍ଷତି ଘଟାଇଥିବା ମାମଲାରେ ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ଆନ୍ଧ୍ର ପ୍ରଦେଶରେ ଥିବା ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଫିସର, କମ୍ପାନୀ ନିର୍ଦ୍ଦେଶକ ଏବଂ ବ୍ୟବସାୟୀଙ୍କ ଘର ଉପରେ ସି.ବି.ଆଇ. ଚଢ଼ାଉ ।

su | do | ku — ସୁ–ଡୋ–କୁ

Puzzles by Srikant Ghosh

		E			9						1			A
					6	5			7		8		C	
		8	E			D				4			B	6
		4						B						
A			C				E	0			2		7	3
								7	5	1	0	C		8
		9			A	0				6		3	2	B
						4	6		E				A	
		7				2	C	3	B			D		
	1			6	3				9					0
			9	4		8		C	2			1	E	
6	9	B			8		1			E				
7		C								A				
				E	B	A		2		7			3	
3				2					D				9	

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

9	0	5	4	2	C	E	A	1	3	D	6	7	B	8
B	6	7	A	5	3	9	0	8	4	C	E	D	1	2
E	3	2	6	1	D	B	7	C	8	5	A	0	4	9
C	4	8	0	B	7	6	D	5	9	2	1	E	A	3
D	1	A	9	E	8	4	3	2	B	0	7	6	5	C
3	7	E	2	4	9	C	5	B	6	1	8	A	D	0
0	9	4	C	D	E	1	2	3	A	7	5	8	6	B
A	C	B	7	3	5	0	8	6	E	9	D	1	2	4
1	8	6	B	A	0	D	E	9	C	4	2	3	7	5
5	2	D	8	6	1	7	4	A	0	B	3	C	9	E
8	D	1	E	0	2	5	9	4	7	6	C	B	3	A
6	5	C	D	8	A	2	B	0	1	3	9	4	E	7
2	E	3	1	C	B	8	6	7	5	A	4	9	0	D
4	B	9	3	7	6	A	C	D	2	E	0	5	8	1
7	A	0	5	9	4	3	1	E	D	8	B	2	C	6

ଗତକାଲିର ଉତ୍ତର

ସଂଗ୍ରାମ ସରିନାହିଁ

ଜନାର୍ଦ୍ଦନ ପତି

ମେ' ପହିଲା ହେଉଛି ଆନ୍ତର୍ଜାତିକ ଶ୍ରମିକ ଦିବସ । ବିଶ୍ୱର ଶ୍ରମଜୀବୀ ମଣିଷଙ୍କ ପାଇଁ ଶପଥର ଦିବସ । ଊନବିଂଶ ଶତାବ୍ଦୀର ସେହି କାଳରେ ପୁଞ୍ଜିପତି ଓ ଶିଳ୍ପପତିମାନେ ଶ୍ରମିକମାନଙ୍କୁ ମନଇଚ୍ଛା ଶୋଷଣ କରୁଥିଲେ । କାମ କରିବାର ସମୟସୀମା ନ ଥିଲା । ଅଧିକାଂଶ ଶ୍ରମିକ ୧୨ ଘଣ୍ଟାରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ଖଟୁଥିଲେ । ଶ୍ରମ ସମୟ କମ କରିବାକୁ ୧୮୬୦ ଦଶକରେ ଆମେରିକାରେ ପ୍ରଥମେ ପ୍ରତିବାଦ ଆରମ୍ଭ ହେଲା । ଆମେରିକାନ ଫେଡେରେଶନ ଅଫ୍ ଲେବର ନାମରେ ଏକ ସଂଗଠନ ଗଢି ଉଠିଲା । ଏଥିରେ ସୋସାଲିଷ୍ଟ, କମ୍ୟୁନିଷ୍ଟ ଓ ଡେମୋକ୍ରାଟ୍‌ସମାନେ ସାମିଲ ହୋଇଥିଲେ । ଶ୍ରମିକମାନଙ୍କ ଆନ୍ଦୋଳନର କେନ୍ଦ୍ରବିନ୍ଦୁ ଥିଲା ଚିକାଗୋ । ୧୮୮୪ରେ ଚିକାଗୋରେ ଏକ ବିଶାଳ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଓ ସେହି ସମ୍ମିଳନୀରେ ନିଷ୍ପତ୍ତି ହେଲା ଯେ ୧୮୮୬ ମସିହା ମେ ପହିଲାରୁ ଦିନକୁ ଆଠ ଘଣ୍ଟା ଶ୍ରମ ସମୟ ଧାର୍ଯ୍ୟ କରାଯାଉ । ଏହି ଆହ୍ୱାନକୁ ଆମେରିକାର ସବୁ ଶ୍ରମିକ ସମର୍ଥନ ଦେଇଥିଲେ ଓ ଲଗାତର ଭାବେ ପଟୁଆର ଓ ସଭା ଶ୍ରମିକମାନଙ୍କ ପକ୍ଷରୁ କରାଯାଉଥିଲା । ଶ୍ରମିକମାନଙ୍କ ସଂଗ୍ରାମୀ ମିଜାଜ ଦେଖି ମାଲିକମାନେ ପ୍ରତିଶୋଧ ପରାୟଣ ହୋଇ ଉଠିଲେ ସିନା, ଶ୍ରମିକମାନଙ୍କ ଦାବି ପ୍ରତି କର୍ଣ୍ଣପାତ କଲେ ନାହିଁ ।

୧୮୮୬, ମେ' ପହିଲା ଦିନ ସାରା ଆମେରିକାରେ ଆଠ ଘଣ୍ଟା ଶ୍ରମ ସମୟ ଦାବି କରି ଧର୍ମଘଟ ହେଲା । ୧ ଓ ୨ ତାରିଖ ଦୁଇ ଦିନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିଲା । ଦୁଇ ତାରିଖ ଦିନ ଧର୍ମଘଟକାରୀ ଶ୍ରମିକଙ୍କ ସଂଖ୍ୟା ଆଶାତୀତ ଭାବେ ବଢିଥିଲା । ମେ' ୩ ତାରିଖ ଦିନ ଧର୍ମଘଟ ମଧ୍ୟ ସଫଳ ହୋଇଥିଲା । ମାତ୍ର ସାଧାରଣ ସଭାରେ ଜଣେ ଶ୍ରମିକ ନେତା ଭାଷଣ ଦେଉଥିବା ବେଳେ ପୋଲିସ ସଭା ସ୍ଥଳକୁ ଧସେଇ ପଶି ସଭା ଭାଙ୍ଗିଦେଲା ଓ ପୋଲିସ ଗୁଳିରେ ଦୁଇଜଣ ଶ୍ରମିକ ପ୍ରାଣ ହରାଇଲେ ଓ ଅନେକ ଆହତ ହୋଇଥିଲେ ।

ପୋଲିସର ବର୍ବରୋଚିତ ଆକ୍ରମଣ ବିରୋଧରେ ପ୍ରତିବାଦ ସଭାର ଆୟୋଜନ ହେଲା ମେ' ୪ ତାରିଖରେ । ପୂର୍ବଦିନ ପୋଲିସର ଗୁଳି ଯୋଗୁ ଓ ସେଦିନ ପାଗ ଖରାପ, ବର୍ଷା ନେଇ ପ୍ରାୟ ତିନିହଜାର ଲୋକ ସଭାକୁ ଆସିଥିଲେ । ମାତ୍ର ସଭା ଆରମ୍ଭ ହେବାର କିଛି ସମୟ ପରେ ପୋଲିସ ସଭା ମଞ୍ଚକୁ ଉଠି ବକ୍ତାମାନଙ୍କୁ ଧକ୍କା ମାରି ତଡିଦେଲା ।

ଶ୍ରମିକ ଦିବସ ଉପଲକ୍ଷେ

ଏତିକିବେଳେ ଗୋଟାଏ ବୋମା ସଭା ମଞ୍ଚକୁ ଜଣେ ଅଜଣା ବ୍ୟକ୍ତି ଫୋପାଡିବା ଫଳରେ ଜଣେ ପୋଲିସ ଅଫିସରଙ୍କ ମୃତ୍ୟୁ ହେଲା । ଏହାପରେ ପୋଲିସ ଆଖିବୁଜା ଗୁଳି ଚଳାଇଲା । କେତେ ଜଣ ମୃତ୍ୟୁବରଣ କଲେ ତାହାର ଠିକ ହିସାବ ମିଳିଲା ନାହିଁ । ତେବେ ପ୍ରାୟ ୭/୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଓ ପ୍ରାୟ ପଚାଶ ଜଣରୁ ଅଧିକ ଗୁଳିମାଡରେ ଆହତ ହୋଇଥିଲେ । ପୋଲିସ କର୍ମଚାରୀଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଆଠଜଣଙ୍କୁ ଗିରଫ କଲା । ବୋମା ନିକ୍ଷେପ କରିଥିବା ବ୍ୟକ୍ତିର ପତ୍ତା ମିଳିଲା ନାହିଁ । ଅଭିଯୋଗ ହୁଏ ଯେ ବୋମା ନିକ୍ଷେପକାରୀ ପୋଲିସର ଏଜେଣ୍ଟ ଥିଲା । ପୋଲିସ ଯେଉଁ ଆଠଜଣଙ୍କୁ ଗିରଫ କରିଥିଲା, ସେମାନଙ୍କ ମଧ୍ୟରୁ ମାତ୍ର ତିନିଜଣ ସେ ସଭାରେ ଉପସ୍ଥିତ ଥିଲେ ଓ ଏମାନେ ସମସ୍ତେ ମଞ୍ଚରେ ବସିଥିଲେ । ବିଚାର ସମ୍ପୂର୍ଣ୍ଣ ପ୍ରହସନ ଥିଲା । ବିଚାରପତି ଯୋଶେଫ୍ ଗାର୍ଗ ସମ୍ପୂର୍ଣ୍ଣ ଏକପାଖିଆ ହୋଇ ରାୟ ଦେଇଥିଲେ । ଆଠ ଜଣଙ୍କ ମଧ୍ୟରୁ ୭ ଜଣଙ୍କୁ ଫାଶୀ ଓ ଜଣକୁ ଜେଲଦଣ୍ଡ ମିଳିଥିଲା । ଏହି ରାୟ ପ୍ରକାଶ ପାଇବା ପରେ ସାରା ଦେଶରେ ପ୍ରତିବାଦ ଦେଖାଦେଲା । ରାୟ ବିରୋଧରେ ଅପିଲ ହେଲା । ପୁନରାୟ ରାୟରେ ୫ ଜଣଙ୍କୁ ଫାଶୀ ଆଦେଶ ମିଳିଲା । ଫାଶୀ ଆସାମୀ ଲୁଇସ ଲିଙ୍ଗ୍ ଜେଲ ଭିତରେ ଆତ୍ମହତ୍ୟା କଲେ । ୧୮୮୭, ନଭେମ୍ବର ୧୧ ତାରିଖରେ ଆଲବର୍ଟ ପାରସନ, ଅଗଷ୍ଟ ସ୍ପାଇଜ, ଜର୍ଜ ଏଙ୍ଗେଲ୍ସ ଓ ଆଡ୍ ଲଫ୍ ଫିଶ୍ଚରକୁ ଫାଶୀ ହୋଇଥିଲା । ଫାଶୀ ପାଇବା ଠିକ୍ ପୂର୍ବରୁ ଅଗଷ୍ଟ ସ୍ପାଇଜ ବଡ ପାଟିରେ ଚିତ୍କାର କରି କହିଥିଲେ, ''The day will come when our silence will be more powerful than the voice you strangle today''

ଦିନ ଆସିବ, ଯେତେବେଳେ ଆମର ନୀରବତା ଆମର କଣ୍ଠସ୍ୱରଠାରୁ ଆହୁରି ଶକ୍ତିଶାଳୀ ହୋଇ ଉଠିବ । ତୁମେ ଯେଉଁ କଣ୍ଠକୁ ରୁଦ୍ଧ କରୁଛ ।''

ହେ ମାର୍କେଟ ଗୁଳିକାଣ୍ଡ ଓ ୪ଜଣ ଶ୍ରମିକ ନେତାଙ୍କୁ ଫାଶୀ ଦେବାର ୧୩୪ ବର୍ଷ ଅତୀତ ହୋଇଗଲାଣି । ବିଶ୍ୱର ଅଧିକାଂଶ ଦେଶରେ ଶ୍ରମିକଶ୍ରେଣୀ ଆଠଘଣ୍ଟା କରିବାର ଆଇନଗତ ଅଧିକାର ପାଇଛି । ଶ୍ରମିକ ଶ୍ରେଣୀ ଅନେକ ଅଧିକାର ହାସଲ କରିଛି, ମାତ୍ର ଶ୍ରମିକ ଶ୍ରେଣୀର ସଂଗ୍ରାମ ସରିନାହିଁ । ଉପଯୁକ୍ତ ମଜୁରି, ଆଠଘଣ୍ଟା କାମ ଆଦି ପ୍ରମୁଖ ଦାବି ପାଇଁ ଆଜି ବି ଆମ ଦେଶରେ ଶ୍ରମିକ ଲଢେଇ ଜାରି ରହିଛି । ଭାରତର କେନ୍ଦ୍ର ସରକାର ଶ୍ରମିକମାନଙ୍କ ଆଇନଗତ ଆଠଘଣ୍ଟା କାମ କରିବାର ଅଧିକାରକୁ ଲୋପ କରିବାକୁ ଆଇନ ଆଣିଛି । ନବ୍ୟ ଉଦାରବାଦ ଆର୍ଥିକ ନୀତି ବିରୋଧରେ ଭାରତର ଶ୍ରମିକମାନେ ୧୮ଥର ସର୍ବଭାରତୀୟ ସ୍ତରରେ ଧର୍ମଘଟ କରିଛନ୍ତି । କୃଷକ, କୃଷି ଶ୍ରମିକ ଓ ବେକାରମାନଙ୍କୁ ନିଯୁକ୍ତି ଦେବା ପାଇଁ ଶ୍ରମିକମାନେ ଦାବି କରୁଛନ୍ତି । ଦରବୃଦ୍ଧି ବିରୋଧରେ ଓ ଜାତୀୟ ସମ୍ପତ୍ତିର ସୁରକ୍ଷା ପାଇଁ ଗଣତନ୍ତ୍ର, ସମ୍ବିଧାନ ଓ ଧର୍ମନିରପେକ୍ଷତା ପାଇଁ ଓ ଶୋଷଣର ଅବସାନ ପାଇଁ ଶ୍ରମିକମାନେ ରାସ୍ତା ଉପରକୁ ଓହ୍ଲାଇଛନ୍ତି, ମାତ୍ର ସଂଗ୍ରାମ ସରିନାହିଁ ।

୨୦୨୦ ମସିହା ମେ' ପହିଲାବେଳକୁ ସମଗ୍ର ବିଶ୍ୱ କରୋନାରେ ଆକ୍ରାନ୍ତ । ଦେଶର ଆଶାକର୍ମୀ, ଆଶା ସାଥୀ, ଅଙ୍ଗନୱାଡିର କର୍ମୀମାନେ ଜୀବନକୁ ପାଣି ଛଡାଇ ସେବା କରୁଛନ୍ତି । ଡାକ୍ତର, ନର୍ସ ଓ ଡାକ୍ତରଖାନାମାନଙ୍କରେ କର୍ମରତ ଭାଇ ଭଉଣୀମାନଙ୍କ ଅବଦାନର ପଟାନ୍ତର ନାହିଁ । ବିଦ୍ୟୁତ ଶ୍ରମିକ, ଜଳ ଯୋଗାଣ ବିଭାଗର ଶ୍ରମିକ, ଇସ୍ପାତ, ଆଲୁମିନିୟମ ଓ ଖଣି ଶ୍ରମିକ ଏବଂ ଖବର ସରବରାହ ସଂସ୍ଥାମାନଙ୍କରେ କର୍ମରତ ସାମ୍ବାଦିକମାନେ ନିରବଚ୍ଛିନ୍ନ ଭାବେ କାମ ଚଳାଇ ରଖିଛନ୍ତି । ଆଜିର ପରିସ୍ଥିତି ବିଗତ ଶହେ ବର୍ଷ ଭିତରେ ଦେଖା ନ ଥିଲା । କରୋନା ଭୂତାଣୁ ଆକ୍ରାନ୍ତରୁ ସମଗ୍ର ଦେଶ ଲକ୍‌ଡାଉନ । ଗରିବ ଶ୍ରମିକ ଘରେ ଚୁଲି ଜଳୁନି । ଲକ୍ଷ ଲକ୍ଷ ଶ୍ରମିକ କାମ ହରାଇଛନ୍ତି । ଛୋଟ ବ୍ୟବସାୟୀ, ଛୋଟ ଶିଳ୍ପପତିମାନେ ଭୟଙ୍କର ସଙ୍କଟର ସମ୍ମୁଖୀନ । ମାସାଧିକ କାଳ ଧରି କାମ ନ ମିଳିବା ଯୋଗୁ ଦିନ ମଜୁରିଆ, ସ୍ୱଳ୍ପ ବେତନଭୋଗୀମାନଙ୍କ ଦୁର୍ଦ୍ଦଶାର ଅନ୍ତ ନାହିଁ । ଏହି ପରିସ୍ଥିତିକୁ ମୁକାବିଲା ପାଇଁ ରାଜ୍ୟର ସମସ୍ତ ଶ୍ରମଜୀବୀ ଶ୍ରମିକ ଏକ ହୋଇ ଠିଆ ହେବାକୁ ନିବେଦନ । ପ୍ରତ୍ୟେକ ଶ୍ରମଜୀବୀ ଅପର ପାଇଁ ଠିଆହେବା ଆଜିର କର୍ତ୍ତବ୍ୟ । ଏହି ପଟ୍ଟଭୂମିରେ ଆମ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀ ଓ ଶ୍ରମଜୀବୀ ନିଜର ଅର୍ଜିତ ଅଧିକାରକୁ ରକ୍ଷା କରିବା ସହିତ ବଞ୍ଚିବାର ଅଧିକାର ପାଇଁ ମେ' ଦିବସରେ ଶପଥ ନେବେ ।

ରାଜ୍ୟ ସଭାପତି, ସି.ଆଇ.ଟି.ୟୁ.

ଅନାହାରର ବୋଝ

ଅବିନାଶ ଦାଶ ଚୌଧୁରୀ

କରୋନା ରୋଗଟି ଜନମାନସରେ ନୂଆକରି ଉଦୟ ହୋଇଛି ସତ, କିନ୍ତୁ ରୋଗଟି ଆମ ପୃଥିବୀରେ ଥିଲା ଅନେକ କାଳରୁ । ହଁ, ଏହି କଥାଟି ସତ ଯେ ତା'ର ଏହି ପ୍ରଳୟଙ୍କରୀ ରୂପର କୌଣସି ପୂର୍ବ ନଜୀର ନାହିଁ । ଏତେମାତ୍ରାରେ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁର ତାଣ୍ଡବଲୀଳା ରଚିବାର କ୍ଷମତା ଏହି ରୋଗକୁ ଏକ ମହାମାରୀରେ ପରିଣତ କରିଦେଇଛି । ସଂକ୍ରମଣର ଭୟ ବାଧ୍ୟବାଧକତାରେ ଆମକୁ ରୋଗ ସାମ୍ନାରେ ଛିଡ଼ା କରିଛି । ଠିକ୍ ସେହିପରି ଆଗରୁ ମଧ୍ୟ ଦେଶର ଗରିବ, ଆଦିବାସୀ, ଚାଷୀ ଓ ପଛୁଆ ବର୍ଗର ମଣିଷ ପେଟ ପୋଷିବାକୁ କାମର ସନ୍ଧାନରେ କାହିଁ କେତେ ଦୂର ଯାଉଥିଲେ । ନିଜ ପରିବାର, ଗାଁର କିଛି ଲୋକ ଓ ସାହି ପଡ଼ିଶାଙ୍କୁ ଛାଡ଼ିଦେଲେ ସେମାନଙ୍କର କେହି କେବେ ଖବର ରଖି ନ ଥାନ୍ତି । ଅପରିଚିତ, ଅଜଣା ଓ ଏକାନ୍ତ ଜୀବନରେ ଅଭ୍ୟସ୍ତ ସେମାନେ । ଘର ଚଳେଇବା ପାଇଁ ଅନେକ ଦୂରରେ ସମୟ କାଟନ୍ତି । ହେଲେ କରୋନା ଉପଦ୍ରବ ମାଡ଼ରେ ସେମାନେ ଆସିଛନ୍ତି ନଜରକୁ । ସରକାର, ଗଣମାଧ୍ୟମ, 'ଜନସାଧାରଣ', ରାଜନୈତିକ ଦଳମାନେ ତାଙ

ସଂକ୍ଷେପରେ

ଜୁନ୍ ୧୭ ପରେ କୌଣସି ମୁହୂର୍ତ୍ତରେ ହେବ ପରୀକ୍ଷା: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୩୦।୪(ବ୍ୟୁରୋ): କରୋନା ଲାଗି ସାରା ଦେଶରେ ଲକ୍‌ଡାଉନ ଜାରି ରହିଥିବା ବେଳେ ଛାତ୍ରୀଛାତ୍ରମାନଙ୍କୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଅନେକ ପରୀକ୍ଷା ଏ ପର୍ଯ୍ୟନ୍ତ ଶେଷ ହୋଇ ନ ଥିବାବେଳେ ଏହାକୁ କିପରି କରାଯାଇବ ସେନେଇ ଭୟ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଚିନ୍ତାରେ ପଡିଯାଇଛି। ଏଭଳି ସ୍ଥିତିରେ ବୁଧବାର ୟୁଜିସି ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ ତର୍ଜମା କରାଯାଉଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମନ୍ତ୍ରୀ ସାହୁ ଆହୁରି କହିଛନ୍ତି, ଲକ୍‌ଡାଉନ ସମୟକୁ ଛାତ୍ରୀଛାତ୍ରମାନେ ସୁଯୋଗ ଭାବେ ଗ୍ରହଣ କରନ୍ତୁ। ଏହି ସମୟରେ ସମସ୍ତେ ପାଠପଢ଼ାରେ ମନୋନିବେଶ କରନ୍ତୁ। ଜୁନ୍ ୧୭ରେ ଶିକ୍ଷାନୁଷ୍ଠାନଗୁଡିକ ଖୋଲିବାପରେ ଯେକୌଣସି ମୁହୂର୍ତ୍ତରେ ପରୀକ୍ଷା କରାଯିବ। ଏଥିଲାଗି ପ୍ରସ୍ତୁତ ରହିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ମନ୍ତ୍ରୀ ସାହୁ ଅନୁରୋଧ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ା, ମୂଲ୍ୟାୟନ, ଶିକ୍ଷାବର୍ଷ ନେଇ ୟୁଜିସି ପକ୍ଷରୁ ଜାରି ଗାଇଡ୍‌ଲାଇନ ସଂକ୍ରାନ୍ତରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ଗାଇଡ୍‌ଲାଇନକୁ ତର୍ଜମା କରାଯିବ। ଓଡ଼ିଶା ପରିପ୍ରେକ୍ଷୀରେ ଯାହା ଠିକ୍ ହେବ ତାହା ଗ୍ରହଣ କରାଯିବ। ଖୁବ୍‌ଶୀଘ୍ର ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

ସିରିଜ ବୋମାମାଡ଼ କରି ଅଳଙ୍କାର ଲୁଟ୍

ଖୋର୍ଦ୍ଧା ଅଫିସ,୩୦।୪ : କରୋନା ମୁକାବିଲାରେ ପୋଲିସ ଯୋଦ୍ଧା ସାଜିଛି। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ପୋଲିସ ଭୁଲି ଯାଇଥିବା ଅଭିଯୋଗ ହେଉଛି। ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଚାରିଆଡେ ଲୁଟେରା ମାତିଛନ୍ତି। ବାଘମାରୀ ଥାନା ଦିନିଆରୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୧୦ରୁ ଊର୍ଦ୍ଧ୍ୱ ମୁଖାଧାରୀ ଯୁବକ ଯୋଗୀନାଥ ମହାରଣାଙ୍କ ଘର ଉପରେ ସିରିଜ୍ ବୋମାମାଡ଼ କରିଥିଷଲ। ପରିବାର ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ନଂ. ୪୩/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଯୋଗୀନାଥଙ୍କ ପରିବାର ସବୁଦିନ ପରି ରାତିରେ ଖାଇପିଇ ଶୋଇ ପଡିଥିଲେ। ବିଳମ୍ବିତ ରାତିରେ କେତେଜଣ ଯୁବକ ଘର ଉପରକୁ ସିରିଜ୍ ବୋମାମାଡ କରିଥିଲେ। ବୋମାମାଡ ଶବ୍ଦରେ ପରିବାର ଲୋକେ ଘରୁ ପଦାକୁ ଆସିଥିଲେ। ଏହି ସମୟରେ ବାହାରେ ଥିବା ମୁଖାଧାରୀ ଯୁବକମାନେ ଘରେ ଭିତରେ ପଶି ଯାଇଥିଲେ। ପରିବାର ଲୋକଙ୍କୁ ମାରଣାସ୍ତ୍ରରେ ଦେଖାଇ ଭୟଭୀତ କରି ଆଲମିରାରେ ଥିବା ୯ଟି ସୁନା ମୁଦି, ସୁନାହାର, ଅଳଙ୍କାର ଯାହାର ମୂଲ୍ୟ ପ୍ରାୟ ଦେଢଲକ୍ଷରୁ ଊର୍ଦ୍ଧ୍ୱ ହେବ ଲୁଟି ଫେରାର ହୋଇଯାଇଛନ୍ତି।

କୋଭିଡ୍ ଯୋଦ୍ଧାଙ୍କ ପିଲାଙ୍କ ଲାଗି ସି.ଭି. ରମଣର ସ୍କଲାରଶିପ

ଭୁବନେଶ୍ୱର,୩୦-୪: ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ମାନ ଏବଂ କୃତଜ୍ଞତା ଜ୍ଞାପନ କରାଯାଇଛି। କୋଭିଡ୍-୧୯ ଯୋଦ୍ଧାଙ୍କ ପିଲାଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ୫କୋଟି ଟଙ୍କା ମୂଲ୍ୟର ମେଧାବୃତ୍ତି ଘୋଷଣା କରାଯାଇଛି। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ବିଭାଗ ଏବଂ ଶିକ୍ଷାନୁଷ୍ଠାନରେ କୋଭିଡ୍-୧୯ ଯୋଦ୍ଧାଙ୍କ ପିଲାଙ୍କ ଲାଗି ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଜେଇଇ ର୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଶିକ୍ଷାଗତ ଯୋଗ୍ୟତାର ମୂଲ୍ୟାଙ୍କନ ଆଧାରରେ ଛାତ୍ରୀଛାତ୍ରଙ୍କୁ ନାମ ଲେଖାର ସୁଯୋଗ ଦିଆଯିବ। ଜରୁରିକାଳୀନ ସ୍ଥିତିରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଏଭଳି ଏକ ମହତ ଚିନ୍ତାଧାରାକୁ ବାସ୍ତବ ରୂପରେ ପରିଣତ କରିବାକୁ ଆଗେଇ ଆସିଥିବାରୁ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଛନ୍ତି।

କଟକଣା ନ ମାନି ବଡ଼ଦାଣ୍ଡରେ ବୁଲିଲେ ବିଦେଶୀ

ପୁରୀ ଅଫିସ,୩୦।୪

- ପ୍ରଶ୍ନ ଉଠାଇଲେ ସହରବାସୀ
- ପ୍ରଶାସନିକ ବ୍ୟବସ୍ଥାକୁ ଅଙ୍ଗୁଳି

ମହାମାରୀ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ନିର୍ଦ୍ଦେଶାବଳୀ ଜାରି କରୁଛନ୍ତି। ପୁରୀରେ ମଧ୍ୟ ଏକାଧିକ କଟକଣା ଜାରି କରାଯାଇଛି। ତେବେ ପୁରୀରେ ଜଣେ ବିଦେଶୀ ଲକ୍‌ଡାଉନ କଟକଣା ଉଲ୍ଲଂଘନ କରି ବଡଦାଣ୍ଡରେ ଖୁଲମଖୁଲା ବୁଲିବା ଘଟଣା ପ୍ରଶାସନିକ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ବୁଧବାର ଜଣେ ବିଦେଶୀ ସାଇକେଲରେ ବଡ଼ଦାଣ୍ଡ, ମଙ୍ଗୁମଠ କଡ଼ ଦେଇ କାକୁଡ଼ିଖାଇ ଛକ ଆଡେ ଯାଉଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ବିଦେଶୀ ଜଣଙ୍କ ଧଳା ରଙ୍ଗର ହାଫ୍ ପ୍ୟାଣ୍ଟ, ଟି ଶାର୍ଟ ଏବଂ ଧଳା କ୍ୟାପ୍ ପିନ୍ଧିଥିବାବେଳେ ମୁହଁରେ ମାସ୍କ ବାନ୍ଧିଥିଲେ। ସାଇକେଲରେ ବଡ଼ଦାଣ୍ଡରେ ବୁଲୁଥିବା ବେଳେ ତାଙ୍କୁ ଅନ୍ୟମାନେ ଦେଖି ଚକିତ ହୋଇପଡ଼ିଥିଲେ।

ଏ ସମ୍ପର୍କରେ ସହରର ନାଗରିକ ପ୍ରସନ୍ନ ମହାପାତ୍ର କହିଛନ୍ତି, ଲକ୍‌ଡାଉନ ଘୋଷଣା ହେବାର ୫ଦିନ ପୂର୍ବରୁ ଜିଲା ପ୍ରଶାସନ ସହରର ସମସ୍ତ ହୋଟେଲ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା। ସବୁ ପର୍ଯ୍ୟଟକଙ୍କୁ ସହର ଛାଡି ଚାଲିଯିବାକୁ ମଧ୍ୟ କୁହାଯାଇଥିଲା। ହେଲେ ଯେଉଁ ବିଦେଶୀ ନାଗରିକ ବଡ଼ଦାଣ୍ଡରେ ସାଇକେଲ ଧରି ବୁଲୁଛନ୍ତି ସେ ରହୁଛନ୍ତି କେଉଁଠି? ପ୍ରଶାସନ ଏବଂ ପୋଲିସ ପାଖରେ ତାଙ୍କ ସମ୍ପର୍କରେ ସୂଚନା ଅଛି କି ନାହିଁ। ସେ କେବେ ଓ କେଉଁ ଦେଶରୁ ଆସିଛନ୍ତି? ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ନା ନାହିଁ? ବର୍ତ୍ତମାନ ବିଦେଶୀଙ୍କ କଥା ଶୁଣିବା ବେଳକୁ ଲୋକେ ଭୟ କରୁଛନ୍ତି। ମାତ୍ର ଲକ୍‌ଡାଉନ କଟକଣା ସମୟରେ ଏହି ବିଦେଶୀ ଜଣଙ୍କ କିପରି ବିନା ଦ୍ୱିଧାରେ ବୁଲୁଛନ୍ତି ତାହାର ତଦନ୍ତ କରାଯିବା ଦରକାର।

ଅନ୍ୟପକ୍ଷରେ ଜଣେ ଅଧିକାରୀ କହିଛନ୍ତି, ବହୁ ପୂର୍ବରୁ ଆସିଥିବା କେତେଜଣ ବିଦେଶୀ ପର୍ଯ୍ୟଟକ ଫ୍ଲାଇଟ୍ ବନ୍ଦ ହୋଇଯିବାରୁ ରହିଯାଇଛନ୍ତି। ପ୍ରଶାସନ ଏବଂ ପୋଲିସ ସେମାନଙ୍କ ବିଷୟରେ ଅବଗତ ଅଛନ୍ତି। ସେମାନେ ନିର୍ଦ୍ଦିଷ୍ଟ କିଛି ହୋଟେଲରେ ରହୁଥିବାବେଳେ ସରକାରଙ୍କ ଗାଇଡ଼ଲାଇନ ଅନୁସାରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କିନ୍ତୁ ଲକ୍‌ଡାଉନ କଟକଣା ଥିବାରୁ ସେମାନେ ବାହାରକୁ ବାହାରିବା କଥା ନୁହେଁ। କେଉଁ ପରିପ୍ରେକ୍ଷୀରେ ସେ ବାହାରେ ବୁଲିଲେ, ସମ୍ପୃକ୍ତ ହୋଟେଲ କର୍ତ୍ତୃପକ୍ଷ ତାଙ୍କୁ ବାହାରକୁ କିପରି ଛାଡିଲେ ତାହାର ତଦନ୍ତ କରାଯିବ।

ସୂଚନାଥାଉ କି, ପୋଲିସ ଏବଂ ପ୍ରଶାସନକୁ ନ ଜଣାଇ ୩ଜଣ ବିଦେଶୀ ପର୍ଯ୍ୟଟକ ବଳିଆପଣ୍ଡାସ୍ଥିତ ହୋଟେଲ ଦେବଭୂମିରେ ରହୁଥିଲେ। ଗତ ମାସ ୨୪ ତାରିଖରେ ଏହା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ସେହି ହୋଟେଲକୁ ସିଲ୍ କରାଯାଇଥିଲା। ଏଥିସହ ସମ୍ପୃକ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ନିଆଯାଇ ଭୁବନେଶ୍ୱର ବିମାନ ବନ୍ଦରରେ ଛଡ଼ାଯାଇଥିଲା।

ପୁରୀ ବେଳାଭୂମିରେ ଗୁରୁବାର ବଲିଉଡ ଅଭିନେତା ରଷି କପୁରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ଅନ୍ତର୍ଜାତୀୟ ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

ଛାତ୍ରୀଛାତ୍ରଙ୍କ 'ମାଇଓଆର୍‌ଜି ୩୬୦'ଆପ୍‌କୁ ପ୍ରଶଂସା

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ଆପ୍ 'ମାଇଓଆର୍‌ଜି୩୬୦' ଜରିଆରେ ଏହି ଆପ୍‌କୁ ବିକଶିତ କରଥିବା ଏନ୍‌ଆଇଟି ରାଉରକେଲାର ଛାତ୍ରୀଛାତ୍ର ଟିମ୍ ସହ କଥା ହୋଇଛନ୍ତି। ଲକ୍‌ଡାଉନ୍ ଭଳି ସାମ୍ପ୍ରତିକ ସ୍ଥିତିରେ ଏହି ଆପ୍‌କୁ ତିଆରି କରିଥିବାରୁ ସେ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ଆପ୍ ଆଧୁନିକ ଯୋଗାଯୋଗର ପ୍ରମୁଖ ମାଧ୍ୟମ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଏନ୍‌ଆଇଟି, ରାଉରକେଲାର ଛାତ୍ରୀଛାତ୍ରମାନେ ଏକ ଭିଡିଓ ଆପ୍‌କୁ ତିଆରି କରିବାର ଅଭିନବ ପ୍ରୟାସ ସାମ୍ପ୍ରତିକ ସମୟରେ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶେଷ ଭାବରେ କୋଭିଡ୍-୧୯ ସମୟରେ ପ୍ରସ୍ତୁତ ଏହି ଆପ୍ ଡିଜିଟାଲ ଯୋଗାଯୋଗର ସ୍ୱଦେଶୀ ଉପକରଣ ହୋଇପାରିବ। ଯୁବପିଢ଼ିଙ୍କ ଏପରି ଉଦ୍ୟମ ପ୍ରଶଂସନୀୟ। ବିଶେଷଭାବରେ ରାଉରକେଲାର ଏନ୍‌ଆଇଟି ଛାତ୍ରୀଛାତ୍ରଙ୍କ ଦ୍ୱାରା ବିକଶିତ ଏହି ଆପ୍ ଲୋକଙ୍କୁ ଘରେ ରହି ମଧ୍ୟ ଅନ୍‌ଲାଇନରେ ଯୋଗାଯୋଗ କରିବାରେ ପ୍ରମୁଖ ଭୂମିକା ନେବ। ଏହି ଅବସରରେ ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଭିଡିଓ କନ୍‌ଫରେନ୍ସିଂ ଆପ୍‌ର ଟ୍ରାଏଲ୍ ଭର୍ସନରେ ଏନ୍‌ଆଇଟି ରାଉରକେଲାର ଛାତ୍ରୀଛାତ୍ରଙ୍କ ସହିତ ଯୋଗାଯୋଗ କରିଛି। ଏହି ଯୁବତୀଯୁବକଙ୍କ କାମ ମୋତେ ପ୍ରଭାବିତ କରିଛି। ଆପ୍‌କୁ ବିକଶିତ କରିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ। ଡିଜିଟାଲ ଦୁନିଆକୁ ପରିବର୍ତ୍ତନ କରିବାର ଉଦ୍ୟମ କରୁଥିବା ଛାତ୍ରୀଛାତ୍ରଙ୍କ ଆଗାମୀ ଦିନର ସଫଳତା କାମନା କରୁଛି।

ପହଞ୍ଚିଲା ନବମ ପର୍ଯ୍ୟାୟ ରଥକାଠ

ପୁରୀ ଅଫିସ,୩୦।୪

ଅନିଶ୍ଚିତତାରେ ରଥଯାତ୍ରା

କରୋନା ପାଇଁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆଶଙ୍କା ଭିତରକୁ ଠେଲି ହୋଇଯାଇଛି। ଚଳିତବର୍ଷ ରଥଯାତ୍ରା ହେବ କି ନାହିଁ ତାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଗୁରୁବାର ପୁରୀରେ ପହଞ୍ଚିଛି ନବମ ପର୍ଯ୍ୟାୟ ରଥକାଠ। ବୌଦ୍ଧ ବନଖଣ୍ଡରୁ ଏକ ଟ୍ରେଲର ଯୋଗେ ୪୦ ଫୁଟିଆ ୨୭ ଖଣ୍ଡ ଅସନ ଓ ଧଉରା କାଠ ଆସିଛି। ଏଥିରେ ୧୦ ଖଣ୍ଡ ଧଉରା ଓ ୧୭ ଖଣ୍ଡ ଅସନ କାଠ ଆସିଥିବା ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ଆସିଥିବା କାଠ ମଧ୍ୟରୁ ୧୯୩ ଖଣ୍ଡ ବଳକା ରହିଛି। ଏଥର ୬୭୨ ଖଣ୍ଡ କାଠ ଆସିବ। ଏଥିମଧ୍ୟରୁ ୨୬୬ ଖଣ୍ଡ କାଠ କଟକ ଖପୁରିଆସ୍ଥିତ ସ' ମିଲ୍ ଏବଂ ୪୦୬ ଖଣ୍ଡ କାଠ ରଥଖଳାକୁ ଆସିବ। ପୂର୍ବରୁ ରଥଖଳାକୁ ୨୮୮ ଖଣ୍ଡ କାଠ ଆସିଥିବାବେଳେ ଶନିବାର ୨୭ ଖଣ୍ଡକୁ ମିଶାଇ ମୋଟ ୩୧୫ ଖଣ୍ଡ କାଠ ଆସିଲାଣି। ବାକି ୯୧ ଖଣ୍ଡ କାଠ ପର୍ଯ୍ୟାୟ କ୍ରମେ ଆସି ପହଞ୍ଚିବ ବୋଲି ତତ୍ତ୍ୱାବଧାରକ କହିଛନ୍ତି। ତେବେ ବିଧି ଅନୁଯାୟୀ ଗତ ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯାଇଛି। କିନ୍ତୁ ଲକ୍‌ଡାଉନ ଯୋଗୁ ମେ ୩ ତାରିଖ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି।

ତେବେ ଚଳିତବର୍ଷ ରଥଯାତ୍ରାକୁନେଇ ନାନା ଚର୍ଚ୍ଚା ଚାଲିଛି। ଏ ସବୁ ଭିତରେ ରଥ ତିଆରି ଲାଗି କାଠ ଆସି ପହଞ୍ଚୁଛି। ଏହାକୁ ନେଇ ସମସ୍ତଙ୍କ ମନରେ ଏକପ୍ରକାର ଦ୍ୱନ୍ଦ୍ୱ ଉପୁଜିଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ମେକାପ କହିଛନ୍ତି, ଯେହେତୁ ମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ବନଖଣ୍ଡକୁ ଚଳିତବର୍ଷ ଆବଶ୍ୟକ ରଥକାଠ ତାଲିକା ଦିଆଯାଇଥିଲା ସେହି ମୁତାବକ କାଠ ଆସୁଛି ଏବଂ ଆଗକୁ ମଧ୍ୟ ଆସିବ। କିନ୍ତୁ ବର୍ତ୍ତମାନ ୩ ତାରିଖ ପର୍ଯ୍ୟନ୍ତ ରଥ ନିର୍ମାଣ କାମ ବନ୍ଦ ରହିଛି। ଆସନ୍ତା ୩ ତାରିଖ ପରେ ସରକାରଙ୍କ ଯେଉଁ ନିର୍ଦ୍ଦେଶ ଆସିବ ଏବଂ ମହାପ୍ରଭୁଙ୍କର ଇଚ୍ଛା ଯାହା ଥିବ ସେଇଆ ହିଁ ହେବ ବୋଲି ମେକାପ ପ୍ରକାଶ କରିଛନ୍ତି।

ଋଷିଙ୍କୁ ଝୁରିଲେ...

ଦୁଇଦଶନ୍ଧି ଧରି ବଲିଉଡ୍ ଚଳଚ୍ଚିତ୍ର ଜଗତକୁ ନିଜର ଯାଦୁକରୀ ଅଭିନୟ ବଳରେ ବାନ୍ଧି ରଖିଥିବା ଖ୍ୟାତନାମା ବଲିଉଡ୍ ଅଭିନେତା ଋଷି କପୁରଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

"ଋଷି କପୁରଙ୍କ ପରଲୋକ ଚଳଚ୍ଚିତ୍ର ଜଗତ ପାଇଁ ଏକ ବଡ଼ ଝଟ୍‌କା। ସର୍ବଦା ହସହସ ଏହି ଚିରସବୁଜ ଅଭିନେତା ଯେ ଆଉ ନାହାନ୍ତି, ତାହା ସହଜେ ବିଶ୍ୱାସ କରିହେଉନାହିଁ। ତାଙ୍କର ଦେହାନ୍ତ ଚଳଚ୍ଚିତ୍ର ଶିଳ୍ପ ପାଇଁ ବଡ଼ କ୍ଷତି। ତାଙ୍କ ଆତ୍ମାର ସଦ୍‌ଗତି ହେଉ ଏହା ହିଁ ପ୍ରାର୍ଥନା।

– ରାମନାଥ କୋବିନ୍ଦ, ରାଷ୍ଟ୍ରପତି

"ଋଷିଙ୍କ ପରଲୋକରେ ରାଷ୍ଟ୍ର ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ହରାଇବା ସହ ଚଳଚ୍ଚିତ୍ର ଶିଳ୍ପ ଏକ ଅମୂଲ୍ୟ ରତ୍ନକୁ ହରାଇଛି। ରୋମାଣ୍ଟିକ୍ ଚଳଚ୍ଚିତ୍ରରେ ଉଚ୍ଚକୋଟୀର ଅଭିନୟ ତାଙ୍କୁ ଲୋକପ୍ରିୟ କରାଇଥିଲା।

– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

"ପ୍ରତିଭାର ପାୱାର ହାଉସ୍ ଥିଲେ ଋଷି କପୁର। ଚଳଚ୍ଚିତ୍ର ଓ ଭାରତର ବିକାଶ ପ୍ରତି ସେ ଖୁବ୍ ଉତ୍ସାହୀ ଥିଲେ। ତାଙ୍କ ପରଲୋକରେ ଅତ୍ୟନ୍ତ ମ୍ରିୟମାଣ। ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଉଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

"ଋଷିକପୁରନିଜେହିଁଥିଲେଏକଅନୁଷ୍ଠାନ।ତାଙ୍କପରଲୋକରେମର୍ମାହତ। ତାଙ୍କରଦେହାନ୍ତଭାରତୀୟଚଳଚ୍ଚିତ୍ରପାଇଁଅପୂରଣୀୟକ୍ଷତି।ଅସାଧାରଣ ଅଭିନୟ ଦକ୍ଷତା ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ।

– ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

"ଋଷିଙ୍କ ବିୟୋଗ ଭାରତୀୟ ସିନେମା ପାଇଁ ଏକ ବହୁ ବଡ଼ କ୍ଷତି। ଆମେ ଜଣେ ପ୍ରଖ୍ୟାତ ଅଭିନେତା ଓ ସୁପରଷ୍ଟାରଙ୍କୁ ହରାଇଲେ। ସେ ବହୁ ସ୍ମରଣୀୟ ଫିଲ୍ମ ସହ ବଳିଷ୍ଠ ଅଭିନୟର ଛାପ ଛାଡ଼ି ଚାଲିଗଲେ। ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କର ଅଭିନୟ ଜୀବନ ପାଇଁ ସେ ସବୁବେଳେ ମନେରହିବେ।

– ପ୍ରଫେସର ଗଣେଶୀ ଲାଲ୍, ଓଡ଼ିଶା ରାଜ୍ୟପାଳ

"ଭେଟେରାନ୍ ଅଭିନେତା ଋଷି କପୁରଙ୍କ ପରଲୋକ ଖବର ମର୍ମାହତ କରିଛି। ଭାରତୀୟ ସିନେମା ଜଣେ ଆଦର୍ଶ ଅଭିନେତାଙ୍କୁ ହରାଇଛି। ଋଷି ବହୁ ସ୍ମରଣୀୟ ହିନ୍ଦୀ ଚଳଚ୍ଚିତ୍ର ସହ ନିଜ ଛାପ ଛାଡ଼ିଯାଇଛନ୍ତି। ଏଭଳି ସମୟରେ ତାଙ୍କ ପରିବାର, ବନ୍ଧୁ ପରିଜନ ଓ ପ୍ରଶଂସକଙ୍କ ପ୍ରତି ମୋର ଗଭୀର ସମବେଦନା।

– ନବୀନ ପଟ୍ଟନାୟକ, ଓଡ଼ିଶା ମୁଖ୍ୟମନ୍ତ୍ରୀ

"ଏହି ବର୍ଷୀୟାନ ଅଭିନେତା ଏକ ଚଳଚ୍ଚିତ୍ର ପରିବାରର ମର୍ଯ୍ୟାଦାଜନକ ଲିଗାସିର ମଶାଲଧାରୀ ଥିଲେ। ଚଳଚ୍ଚିତ୍ର ଜଗତକୁ ତାଙ୍କର ଅବଦାନ ସ୍ୱତନ୍ତ୍ର। ତାଙ୍କର ପରଲୋକରେ ଆମେ ଦୁଇ ପିଢ଼ିର କଳାକାରଙ୍କୁ ସଂଯୋଗ କରୁଥିବା ସେତୁକୁ ହରାଇଲୁ।

– ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

"ଋଷି କପୁରଙ୍କ ଅକସ୍ମାତ ପରଲୋକରେ ମର୍ମାହତ। ସେ ନିଜ କ୍ୟାରିୟର ମାଧ୍ୟମରେ ଦେଶର ଏକାଧିକ ପିଢ଼ିଙ୍କୁ ଆନନ୍ଦ ଦେଇଥିଲେ। ତାଙ୍କ ପରଲୋକ ଦେଶପାଇଁ ଅପୂରଣୀୟ କ୍ଷତି। ତାଙ୍କ ପରିବାରକୁ ସମବେଦନା ଜଣାଉଛି। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

– ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

"ଇର୍ଫାନ ଖାନ୍‌ଙ୍କ ପରେ ଋଷି କପୁରଙ୍କ ପରଲୋକ ଭାରତୀୟ ସିନେମା ଜଗତ ପାଇଁ ଦୁଃଖଦ ସପ୍ତାହ। ଏହି ଖ୍ୟାତନାମା ଅଭିନେତାଙ୍କର ବିଭିନ୍ନ ପିଢ଼ିରୁ ବିପୁଳ ପ୍ରଶଂସକ ରହିଛନ୍ତି। ତାଙ୍କ ଅବର୍ତ୍ତମାନ ଦେଶ ପାଇଁ ଏକ ବଡ଼ କ୍ଷତି। ତାଙ୍କ ପରିବାର ସଦସ୍ୟ, ବନ୍ଧୁ ଓ ପ୍ରଶଂସକଙ୍କୁ ସମବେଦନା ଜଣାଉଛି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

"ମୁମ୍ବାଇର ଚାମ୍ପିଅନ ସ୍କୁଲରେ ଋଷି କପୁର ଉପର ଶ୍ରେଣୀରେ ପଢୁଥିଲେ ଓ ୧୯୬୭-୬୮ରେ ଅନୁଷ୍ଠିତ ନାଟ୍ୟ ପ୍ରତିଯୋଗିତାରେ ମୁଁ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲି। ସେ ଏବେ ଆରପାରିରେ। ବବି ଚଳଚ୍ଚିତ୍ରର ରୋମାଣ୍ଟିକ୍ ହିରୋଠାରୁ ଶେଷ ଚଳଚ୍ଚିତ୍ରର ଚରିତ୍ର ଭୂମିକା ପର୍ଯ୍

ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ବଡ଼ମ୍ବା,୩୦।୪(ଡି.ଏନ.ଏ.): ସାପ କାମୁଡ଼ାରେ ଗୁରୁବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ବଡ଼ମ୍ବା ଥାନା ସାନବାରସିଂହ ଗ୍ରାମର ଆର୍ତ୍ତବନ୍ଧୁ ବେହେରା। ଆର୍ତ୍ତବନ୍ଧୁ ସକାଳ ପ୍ରାୟ ୭ଟାରେ ବିଲକୁ ଯାଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ଗ୍ରାମବାସୀ ତାଙ୍କୁ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଣିଆବନ୍ଧ ଫାଣ୍ଡି ପୋଲିସ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବଡ଼ମ୍ବା ଥାନା ପକ୍ଷରୁ ଅପମୃତ୍ୟୁ ମାମଲା (ନଂ-୪/୨୦) ରୁଜୁ କରାଯାଇଛି।

ସଂକ୍ଷେପରେ

କଟକରୁ ଫେରୁଥିବା ଶ୍ରମିକ ଉଦ୍ଧାର
୧୫୦ କି.ମି ଚାଲି ଚାଲି ଅସୁସ୍ଥ ହୋଇ ପଡ଼ିଥିଲେ

ଠାକୁରମୁଣ୍ଡା,୩୦।୪(ଡି.ଏନ୍.ଏ.): କଟକ ସିଡିଏ ଅଞ୍ଚଳରେ ରହି ଶ୍ରମିକ ଭାବରେ କାମ କରୁଥିବା ଜଣେ ୨୭ ବର୍ଷୀୟ ଆଦିବାସୀ ଯୁବକ ଲକ୍‌ଡାଉନରେ ଫସି ରହି ଶେଷରେ ଚାଲି ଚାଲି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାରେ ପହଞ୍ଚିଛନ୍ତି। ୩ ଦିନ କାଳ ଦୀର୍ଘ ୧୫୦ କି.ମି ବାଟ ଚାଲି ଚାଲି ତାଙ୍କ ପାଦ ଫୋଟକା ପଡ଼ିଯିବା ସହ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ଚାଲି ନ ପାରି ବୁଧବାର ଠାକୁରମୁଣ୍ଡା ନିକଟ ଜୁଆଳିକଟା ଛକ ନିକଟରେ ବସି ରହିଥିବା ବେଳେ ସ୍ଥାନୀୟ ପ୍ରଶାସନ ତାଙ୍କୁ ଉଦ୍ଧାର କରିଥିଲା। ଆମ୍ବୁଲାନ୍ସ ଯୋଗେ ପ୍ରଥମେ ତାଙ୍କୁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରେ ଠାକୁରମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଖୋଲାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖା ଯାଇଛି। ସମ୍ପୃକ୍ତ ଯୁବକଙ୍କ ଘର ଠାକୁରମୁଣ୍ଡା ଠାରୁ ୧୦୦ କି.ମି ଦୂର ରାଇରଙ୍ଗପୁର ଥାନା ଅଧୀନ ବଟଡୁମା ବୋଲି ଜଣାପଡ଼ିଛି।

ପିଇଓଙ୍କୁ ଗାଳିଗୁଳଜ, ମାଡ଼ ଅଭିଯୋଗ

ବିଞ୍ଜାରପୁର,୩୦।୪(ଡି.ଏନ.ଏ): କରୋନା ମୁକାବିଲା ସମୟରେ ଜଣେ କାର୍ଯ୍ୟରତ ପିଇଓଙ୍କୁ ଗାଳିଗୁଳଜ କରି ମାଡ଼ ମାରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ନେଇ ବିଞ୍ଜାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (ନଂ. ୧୩୦/୨୦) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ବିଞ୍ଜାରପୁର ବ୍ଲକ ଗୁହାଳି ପଞ୍ଚାୟତ ଡିଜି ହାଇସ୍କୁଲଠାରେ ଥିବା କ୍ୱାରାଣ୍ଟାଇନ କେନ୍ଦ୍ରରେ ନୋଡାଲ ଅଫିସରଭାବେ କାର୍ଯ୍ୟରତ ପିଇଓ ଅରୁଣ କୁମାର କର ଗୁରୁବାର ଅପରାହ୍ନରେ କାର୍ଯ୍ୟରତ ଥିଲାବେଳେ ସେହି ଗ୍ରାମର ଦାମୋଦର ସାହୁ(୪୬) ତାଙ୍କ ସହିତ ଅଯଥା ଯୁକ୍ତିତର୍କ କରିବା ସହ ଗାଳିଗୁଳଜ କରି ମାଡ଼ ମାରିଥିଲେ। ଏବଂ ପଞ୍ଚାୟତକୁ ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ପିଇଓ କର ବିଞ୍ଜାରପୁର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବିଡିଓ ମିନତି ଜଗଦେବ ବିଞ୍ଜାରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି।

୮୦ ହଜାର ଛାତ୍ରୀଛାତ୍ରଙ୍କୁ ଯୋଡ଼ିବାକୁ ଉଦ୍ୟମ

ଜଗତ୍‌ସିଂହପୁର ଅଫିସ, ୩୦।୪

ହ୍ୱାଟ୍ସଆପ୍‌ରେ ପଢ଼ିବେ ୨ୟରୁ ୧୦ମ ଶ୍ରେଣୀ ପିଲା

- ୧୦ ନୋଡାଲ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ତଥ୍ୟ ଓସେପାକୁ ଗଲା
- ଭିଡିଓ କନ୍‌ଫରେନ୍ସିଂ ଭଳି ଶିକ୍ଷାଦାନ ପାଇଁ ପ୍ରକ୍ରିୟା ଆରମ୍ଭ

ଲକ୍‌ଡାଉନ ଯୋଗୁ ପିଲାଙ୍କ ପାଠ ପଢ଼ା ପ୍ରଭାବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସରକାରୀ ଶିକ୍ଷାନୁଷ୍ଠାନର ୨ୟରୁ ୧୦ମ ଶ୍ରେଣୀ ପିଲାଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ ଶିକ୍ଷାଦାନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ମେ' ୭ ତାରିଖରୁ ଏହି ପାଠ ପଢା ଆରମ୍ଭ ହେବ। ଏ ସମ୍ପର୍କିତ ଚିଠି ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ପହଞ୍ଚିବା ପରେ ପିଲାଙ୍କୁ କିପରି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡିହେବ ସେନେଇ ଚିନ୍ତା କରାଯାଇଛି। ପ୍ରଥମେ ଜିଲାରେ ୧୦ଟି ନୋଡାଲ ବିଦ୍ୟାଳୟ ଚିହ୍ନଟ କରାଯାଇଛି। ଏହି ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକଙ୍କ ନାଁ, ହ୍ୱାଟ୍ସଆପ୍ ନମ୍ବର ଓ ଇ-ମେଲ୍ ଆଇଡି ଆଦି ଗୁରୁବାର ଓସେପା (ଓଡ଼ିଶା ସ୍କୁଲ ଏଜୁକେଶନ୍ ପ୍ରୋଗ୍ରାମ ଅଥରିଟି)କୁ ପଠାଯାଇଛି। ଏଥିସହ ଜିଲାରେ ୭ଟି ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ ପାଇଁ ପ୍ରସ୍ତୁତି ଚାଲିଛି। ଯଦି ଏହି ଅଭିଯାନ ସଫଳ ହୁଏ ତେବେ ଜିଲାର ପାଖାପାଖି ୮୦ ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ଅନ୍ୟପକ୍ଷେ ଏହାର ଆଶାଜନକ ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ସମସ୍ତ ଛାତ୍ରୀଛାତ୍ରଙ୍କ ପରିବାରରେ ଆଣ୍ଡ୍ରଏଡ୍ ମୋବାଇଲ୍ ଥିବା ଆଶା କରାଯାଉନାହିଁ। ଯେହେତୁ ସରକାରୀ ବିଦ୍ୟାଳୟରେ ଅଧିକାଂଶ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପିଲା ପଢୁଛନ୍ତି ତେଣୁ ହ୍ୱାଟ୍ସଆପ୍ ମାଧ୍ୟମରେ ଶିକ୍ଷାଦାନ ଆଶାଜନକ ସଫଳତା ମିଳି ନ ପାରେ। କିନ୍ତୁ ସରକାର ନେଇଥିବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି। ଶତ ପ୍ରତିଶତ ନ ହେଲେ ନାହିଁ, ପାଖାପାଖି ୫୦ ପ୍ରତିଶତ ସଫଳତା ମିଳିବା ଆଶା କରାଯାଉଛି। ଅନ୍ୟପକ୍ଷରେ ଆଗାମୀ ଦିନରେ ଓସେପା ଅନ୍‌ଲାଇନ୍ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଦେବ। ଏନେଇ ମାଇକ୍ରୋସଫ୍ଟ କମ୍ପାନୀ ସହ ଯୋଗାଯୋଗ କରାଯାଇ ନୂଆ ସଫ୍ଟୱେର ଅଣାଯିବା ପାଇଁ ପ୍ରକ୍ରିୟା ଚାଲିଛି। ଏହା କାର୍ଯ୍ୟକ୍ଷମ ହେଲେ ଅନ୍‌ଲାଇନ୍‌ରେ ଅର୍ଥାତ୍ ଭିଡିଓ କନ୍‌ଫରେନ୍ସିଂ ଭଳି ଶିକ୍ଷକ ଓ ପିଲାମାନେ ସଂଯୋଗ ସ୍ଥାପନ କରିପାରିବେ। ପିଲାମାନେ ସିଧାସଳଖ ଶିକ୍ଷକଙ୍କୁ ଦେଖି ପ୍ରଶ୍ନ କରି ଉତ୍ତର ପାଇପାରିବେ।

ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ସୂଚନା ଦେଇ କହିଛନ୍ତି, ଏ ସମ୍ପର୍କିତ ଚିଠି ଆସିଲା ପରେ ସେ ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନଙ୍କୁ ଚିଠି କରିଛନ୍ତି। ଖୁବଶୀଘ୍ର ୭ଟି ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରାଯିବ। ତାଙ୍କ ନେତୃତ୍ୱରେ ଗଠିତ ଗ୍ରୁପ୍‌ରେ ଡିପିସି, ବିଇଓ, ଏବିଇଓମାନେ ରହିବେ। ୨ୟ ଗ୍ରୁପ୍ ଡିପିସି କରିବେ। ତାଙ୍କ ନେତୃତ୍ୱରେ ବିଇଓ, ଏବିଇଓ, ବିଆର୍‌ସିସି, ସିଆର୍‌ସିସିଙ୍କ ସମେତ ପ୍ରଧାନଶିକ୍ଷକମାନେ ରହିବେ। ଅନୁରୂପ ଭାବେ ଗ୍ରୁପ୍ ଗଠନ ହେବ। ପିଲାଙ୍କୁ ନେଇ ପ୍ରଧାନ ଶିକ୍ଷକମାନେ ଗ୍ରୁପ୍ କରିବେ। କାରଣ ପ୍ରଧାନଶିକ୍ଷକ ଶିକ୍ଷକଙ୍କୁ ନେଇ ଗ୍ରୁପ୍ କରିବା ସହଜ। କିନ୍ତୁ ସମସ୍ତ ପିଲାଙ୍କ ହ୍ୱାଟ୍ସଆପ୍ ନମ୍ବର ସଂଗ୍ରହ କରି ଶିକ୍ଷକ ଗ୍ରୁପ୍ କରିବା ସମୟ ସାପେକ୍ଷ। ତଥାପି ଏହା ସମ୍ଭବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆଶାକରାଯାଇଛି। କୁହାଯାଇଛି, ୯ମରୁ ୧୦ମ ଶ୍ରେଣୀ ପିଲାଙ୍କ ପରିବାରରେ ପାଇଁ ବିଶେଷ ଅସୁବିଧା ହେଲାଭଳି ଲାଗୁନି। କିନ୍ତୁ ୨ୟରୁ ୮ମ ଶ୍ରେଣୀ ସମସ୍ତ ପିଲାଙ୍କ ହ୍ୱାଟ୍ସଆପ୍ ନମ୍ବର ସଂଗ୍ରହ କରିବା କଷ୍ଟକର। ତଥାପି ଛୁଟି ପୂର୍ବରୁ ବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ଅଭିଭାବକଙ୍କ ମୋବାଇଲ ନମ୍ବର ସଂଗ୍ରହ କରାଯାଇ ସରିଛି। କେବଳ ତାହା ହ୍ୱାଟ୍ସଆପ୍ କି ନୁହେଁ ନିଶ୍ଚିତ ହେବାକୁ ପଡିବ। ଜଗତ୍‌ସିଂହପୁର ଜିଲାରେ ପାଇଲଟ୍ ବେସିସ୍‌ରେ ୧୦ଟି ହାଇସ୍କୁଲକୁ ନିଆଯାଇଛି। ସେଗୁଡ଼ିକ ହେଲା ଜଗତ୍‌ସିଂହପୁରର ଏସ୍‌କେ (ଶ୍ରୀକୃଷ୍ଣ) ଏକାଡେମୀ, ବାଲିକୁଦା ହାଇସ୍କୁଲ, ପାରାଦୀପସ୍ଥିତ ଏନ୍‌ଏସି ହାଇସ୍କୁଲ, ରଘୁନାଥପୁର ବ୍ଲକର ତରିକୁନ୍ଦ ହାଇସ୍କୁଲ, ବିରିଡ଼ିର ପଞ୍ଚାୟତିରାଜ ହାଇସ୍କୁଲ, ଏରସମା ହାଇସ୍କୁଲ, କୁଜଙ୍ଗର ବନବିହାରୀ ହାଇସ୍କୁଲ, ନାଉଗାଁ ହାଟ ହାଇସ୍କୁଲ, ରଘୁନାଥପୁରର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ଏବଂ ତିର୍ତ୍ତୋଲର ମଣୀଚରଣ ସାରଳା ଏକାଡେମୀ। ସେଗୁଡ଼ିକର ଅନଲାଇନ୍ ମାଇକ୍ରୋସଫ୍ଟ ଟିମ୍ ଗଠନ ହେବ। ଏନେଇ ଅର୍ଥାତ୍ ଲଗଇନ୍ ଅନ୍ ପାଇଁ ଗୁରୁବାର ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନଙ୍କ ନାଁ, ହ୍ୱାଟ୍ସଆପ୍ ନମ୍ବର ଓ ଇମେଲ୍ ଆଇଡି ପଠାଯାଇଛି। ପରେ ଗ୍ରୁପ୍‌ଗୁଡ଼ିକ ଗଠନ ହେବ। ପିଲାମାନଙ୍କୁ ହ୍ୱାଟ୍ସଆପ୍ ଜରିଆରେ ବିଷୟ ଅନୁଯାୟୀ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଭିଡିଓ, ଅଡିଓ ଓ ପ୍ରଶ୍ନ ଆଦି ପଠାଇବେ। ପିଲାମାନେ ମଧ୍ୟ ସନ୍ଦେହ ଥିଲେ ପଚାରି ପାରିବେ। ପ୍ରତି ପିରିୟଡ୍ ୪୫ ମିନିଟ୍‌ରୁ ୧ ଘଣ୍ଟା ମଧ୍ୟରେ ରହିବ।

ଘରକୁ ଫେରିବେ ଯାଜପୁରର ୬୨ ଶ୍ରମିକ

ଜଳେଶ୍ୱର କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଜଳେଶ୍ୱର, ୩୦।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଜଳେଶ୍ୱର କ୍ୱାରାଣ୍ଟାଇନ ସେଣ୍ଟରରେ ୩୦ଦିନ ଧରି ରହିଥିବା ଯାଜପୁର ଅଞ୍ଚଳର ୬୨ଶ୍ରମିକ ଆଗାମୀ ଦୁଇ ଦିନ ମଧ୍ୟରେ ଘରକୁ ଫେରିଯିବେ। ଏ ସମ୍ପର୍କରେ ଗୁରୁବାର ବାଲେଶ୍ୱର ଜିଲା ଦାୟିତ୍ୱରେ ଥିବା ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି। ଗୁରୁବାର ଅପରାହ୍ନରେ ସଚିବ ପାଢ଼ୀ ସେମାନଙ୍କୁ ଭେଟିଥିଲେ। ସେମାନଙ୍କୁ ସରକାରୀ ଖର୍ଚ୍ଚରେ ବସ୍ ଯୋଗେ ଯାଜପୁର ଅଞ୍ଚଳକୁ ପଠାଯିବ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଶ୍ରମିକମାନେ ଖୁସି ବ୍ୟକ୍ତ କରିଛନ୍ତି। ପ୍ରମୁଖ ସଚିବ ପାଢ଼ୀଙ୍କ ସହିତ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଭେଟନାରୀ ଡାଇରେକ୍ଟର ରତ୍ନାକର ରାଉତ, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ବିଡିଓ ଦୀପ୍ତିରଞ୍ଜନ ସେଠୀ, ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୩୧ ତାରିଖ ରାତିରେ ଯାଜପୁର ଅଞ୍ଚଳର ୬୨ଜଣ ଶ୍ରମିକ ଅନ୍ୟ ରାଜ୍ୟରୁ ଫେରୁଥିବା ବେଳେ ଓଡିଶା-ପଶ୍ଚିମବଙ୍ଗ ସୀମାରୁ ସ୍ଥାନୀୟ ପ୍ରଶାସନ ଉଦ୍ଧାର କରି ଜଳେଶ୍ୱର ନୂଆବଜାରରେ ଥିବା ମୂରଲୀ କଲ୍ୟାଣ ମଣ୍ଡପ ଓ ଶୋଭା କଲ୍ୟାଣ ମଣ୍ଡପରେ ରଖି ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିଥିଲା। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ପ୍ରଚେଷ୍ଟାରେ ସେମାନଙ୍କୁ ପ୍ରଥମେ କେତେକ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ଯୋଗାଉଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ତିନି ଓଳି ଖାଦ୍ୟ ଦିଆଯାଉଛି। ସେମାନଙ୍କୁ ୧୪ଦିନ କ୍ୱାରାଣ୍ଟାଇନ୍‌ରେ ରଖିବାର ବ୍ୟବସ୍ଥା ହୋଇଛି। ଲକ୍‌ଡାଉନ ଅବଧି ବଢ଼ିଥିବାରୁ ସେମାନେ ଘରକୁ ଯାଇପାରି ନାହାନ୍ତି। ବିଭିନ୍ନ ସମୟରେ ସେମାନେ ପ୍ରଶାସନ ବିରୋଧରେ ଆନ୍ଦୋଳନ କରିବାକୁ ଧମକ ଦେଇଥିଲେ।

ବଲିଉଡ୍ ଅଭିନେତା ଋଷି କପୁରଙ୍କ ବିୟୋଗରେ ବୁଧବାର ଶ୍ରଦ୍ଧାଞ୍ଜଳି ଜଣାଇ ପୁରୀଠାରେ ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ।

ଆଜିଠାରୁ ଖୋଲିବ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

- ଉଦ୍ୟୋଗୀଙ୍କୁ ମିଳିଲା ଆଶ୍ୱସ୍ତି
- ଶ୍ରମିକ ପରିବହନ ନେଇ ଜିଲାପାଳ ଜାରି କରିବେ ଗାଇଡଲାଇନ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ରାଜ୍ୟରେ ଥିବା ସମସ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଶୁକ୍ରବାରଠାରୁ ଖୋଲିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଫଳରେ ଦୀର୍ଘ ଦେଢ଼ମାସ ହେବ ବନ୍ଦ ରହିଥିବା ଏହି ୩ ଲକ୍ଷ କ୍ଷୁଦ୍ର ଉଦ୍ୟୋଗ କାର୍ଯ୍ୟକ୍ଷମ ହେବ। ଗୁରୁବାର ଭିଡିଓକନ୍‌ଫରେନ୍ସିଂ ମାଧ୍ୟମରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଂଘର କର୍ମକର୍ତ୍ତା ଏବଂ ଏମ୍‌ଏସ୍‌ଏମ୍‌ଇ ସଚିବ, ଶିଳ୍ପ ନିର୍ଦ୍ଦେଶକ, ଇପିକଲ ଏମ୍‌ଡିଙ୍କ ମଧ୍ୟରେ ଆଲୋଚନା ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଶ୍ରମିକ ପରିବହନ ସମସ୍ୟା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଶ୍ରମିକମାନେ ଯେପରି ନିର୍ଦ୍ୱନ୍ଦ୍ୱରେ ଯିବା ଆସିବା କରିପାରିବେ ସେ ନେଇ ଖୁବ୍‌ଶୀଘ୍ର ଏକ ଗାଇଡ୍ ଲାଇନ ଜାରି କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ଆଶ୍ୱସ୍ତି ଲାଭ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଅଣ ପଞ୍ଜୀକୃତ ଓ ୭୫ ହଜାର ପଞ୍ଜୀକୃତ ଉଦ୍ୟୋଗ ରହିଛି। ରାଜ୍ୟ ସରକାର ପୂର୍ବରୁ କେବଳ ୭ ହଜାର ପଞ୍ଜୀକୃତ ଉଦ୍ୟୋଗଗୁଡ଼ିକୁ ଖୋଲିବାକୁ ଅନୁମତି ଦେଇଥିଲେ। ତେବେ ସମସ୍ତ ଉଦ୍ୟୋଗ ଏବେ ଖୋଲାଯାଇପାରିବ ବୋଲି ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଏମ୍‌ଏସ୍‌ଏମ୍‌ଇ ବିଭାଗ ଟୁଇଟର ସ୍ଥାଣୁ

ସୂଚନା ନ ପାଇ ଉଦ୍ୟୋଗୀ ହତାଶ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣ ରୋକିବାକୁ କେନ୍ଦ୍ର ସରକାର ଦୁଇଟି ପର୍ଯ୍ୟାୟରେ ମାର୍ଚ୍ଚ ୨୪ରୁ ମେ ୩ ଯାଏ ସମଗ୍ର ଦେଶକୁ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହାକୁ ନେଇ ରାଜ୍ୟର ୩ ଲକ୍ଷରୁ ଊର୍ଦ୍ଧ୍ୱ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପଟେ ୧୦ମାସ ହେଲା ଏମ୍‌ଏସ୍‌ଏମ୍‌ଇ ବିଭାଗ ଟୁଇଟର ସ୍ଥାଣୁ ପାଲଟିଛି। ଫଳରେ ଏପରି ପ୍ରତିକୂଳ ସମୟରେ କୌଣସି ସୂଚନା ମିଳିପାରୁନାହିଁ, ଯାହାକୁ ନେଇ ହତାଶ ହୋଇପଡ଼ିଛନ୍ତି ଉଦ୍ୟୋଗୀ।

ଲକ୍‌ଡାଉନ ବେଳେ ସାମାଜିକ ଗଣମାଧ୍ୟମ ଯୋଗାଯୋଗର ସହଜ ବାଟ ହୋଇଛି। ଶୀଘ୍ର ଓ ସହଜରେ ସୂଚନା ପହଞ୍ଚାଇବାର ବଳିଷ୍ଠ ମାଧ୍ୟମ ପାଲଟିଛି ଟୁଇଟର। ଲକ୍‌ଡାଉନ ସମୟରେ ସମସ୍ତ ବିଭାଗ ନିଜ ଟୁଇଟର ଆକାଉଣ୍ଟଗୁଡ଼ିକୁ ଅପଡେଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାରଙ୍କର କେତେକ ବିଭାଗ ଏହି ନିର୍ଦ୍ଦେଶନାମାକୁ ଅଣଦେଖା କରିଚାଲିଛନ୍ତି। ଏମ୍‌ଏସ୍‌ଏମ୍‌ଇ ବିଭାଗର ଟୁଇଟର ଆକାଉଣ୍ଟ ୧୦ମାସ ହେଲା ଅଚଳ ହୋଇ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା, ଏମ୍‌ଏସ୍‌ଏମ୍‌ଇ ବିଭାଗ ଶେଷ ଥର ଲାଗି ୨୦୧୯ ଜୁନ୍ ୨୭ରେ ନିଜ ଅଫିସିଆଲ ଟୁଇଟରରେ କିଛି ସୂଚନା ଦେଇଥିଲା। ୨୦୨୦ ଏପ୍ରିଲ ୩୦ ସୁଦ୍ଧା ଏହାକୁ ଅପ୍‌ଡେଟ୍ କରାଯାଇନାହିଁ। ଫଳରେ ୧୦ମାସ ତଳର ପୁରୁଣା ସୂଚନା ହିଁ ଦେଖିବାକୁ ମିଳୁଛି। ଲକ୍‌ଡାଉନ କଟକଣା ବେଳେ ସରକାର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ କ'ଣ ପଦକ୍ଷେପ ନେଉଛନ୍ତି ସେ ନେଇ ବିଭାଗ ପକ୍ଷରୁ କିଛି ସୂଚନା ମିଳୁ ନ ଥିବାରୁ ଶିକ୍ଷିତ ଯୁବ ଉଦ୍ୟୋଗୀମାନେ ହତାଶ ହୋଇପଡିଛନ୍ତି।

ଏ ନେଇ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଂଘର ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି, ଟୁଇଟର ଅଚଳ ହେବା ଯୋଗୁ ଉଦ୍ୟୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ଉଦ୍ୟୋଗୀଙ୍କୁ ଫୋନ୍ ଯୋଗେ ସମସ୍ତ ସୂଚନା ଦେବାକୁ ପଡୁଛି। ଉଦ୍ୟୋଗୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଟୁଇଟର ମାଧ୍ୟମରେ ଜଣାଇପାରୁ ନାହାନ୍ତି। ଟୁଇଟର କାର୍ଯ୍ୟକ୍ଷମ କରିବାକୁ ବାରମ୍ବାର କହି ଆସୁଥିଲେ ମଧ୍ୟ ତାହାକୁ ସଚଳ କରାଯାଉ ନାହିଁ। ଦୁରନ୍ତ ସମସ୍ୟା ସମାଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

ଗହୀର ମଝିରୁ ହରିଆଙ୍କୁ ଉଦ୍ଧାର କଲା ପ୍ରଶାସନ

ମହାକାଳପଡା, ୩୦।୪ (ଡି.ଏନ୍.ଏ.)

୧୦ହଜାର ଟଙ୍କା ପାଇଁ ବନ୍ଧା ପଡ଼ିଛି ଶୈଶବ

ହରିଆ ମୁଣ୍ଡା। ବୟସ ୯ବର୍ଷ। ଯେଉଁ ବୟସରେ ପାଠ ପଢ଼ି ବଡ଼ ମଣିଷ ହେବାର ଆଶା ଆଖିରେ ଉଙ୍କି ମାରିବା କଥା, ସେଇ ବୟସରେ ସେ ଘୁଷୁରି ପଲ ସହ ପା

ସଂକ୍ଷେପରେ

ପଞ୍ଜୀକୃତ ହେଲେ ୬୩୬ ପ୍ରବାସୀ ଓଡ଼ିଆ ଟାର୍ଗେଟ୍ ୧ ହଜାର ୪୯୬

ବୈପାରୀଗୁଡ଼ା,୩୦।୪(ଡି.ଏନ୍.ଏ.): ଆସନ୍ତା ୩ ତାରିଖ ଲକ୍‌ଡାଉନ ଅବଧି ଶେଷ ହେବାକୁ ଥିବାବେଳେ ରାଜ୍ୟ ବାହାରେ ଫସିଥିବା ଓଡ଼ିଆ ଲୋକଙ୍କୁ ଫେରାଇ ଆଣିବା ପାଇଁ ପ୍ରଶାସନିକ ଅଭିଯାନ ଚାଲିଛି। ବୈପାରୀଗୁଡ଼ା ବ୍ଲକରେ ଏ ନେଇ ଏକ ସର୍ବେକ୍ଷଣ ପରେ ୧ ହଜାର ୪୯୬ ଜଣ ପ୍ରବାସୀ ଓଡିଆ ଥିବା ଜଣାପଡ଼ିଥିଲା। ଏବେ ସେମାନଙ୍କ ଆବେଦନକୁ ଅନଲାଇନରେ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଥିବାବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ୬୩୬ ଜଣ ପଞ୍ଜୀକୃତ ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ କବି ଶତପଥୀ ପ୍ରକାଶ କରିଛନ୍ତି। ଯେଉଁମାନଙ୍କ ଆଧାର କାର୍ଡ ଓ ଫୋନ୍ ନମ୍ବର ନ ଥିବ, ସେମାନଙ୍କୁ ଏଥିରୁ ବାଦ୍ ଦିଆଯିବ। ସେହିପରି ବ୍ଲକ ବାହାରକୁ ଯାଇ ରାଜ୍ୟ ଭିତରେ ଥିବା ୧୯୨ ଜଣ ଲୋକଙ୍କୁ ମଧ୍ୟ ଫେରାଇ ଆଣିବାର ବ୍ୟବସ୍ଥା କରାଯାଉଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି। ଫେରିବା ପରେ ସେମାନଙ୍କୁ ୨ ସପ୍ତାହ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ରଖାଯିବ। ତେବେ ପୂର୍ବରୁ ୫୩୪ ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବା ପାଇଁ ୧୪ଟି କେନ୍ଦ୍ର ଥିବାବେଳେ ଏବେ ଆବଶ୍ୟକତାକୁ ଦେଖି ନୂତନ ଭାବେ ୨୫ଟି ଅତିରିକ୍ତ କେନ୍ଦ୍ର ଖୋଲାଯାଇଥିବା ସେ ପ୍ରକାଶ କରିଛନ୍ତି।

ବାର୍‌ହା ମାରି ମାଂସ ଭାଗ ସମୟରେ ଚଢ଼ାଉ କଟା ମାଂସ, ୨ ବାଇକ୍ ଜବତ

ସୋନପୁର,୩୦।୪(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଲଛିପୁର ଫରେଷ୍ଟ ସେକ୍ସନ ଅନ୍ତର୍ଗତ ମୟୂରଉଡାନ ଗ୍ରାମ୍ୟ ଜଙ୍ଗଲ ଅଞ୍ଚଳରୁ ବନ ବିଭାଗ ଗୁରୁବାର ୮ କିଲୋ ବାର୍‌ହା ମାଂସ ଜବତ କରିଛି। କେତେକ ଲୋକ ବାର୍‌ହା ମାରି ମାଂସ ଭାଗ କରୁଥିଲେ। ସୂଚନା ପାଇ ଲଛିପୁର ବନପାଳ ବାବାଜୀ ନାଏକଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ବନ ବିଭାଗ ଗାଡି ଦେଖି ଅଭିଯୁକ୍ତମାନେ ବାଇକ୍, କଟା ମାଂସ ଓ ମୋବାଇଲ ଛାଡି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ବାର୍‌ହା ମୁଣ୍ଡ, ୮ କିଲୋ ମାଂସ, ୨ଟି ବାଇକ୍ ନଂ ଓଆର୍‌ଓ୩ଏଚ-୫୦୫୯ ଓ ଓଡି୩୧ଏ-୦୬୦୮, ଗୋଟିଏ କମ୍ପ୍ୟୁଟର ଓଜନ ମେଶିନ, ବଟକରା, ୨ଟି ଟାଙ୍ଗିଆ, ୨ଟି ଛୁରି, ୨ଟି କଟୁରି, ୨ଟି ପନିକି ଏବଂ ଗୋଟିଏ ମୋବାଇଲ ଜବତ ହୋଇଛି। ବନ ବିଭାଗ ଜବତ ମାଂସକୁ ସୋନପୁର ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ସଂଗ୍ରହ କରାଯାଇଥିବା ମାଂସ ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଓଡିଶା ପ୍ରାଣୀ ମହାବିଦ୍ୟାଳୟ(ବନ୍ୟ ଜନ୍ତୁ ସ୍ୱାସ୍ଥ୍ୟ)କୁ ପଠାଯିବ। ମାଂସ ଓ ମୁଣ୍ଡକୁ ଗାତଖୋଳି ବନ ବିଭାଗର ନର୍ସରୀରେ ପୋତି ଦିଆଯାଇଛି। ବାର୍‌ହାଟି ୨ ବର୍ଷର ହୋଇଥିବା ବେଳେ ବାଟହୁଡି ଜଙ୍ଗଲ ଭିତରୁ ଚାଲି ଆସିଥିଲା। କୁକୁର ଲଗାଇ କେତେକ ଲୋକ ତାକୁ ମାରିଥିବା ଅନୁମାନ କରାଯାଉଛି। ସୋନପୁର ବନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

ଉଚ୍ଚସ୍ତରୀୟ ଟିମ୍‌ର ତଦନ୍ତ ଆରମ୍ଭ

ବଲାଙ୍ଗୀର ଅଫିସ/ପାଟଣାଗଡ, ୩୦।୪ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ତମିଆଁ-ମୁଦଲସର ସୁକ୍‌ତେଲ ନଦୀ ବ୍ରିଜ୍ ଗତ ବୁଧବାର ସକାଳେ ମରାମତି ବେଳେ ଭୁଶୁଡି ପଡିଥିଲା। ଭାଙ୍ଗି ଯାଇଥିବା ବ୍ରିଜ୍ ସ୍ଲାବ୍ ତଳେ ଚାପି ହୋଇ ୨ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିଲେ। ବ୍ରିଜ୍ ଭୁଶୁଡିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଭୁବନେଶ୍ୱରରୁ ଦୁଇଜଣିଆ ଉଚ୍ଚସ୍ତରୀୟ ତଦନ୍ତକାରୀ ଟିମ୍ ବଲାଙ୍ଗୀର ଆସି ପହଞ୍ଚିଛନ୍ତି। ଏହି ଟିମ୍‌ରେ ଓଡିଶା ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ସତ୍ୟଜିତ୍ ଚକ୍ରବର୍ତ୍ତୀ ଓ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ବ୍ରିଜ୍) ହେମନ୍ତ କୁମାର ଦତ୍ତ ଅଛନ୍ତି। ଉଭୟେ ବଲାଙ୍ଗୀରରେ ପହଞ୍ଚିବା ପରେ ଘଟଣାସ୍ଥଳକୁ ଯାଇ କେଉଁ ପରିସ୍ଥିତିରେ ବ୍ରିଜ୍ ଭୁଶୁଡି ପଡିଲା ଅନୁଧ୍ୟାନ କରିଥିଲେ। ଏହି ଦୁଇ ଅଧିକାରୀଙ୍କ ସହ ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଇ କାଳୀପ୍ରସାଦ ମହାକୁଡ ଓ ପାଟଣାଗଡ ନିର୍ବାହୀ ଯନ୍ତ୍ରୀ ଏଣ୍ଟିନୋ କିଶାନ ଉପସ୍ଥିତ ଥିଲେ। ତଦନ୍ତକାରୀ ଟିମ୍ ବ୍ରିଜ୍ ଉପରକୁ ଯାଇ ଭାଙ୍ଗି ଯାଇଥିବା ସ୍ଥାନ୍ ଅନୁଧ୍ୟାନ କରିଥିଲେ। ସେଠାରେ ଉପସ୍ଥିତ ଆଖପାଖ ଗାଁର ଲୋକେ ନିମ୍ନମାନର କାମ ଯୋଗୁ ବ୍ରିଜ୍ ଭୁଶୁଡି ପଡିଥିବା ଅଭିଯୋଗ କରି ବିଭାଗୀୟ ଯନ୍ତ୍ରୀ, ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ଦୁଇ ତଦନ୍ତକାରୀ ଅଧିକାରୀ ସୁକ୍‌ତେଲ ବ୍ରିଜ୍ ଭୁଶୁଡିବା ଘଟଣା ଉପରେ ସବିଶେଷ ଅନୁଧ୍ୟାନ କରିଛନ୍ତି। ଭୁବନେଶ୍ୱର ଫେରିଲା ପରେ ସେମାନେ ରିପୋର୍ଟ ପ୍ରଦାନ କରିବେ ଓ ଏହାପରେ ସରକାର ବିଧିବଦ୍ଧ ପଦକ୍ଷେପ ନେବେ ବୋଲି କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନେ ଏହି ତଦନ୍ତକାରୀ ଅଧିକାରୀଙ୍କୁ ପ୍ରଶ୍ନ କରିବାରୁ ସେମାନେ କହିଛନ୍ତି, କିଛି ଦିନ ପୂର୍ବରୁ ଏହି ବ୍ରିଜ୍‌ର ୪ର୍ଥ ସ୍ଥାନ୍ ପାଖରେ ଫାଟ ସୃଷ୍ଟି ହୋଇଥିଲା। ଏହାପରେ ବିଭାଗ ପକ୍ଷରୁ ଦିଲ୍ଲୀରୁ ଜଣେ ଏକ୍ସପର୍ଟଙ୍କୁ ଆଣି ବ୍ରିଜ୍‌ର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ସେହି ଏକ୍ସପର୍ଟ ବ୍ରିଜ୍‌ର ଚତୁର୍ଥ ସ୍ଥାନ୍‌ରେ ଫାଟ ଥିବା ଦର୍ଶାଇ ଏହାକୁ ଭାଙ୍ଗି ନୂଆ କରି ତିଆରି କରିବାକୁ ପଡିବ ବୋଲି କହିଥିଲେ। ଏଣୁ ଯେଉଁ ଠିକାଦାର ଏହି ବ୍ରିଜ୍ ତିଆରି କରିଥିଲେ ତାଙ୍କୁ ଦଣ୍ଡସ୍ୱରୂପ ସେଠାରେ ନୂଆ ସ୍ଥାନ୍ ତିଆରି କରିବାକୁ କୁହାଯାଇଥିଲା। ଏହି ଘଟଣା ଉପରେ ବିଭାଗ ଅବଗତ ଥିଲା। ତେବେ ସ୍ଥାନ୍ ଭାଙ୍ଗିଲାବେଳେ ଯେଉଁ ପଦ୍ଧତିରେ ତଳେ ସେଣ୍ଟିଂ ପ୍ରସ୍ତୁତ ହେବା କଥା ତାହା ହୋଇ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ଦତ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କାହାର ଅବହେଳା ପାଇଁ ଏହି ଦୁର୍ଘଟଣା ଘଟିଲା ସେନେଇ ତଦନ୍ତ ସମ୍ପୂର୍ଣ୍ଣ ପରେ ସରକାରଙ୍କୁ ସବିଶେଷ ରିପୋର୍ଟ ଦେବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୪ରେ ତମିଆଁ-ମୁଦଲସର ସୁକ୍‌ତେଲ ନଦୀ ବ୍ରିଜ୍ କାମ ଆରମ୍ଭ ହୋଇଥିଲା। ପ୍ରାୟ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ବ୍ରିଜ୍ କାମ ନିର୍ଦ୍ଧାରିତ ସମୟ ପୂର୍ବରୁ ୨୦୧୫ ଜୁଲାଇରେ ଶେଷ ହୋଇଥିଲା। ଏଥିପାଇଁ ଠିକା ସଂସ୍ଥା ରାମକୁମାର ଅଗ୍ରୱାଲ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡକୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ସୁକ୍‌ତେଲ ବ୍ରିଜ୍ ଭୁଶୁଡିବା ଘଟଣା

ଭୁବନେଶ୍ୱରରୁ ଆସିଥିବା ଦୁଇଜଣିଆ ଉଚ୍ଚସ୍ତରୀୟ ତଦନ୍ତକାରୀ ଟିମ୍ ଭୁଶୁଡି ପଡିଥିବା ସୁକ୍‌ତେଲ ବ୍ରିଜ୍ ବୁଲି ଦେଖୁଛନ୍ତି।

- ଦିନକ ପରେ ସରକାରଙ୍କୁ ଦେବେ ରିପୋର୍ଟ
- ବ୍ରିଜ୍ ଭାଙ୍ଗିବା ପଦ୍ଧତି ଭୁଲ୍ ଥିବାରୁ ଘଟିଲା ଦୁର୍ଘଟଣା
- ଠିକାସଂସ୍ଥାକୁ ଦଣ୍ଡ ସ୍ୱରୂପ ଦିଆଯାଇଥିଲା ସ୍ଥାନ୍ ପୁନଃ ତିଆରି କାମ

୨୬ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ଚିହ୍ନଟ କରାଯାଇଛି: ଜିଲାପାଳ

ମାଲକାନଗିରି,୩୦।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାକୁ ଯେଉଁ ଶ୍ରମିକମାନେ ରାଜ୍ୟ ବାହାରୁ ଫେରୁଛନ୍ତି ସେମାନଙ୍କୁ ପରୀକ୍ଷା କରାଯିବା ପରେ ସଙ୍ଗରୋଧ ଗୃହରେ ରଖାଯାଉଛି। ଲକ୍‌ଡାଉନ କଟକଣା ପ୍ରତ୍ୟାହାର ପରେ ବାହାର ରାଜ୍ୟରେ କାର୍ଯ୍ୟ କରୁଥିବା ଜିଲାର ୧୬ ହଜାର ଶ୍ରମିକ ଜିଲାକୁ ଆସିବାର ସମ୍ଭାବନା ରହିଛି। ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବାକୁ ବର୍ତ୍ତମାନ ସୁଦ୍ଧା ୯ହଜାର କେନ୍ଦ୍ର ପ୍ରସ୍ତୁତ ହୋଇସାରିଲାଣି। ଅବଶିଷ୍ଟ କେନ୍ଦ୍ର ପାଇଁ ପ୍ରସ୍ତୁତି ଚାଲିଛି ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଜିଲାରୁ ୭ଶହରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଇଯାଇଥିଲା। ସେଥିରୁ ୫୯୧ ଜଣଙ୍କ ରିପୋର୍ଟ ନେଗେଟିଭ ବାହାରିଛି। ଅବଶିଷ୍ଟ ରିପୋର୍ଟ ଆସିନାହିଁ। ପଶ୍ଚିମବଙ୍ଗରୁ ଫେରିଥିବା ୨୬ ଜଣ ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଏମାନେ ଜିଲାକୁ ୨୮ ଦିନ ହେଲା ଆସି ରହିଛନ୍ତି। ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇଛି ବୋଲି ଜିଲାପାଳ କହିଛନ୍ତି।

୪୦ ବିହାରୀ ଶ୍ରମିକ ଉଦ୍ଧାର

ଉଦ୍ଧାର ହୋଇଥିବା ଶ୍ରମିକମାନେ।

ଓଡ଼ାପଡ଼ା, ୩୦।୪(ଡି.ଏନ.ଏ.)

- ଓଡ଼ାପଡ଼ାରୁ ଟ୍ରେଲରରେ ଘରକୁ ଯାଉଥିଲେ
- ଉଦ୍ଧାର କଲା ପୋଲିସ, ଡ୍ରାଇଭର ଅଟକ

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ହିନ୍ଦୋଳ ରୋଡ୍ ଛକରୁ ଗୁରୁବାର ୪୦ଜଣ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି। ସମ୍ପୃକ୍ତ ଶ୍ରମିକମାନେ ଏକ ଟ୍ରେଲର (ନଂ. ଆର୍‌ଜେ ୦୨ ଜିବି ୪୧୦୨)ରେ ବେଆଇନ ଭାବେ ବସି ବିହାରସ୍ଥିତ ନିଜ ଘରକୁ ଯାଉଥିଲେ। ଏ ନେଇ ନଂ. ୯୪/୨୦, ଦଫା ୨୭୯, ୨୭୦ ଓ ଏପିଡେମିକ୍ ଡିଜିଜେସ୍ ଆକ୍ଟର ଧାରା-୩ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଗାଡ଼ି ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୭ ତାରିଖରେ ଟାଟାଷ୍ଟିଲ୍ ଏଥିସହ ଶ୍ରମିକମାନଙ୍କୁ ସେମାନେ ବିଏସ୍‌ଏଲ କମ୍ପାନୀରୁ ଲୁହା ପ୍ଲେଟ୍ ନେଇ ଉକ୍ତ ଟ୍ରେଲର ଉତ୍ତର ପ୍ରଦେଶ ଅଭିମୁଖେ ବାହାରିଥିଲା। ବିଆର୍‌ଜି ଛକ ନିକଟରେ ସମ୍ପୃକ୍ତ ୪୦ଜଣ ଶ୍ରମିକ ଡ୍ରାଇଭରକୁ ହାତକରି ଟ୍ରେଲରରେ ବସିଥିଲେ। ତେବେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଜାମଶୋଲା ଚେକ୍‌ପୋଷ୍ଟରେ ମୁତୟନ କର୍ମଚାରୀମାନେ ଟ୍ରେଲରକୁ ଧରିଥିଲେ। ବେଆଇନ ଭାବେ ଶ୍ରମିକଙ୍କୁ ନିଆଯାଉଥିବାରୁ ଟ୍ରେଲରକୁ ସୀମା ପାର କରିବାକୁ ଅନୁମତି ମିଳି ନ ଥିଲା। ରହୁଥିବା କମ୍ପାନୀ ନିକଟରେ ଛାଡ଼ିଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଟ୍ରେଲରଟି ଶ୍ରମିକଙ୍କୁ ଧରି ଫେରୁଥିବାବେଳେ ଗୁରୁବାର ଅପରାହ୍ନ ୨ଟାରେ ହିନ୍ଦୋଳ ରୋଡ ବଜାର ନିକଟରେ ଅଞ୍ଚଳବାସୀ ଅଟକାଇ ପୋଲିସକୁ ଖବର ଦେଇଥିଲେ। ମୋଟଙ୍ଗା ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ହିନ୍ଦୋଳ ରୋଡ୍ ଫାଣ୍ଡି ଅଧିକାରୀ ଅକ୍ଷୟ କୁମାର ଦାସ ସଦଳବଳ ଗାଡ଼ି ଜବତ କରିବା ସହ ଶ୍ରମିକଙ୍କୁ ସେମାନେ କାର୍ଯ୍ୟ କରୁଥିବା କମ୍ପାନୀକୁ ପଠାଇ ଦେଇଥିଲେ।

ଅଲଟ୍ରାସାଉଣ୍ଡ ମେଶିନ ସିଲ୍ କଲା ସ୍ୱାସ୍ଥ୍ୟ ବିଭାଗ

ଲୋଇସିଂହା, ୩୦।୪(ଡି.ଏନ.ଏ):

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ଘରୋଇ କ୍ଲିନିକର ଅଲଟ୍ରାସାଉଣ୍ଡ ମେଶିନକୁ ସ୍ଥାନୀୟ ପ୍ରଶାସନ ତରଫରୁ ଗୁରୁବାର ସିଲ୍ କରାଯାଇଛି। ଗୁରୁବାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଲୋଇସିଂହା ଅତିରିକ୍ତ ହତସିଲଦାର ଦିବାକର ବାରିକ, ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧକରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ଆର୍‌ଏସ୍‌ପିରେ ଗ୍ୟାସ୍ ଲିକ୍, ୩ ଅସୁସ୍ଥ

ରାଉରକେଲା ଅଫିସ,୩୦।୪

ରାଉରକେଲା ଇସ୍ପାତ୍ କାରଖାନା (ଆରଏସ୍‌ପି) ସିପିପି-୧ରେ ଗୁରୁବାର ସକାଳେ ଗ୍ୟାସ୍ ଲିକ୍ ଯୋଗୁ ଜଣେ ଯନ୍ତ୍ରୀଙ୍କ ସମେତ ୩ କର୍ମଚାରୀ ଅସୁସ୍ଥ ହୋଇ ପଡିଛନ୍ତି। ସେମାନଙ୍କୁ ରାଉରକେଲା ଇସ୍ପାତ୍ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ୨ଜଣ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ଜଣଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଛି। ତେବେ କେଉଁ କାରଣରୁ ଗ୍ୟାସ୍ ଲିକ୍ ହେଲା ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ କର୍ତ୍ତୃପକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅସୁସ୍ଥଙ୍କ ଚିକିତ୍ସା ନିମନ୍ତେ ୩ ଜଣିଆ ଡାକ୍ତରୀ ଟିମକୁ ନିୟୋଜିତ କରାଯାଇଛି। ଆଇସିୟୁରେ ଥିବା ୨ ଅସୁସ୍ଥ ବିପଦମୁକ୍ତ ଥିବା ଜଣାପଡିଛି। ଏହି ଘଟଣାକୁ ନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

କୋଟାରୁ ଫେରୁଛନ୍ତି ୧୬୬ ଛାତ୍ରୀଛାତ୍ର

ରାଉରକେଲା ଅଫିସ/ଝାରସୁଗୁଡ଼ା ଅଫିସ, ୩୦।୪

କୋଟାରେ ଛାତ୍ରୀଛାତ୍ରମାନେ ନାମ ପଞ୍ଜୀକରଣ କରୁଛନ୍ତି।

ରାଜସ୍ଥାନ କୋଟାରେ ଫସି ରହିଥିବା ରାଉରକେଲା ଏବଂ ଝାରସୁଗୁଡ଼ା ଜିଲାର ମୋଟ୍ ୧୬୬ ଛାତ୍ରୀଛାତ୍ର ଫେରୁଛନ୍ତି। ରାଉରକେଲାର ୧୧୬ଜଣ ଗୁରୁବାର ୪ଟି ବସ୍‌ରେ ସେଠାରୁ ବାହାରିଛନ୍ତି। ଶୁକ୍ରବାର ସୁଦ୍ଧା ସେମାନେ ରାଉରକେଲାରେ ପହଞ୍ଚିବେ। ସେହିପରି ଝାରସୁଗୁଡ଼ାର ୫୦ ଛାତ୍ରୀଛାତ୍ର ଶୁକ୍ରବାର ସକାଳୁ ସେଠାରୁ ବାହାରିବେ ବୋଲି ସୂଚନା ମିଳିଛି।

ଗୁରୁବାର ରାଜସ୍ଥାନରୁ ବାହାରିଥିବା ଏହି ୪ଟି ବସ୍ ମଧ୍ୟପ୍ରଦେଶ, ଛତିଶଗଡ, ସମ୍ବଲପୁର ଓ ଝାରସୁଗୁଡ଼ା ଦେଇ ରାଉରକେଲାରେ ପହଞ୍ଚିବ। କୋଟା ଲ୍ୟାଣ୍ଡମାର୍କ ସିଟିରୁ ବାହାରିଥିବା ଏହି ବସକୁ ସାନିଟାଇଜ କରାଯିବା ସହ ଛାତ୍ରୀଛାତ୍ରଙ୍କୁ ସ୍କ୍ରିନିଂ କରାଯାଇ ଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ କିଛି ଅଭିଭାବକଙ୍କୁ ନେଇ ବସ୍ ସେଠୁ ଛାଡିଥିଲା। ଛାତ୍ରୀଛାତ୍ରୀ ନିଜ ଖର୍ଚ୍ଚରେ ସେଠାରୁ ଫେରୁଥିବା ବେଳେ ଉଭୟ ରାଜ୍ୟ ସରକାର ଏ ନେଇ କେବଳ ଅନୁମତି ପ୍ରଦାନ କରିଛନ୍ତି। ବସ୍ ଏଠାରେ ପହଞ୍ଚିବା ପରେ ଛାତ୍ରୀଛାତ୍ରଙ୍କୁ ସ୍କ୍ରିନିଂ କରାଯାଇ କ୍ୱାରାଣ୍ଟାଇନରେ ରଖାଯିବ। ଏ ନେଇ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଏହାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଯେ ଗତ କିଛି ଦିନ ହେବ ଛାତ୍ରୀଛାତ୍ରଙ୍କ ଫେରିବା ନେଇ କେତେକ ଅଭିଭାବକ ଜିଲା ପ୍ରଶାସନ ସହ ଯୋଗାଯୋଗରେ ରହିଥିଲେ। ଗତ ସପ୍ତାହରେ ରାଉରକେଲା ଏଡିଏମ ଆବୋଲି ସୁନୀଲ ନରୱେଣେଙ୍କୁ ଭେଟି ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବାକୁ ଅଭିଭାବକମାନେ ନିବେଦନ ମଧ୍ୟ କରିଥିଲେ। ଏହାକୁ ନେଇ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏକ ଖବରଦାତା ସମ୍ମିଳନୀରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ମଧ୍ୟ କରିଥିଲେ।

ସେହିପରି ଝାରସୁଗୁଡା ଜିଲାର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କୋଟାରେ ଫସି ରହିଥିଲେ। ସେମାନେ ବିଭିନ୍ନ କୋଚିଂ ପାଇଁ ସେଠାକୁ ଯାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ରାଜସ୍ଥାନ ସରକାରଙ୍କ ସହିତ ଆଲୋଚନା କରାଯାଇ ସେମାନଙ୍କ ଫେରିବା ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ଦୁଇଟି ସ୍ୱତନ୍ତ୍ର ବସରେ ସେମାନେ ଶୁକ୍ରବାର ସକାଳୁ ସେଠାରୁ ବାହାରିବେ। ଏଠାରେ ପହଞ୍ଚିବା ପରେ ସେମାନଙ୍କୁ ବେଲପାହାଡ କଲେଜସ୍ଥିତ ଏକ ହଷ୍ଟେଲରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯିବା ନେଇ ବ୍ୟବସ୍ଥା କରାଯାଇଛି।

ମାଲକାନଗିରି ଜିଲାରେ ପଶିଲେ ବାଲେଶ୍ୱର ଯୁବକ

କୋରୁକୋଣ୍ଡା,୩୦।୪(ଡି.ଏନ.ଏ.)

- ଲକ୍‌ଡାଉନ ପୂର୍ବରୁ ନାଇଜେରିଆରୁ ଆସିଥିଲେ ବାଲେଶ୍ୱର
- ଶ୍ୱଶୁରଘର ଲୋକଙ୍କୁ ସଙ୍ଗରୋଧରେ ରଖିବାକୁ ଦାବି
- କଟକଣା ସତ୍ତ୍ୱେ କିପରି ଗଲେ ଏତେ ବାଟ

ସାରା ଦେଶରେ ଲକ୍‌ଡାଉନ ଯୋଗୁ ଯାନବାହନ ଚଳାଚଳ ବନ୍ଦ ରହିଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ମଧ୍ୟ କଡ଼ାକଡ଼ି ଯାଞ୍ଚ କରାଯାଉଛି। ତଥାପି ଲୋକେ ବିନା ପାସ୍‌ରେ ଗୋଟିଏ ଜିଲାରୁ ଅନ୍ୟ ଜିଲାରେ ପ୍ରବେଶ କରୁଛନ୍ତି। ବୁଧବାର ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସି ଅଞ୍ଚଳରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ବିନା ପାସ୍‌ରେ ଜଣେ ଯୁବକ ସୁଦୂର ବାଲେଶ୍ୱରରୁ ଆସି ମାଲକାନଗିରି ଜିଲା ବାଲିମେଳାରେ ପହଞ୍ଚିଛନ୍ତି। ଖବର ପାଇ ସ୍ଥାନୀୟ ପ୍ରଶାସନ ତାଙ୍କୁ ଆଣି ସଙ୍ଗରୋଧରେ ରଖିଛି। ଏହି ଯୁବକ ଜଣକ ବାଲିମେଳା ଏନ୍‌ଏସି ଅଧୀନ ୭ ନମ୍ବର ୱାର୍ଡର ଜଣେ ଶିକ

ରୋମାଣ୍ଟିକ୍ ଋଷି

ଟିନ୍ ଏଜ୍ ଲଭ୍‌ଷ୍ଟୋରି ଫିଲ୍ମ 'ବବି'ର ନାୟକ ସାଜିଥିଲେ ଋଷି। ଏଇଠୁ ଆରମ୍ଭ ହୋଇଥିଲା ତାଙ୍କର ରୋମାଣ୍ଟିକ୍ ଅଭିନୟ ଯାତ୍ରା। ପରବର୍ତ୍ତୀ ସମୟରେ ବହୁ ଫିଲ୍ମରେ ପ୍ରେମ ଓ ଭଲପାଇବା ବାଣ୍ଟିବା ପରେ ଚରିତ୍ର ଅଭିନୟରେ ସେ ପାଦ ରଖିଥିଲେ। ତଥାପି କପୁର ଖାନଦାନ୍‌ର ଏହି ଭେଟେରାନ ଥିଲେ ବଲିଉଡ୍‌ର ଏଭରଗ୍ରୀନ୍ ରୋମାଣ୍ଟିକ୍ ହିରୋ ...

ଶ୍ରୀଦେବୀଙ୍କ ସହ...

ଜୟାପ୍ରଦାଙ୍କ ସହ...



ଡିମ୍ପଲ କାପାଡ଼ିଆଙ୍କ ସହ...

ସ୍ମୃତିରୁ କେତୋଟି...

ତିନି ବର୍ଷରୁ ଆରମ୍ଭ

ବଲିଉଡ୍‌ରେ ଋଷି କପୁରଙ୍କ ଏଣ୍ଟ୍ରି ହୋଇଥିଲା ଜଣେ ଶିଶୁ କଳାକାର ଭାବରେ। ପିତା ରାଜ କପୁରଙ୍କ ନିର୍ଦ୍ଦେଶିତ ତଥା ଅଭିନୀତ 'ଶ୍ରୀ ୪୨୦' (୧୯୫୫) ରେ ତାଙ୍କୁ ଏହି ସୁଯୋଗ ମିଳିଥିଲା। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ତିନି ବର୍ଷ। ଏହି ଚଳଚ୍ଚିତ୍ରର ଅନ୍ୟତମ ଶ୍ରୋତାଦୃତ ଗୀତ 'ପ୍ୟାର୍ ହୁଆ ଏକରାର ହୁଆ'ରେ ନାଚୁଥିବା ତିନି ପିଲାଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଋଷି ।

ଶିଶୁ କଳାକାର ଭାବରେ ଜାତୀୟ ପୁରସ୍କାର

'ଶ୍ରୀ ୪୨୦' ଚଳଚ୍ଚିତ୍ରର ଏକ ଗୀତରେ ଅଳ୍ପ ସମୟ ପାଇଁ ମୁହଁ ଦେଖାଇଥିବା ଋଷିଙ୍କୁ ପୁଣି ଥରେ 'ମେରା ନାମ ଜୋକର'ରେ ଦେଖିବାକୁ ମିଳିଥିଲା। ଏଥିରେ ସେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ଖାସ୍ କଥା ହେଲା ଉକ୍ତ ସିନେମାରେ ରାଜ କପୁରଙ୍କ ପିଲାଦିନ ଭୂମିକାରେ ଋଷି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲେ। କେବଳ ସେତିକି ନୁହେଁ, ଏହି ଚଳଚ୍ଚିତ୍ର ପାଇଁ ତାଙ୍କୁ ଶ୍ରେଷ୍ଠ ଶିଶୁ କଳାକାର ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ମିଳିଥିଲା।

ବୟସ ୨୧

ଥରେ ମନେପକାନ୍ତୁ ନା ସେହି ହିଟ୍ ଗୀତ 'ହମ୍ ତୁମ୍ ଏକ୍ କମରେ ମେଁ ବନ୍ଦ ହୋ....'କୁ। ଋଷି କପୁର ଏବଂ ଡିମ୍ପଲ କାପାଡିଆଙ୍କୁ ନେଇ ଗୀତଟିର ଦୃଶ୍ୟାୟନ କରାଯାଇଥିଲା। ହଁ, ଫିଲ୍ମଟି ଥିଲା ରାଜ କପୁରଙ୍କ ନିର୍ଦ୍ଦେଶିତ 'ବବି'। ଅସଲ କଥା କ'ଣ ଜାଣନ୍ତି ? ଏହି ଫିଲ୍ମରୁ ଋଷି ନାୟକ ଭାବରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ଆଉ ସେତେବେଳେ ତାଙ୍କର ବୟସ ହୋଇଥିଲା ମାତ୍ର ୨୧ ବର୍ଷ। ଅପରପକ୍ଷରେ ୧୬ବର୍ଷ ବୟସ୍କା ଡିମ୍ପଲଙ୍କର ଏହା ମଧ୍ୟ ଥିଲା ପ୍ରଥମ ଚଳଚ୍ଚିତ୍ର।

ଋଷି ଯାହା ଚାହୁଁଥିଲେ...

ଋଷି କପୁର, ଦିବ୍ୟା ଭାରତୀ ଏବଂ ଶାହରୁଖ ଖାଁ ଅଭିନୀତ 'ଦିୱାନା' ସେ ସମୟରେ ହିଟ୍ ହୋଇଥିଲା। ଏହାର ଗୀତଗୁଡିକ ମଧ୍ୟ ଶ୍ରୋତାଙ୍କ ମନକୁ ଛୁଇଁଥିଲା। ଏଥିରେ ଏକ ଗୀତ ଦୃଶ୍ୟାୟିତ ହୋଇଥିଲା, ଯାହାର ପ୍ରାରମ୍ଭ ଧାଡି ଥିଲା– 'ଐସି ଦିୱାନଗୀ ଦେଖେଁ ନହିଁ କହିଁ'। ଏହି ଗୀତରେ ଶାହରୁଖ ଏବଂ ଦିବ୍ୟାଙ୍କ ନୃତ୍ୟ ଏବେ ବି ଅନେକଙ୍କ ମନରେ ସତେଜ ହୋଇ ରହିଛି। କିନ୍ତୁ ଋଷିଙ୍କ ଭାବନା ଥିଲା ଅଲଗା। ଦିବ୍ୟାଙ୍କ ସହ ତାଙ୍କୁ ନେଇ ଗୀତଟିର ପିକ୍ଚରାଇଜେଶନ କରାଯାଉ ବୋଲି ସେ ଚାହିଁଥିଲେ, ହେଲେ ତାହା ସଫଳ ହୋଇ ନ ଥିଲା।

ନେଗେଟିଭ୍‌କୁ ନା...

ୟଶ ଚୋପ୍ରାଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଅନ୍ୟତମ ହିଟ୍ ସିନେମା ଥିଲା 'ଡର୍'। ଶାହରୁଖ ଖାଁଙ୍କ ନେଗେଟିଭ ରୋଲ୍ ଏହି ଫିଲ୍ମଟିକୁ କେତେ ମାଇଲେଜ ଦେଇଥିଲା ତାହା କହିବା ବାହୁଲ୍ୟ। ପ୍ରଥମେ ଏହି ଭୂମିକା ପାଇଁ ଋଷି କପୁରଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ 'ନେଗେଟିଭ ଭୂମିକାରେ ଅଭିନୟ କରିବି ନାହିଁ' ବୋଲି କହି ସେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିଥିଲେ।

ଇର୍ଫାନ-ଋଷିଙ୍କ ମଧ୍ୟରେ ଥିଲା ଏଭଳି ସଂଯୋଗ

ବଲିଉଡ୍ ପାଇଁ ଏପ୍ରିଲ ମାସର ଶେଷ ଦୁଇ ଦିନ ଥିଲା ବେଶ୍ ଦୁଃଖଦ। ଏପ୍ରିଲ ୨୯–୩୦କୁ ବଲିଉଡ୍ ପାଇଁ କଳା ଦିନ ବୋଲି କୁହାଯାଉଛି। ଏହି ଦୁଇ ଦିନ ମଧ୍ୟରେ ବଲିଉଡ୍ ହରାଇଲା ତା'ର ଦୁଇ ବିଶିଷ୍ଟ କଳାକାରଙ୍କୁ। ୨୯ ତାରିଖରେ ଇର୍ଫାନ ଖାଁଙ୍କ ମୃତ୍ୟୁର ୨୪ ଘଣ୍ଟା ନ ପୂରୁଣୁ ଖବର ଆସିଲା ବଲିଉଡ୍‌ର ବରିଷ୍ଠ କଳାକାର ଋଷି କପୁରଙ୍କର ୬୭ ବର୍ଷ ବୟସରେ ପରଲୋକ ହୋଇଛି। ଏହା ସିନେପ୍ରେମୀଙ୍କ ମନକୁ ଭାରାକ୍ରାନ୍ତ କରିଦେଲା। ଏବେ ଆଲୋଚନା ହେଉଛି କି ଏହି ଦୁଇ କଳାକାରଙ୍କ ମଧ୍ୟରେ ଥିଲା ଏକ ଅଜବ ସଂଯୋଗ। ଦୁହେଁ ୨୦୧୮ରେ କ୍ୟାନ୍‌ସରରେ ପୀଡିତ ହୋଇଥିଲେ। ବିଦେଶରେ ଚିକିତ୍ସିତ ହୋଇ ଦୁହେଁ ୨୦୧୯ରେ ଭାରତ ଫେରିଥିଲେ। ଇର୍ଫାନ ଫେବୃୟାରୀରେ ଆଉ ଋଷି ସେପ୍ଟେମ୍ବରରେ ଫେରି ଆସିଥିଲେ। ଆଉ ଏହାପରେ ଦୁହେଁ ୨୦୨୦ରେ ଆଗପଛ ହୋଇ ଇହଲୀଳା ସମ୍ବରଣ କଲେ। ଇର୍ଫାନ–ଋଷି 'ଡି–ଡେ' ଫିଲ୍ମରେ ଯେଉଁ ଅଭିନୟ କରିଥିଲେ ଏବେ ତା'ର କିଛି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉଭୟଙ୍କ କ୍ୟାରିୟରରେ ଏହି ଫିଲ୍ମ ସର୍ବଶ୍ରେଷ୍ଠ ଫିଲ୍ମ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ସେହିପରି ଇର୍ଫାନ–ଋଷିଙ୍କ ମଧ୍ୟରେ ଆଉ ଏକ ସଂଯୋଗ ହେଉଛି ଉଭୟ ନିଜ ନିଜ ମା'ଙ୍କ ଅନ୍ତିମ ଦର୍ଶନ କରିପାରି ନ ଥିଲେ।

ମନେପଡ଼ିବେ....

" ମୁଁ ଆଜି ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ଜୀବନ ଓ ସିନେମା ପୁଣିଥରେ ମୋ ପାଇଁ ପୂର୍ବଭଳି ହୋଇପାରିବ ନାହିଁ। ପ୍ରତି ସପ୍ତାହରେ ମୁଁ ତାଙ୍କ ଫିଲ୍ମ 'କର୍ଜ' ଦେଖେ ଓ ଦେଖିବା ବେଳର ଫଟୋ ଉଠାଇ ହ୍ୱାଟ୍‌ସଆପ୍ କରେ। ସବୁବେଳେ ସେ ରିପ୍ଲାଏ କରନ୍ତି। କିଛିଦିନ ଆଗରୁ 'କର୍ଜ'ର ଏକ ଟ୍ୟୁନ୍ ରେକର୍ଡ କରିଥିଲି। ହେଲେ ଦୁର୍ଭାଗ୍ୟବଶତଃ ତାହାକୁ ପଠାଇ ପାରି ନ ଥିଲି। ତାଙ୍କ ମୁହଁ, ହସ ହସ ଚେହେରା, ନିଖୁଣ ଅଭିନୟ ସବୁକିଛି ମୋ ଆଖିଆଗରେ ନାଚିଯାଉଛି।

– ବୁଦ୍ଧାଦିତ୍ୟ ମହାନ୍ତି, ଅଭିନେତା

" ବୁଧବାର ରାତିରେ ଇର୍‌ଫାନ୍ ଭାଇଙ୍କ କଥା ଭାବି ଭାବି ନିଦ ହୋଇ ନ ଥିଲା। ଆଜି ପୁଣି ଋଷି କପୁର ସାର୍। ଋଷି କପୁର ନିଜ ଜୀବନଠାରୁ ବି ଜଣେ ବଡ଼ କଳାକାର ଥିଲେ। ଅଭିନୟ ଜୀବନର ଏକ ନୂଆ ଇଂନିସ ଆରମ୍ଭ କରିବା ସମୟରେ ହିଁ ସେ ସମସ୍ତଙ୍କୁ ଛାଡ଼ି ଚାଲିଗଲେ। ନିଜର ଅତି ନିକଟତର ଲୋକଟିଏ ହରାଇଲା ଭଳି ଲାଗୁଛି। ଅଭିନୟ କଳା ମଧ୍ୟରେ ସେ ବଞ୍ଚୁଥିଲେ, ନିଜେ ହସୁଥିଲେ ଓ ଅନ୍ୟକୁ ହସାଉଥିଲେ। ଉଭୟ ଇର୍ଫାନ୍ ଖାନ୍ ଏବଂ ଋଷି କପୁର ସର୍ବଦା ଆମ ହୃଦୟରେ ରହିବେ।

– ମନୋଜ ମିଶ୍ର, ଅଭିନେତା

" ଦୁଇଦିନ ମଧ୍ୟରେ ଦୁଇ ମହାନ ଅଭିନେତାଙ୍କୁ ଭାରତୀୟ ସିନେମା ହରାଇଲା। ସେହିଭଳି ଏହି କିଛିଦିନରେ ଓଡ଼ିଆ ସିନେମା ଜଗତ ମଧ୍ୟ ବିଜୟ ମିଶ୍ର, ରତ୍ନାକର ଚଇନିଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ହରାଇଥିଲା। ଚଳଚ୍ଚିତ୍ର ଜଗତ ପାଇଁ ଏକ ସଙ୍କଟ ସମୟ ଚାଲିଛି। ଏଭଳି ବଡ଼ ବଡ଼ କଳାକାର ଆମ ଗହଣରୁ ସବୁଦିନ ପାଇଁ ଚାଲିଯାଉଛନ୍ତି। ସମସ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

– ଦିଲୀପ ହାଲି, ସିନେ ସମୀକ୍ଷକ

କୁନି ଋଷିଙ୍କୁ କୋଳରେ ଧରିଥିଲେ ଲତା

ଲକ୍‌ଡାଉନ୍ ଭିତରେ ବଲିଉଡ କଳାକାରମାନେ ଏକାଠି ହୋଇ ଋଷି କପୁରଙ୍କୁ ଅନ୍ତିମ ବିଦାୟ ଦେବା ସମ୍ଭବପର ହୋଇନି। ଏଣୁ ସୋସିଆଲ ମିଡିଆରେ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ଏହି କ୍ରମରେ ସୁର ସମ୍ରାଜ୍ଞୀ ଲତା ମଙ୍ଗେସ୍କର ଏନେଇ ଦୁଃଖ ପ୍ରକାଶ କରିବା ସହ ଋଷିଙ୍କ ପିଲା ବେଳର ଏକ ଫଟୋ ଶେୟାର କରି ଲେଖିଛନ୍ତି ଯେ, 'କିଛି ଦିନ ତଳେ ଋଷି ମୋର ଆଉ ତାଙ୍କର ଏକ ଫଟୋ ଫଠାଇଥିଲେ ଯେଉଁଥିରେ ମୁଁ ତାଙ୍କୁ କୋଳରେ ଧରିଥିଲି'। ସେହିଦିନ ଗୁଡ଼ିକ ମନେ ପଡ଼ିଯାଉଛି। କ'ଣ କହିବି ଜାଣିପାରୁନାହିଁ। ଋଷିଜୀଙ୍କ ଦେହାନ୍ତ ବହୁତ ଦୁଃଖ ଦେଉଛି। ଏହି ଦୁଃଖ ସହିବା ମୋ ପାଇଁ କଷ୍ଟକର ହୋଇପଡ଼ିଛି। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ବୋଲି ଲତା ତାଙ୍କ ଟୁଇଟର ଆକାଉଣ୍ଟରେ ଲେଖିଛନ୍ତି।

ଖେଳ ଖବର

ପରଲୋକରେ ଚୁନି ଗୋସ୍ୱାମୀ

କୋଲକାତା, ୩।୪ (ପି.ଟି.): ଭାରତର ପୂର୍ବତନ ଆଇକନିକ୍ ଫୁଟ୍‌ବଲର ତଥା ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ଚୁନି ଗୋସ୍ୱାମୀଙ୍କର ହୃଦ୍‌ଘାତରେ ସ୍ଥାନୀୟ ଏକ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ସେ ତାଙ୍କ ସ୍ତ୍ରୀ ବାସନ୍ତୀ ଏବଂ ପୁତ୍ର ସୁଦିପ୍ତୋଙ୍କୁ ଛାଡି ଚାଲିଯାଇଛନ୍ତି। ୧୯୬୨ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ଅଧିନାୟକତ୍ୱ କରିଥିଲେ। ଗୋସ୍ୱାମୀଙ୍କ ଡାଇବେଟିକ୍, ପ୍ରୋଷ୍ଟେଟ୍ ଓ ସ୍ନାୟୁଜନିତ ସମସ୍ୟା ରହିଥିଲା। ଗୁରୁବାର ସନ୍ଧ୍ୟା ୫ଟାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ଅବିଭାଜିତ ବେଙ୍ଗଲର କିଶୋରଗଞ୍ଜ ଜିଲାରେ (ବର୍ତ୍ତମାନ ଏହା ବାଂଲାଦେଶରେ) ଜନ୍ମ ଗ୍ରହଣ କରିଥିବା ଏହି ଷ୍ଟ୍ରାଇକରଙ୍କ ପ୍ରକୃତ ନାମ ସୁବିମଲ୍। କିନ୍ତୁ ସେ ତାଙ୍କ ଡାକନାମରେ ବିଶେଷ ଭାବେ ପରିଚିତ। ସେ ୧୯୫୬ ଓ ୧୯୬୪ ମଧ୍ୟରେ ୫୦ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ତନ୍ମଧ୍ୟରେ ୧୯୬୦ ରୋମ୍ ଅଲିମ୍ପିକ୍ସ ଅନ୍ୟତମ। ୧୯୬୨ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକତ୍ୱ କରିବା ବ୍ୟତୀତ ସେ ଆହୁରି ମଧ୍ୟ ୧୯୬୪ରେ ଇସ୍ରାଏଲ୍‌ରେ ଅନୁଷ୍ଠିତ ଏସିଆ କପ୍‌ରେ ରୌପ୍ୟ ବିଜୟୀ ଦଳର ଅନ୍ୟତମ ସଦସ୍ୟ ଥିଲେ, ଯାହାକି ଏବେ ସୁଦ୍ଧା କୌଣସି କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟରେ ଦେଶର ଏହା ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ସେ ମୋଟ ୧୩ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଛନ୍ତି। ଭାରତର ୧୯୮୪ ଅଲିମ୍ପିକ କୋଚ୍ ବି.ଡି. ଚାଟାର୍ଜୀ ମୋହନବାଗାନ ଟିମ୍ ଦାୟିତ୍ୱରେ ଥିବାବେଳେ ମେରାଇନର୍ସ ଜୁନିୟର ଦଳ ପାଇଁ ଏକ ଟ୍ରାଏଲ୍ ବେଳେ ୧୩ ବର୍ଷୀୟ ଗୋସ୍ୱାମୀଙ୍କୁ ମନୋନୀତ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଗୋସ୍ୱାମୀ ଭାରତର ଅନ୍ୟତମ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଖେଳାଳି ହୋଇପାରିଥିଲେ। ୧୯୫୪ରେ ପଦାର୍ପଣ ପରେ ସେ ୧୯୫୫ ରେ ତାଙ୍କ ପ୍ରଥମ ସନ୍ତୋଷ ଟ୍ରଫି ମ୍ୟାଚ ଖେଳିଥିଲେ।

ଗୋସ୍ୱାମୀ ମଧ୍ୟ ଜଣେ ପୂର୍ବତନ କ୍ରିକେଟର ଥିଲେ। ସେ ୧୯୬୨ରୁ ୧୯୭୩ ମଧ୍ୟରେ ବେଙ୍ଗଲରୁ ୪୬ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ସେ ଜଣେ ଡାହାଣହାତୀ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଥିଲେ। ସେ ମିଡିୟମ ପେସ୍ ବୋଲିଂ କରିବା ସହ ଜଣେ ଦକ୍ଷ ଫିଲ୍ଡର ମଧ୍ୟ ଥିଲେ। ୧୯୬୬ରେ ଗ୍ୟାରି ସୋବର୍ସଙ୍କ ୱେଷ୍ଟଇଣ୍ଡିଜ ଦଳ ବିପକ୍ଷରେ ସେ ସେଣ୍ଟ୍ରାଲ ଓ ଇଷ୍ଟ ଜୋନ୍ ମିଳିତ ଦଳରୁ ଖେଳିଥିଲେ। ଦଳ ଯଦିଓ ଇନିଂସ ପରାଜୟ ବରଣ କରିଥିଲା ସେ କିନ୍ତୁ ୮ଟି ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ଅଧିନାୟକତ୍ୱରେ ବେଙ୍ଗଲ ୧୯୭୧–୭୨ ରଣଜୀ ଫାଇନାଲ ଖେଳିଥିଲା। ତେବେ ବ୍ରାବୋର୍ନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦଳ ବମ୍ବେଠାରୁ ପରାଜିତ ହୋଇଥିଲା।

ସଂକ୍ଷେପରେ ଚୁନି...

ପ୍ରକୃତ ନାମ: ସୁବିମଲ୍ ଗୋସ୍ୱାମୀ
ଜନ୍ମ: ୧୯୩୮ ଜାନୁୟାରୀ ୧୫
ଜନ୍ମସ୍ଥାନ: କିଶୋରଗଞ୍ଜ, ବେଙ୍ଗଲ ରେସିଡେନ୍ସି (ବର୍ତ୍ତମାନ ବାଂଲାଦେଶରେ)
ଅନ୍ତର୍ଜାତୀୟ ଗୋଲ ସଂଖ୍ୟା: ୧୩
ପୁରସ୍କାର ଓ ସମ୍ମାନ: ଅର୍ଜୁନ ପୁରସ୍କାର (୧୯୬୩) ଓ ପଦ୍ମଶ୍ରୀ (୧୯୮୩), ମୋହନବାଗାନ ରତ୍ନ (୨୦୦୫)।

ଗୋସ୍ୱାମୀ ଆହୁରି ମଧ୍ୟ ୧୯୭୦ ଦଶକରେ ଭାରତୀୟ ଫୁଟ୍‌ବଲର ଜଣେ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ୧୯୯୬ରେ ଯେତେବେଳେ ନ୍ୟାଶନାଲ ଫୁଟ୍‌ବଲ ଲିଗ୍ ଆରମ୍ଭ ହୋଇଥିଲା ସେ ଉପଦେଷ୍ଟା କମିଟିର ଜଣେ ସଦସ୍ୟ ଥିଲେ। ଭାରତ ଯେତେବେଳେ ଏସିଆର ଅନ୍ୟତମ ଫୁଟ୍‌ବଲ ପାୱାରହାଉସ୍ ଭାବେ ବିବେଚିତ ହେଉଥିଲା। ଗୋସ୍ୱାମୀ, ନିକଟରେ ପରଲୋକ ଗମନ କରିଥିବା ପି.କେ. ବାନାର୍ଜୀ ଏବଂ ତୁଳସୀଦାସ ବଳରାମ ପ୍ରମୁଖଙ୍କୁ ନେଇ ଭାରତୀୟ ଫରୱାର୍ଡ ବେଶ୍ ଶକ୍ତିଶାଳୀ ଥିଲା। ଏହି ସମୟକୁ ଭାରତର ସୁବର୍ଣ୍ଣ ଯୁଗ ବୋଲି କୁହାଯାଉଥିଲା। ଗୋସ୍ୱାମୀ ୧୯୬୨ରେ ଏସିଆର ଶ୍ରେଷ୍ଠ ଷ୍ଟ୍ରାଇକର ପୁରସ୍କାର ଲାଭ କରିଥିଲେ। ଭାରତୀୟ ଫୁଟ୍‌ବଲ ପାଇଁ ତାଙ୍କର ଅବଦାନ ପାଇଁ ସେ ଅର୍ଜୁନ ପୁରସ୍କାର (୧୯୬୩) ଓ ପଦ୍ମଶ୍ରୀ (୧୯୮୩) ସମ୍ମାନରେ ସମ୍ମାନିତ ହୋଇଥିଲେ। ଦେଶ ପାଇଁ ଫୁଟ୍‌ବଲ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ଭାରତୀୟ ପୋଷ୍ଟାଲ ଡିପାର୍ଟମେଣ୍ଟ ତରଫରୁ ତାଙ୍କ ୮୨ତମ ଜନ୍ମ ବାର୍ଷିକୀ ଅବସରରେ ଏକ ସ୍ମାରକ ଡାକଟିକେଟ ଛାପିଥିଲା। ୧୯୬୮ରେ ଖେଳରୁ ଅବସର ନେବା ପୂର୍ବରୁ ଗୋସ୍ୱାମୀ ତାଙ୍କ ସମଗ୍ର କ୍ୟାରିୟରରେ ଏକମାତ୍ର କ୍ଲବ ମୋହନ ବାଗାନ ତରଫରୁ ଖେଳି ଆସୁଥିଲେ। ସେ ୧୯୬୦ରୁ ୧୯୬୪ପର୍ଯ୍ୟନ୍ତ ୫ ସିଜନ ଧରି କ୍ଲବର ଅଧିନାୟକତ୍ୱ କରିଥିଲେ। ୨୦୦୫ରେ ସେ ମୋହନ ବାଗାନ ରତ୍ନ ଉପାଧିରେ ସମ୍ମାନିତ ହୋଇଥିଲେ। ତାଙ୍କ ବିୟୋଗରେ କ୍ରୀଡ଼ା ମହଲରେ ଶୋକର ଛାୟା ଖେଳିଯାଇଛି। ସୁନୀଲ ଗାଭାସ୍କରଙ୍କଠାରୁ ଆରମ୍ଭ କରି ସୁନୀଲ ଛେତ୍ରୀଙ୍କ ପର୍ଯ୍ୟନ୍ତ କ୍ରିକେଟ ଓ ଫୁଟ୍‌ବଲ ବ୍ୟକ୍ତିତ୍ୱମାନେ ଶୋକ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ସ୍ଥିତ ୟୁନିଟ–୬ ଆଥଲେଟିକ ଆସୋସିଏଶନ ତରଫରୁ ମଧ୍ୟ ଶୋକ ପ୍ରକାଶ କରାଯାଇଛି।

ଋଷି କପୁରଙ୍କ ଦେହାନ୍ତରେ ସଚିନ, କୋହଲିଙ୍କ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, ୩।୪ (ପି.ଟି.): କିମ୍ବଦନ୍ତୀ ବଲିଉଡ ଅଭିନେତା ଋଷି କପୁରଙ୍କ ଦେହାନ୍ତରେ ଭାରତୀୟ କ୍ରୀଡ଼ାଜଗତ ଶୋକାଭିଭୂତ ହୋଇଛି। ଋଷିଙ୍କୁ ଭାରତୀୟ କ୍ରୀଡ଼ାର ବଡ଼ବଡ଼ ତାରକାମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ସମେତ ଅଧିନାୟକ ବିରାଟ କୋହଲି, ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ଶୋକ ପ୍ରକାଶ କରିଛନ୍ତି। ବିଶ୍ୱାସ ହେଉନାହିଁ। ଗତକାଲି ଇର୍ଫାନ ଖାନ ଓ ଆଜି ଋଷିଙ୍କ ପରଲୋକ ହୋଇଛି। ମହାନ ଅଭିନେତାମାନେ ଛାଡି ଚାଲିଯାଉଛନ୍ତି, ଏହାକୁ ଗ୍ରହଣ କରିବା ଆଦୌ ସହଜ ହେଉନାହିଁ। ତାଙ୍କ ଆତ୍ମାର ସଦ୍‌ଗତି ହେଉ ଓ ତାଙ୍କ ପରିବାର ପ୍ରତି ସମବେଦନା ଜଣାଉଛି ବୋଲି କୋହଲି ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ସେହିପରି ଋଷିଙ୍କ ପରଲୋକ ବହୁତ ଦୁଃଖ ଆଣିଦେଇଛି ବୋଲି ସଚିନ କହିଛନ୍ତି। ତାଙ୍କ ଅଭିନୀତ ସିନେମା ଦେଖି ବଡ଼ ହୋଇଛି। ଯେତେବେଳେ ଆମେ ପରସ୍ପରକୁ ଭେଟିଆଉ ସେ ମଜାଳିଆ ଢଙ୍ଗରେ କଥା ହୋଇଥାନ୍ତି। ତାଙ୍କ ଆତ୍ମାର ସଦ୍‌ଗତି ହେଉ। ପତ୍ନୀ ନୀତୁ, ପୁଅ ରଣବୀର ଓ ପୂରା କପୁର ପରିବାରକୁ ସମବେଦନା ଜଣାଉଛି ବୋଲି ସଚିନ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଋଷିଙ୍କ ପରଲୋକ ଖବର ଶୁଣି କଷ୍ଟ ଅନୁଭବ କରିଛି ବୋଲି ସେହ୍ୱାଗ ଟୁଇଟ୍ କରିଛନ୍ତି। ତାଙ୍କ ପରିବାରକୁ ସମବେଦନା ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ମଧ୍ୟ ଟୁଇଟ କରି ଶୋକ ଜଣାଇଛନ୍ତି।



କରୋନା ସଂକ୍ରମଣର ପ୍ରଭାବରେ ଆଗାମୀ ଦିନରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁ ଥିବା ୨୦୦ କୋଟି ଲୋକଙ୍କ ମଧ୍ୟରୁ ୧୬୦ କୋଟି ରୋଜଗାର ହରାଇବାର ଆଶଙ୍କା ଥିବା ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ସାରା ପୃଥିବୀରେ କାମ କରୁଥିବା ଲୋକଙ୍କ ସଂଖ୍ୟା ୩୩୦ କୋଟି ଥିବାବେଳେ ଏହାର ଅଧାରୁ ଅଧିକ କରୋନା ଯୋଗୁ ବେକାର ହେବ ବୋଲି ଆଇଏଲ୍ଓ କହିଛି। ସେହିପରି ୪୩ କୋଟି ୬୦ ଲକ୍ଷରୁ ଅଧିକ ଛୋଟ ଛୋଟ ଉଦ୍ୟୋଗର କାରବାର ଉପରେ ସଙ୍କଟ ଦେଖାଯିବାର ଆଶଙ୍କା ରହିଛି।

ମୁମ୍ବାଇରୁ ସାଇକେଲରେ ମୟୂରଭଞ୍ଜ

ଉଦଳା: ମୁମ୍ବାଇରୁ ମୟୂରଭଞ୍ଜ ଦୀର୍ଘ ୧୬ ଶହ କି.ମି. ସାଇକେଲ ଯାତ୍ରା। ମୟୂରଭଞ୍ଜ ଜିଲାର ଦିବ୍ୟରଞ୍ଜନ ଲେଙ୍କା ନାମକ ଜଣେ ଯୁବକ ସାଇକେଲ ଚଲାଇ ୧୦ ଦିନରେ ଆସି ନିଜ ଗାଁ ପାଖରେ ପହଞ୍ଚିଛନ୍ତି। ଆସିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ନିଜ ଲକ୍ଷ୍ୟସ୍ଥଳରୁ ସେ ବିଚ୍ୟୁତ ହୋଇ ନ ଥିଲେ। ଏହି ଯୁବକଙ୍କ ଘର କପ୍ତିପଦା ବ୍ଲକ ଅଧୀନ ଗେଣ୍ଡାଗୋଡ଼ିଆ ଗ୍ରାମରେ। ଘରଠାରୁ ଅଳ୍ପ ଦୂର ଉଦଳାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ସ୍ଥାନୀୟ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଛି।

୧୦ ଦିନରେ ୧୬ ଶହ କି.ମି. ଆସିଲେ ଦିବ୍ୟରଞ୍ଜନ

ଏବେ କରୋନା ଯୋଗୁ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି ରହିଛି। ବାହାର ରାଜ୍ୟରେ କାମ କରୁଥିବା ଓଡ଼ିଆ ଲୋକେ ଏବେ ଘରକୁ ଫେରିବାକୁ ବ୍ୟଗ୍ର ହୋଇପଡ଼ିଛନ୍ତି। କିଏ ଚାଲି ଚାଲି ତ ପୁଣି କିଏ ଲୁଚଛପି ପଳାଇ ଆସୁଛନ୍ତି। ଆଉ କିଏ ସାଇକେଲରେ ଗାଁକୁ ଫେରି ଆସୁଛନ୍ତି। ଲକ୍‌ଡାଉନ୍ ଯୋଗୁ କଳ କାରଖାନା ବନ୍ଦ ହୋଇଯିବା ପରେ ସେମାନଙ୍କ ଦୁଃଖ ବୁଝିବାକୁ କେହିନାହିଁ। ସରକାରଙ୍କ ଘୋଷଣା ଧୂଆଁବାଣ ପାଲଟୁଛି। ଆମ ଦେଶର ସର୍ବାଧିକ କରୋନା ପ୍ରଭାବିତ ରାଜ୍ୟ ହେଉଛି ମହାରାଷ୍ଟ୍ର। ଦିବ୍ୟରଞ୍ଜନ ଦୀର୍ଘ ବର୍ଷ ହେଲା ମୁମ୍ବାଇର ଏକ କପଡ଼ା ତିଆରି କାରଖାନାରେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ଯୋଗୁ କାରଖାନା ବନ୍ଦ ହୋଇଯିବାରୁ ସେଠାରେ ସେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖାଇବାକୁ ନ ପାଇ ଶେଷରେ ସାଇକେଲରେ ଘରକୁ ଫେରିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ। ସେ ଗତ ୨୦ ତାରିଖରୁ ମୁମ୍ବାଇରୁ ବାହାରିଥିଲେ। ବହୁ ସ୍ଥାନରେ ପୋଲିସ ତାଙ୍କୁ ଅଟକାଇଥିଲା। ମାତ୍ର ସେ ତାଙ୍କ ସମସ୍ୟା ଜଣାଇ ଖସି ଆସିଥିଲେ। କେତେକ ସ୍ଥାନରେ ସ୍ଥାନୀୟ ଲୋକେ ତାଙ୍କୁ ଖାଇବାକୁ ଦେଇଥିବା ସେ କହିଛନ୍ତି। ତାଙ୍କ ସହ ବାଲେଶ୍ୱର ଜିଲାର ଅନ୍ୟ ଜଣେ ଓଡ଼ିଆ ଯୁବକ ମଧ୍ୟ ଆସିଥିବା ଦିବ୍ୟରଞ୍ଜନ କହିଛନ୍ତି।

ରଷିଙ୍କୁ ଚା' ପାଇଁ ଡାକିଥିଲେ ଦାଉଦ୍

ରଷି କପୁର

ମୁମ୍ବାଇ: ରଷି କପୁରଙ୍କୁ ଗ୍ୟାଙ୍ଗଷ୍ଟାର ଦାଉଦ୍ ଇବ୍ରାହିମ ଚା' ପାଇଁ ଡାକିଥିବା ରଷି ତାଙ୍କ ଅଟୋବାୟୋଗ୍ରାଫି 'ଖୁଲମ ଖୁଲା'ରେ ଉଲ୍ଲେଖ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ୧୯୮୮ରେ ଥରେ ସେ ତାଙ୍କ ବନ୍ଧୁ ବିଟୁ ଆନନ୍ଦଙ୍କ ସହ ଦୁବାଇ ଯାଇଥିଲେ। ସେଠାରେ ଗାୟିକା ଆଶା ଭୋସ୍‌ଲେ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଆର୍.ଡି. ବର୍ମନ୍‌ଙ୍କ ଏକ ରାତ୍ରି କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା। ବିମାନବନ୍ଦରରେ ଥିବା ଜଣେ ବ୍ୟକ୍ତି ସମସ୍ତ ଭିଭିଆଇପିଙ୍କ ବିଷୟରେ ଦାଉଦଙ୍କୁ ଖବର ଦେଉଥିଲେ। ପରେ ଜଣେ ଅପରିଚିତ ବ୍ୟକ୍ତି ରଷିଙ୍କ ପାଖକୁ ଆସି ଫୋନ୍ ଧରାଇ ଦାଉଦ ସାହେବ୍ ତାଙ୍କ ସହ କଥାହେବେ ବୋଲି କହିଥିଲେ। ୧୯୯୩ ମୁମ୍ବାଇ ବିସ୍ଫୋରଣ ପୂର୍ବରୁ ଏହିସବୁ ଘଟିଥିଲା। ସେତେବେଳେ ସେ ଦାଉଦ୍‌ଙ୍କୁ ଜଣେ ପଳାତକ କିମ୍ବା ରାଜ୍ୟର ଶତ୍ରୁ ବୋଲି ଭାବୁ ନ ଥିଲେ। ପରେ ଦାଉଦ୍ ତାଙ୍କୁ ସ୍ୱାଗତ କରିବା ସହ ଘରକୁ ମଧ୍ୟ ଡାକିଥିଲେ, ଯାହା ରିଷିଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏହାର କିଛି ସମୟରେ ଦାଉଦ୍‌ଙ୍କ ଜଣେ ମୁଖ୍ୟଲୋକ ତାଙ୍କ ନିକଟରେ ପହଞ୍ଚିଥିଲେ। ଦାଉଦ୍ ତାଙ୍କ ସହ ଚା' ପିଇବାକୁ ଚାହୁଁଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ ରଷିଙ୍କୁ କହିଥିଲେ। ସେହିଦିନ ସନ୍ଧ୍ୟାରେ ରଷି ଓ ତାଙ୍କ ସାଙ୍ଗଙ୍କୁ ହୋଟେଲରୁ ଏକ ଉଜ୍ଜ୍ୱଳ ରୋଲସ୍ ରଏସ୍‌କୁ ବୃତ୍ତାକାର ପଥ ଦେଇ ନିଆଯାଇଥିଲା, ଯେଉଁଥିପାଇଁ ସେ ରାସ୍ତା ମନେ ରଖିପାରି ନ ଥିଲେ। ସାକ୍ଷାତ ସମୟରେ ଦାଉଦ୍ ଏକ ସୁଟ୍ ପିନ୍ଧିଥିବା ସେ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। ଦାଉଦ୍ ମଦ ପିଉ ନ ଥିବାରୁ ସେ ରିଷିଙ୍କୁ ଚା' ପାଇଁ ଡାକିଥିବା ସେଠାରେ କହିଥିଲେ। ରଷିଙ୍କ ଅଭିନୀତ 'ତବାୟଫ' ଫିଲ୍ମ ଦାଉଦ୍‌ଙ୍କ ପସନ୍ଦ ଥିଲା ବୋଲି ସେ ଆତ୍ମଜୀବନୀରେ ପ୍ରକାଶ କରିଛନ୍ତି। ଏଥିସହ ଦାଉଦ୍ ନିଜ ଅପରାଧ ଜୀବନ ବିଷୟରେ ମଧ୍ୟ ରଷିଙ୍କ ସହ କଥା ହୋଇଥିଲେ। ଦୀର୍ଘ ୪ ଘଣ୍ଟା ଧରି ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିଲା। ୧୯୮୯ରେ ଦୁବାଇରେ ଶପିଂବେଳେ ପୁଣି ଥରେ ଦାଉଦ୍‌ଙ୍କ ସହ ରଷିଙ୍କ ସାକ୍ଷାତ ହୋଇଥିଲା। ସେତେବେଳେ ପତ୍ନୀ ନିତୁ ମଧ୍ୟ ତାଙ୍କ ସାଥୀରେ ଥିଲେ। ତେବେ କ'ଣ ପାଇଁ ଦାଉଦ୍ ପରେ ଭାରତ ବିରୋଧରେ ଏପରି ଭୟଙ୍କର କାମ କଲେ ତାହା ଜଣାନାହିଁ ବୋଲି ରଷି ଲେଖିଛନ୍ତି।

କରୋନା ବିଜୟୀ ୪୫ ଦିନର ଶିଶୁ

ହାଇଦ୍ରାବାଦ: କୋଭିଡ୍-୧୯ ଭାଇରସ୍ ସହ ୧୫ ଦିନ ଲଢ଼େଇ କରି ଶେଷରେ ଜିତିଯାଇଛି ଜଣେ ୪୫ ଦିନର ଶିଶୁ। ଅନେକ ଲୋକ ଯୁବାବସ୍ଥାରେ ମଧ୍ୟ କରୋନା ଯୁଦ୍ଧରେ ହାରିଯାଇଥିବାବେଳେ ଏତେ ଛୋଟ ଶିଶୁଟି ସୁସ୍ଥ ହୋଇଯିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ତେଲଙ୍ଗାନାରୁ ଆସିଛି ଏପରି ଏକ ଭଲ ଖବର। ମେହବୁବ୍‌ନଗର ଅଞ୍ଚଳର ଜଣେ ୨୦ ଦିନର ଶିଶୁପୁତ୍ର କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହୋଇଥିଲା। ଶିଶୁଟି ବାପାଙ୍କ ଠାରୁ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏକ ସରକାରୀ ଚିକିତ୍ସାଳୟରେ ତା'ର ଚିକିତ୍ସା ଚାଲିଥିବା ବେଳେ ୧୫ ଦିନରେ ଅର୍ଥାତ୍ ବୁଧବାର ସେ ସୁସ୍ଥ ହୋଇ ଡିସ୍‌ଚାର୍ଜ ହୋଇଥିବା ଜଣାପଡ଼ିଛି। ଉକ୍ତ ଶିଶୁ ଭାରତର ସବୁଠାରୁ କନିଷ୍ଠ ସଂକ୍ରମିତ ବୋଲି କୁହାଯାଉଛି। ଶିଶୁଟିକୁ ନେଇ ତେଲଙ୍ଗାନାର ସ୍ୱାସ୍ଥ୍ୟମନ୍ତ୍ରୀ ଇ. ରାଜେନ୍ଦର୍ ମଧ୍ୟ ଖୁସି ପ୍ରକାଶ କରିଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବୁଧବାର ଉକ୍ତ ହସ୍ପିଟାଲରୁ ୩୫ ଜଣ ସଂକ୍ରମିତ ସୁସ୍ଥହୋଇ ଡିସ୍‌ଚାର୍ଜ ହୋଇଥିବା ବେଳେ ସେଥିମଧ୍ୟରୁ ୧୩ ଜଣ ଶିଶୁ ଥିବା ଜଣାପଡ଼ିଛି। ଚିକିତ୍ସାରେ ନିୟୋଜିତ ଥିବା ଡାକ୍ତର ଏବଂ ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରାଯାଇଛି। ତେବେ ଶିଶୁଙ୍କ ଠାରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଯୋଗୁ କରୋନା ଭୂତାଣୁ ସେମାନଙ୍କ ପାଇଁ ବିପଦ ସାଜିପାରେ ବୋଲି କୁହାଯାଉଥିବା ବେଳେ ଏଭଳି ଏକ ଖବର ସମସ୍ତଙ୍କୁ ଆଶ୍ୱାସନା ନିଶ୍ଚୟ ଦେଇଛି।

ଭୋକିଲାଙ୍କ ଅନ୍ନଦାତା ନାଜିଆ

ଶ୍ରୀନଗର: ଲକ୍‌ଡାଉନ୍ ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମଧନ୍ଦା ନ ଥିବାରୁ ସେମାନେ ଭୋକ ଉପାସରେ ଦିନ ବିତାଉଛନ୍ତି। କିନ୍ତୁ ଏଭଳି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ନାଜିଆ। ପ୍ରତିଦିନ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ପାଖରେ ଖାଦ୍ୟସାମଗ୍ରୀ ପହଞ୍ଚାଇବାରେ ଲାଗିଛନ୍ତି ସେ। ଶ୍ରୀନଗର ସ୍ଥିତ କଶ୍ମୀର ବିଶ୍ୱବିଦ୍ୟାଳୟରୁ ବିଏଡ୍ ଡିଗ୍ରୀ ସହିତ ସାମାଜିକ କାର୍ଯ୍ୟରେ ମାଷ୍ଟର ଡିଗ୍ରୀ କରିଛନ୍ତି ନାଜିଆ। ମାର୍ଚ୍ଚ ମାସରେ ଯେତେବେଳେ ଲକ୍‌ଡାଉନ୍ ଘୋଷଣା ହେଲା, ସେତେବେଳେ ସାହାଯ୍ୟ ପାଇଁ ତାଙ୍କ ପାଖକୁ କିଛିଲୋକ ଫୋନ୍ କରିଥିଲେ। ଏହା ପରେ ସେ ତୁରନ୍ତ ନିଜ ଖର୍ଚ୍ଚରେ ସାହାଯ୍ୟ ପାଇଁ ବାହାରି ପଡ଼ିଥିଲେ। ପରେ ସେ ଅସୁବିଧାରେ ପଡ଼ିଥିବା ବହୁ ପରିବାରକୁ ଭେଟିଥିଲେ ଓ ସେମାନଙ୍କୁ ସାହାଯ୍ୟ କରି ବେଶ୍ ଖୁସି ହୋଇଥିଲେ। ଏହା ପରେ ସେହିଦିନଠାରୁ ପ୍ରତିଦିନ ସେ ଏଭଳି ଜରୁରୀ ସାମଗ୍ରୀ ଚାଉଳ, ଡାଲି, ତେଲ, ଚିନି ଆଦି ନେଇ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଏହି କାମ ପାଇଁ ତାଙ୍କୁ ତାଙ୍କର କିଛି ବନ୍ଧୁ ଓ ସମ୍ପର୍କୀୟମାନେ ସାହାଯ୍ୟ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୮୦୦ ପରିବାରକୁ ସାହାଯ୍ୟ କରିବା ସହ ଖାଦ୍ୟ ସାମଗ୍ରୀ ଯୋଗାଇ ସାରିଲେଣି।

ଶ୍ରମିକଙ୍କୁ ହକ୍, ସମ୍ମାନ ମିଳୁ

ଭିଏନା: ବିଶ୍ୱର ବିଭିନ୍ନ ଦେଶରେ ମେ ପହିଲାକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଇଆସୁଛି। ଏହି ଦିନ ବ୍ୟାଙ୍କ, ସରକାରୀ ଅଫିସ୍, କଳ କାରଖାନା ଆଦି ଛୁଟି ଥିବାରୁ ଏହି ଦିବସକୁ ଶ୍ରମିକମାନେ ଖୁସିର ସହ ପାଳନ କରିଥାନ୍ତି। ଶେଷଣ ବିରୋଧରେ ଟ୍ରେଡ୍ ୟୁନିୟନ୍ ଓ ଶ୍ରମିକମାନଙ୍କ ଆନ୍ଦୋଳନ ଫଳରେ ଦିନକୁ ୮ ଘଣ୍ଟା କାମ କରିବା ଓ ଶ୍ରମିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ଲାଗି ୧୯୮୬ ମସିହାରେ ଚିକାଗୋରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶିଳ୍ପାୟନର ଅଭିବୃଦ୍ଧି ସହ ଆମେରିକାରେ ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯାଇ ଜୋର୍ ଜବରଦସ୍ତ ୧୫ ଘଣ୍ଟାରୁ ଅଧିକ ସମୟ କାମ କରିବା ଲାଗି ବାଧ୍ୟ କରାଯାଉଥିଲା। ସାମାଜିକ ସୁରକ୍ଷା ସହ ଉପଯୁକ୍ତ

ମଜୁରି, ଛୁଟି, ଶୋଷଣମୁକ୍ତ ପରିବେଶ ଲାଗି ଶ୍ରମିକମାନେ ଏହା ବିରୋଧରେ ଆନ୍ଦୋଳନ କରି ଶେଷରେ ସଫଳ ହେଲେ। ଶ୍ରମିକ ଓ କାରୀଗରମାନେ ଦେଶ ବିକାଶ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛନ୍ତି। ଭାରତରେ ଏହି ଦିବସ ବହୁ ଆଗ(୧୯୨୩)ରୁ ପାଳନ କରାଯାଇଆସୁଛି। ଏହାକୁ 'ମେ ଡେ' ବୋଲି ମଧ୍ୟ କୁହାଯାଉଛି। ଏହା ଅବକାଶ ଦିବସ ହୋଇଥିବାରୁ ଶ୍ରମିକମାନଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥାଏ। ଶ୍ରମିକମାନେ ଏ ଦେଶ ଦୁନିଆକୁ ଶ୍ରମଦେଇ ଗଢ଼ିବା ସହ ଆଧୁନିକତା ଆଣିଦେଇଛନ୍ତି। ସେମାନଙ୍କ ପରିଶ୍ରମ ଓ ଉଦ୍ୟମ ଯୋଗୁ ଆମେ ବିକାଶର ଶିଡ଼ି ଚଢ଼ିବାରେ ସକ୍ଷମ ହୋଇଛୁ। ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ଟ୍ରେଡ୍ ୟୁନିୟନ ପକ୍ଷରୁ ଏହି ଦିନ ନିଜର ଦାବିକୁ ସଫଳ କରିବା ଲାଗି ଜୋର୍‌ଦାର କରାଯାଇଥାଏ। ଏଥିସହ ସେମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଥାଏ। ଚଳିତବର୍ଷ କରୋନା ମହାମାରୀ ଯୋଗୁ ଲକ୍‌ଡାଉନ୍ ଜାରି ରହିଥିବାରୁ ବାହାରକୁ ବାହାରିବା ସମ୍ଭବ ନୁହେଁ। ସାମାଜିକ ଦୂରତ୍ୱ ରକ୍ଷା ସହ ଏହି ଦିବସକୁ ସୋସିଆଲ ମିଡିଆ ମାଧ୍ୟମରେ ପାଳନ କରିବାକୁ ପରାମର୍ଶ ଦିଆଯାଉଛି।

ପର୍ବତାରୋହଣରେ କ୍ଷତି ୯୦୦୦ କୋଟି

କାଠମାଣ୍ଡୁ: ଦୁଃସାହସିକ ପର୍ବତ ଆରୋହଣର ସ୍ୱର୍ଗ କୁହାଯାଉଥିବା ନେପାଳ ଉପରେ ପଡ଼ିଛି କରୋନାର କୁଦୃଷ୍ଟି। ପର୍ବତାରୋହଣ ଋତୁରେ ଖାଲିପଡ଼ିଛି ଏଭରେଷ୍ଟ ବେସ୍ କ୍ୟାମ୍ପ। ହାତବାନ୍ଧି ବସିଛନ୍ତି ପର୍ବତାରୋହଣର ଜଟିଳ ସୂତ୍ର ଶିଖାଉଥିବା ଦୁଃସାହସୀ ସେର୍‌ପା। କୋଭିଡ୍-୧୯ ସଂକ୍ରମଣ କାରଣରୁ ଚଳିତ ବର୍ଷ ପର୍ଯ୍ୟଟନ ଶିଳ୍ପ ହାତବାନ୍ଧି ବସିଥିବାବେଳେ ନେପାଳ ହାରାହାରି ୯୦୦୦ କୋଟି ଟଙ୍କାର କ୍ଷତି ସହିବ ବୋଲି ଆଶଙ୍କା ସୃଷ୍ଟି ହୋଇଛନ୍ତି।

୨୪ ମାର୍ଚ୍ଚ। ଏହିଦିନ ନେପାଳ ସରକାର ପର୍ବତାରୋହଣରେ ରୋକ୍ ଲଗାଇଥିଲେ, ଯାହା ନେପାଳ ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ସାଧାରଣତଃ ମାର୍ଚ୍ଚ ଏବଂ ଏପ୍ରିଲ୍‌ରେ ଏଠାରେ ପର୍ବତାରୋହଣ ଆରମ୍ଭ ହୋଇଥାଏ। ପ୍ରଳୟଙ୍କରୀ ଭୂମିକମ୍ପ ବର୍ଷରେ ମଧ୍ୟ ପର୍ବତାରୋହଣ ଏବଂ ପର୍ଯ୍ୟଟନ ଶିଳ୍ପ ଏପରି ପ୍ରଭାବିତ ହୋଇ ନ ଥିଲା। ହେଲେ ଚଳିତବର୍ଷ କରୋନା ସବୁକିଛି ବିଗାଡ଼ି ଦେଇଛି। ଗତବର୍ଷ ମେ' ଶେଷବେଳକୁ ପର୍ବତାରୋହଣ ଋତୁ ସରିବା ପରେ ଆରୋହୀ, ସେର୍‌ପା ଏବଂ ଗ୍ରାଉଣ୍ଡ ଷ୍ଟାଫ୍ ଫେରି ଆସିଥିଲେ। କାରଣ ଜୁନ୍ ବେଳକୁ ବସନ୍ତ ଋତୁ ଶେଷ ହେବା ସହ ବରଫ ତରଳିବା ଆରମ୍ଭ ହୋଇଯାଇଥାଏ। ଫଳରେ ରାସ୍ତା ଅତି ବିପଜ୍ଜନକ ହୋଇପଡ଼େ। ତେଣୁ ଏହି ସମୟରେ ପର୍ବତାରୋହଣ ପାଇଁ ଅନୁମତି ମିଳେନାହିଁ। ଏଠାରେ ସରକାର ପର୍ବତାରୋହଣ ପାଇଁ ୭୫ ଦିନର ପରମିଟ୍ ପ୍ରଦାନ କରିଥାନ୍ତି। ନେପାଳର ମୋଟ ଜିଡିପିର ୪% ପର୍ବତ ଆରୋହଣରେ ରୁଚି ରଖୁଥିବା ଆରୋହୀଙ୍କଠାରୁ ଆସିଥାଏ। ୨୦୨୦ରେ ପାଖାପାଖି ୨୦ ଲକ୍ଷ ପର୍ଯ୍ୟଟକଙ୍କ ଆଗମନ ଲାଗି ସରକାର ପ୍ରସ୍ତୁତ ହେଉଥିଲେ। ହେଲେ କରୋନା ସବୁ ଫିକା କରିଦେଇଛି। କେବଳ ଏତିକି ନୁହେଁ, ପର୍ବତାରୋହଣ ସହିତ ଜଡ଼ିତ ଏୟାରଲାଇନ୍ସ, ହୋଟେଲ, ଟ୍ରାଭେଲ, ଟ୍ରାକିଂ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୧ ଲକ୍ଷ ବୃତ୍ତିଧାରୀଙ୍କ ଜୀବିକା ଉପରେ ବିପଦ ଘନେଇବାରେ ଲାଗିଛି।



ବୃତ୍ତିଚିନ୍ତାରେ ଦୁଃସାହସୀ ସେର୍‌ପା

କୋଭିଡ୍ ମାଡ଼ରେ ସବୁଠାରୁ ବେଶି ପ୍ରଭାବିତ ହୋଇଛନ୍ତି ସେର୍‌ପା। ପର୍ବତାରୋହଣର ୭୫ଦିନ ଭିତରେ ସେମାନେ ପର୍ବତାରୋହୀଙ୍କ ମୁଖ୍ୟ ସହଚର ପାଲଟିଥାନ୍ତି। ସେମାନଙ୍କ ସହଯୋଗ ବିନା ଏଭରେଷ୍ଟ ଶିଖରରେ ପହଞ୍ଚିବା ଏକ ଅସମ୍ଭବ ବ୍ୟାପାର। ଏହି ସମୟରେ ଜୀବନକୁ ବିପଦ ମୁହଁକୁ ଠେଲି ସେମାନେ ବର୍ଷକ ପାଇଁ ରୋଜଗାର କରିଥାନ୍ତି। ଚଳିତବର୍ଷ ଏପ୍ରିଲ୍‌ରେ ପର୍ବତାରୋହଣ ଲାଗି ସେମାନେ ସମସ୍ତ ପ୍ରସ୍ତୁତି ଶେଷ କରିସାରିଥିଲେ। ହେଲେ କୋଭିଡ୍ ପାଇଁ ସେମାନଙ୍କୁ ନିରାଶ ହେବାକୁ ପଡିଛି।

ଏଭରେଷ୍ଟ ବେସ୍‌କ୍ୟାମ୍ପର ସବୁଠାରୁ ନିକଟତମ ସେର୍‌ପା ଗାଁ ଖରିଖୋଳା। ଲୋୟର ଏଭରେଷ୍ଟସ୍ଥିତ ଏହି ଗାଁରୁ ବେସ୍‌କ୍ୟାମ୍ପକୁ ପହଞ୍ଚିବାକୁ ସାଧାରଣତଃ ୬ରୁ ୭ ଘଣ୍ଟା ଲାଗିଥାଏ। ହେଲେ ସେର୍‌ପାମାନେ ମାତ୍ର ୩ରୁ ୪ ଘଣ୍ଟାରେ ଏହି କାମ ଅତି ସହଜରେ କରିଦେଇଥାନ୍ତି। ୯ଥର ଏଭରେଷ୍ଟ ଆରୋହଣ କରିସାରିଥିବା ଆଙ୍ଗ୍ ଦାବା ସେର୍‌ପା ସ୍ତ୍ରୀ ପସାଙ୍ଗ ଫୁଡି ସେର୍‌ପା ଏବଂ ୨ ପିଲାଙ୍କ ସହ ଖରିଖୋଳାରେ ରୁହନ୍ତି। ଚଳିତବର୍ଷ ଦୁହେଁ ଏଭରେଷ୍ଟ ଆରୋହଣରେ ସାମିଲ ହୋଇଥାନ୍ତେ। ଏଥିଲାଗି ସେମାନେ ବିଦେଶୀ ପର୍ଯ୍ୟଟକଙ୍କ ସହ କଥାବାର୍ତ୍ତା ବି ହୋଇ ସାରିଥିଲେ। ହେଲେ ଚଳିତବର୍ଷ କରୋନା ପାଇଁ ସବୁ ବନ୍ଦ ହୋଇଯିବା ପରେ ସେମାନେ ଚାଷବାସରେ ମନ ଦେଇଛନ୍ତି। ଏପରି ୩୦୦୦ ଦୁଃସାହସୀ ସେର୍‌ପା ନିଜର ରୋଜଗାର ହରାଇ ହତାଶ ହୋଇପଡ଼ିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ପାଖାପାଖି ୪୫ ଦଳ ଏଭରେଷ୍ଟ ଆରୋହଣ କରିଥାନ୍ତି। ଏକ ଆକଳନ ଅନୁଯାୟୀ ଆରୋହୀଙ୍କ ସଂଖ୍ୟା ୬୦୦। ଜଣେ ପର୍ବତ ଚଢ଼ାଳି ପିଛା ହାରାହାରି ଖର୍ଚ୍ଚ ୧୧ ହଜାର ଡଲାର ଯାଏ ହୋଇଥାଏ।

କୁନି ଷ୍ଟାର୍‌ଙ୍କ କମାଲ୍

ଚଣ୍ଡିଗଢ଼: ଥରୁଟିଏ ସୁଯୋଗ ବି ଅନେକ ସମୟରେ ମଣିଷର ଭାଗ୍ୟ ବଦଳାଇବାରେ ମୁଖ୍ୟ ଭୂମିକା ନେଇଥାଏ। ଠିକ୍ ଏମିତି କିଛି ଦେଖିବାକୁ ମିଳିଛି ପଞ୍ଜାବର ଭୋଗାର ଭିଣ୍ଡରକଳା ଗାଁରେ। ଏହି ଗାଁର ଦୁଇ ନାବାଳିକା ଯଶନ୍‌ପ୍ରୀତ କୌର(୯) ଏବଂ ନୁରପ୍ରୀତ୍ କୌର(୫) ଏବେ ପାଲଟିଛନ୍ତି ଟିକ୍ ଟକ୍ ଷ୍ଟାର। ଏହି ନାବାଳିକାଙ୍କ ପିତା ସତ୍‌ନାମ୍ ଏକ ଇଟାଭାଟିରେ କାମ କରନ୍ତି। କିନ୍ତୁ ଦୁଇଝିଅଙ୍କ କଳାପ୍ରତିଭାକୁ ଦେଖି ଗାଁର ଜଣେ ଯୁବକ ସନ୍ଦୀପ୍ ନୁର୍ ସେମାନଙ୍କୁ ନେଇ ଟିକ୍ ଟକ୍ ଭିଡିଓ ଆରମ୍ଭ କରିଥିଲେ। ସେମାନଙ୍କ ଟିକ୍ ଟକ୍ ଭିଡିଓ ଏବେ ଲକ୍ଷ ଲକ୍ଷ ଲୋକଙ୍କୁ ପସନ୍ଦ ଆସିଛି। ଏତେ କମ୍ ବୟସର ଦୁଇଝିଅ ଯେଉଁଭଳି ଅଭିନୟ କରିଛନ୍ତି, ସେଥିପାଇଁ ତାଙ୍କୁ ବିଭିନ୍ନ ଅଞ୍ଚଳରୁ ଲୋକେ ପ୍ରଶଂସା କରିବା ସହିତ ସାହାଯ୍ୟ କରିବା ପାଇଁ ମଧ୍ୟ ଆଗେଇ ଆସିଛନ୍ତି। ଟିକ୍ ଟକ୍ ଭିଡ଼ିଓ ଦେଖି ସ୍ଥାନୀୟ ଏସ୍‌ପି ଦୁଇ ଝିଅଙ୍କ ସହିତ ତାଙ୍କ ମା'-ବାପାଙ୍କୁ ମଧ୍ୟ ସ୍ୱତନ୍ତ୍ରଭାବେ ସମ୍ମାନିତ କରିଛନ୍ତି। ପିଲାମାନଙ୍କ ଏଭଳି ପ୍ରତିଭାକୁ ଦେଖି ଧର୍ମକୋଟ ନଗରର କାଉନ୍‌ସିଲର ତାଙ୍କ ପାଠପଢ଼ା ଖର୍ଚ୍ଚ ଉଠାଇବା ପାଇଁ ସାହାଯ୍ୟ କରିଛନ୍ତି। ଏହା ସହିତ ଆହୁରି ଅନେକ ବ୍ୟକ୍ତି ମଧ୍ୟ ସ୍ୱଇଚ୍ଛାରେ ଦୁଇ ଝିଅଙ୍କୁ ଆର୍

କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

ନରାଜ,୩୦।୪(ଡି.ଏନ.ଏ.): କଟକ ଜିଲା ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ, ବିଡିଓ ପ୍ରଭାକର ପଣ୍ଡା ଓ ତହସିଲଦାର ରମେଶ ଚନ୍ଦ୍ର ଜେନାଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ବାଙ୍କୀ ନିର୍ବାଚନମଣ୍ଡଳୀ ୩୨ନଂ ଜୋନ୍ ଭାଜପା ଯୁବନେତା ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ବେଲଗଛିଆ ସମିତିସଭ୍ୟ ଭୁପତି ଭୂଷଣ ପାଣି, ଦାଢ଼ାପାଟଣା ସମିତିସଭ୍ୟ ସଞ୍ଜିବ ସାହୁ, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ବାଙ୍କବିହାରୀ ମାଝୀ, କିଶନ ଜେନା ଓ ଯୁବ ମୋର୍ଚ୍ଚା ସଭାପତି ପ୍ରମୋଦ ବିଶୋଇ ପ୍ରମୁଖ ଏହି ୩ ଅଧିକାରୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

ସଂକ୍ଷେପରେ

ପଶ୍ଚିମବଙ୍ଗ ଯୁବକଙ୍କ ମୃତ୍ୟୁ ସହାୟତା କଲେ ମହିଳା

ପୁରୁଣା ଭୁବନେଶ୍ୱର, ୩୦।୪ (ଡି.ଏନ.ଏ.) ମହାମାରୀ କରୋନା ସମୟରେ ଜଣେ ମହିଳା ଦେଖାଇଛନ୍ତି ମାନବିକତା। ସାମାଜିକ ଦୂରତ୍ୱ ରଖି , ମାସ୍କ ଓ ଗ୍ଲୋବସ ପିନ୍ଧି ଜଣେ ଯୁବକଙ୍କ ମୃତଦେହକୁ ସଂସ୍କାର କରିଛନ୍ତି। ଘଟଣାଟି ଘଟିଛି ଶ୍ରୀଲିଙ୍ଗରାଜ ଥାନା ଅଧୀନ ଗ୍ୟାରେଜ ଛକରେ। ଏଠାରେ ଥିବା ଏକ ମିଠା ଦୋକାନରେ ପଶ୍ଚିମବଙ୍ଗ ହୁଗୁଲିର ମସ୍ତାକପୁର ଅଞ୍ଚଳର ସମୀର ସାନ୍ଦ୍ରା ନାମକ ଯୁବକ କାମ କରୁଥିଲେ। ବୁଧବାର ତାଙ୍କ ଶରୀର ଅସୁସ୍ଥ ହେବାରେ ଦୋକାନୀ ବିଷ୍ଣୁ ଦାସ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର କେହି ଏଠାରେ ନ ଥିବାରୁ ଲକ୍‌ଡାଉନ ପାଇଁ ମୃତଦେହ ଗାଁକୁ ଯିବା ଅସମ୍ଭବ ଯୋଗୁ ପ୍ରଦୀପ ସେବା ଟ୍ରଷ୍ଟର ମଧୁସ୍ମିତା ପୃଷ୍ଟି ସ୍ଥାନୀୟ ଶଶ୍ମାନରେ ମୃତଦେହକୁ ସଂସ୍କାର କରିଥିଲେ।

ମାସ୍କ ବାଣ୍ଟି ସଚେତନ କଲେ ବିଧାୟକ

ତୌହ୍ନାର,୩୦।୪(ଡି.ଏନ୍.ଏ.): ଟାଙ୍ଗୀ-ତୌହ୍ନାର ବ୍ଲକ ଅଧୀନ ୫ଟି ପଞ୍ଚାୟତକୁ ବିଧାୟକ ସୌଭିକ୍ ବିଶ୍ୱାଳ ଗୁରୁବାର ଗସ୍ତ କରିଥିଲେ। ଲୋକଙ୍କୁ ମାସ୍କ ବାଣ୍ଟିବା ସହିତ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ୫ଟି ପଞ୍ଚାୟତର ସରପଞ୍ଚଙ୍କ ସହିତ କରୋନା ମହାମାରୀକୁ ରୋକିବା ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ଫେରନ୍ତା ଶ୍ରମିକଙ୍କ ପାଇଁ ଆଗ୍ରାହାଟ, ବାଣିପଦା, ଇନ୍ଦ୍ରାଣିପାଟଣା, କୟଳପଡ଼ା ଓ ନଖରା ଆଦି ପଞ୍ଚାୟତରେ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ରଗୁଡ଼ିକର ସ୍ଥିତି ପରଖିଥିଲେ । ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ଖାଉଟି କାର୍ଡ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ସରପଞ୍ଚଙ୍କୁ ପରାମର୍ଶ ଦେଇଥିଲେ।

ଗରିବଙ୍କୁ ରାଶନ ସାମଗ୍ରୀ ବାଣ୍ଟିଲେ ଅରିନ୍ଦମ

କଟକ ଅଫିସ,୩୦।୪: କରୋନାକୁ ନେଇ ଉପୁଜିଥିବା ସ୍ଥିତିକୁ ଦୃଷ୍ଟିରେ ରଖି ଗରିବ ଅସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଚଳଚ୍ଚିତ୍ର ଅଭିନେତା ତଥା ବିଜେଡି ନେତା ଅରିନ୍ଦମ ରାୟ। କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୧୯ ନଂ ୱାର୍ଡରେ ରହୁଥିବା ପ୍ରାୟ ୨୫୦ ଅସହାୟ ପରିବାରକୁ ଅରିନ୍ଦମ୍ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସେକ୍ ଗୋରା, ଅବଦୁର୍ ରେହମାନ୍ ପ୍ରମୁଖ ଉପସ୍ଥିତ ଥିଲେ। ସବୁ ଲୋକ ପୋଲିସ ଓ ପ୍ରଶାସନକୁ ସହଯୋଗ କରିବା ସହ ସୁରକ୍ଷିତ ଭାବେ ଘରେ ରହିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ନିଜ ସକ୍ଷମତା ଅନୁସାରେ ସମସ୍ତେ ଅସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ସେ ନିବେଦନ କରିଛନ୍ତି।

କରୋନା ବିପତ୍ତି ବେଳେ ବି ଲାଞ୍ଚ

କଟକ ଅଫିସ,୩୦।୪

ଏସ୍‌ସିବିରେ ରୋଗୀ ସମ୍ପର୍କୀୟଙ୍କ ଅଭିଯୋଗ

ସମ୍ପ୍ରତି ମହାମାରୀ କରୋନା ଭଳି ବିପତ୍ତି ସମୟରେ ବି ଏସ୍‌ସିବି ମେଡିକାଲରେ ଲାଞ୍ଚ ମଗାଯାଉଛି। କେତେଜଣ ରୋଗୀଙ୍କ ସମ୍ପର୍କୀୟ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଡ୍ୟୁଟି ସମୟରେ ସହଯୋଗ ଯୋଗାଇଦେବା ପରେ କେତେଜଣ ଗ୍ରୁପ 'ଡି' କର୍ମଚାରୀ ଟଙ୍କା ପାଇଁ ମୁହଁ ଖୋଲିବାକୁ ପଛାଉନାହାନ୍ତି। କେହି ତମର ପୁଅ ହୋଇଛି ହଜାରେ ଟଙ୍କା ଦିଅ ତ ଆଉ କେହି ତମର କ୍ୟାଥେଟର ଲଗାଇଲି କହି ୩୦୦ ଟଙ୍କା ମାଗୁଛନ୍ତି। ଏପରି କି କେତେଜଣ ନିଜ ମାନବିକତା ଭୁଲି ପଇସା ନ ଦେଲେ କାମ କରିବୁ ନାହିଁ ବୋଲି କହୁଛନ୍ତି। ସମ୍ପୃକ୍ତ କର୍ମଚାରୀମାନେ ବର୍ତ୍ତମାନର ପରିସ୍ଥିତି କଥା ବିଚାରକୁ ନେଉନାହାନ୍ତି । ଯଦି କୌଣସି ରୋଗୀ ସମ୍ପର୍କୀୟ ପଇସା ନାହିଁ ବୋଲି କହୁଛନ୍ତି, ତେବେ ସେମାନଙ୍କୁ ଶୁଣିବାକୁ ପଡୁଛି 'ହସ୍ପିଟାଲ କେମିତି ଖାଲି ହାତରେ ଆସିଛ' ଭଳି ନାନା କଥା।

ବର୍ତ୍ତମାନ ଲକ୍‌ଡାଉନ ଚାଲିଥିବାରୁ କାମଧନ୍ଦା ବନ୍ଦ ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ଏଭଳି ସମୟରେ ଅତିଜରୁରୀ ନ ହେଲେ କେହି ମେଡିକାଲକୁ ଯିବା କଥା ଚିନ୍ତା କରୁନାହାନ୍ତି। ଲକ୍‌ଡାଉନ କଟକଣା ଯୋଗୁ ଘରୁ ହସ୍ପିଟାଲକୁ ଆସିବାକୁ ହେଲେ ଅଧିକ ଟଙ୍କା ଦେଇ ଗାଡ଼ି ଭଡା କରିବାକୁ ପଡୁଛି । ତାହା ପୁଣି ଧାରଉଧାର କରି । ଏଣେ ଗାଡ଼ିଭଡ଼ା ଦେଇ ସାରିଲା ପରେ ହାତ ଖାଲି ହୋଇଯାଇଥିବାରୁ ଅନେକ ରୋଗୀ ସମ୍ପର୍କୀୟମାନେ ଖାଇବା ପାଇଁ ଚାତକ ପରି ସ୍ୱେଚ୍ଛାସେବୀଙ୍କୁ ଅପେକ୍ଷା କରି ବସୁଛନ୍ତି। ମାତ୍ର ଏକଥାକୁ ମନରୁ ହେଜି କେତେଜଣ ଗ୍ରୁପ 'ଡି' କର୍ମଚାରୀ ସହଯୋଗ ଯୋଗାଇବା ଆଳରେ ଲାଞ୍ଚ ମାଗୁଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ହସ୍ପିଟାଲ ଷ୍ଟାଫ୍‌ଙ୍କ ସମ୍ପର୍କୀୟ ବି ଏଥିରୁ ବାଦ୍ ପଡ଼ିନାହାନ୍ତି। ଅବଶ୍ୟ ପରେ ସମ୍ପୃକ୍ତ କର୍ମଚାରୀଙ୍କୁ ତାଗିଦ୍ କରାଯିବାରୁ ଟଙ୍କା ଫେରାଇଛନ୍ତି। ଅନେକ ରୋଗୀ ସମ୍ପର୍କୀୟଙ୍କ କହିବାନୁଯାୟୀ, ଏଠାରେ ସବୁ ସୁବିଧା ମିଳୁଛି। କିନ୍ତୁ କେତେଜଣ ତଳିଆ କର୍ମଚାରୀ ଲାଞ୍ଚ ମାଗି ହଇରାଣ କରିବା ଆମକୁ ବ୍ୟଥିତ କରିଛି।

ସେମାନେ କୁହନ୍ତି...

ଆମ ରୋଗୀ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲା। ଦୁର୍ଭାଗ୍ୟର ବିଷୟ ଆମର ମୃତ ଶିଶୁ ଜନ୍ମ ହୋଇଥିଲା। ତାକୁ ହସ୍ପିଟାଲ ତରଫରୁ ଡିସପୋଜ କରାଯାଇଥିଲେ ବି ଆମ ଠାରୁ ୫୦୦ ଟଙ୍କା ନେଇଯାଇଛନ୍ତି। ଯାହାର ପୁଅ କି ଝିଅ ଜନ୍ମ ହେଉଛି ତାଙ୍କଠାରୁ ନାନାଦି ବାହାନା କରି ଟଙ୍କା ଲୁଟି ନେଉଛନ୍ତି।

–ଖଗେଶ୍ୱର ବାରିକ, ରୋଗୀ ସମ୍ପର୍କୀୟ, ସାଲେପୁର

ମୋ ପୁଅର ପରିଶ୍ରାନଳୀରେ କ୍ୟାଥେଟର ଲଗାଇବାର ଥିଲା । କ୍ୟାଥେଟର ତ ଷ୍ଟୋରରୁ ମାଗଣା ଦିଆଗଲା, କିନ୍ତୁ ଏହାକୁ ଲଗାଇବା ଲୋକ ୩୦୦ଟଙ୍କା ନେଇଗଲା। ଆମେ ରୋଗୀ ସାଥିରେ ତିନି ଜଣ ଆସିଛୁ। ଗାଡ଼ିଭଡା କରି ଆସିବା ପରେ ଆଉ ଆମ ପାଖରେ ହାତ ଖର୍ଚ୍ଚ ପାଇଁ ବି କିଛି ନାହିଁ। ଏବେ ସମୟ ବହୁତ ଖରାପ ଚାଲିଛି। ତେଣୁ ଆମେ ଅନୁରୋଧ କରୁଛୁ ଯେ, ହସ୍ପିଟାଲ କର୍ତ୍ତୃପକ୍ଷ ଏ ବାବଦରେ ଟିକେ ଦୃଷ୍ଟି ଦେଇ ଏପରି କର୍ମଚାରୀଙ୍କୁ ତାଗିଦ୍ କରନ୍ତୁ।

– ପଞ୍ଚୁ ଦାସ, ରୋଗୀ ସମ୍ପର୍କୀୟ, ପଟ୍ଟାମୁଣ୍ଡାଇ

ଏହି ଅଭିଯୋଗ ସମ୍ପର୍କରେ ଆମେ ଜାଣିନାହୁଁ। ତେବେ ଏଣିକି କର୍ମଚାରୀମାନଙ୍କୁ ତାଗିଦ୍ କରାଯିବ।

–ଡାକ୍ତର ମାୟା ପାଢୀ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ମୁଖ୍ୟ, ଏସ୍‌ସିବି ମେଡିକାଲ

ରଙ୍ଗତୂଳୀ କଳାକାରଙ୍କ ବିକ୍ଷୋଭ

ପୁରୀ ଅଫିସ,୩୦।୪:

ପରିଚୟପତ୍ର ପ୍ରଦାନ ଦାବି କଲେ

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଜିଲା ରଙ୍ଗତୁଳି କଳାକାରମାନେ ଧାରଣା ଦେଇଛନ୍ତି।

ଦୁନିଆ ଯେତେ ଆଗକୁବଢିଲେ ବିରଙ୍ଗତୂଳୀ କଳାକାରଙ୍କ ଚାହିଦା ରହିଛି ଏବଂ ଆଗକୁ ମଧ୍ୟ ରହିବ। କିନ୍ତୁ ଏମାନଙ୍କ ଲାଗି ମଜୁରି ବ୍ୟବସ୍ଥା କିମ୍ବା କୌଣସି ସାମାଜିକ ସୁରକ୍ଷା ନାହିଁ। ଦିନକୁ ଦିନ ଏମାନେ ଶୋଷଣର ଶିକାର ହେଉଛନ୍ତି। ତେଣୁ ପରିଚୟପତ୍ର ଦେବା ସମେତ ବିଭିନ୍ନ ଦାବି ନେଇ ପୁରୀ ଜିଲା ରଙ୍ଗତୂଳୀ କଳାକାର ସଂଘ ପକ୍ଷରୁ ସଭାପତି ଲିଙ୍ଗରାଜ ମହାରଣା ଓ ସମ୍ପାଦକ ସରୋଜ କୁମାର ଦାସଙ୍କ ନେତୃତ୍ୱରେ ବୁଧବାର ଗୁଣ୍ଡିଚା ମନ୍ଦିର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ସଂଘ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଲକ୍‌ଡାଉନ ପ୍ରଭାବରେ ରଙ୍ଗତୂଳୀ କଳାକାରଙ୍କ କାମ ବନ୍ଦ ରହିଛି। ନିଜେ ବଞ୍ଚି ପରିବାର ଚଳାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏହାସତ୍ତ୍ୱେ କରୋନା ଦାଉରୁ ରକ୍ଷା ପାଇବା ପାଇଁ ରାଜ୍ୟର ସବୁ ଜିଲାରେ ନିଜ ଖର୍ଚ୍ଚରେ ପେଣ୍ଟିଂ ମାଧ୍ୟମରେ ସେମାନେ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି। ହେଲେ ଆଗକୁ କିପରି ପରିବାର ଚଳାଇବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସଂଘ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନିକଟରେ ରାଜ୍ୟ ସରକାର ୱାଲ୍‌ପେଣ୍ଟିଂ ଓ ସୌନ୍ଦର୍ଯ୍ୟକରଣ କାମ ଲାଗି ରଙ୍ଗତୂଳୀ କଳାକାରଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଥିଲେ। ଏ ନେଇ କଳାକାରମାନେ ଅନେକ ଆଶା ବାନ୍ଧିଥିଲେ। କିନ୍ତୁ କୌଣସି ଏକ ମହିଳା ଗ୍ରୁପ୍ ମାଧ୍ୟମରେ ଉକ୍ତ କାମ କରାଇବା ଲାଗି ନିଷ୍ପତ୍ତି ହୋଇଥିବାରୁ କଳାକାରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାକୁ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ସମସ୍ତ ରଙ୍ଗତୂଳୀ କଳାକାରଙ୍କୁ ପରିଚୟ ପତ୍ର ପ୍ରଦାନ, କେବଳ ରାଶନକାର୍ଡଧାରୀଙ୍କୁ ନୁହେଁ, ସମସ୍ତ ଆର୍ଥିକ ଦୁର୍ବଳ ବର୍ଗ ପରିବାରକୁ ସହାୟତା ପ୍ରଦାନ ଆଦି ଦାବି କରାଯାଇଛି।

ଆର୍ଥିକ ସହାୟତା ଦାବି

କଟକ ଅଫିସ,୩୦।୪:

ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ଚାନ୍ଦିନୀଚୌକସ୍ଥିତ ସଙ୍ଗଠନର ମୁଖ୍ୟ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ସେଖ ଅବଦୁଲ୍ଲାଙ୍କ ସଭାପତିତ୍ୱରେ ଲକ୍‌ଡାଉନ ପାଇଁ ପ୍ରଭାବିତ ଲୋକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସଙ୍ଗଠନର ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ତିନୋଟି ଦାବି ଉପସ୍ଥାପନ କରାଯାଇଛି। ବାରିକ ସମାଜ ଲକ୍‌ଡାଉନ ପ୍ରଭାବରେ ନିଜର କୌଳିକ ବୃତ୍ତି ହରାଇଛନ୍ତି। ତେଣୁ ସେମାନଙ୍କୁ ସର୍ବନିମ୍ନ ମଜୁରି ହିସାବରେ ତିନିମାସର ୨୦ହଜାର ଟଙ୍କା ଆର୍ଥିକ ସହାୟତା ଯୋଗଇ ଦେବାକୁ ଦାବି କରାଯାଇଛି। ଏହାଛଡା ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରାଯାଇ ରିଲିଫ ପ୍ରଦାନ କରିବା, ଘରୋଇ କାର୍ଯ୍ୟରେ ନିୟୋଜିତ ମହିଳା ଶ୍ରମିକଙ୍କ ପାଇଁ ଆର୍ଥିକ ପ୍ୟାକେଜ ଘୋଷଣା କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏନେଇ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ଏସ୍‌ସିବି ଚକ୍ଷୁ ବିଭାଗ ପ୍ରବେଶପଥକୁ ନେଇ ଟଣାଓଟରା

କଟକ, ୩୦।୪

ଏସ୍‌ସିବି ଚକ୍ଷୁ ବିଭାଗର ୨ଟି ପ୍ରବେଶ ପଥ ମଧ୍ୟରୁ ଗୋଟିଏ କରୋନା ପରୀକ୍ଷାଗାର ତଥା ଆଇସୋଲେଶନରେ ରହୁଥିବା ଲୋକଙ୍କ ଯାତାୟାତ ପାଇଁ ସଂରକ୍ଷିତ ରଖାଯାଇଛି। ଏହି ପ୍ରବେଶ ପଥରେ ଉଭୟ ଶିଡ଼ି ଏବଂ ଲିଫ୍ଟ ବ୍ୟବସ୍ଥା ରହିଛି। ସେହିପରି ଅନ୍ୟ ଏକ ବାଟ ଦେଇ ଚକ୍ଷୁ ବିଭାଗର କର୍ମଚାରୀ ଓ ରୋଗୀ ଯିବା ଆସିବା କରନ୍ତି। ପ୍ରବାସୀ ଓଡ଼ିଆ ଫେରିବା ପରେ କରୋନା ପରୀକ୍ଷା ଏବଂ ଆଇସୋଲେଶନ ନିମନ୍ତେ ଅଧିକ ଭିଡ଼ ହେବା ଆଶଙ୍କା କରି ହସ୍ପିଟାଲ କର୍ତ୍ତୃପକ୍ଷ ଏବେ ଉଭୟ ବାଟକୁ ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନେଇଥିବା ଶୁଣିବାକୁ ମିଳୁଛି । ସୂଚନା ଅନୁଯାୟୀ, ଚକ୍ଷୁ ବିଭାଗ ନିମନ୍ତେ ଅତୀତରେ ଚାରିମହଲା ବିଶିଷ୍ଟ କୋଠା ଉତ୍ସର୍ଗ କରାଯାଇଥିଲା। କିଛି ବର୍ଷ ପୂର୍ବେ ଚତୁର୍ଥ ମହଲାକୁ ଡେଙ୍ଗୁ, ସ୍ୱାଇନଫ୍ଲୁ ଏବଂ ଏବେ କରୋନା ନିମନ୍ତେ ବ୍ୟବହାର କରାଗଲା। ତୃତୀୟ ମହଲାରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ପରୀକ୍ଷା କରାଯାଉଥିବାବେଳେ ଦ୍ୱିତୀୟ ମହଲାରେ ଚକ୍ଷୁ ବିଭାଗ ଅପରେଶନ ଥିଏଟର ଓ ପ୍ରଥମ ମହଲା ସୁପରସ୍ପେଶାଲିଟି ଆଉଟଡୋର ପାଇଁ ଉଦ୍ଦିଷ୍ଟ ରହିଛି। ତେଣୁ ଚକ୍ଷୁ ବିଭାଗର ରୋଗୀ ଏବଂ କର୍ମଚାରୀଙ୍କ ନିମନ୍ତେ କେବଳ ତଳ ମହଲାଟି ବ୍ୟବହାର ହୋଇପାରୁଥିଲା। କିଛି ଦିନ ପୂର୍ବେ ଏହି ସ୍ଥାନରୁ କିଛି ଅଂଶକୁ ଅସ୍ଥାୟୀ ପାଚେରି ଦିଆଯାଇ ଉଭୟ ଶିଡି ଓ ଲିଫ୍ଟକୁ ଛାଡ଼ିଦିଆଗଲା। ଏବେ ଜରୁରିକାଳୀନ ଅପରେଶନ ନିମନ୍ତେ ଏହି ବିଭାଗ ଇଏନ୍‌ଟି ବିଭାଗର ଓଟି ଉପରେ ନିର୍ଭର କରୁଛି। କିନ୍ତୁ ଏବେ ହସ୍ପିଟାଲ କର୍ତ୍ତୃପକ୍ଷ ମୁଖ୍ୟ ବାଟକୁ ମଧ୍ୟ କରୋନା ଉଦ୍ଦେଶ୍ୟରେ ବ୍ୟବହାର କରିବା କଥା ଶୁଣିବା ପରେ କର୍ମଚାରୀମାନେ ଅସନ୍ତୁଷ୍ଟ ବ୍ୟକ୍ତ କରିଛନ୍ତି।

ପାନଚାଷୀଙ୍କୁ ସହାୟତା, ପ୍ରୋତ୍ସାହନ ଦିଆଯାଉ

ପୁରୀ ଅଫିସ,୩୦।୪:

ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

କରୋନା ଲକ୍‌ଡାଉନ ଯୋଗୁ ପାନଚାଷୀଙ୍କ ଦୁର୍ଦ୍ଦଶା ଅଧିକ ବଢିଯାଇଛି। ତେଣୁ ପାନଚାଷୀଙ୍କ ସମସ୍ୟା ଦୂର ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ମାଧ୍ୟମରେ କେତେକ ପ୍ରସ୍ତାବ ଦିଆଯାଇଛି। ସେଥିରେ ଦର୍ଶାଯାଇଛି ଯେ, କରୋନା ମାଡ଼ରେ ଓଡ଼ିଶାର ପାନଚାଷୀ ଅଣ୍ଟା ସଳଖି ପାରୁନାହାନ୍ତି। କାକଟପୁର, ଅସ୍ତରଙ୍ଗ, ଗୋପ, ନିଆଳି, ନିମାପଡ଼ା, କଣ୍ଟାପଡା, କୁଜଙ୍ଗ, ଭୋଗରାଇ, ବାଲେଶ୍ୱର, ହିଞ୍ଜିଳିକାଟୁ, ଶେରଗଡ଼ ପ୍ରଭୃତି ଅଞ୍ଚଳର ହଜାର ହଜାର ପାନଚାଷୀ ବର୍ତ୍ତମାନ ସଙ୍କଟ ପରିସ୍ଥିତି ମଧ୍ୟଦେଇ ଗତି କରୁଛନ୍ତି। କୃଷିକ୍ଷେତ୍ରରେ ତାଲାବନ୍ଦୀ କଟକଣା କୋହଳ ପରେ ମଧ୍ୟ ବିପଣନ ଓ ରପ୍ତାନୀ ପୂର୍ବ ପରି ହେଉନାହିଁ। କାଁ ଭାଁ କେତେକ ସ୍ଥାନରେ ଚାଷୀ ପାନ ନେଇ ହାଟକୁ ଯାଉଛନ୍ତି, କିନ୍ତୁ ବିକ୍ରି କରିବାରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହେଉଛି ସେଥିରେ ସେମାନେ ହତୋତ୍ସାହିତ ହୋଇପଡୁଛନ୍ତି। ଅନ୍ୟପକ୍ଷରେ ଯେଉଁ ଚାଷୀମାନେ ଧାର କରଜ ଓ ଋଣ କରି ପାନଚାଷକୁ ସଜାଡ଼ିଥିଲେ ସେମାନେ ସବୁଠୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଭଳି ଦୁଃସ୍ଥିତି ସମୟରେ ରାଜ୍ୟର ପ୍ରତ୍ୟେକ ପାନଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା, ଉଚ୍ଚୁଡ଼ା ବରଜ ସଜାଡ଼ିବାକୁ ବର୍ଷେ ପର୍ଯ୍ୟନ୍ତ ବିନା ସୁଧରେ ୫୦ ହଜାର ଟଙ୍କା କୃଷିଋଣ ପ୍ରଦାନ ଏବଂ ପୂର୍ବ ନିର୍ଦ୍ଧାରିତ ପାନହାଟ ଖୋଲି ବାହାର ରାଜ୍ୟ ଓ ବିଦେଶକୁ ପାନ ରପ୍ତାନୀ ବ୍ୟବସ୍ଥା କରିବା ପାଇଁ ପିସିସି କିଷାନ ସେଲ୍ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି । ଏତଦ୍‌ବ୍ୟତୀତ ପାନ ଚାଷରେ ମୂଲ୍ୟଯୁକ୍ତ ଆୟବୃଦ୍ଧି ନିମନ୍ତେ ପ୍ରତି ବରଜ ହୁଡ଼ାରେ ଉନ୍ନତ କିସମର ହାତୀଖୋଜିଆ ଖମ୍ବ ଆଳୁ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉ। ପ୍ରତି ଆଗ୍ରହୀ ଚାଷୀଙ୍କୁ ବିନା ମୂଲ୍ୟରେ ୧କୁଇଣ୍ଟାଲ ଖମ୍ବଆଳୁ ବିହନ ଯୋଗାଇଦେବା ପାଇଁ ପିସିସି କିଷାନ ସେଲ୍‌ର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଅନୁରୋଧ କରିଛନ୍ତି।

ଫେରନ୍ତା ଶ୍ରମିକ, ଆର୍ଥିକ ମାନ୍ଦାବସ୍ଥାକୁ ଗୁରୁତ୍ୱ

କଟକ ଅଫିସ,୩୦।୪

କଟକ ଜିଲା ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ ଦୁଇ କୋଭିଡ୍ ପର୍ଯ୍ୟବେକ୍ଷକ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଏବଂ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର ଗୁରୁବାର କଟକ ଗସ୍ତ କରିଛନ୍ତି। ଏହି ସମୟରେ ଉଭୟ କ୍ୱାରାଣ୍ଟାଇନ୍ କେନ୍ଦ୍ର ଏବଂ ଏସ୍‌ସିବି ମେଡ଼ିକାଲ୍ ପରିଦର୍ଶନ କରିବା ସହ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନେଇ ଆଲୋଚନା କରିଥିଲେ।

ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ଦ୍ୱୟ ଯୋଗ ଦେଇଥିଲେ। ରାଜ୍ୟ ବାହାରୁ ଆସୁଥିବା ତଥା ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଓ ଆର୍ଥିକ ମ

ସଂକ୍ଷେପରେ

ଗ୍ୟାସ୍ ଟାଙ୍କି ଫାଟି ଘର ଜଳିଗଲା

କେନ୍ଦ୍ରାପଡା ଅଫିସ,/ରାଜକନିକା, ୩୦।୪(ଡି.ଏନ୍.ଏ.): କେନ୍ଦ୍ରାପଡା ବ୍ଲକ ଆୟବା ପଞ୍ଚାୟତ ବାଲିଗୋଠ ଗ୍ରାମରେ ଗୁରୁବାର ଗ୍ୟାସ୍ ଟାଙ୍କି ଫାଟି ବଟକୃଷ୍ଣ ଦାସଙ୍କ ଘର ଜଳିଯାଇଛି। କେନ୍ଦ୍ରାପଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେହିପରି ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ଅଚ୍ୟୁତପୁର ଗ୍ରାମରେ ଗ୍ୟାସ୍ ଟାଙ୍କି ଫାଟି ଖଗେଶ୍ୱର ମହାନ୍ତିଙ୍କ ୪ ବଖରା ପୋଡିଯାଇଛି। କନିକା ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।

ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ମାର୍ଶାଘାଇ, ୩୦।୪ (ଡି.ଏନ୍.ଏ.): ମାର୍ଶାଘାଇ ଥାନା କଷୋଟିବାଲି ଗ୍ରାମ ଦେଇ ପ୍ରବାହିତ ଲୁଣା ନଦୀରୁ ନିକଟସ୍ଥ କୁସୁନୁପୁର(ବାରଭଦ୍ରପୁର) ଗ୍ରାମର ରତ୍ନାକର ସାହୁଙ୍କ ପୁତ୍ର ରଶ୍ମିରଞ୍ଜନଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ବୁଧବାର ସେ ଲୁଣା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନଦୀ ସ୍ରୋତରେ ଭାସି ଯାଇଥିଲେ। ମାର୍ଶାଘାଇ ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜାଖୋଜି ପରେ ବି ତାଙ୍କର ପତ୍ତା ମିଳି ନ ଥିଲା। ଗୁରୁବାର ସକାଳୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏ ନେଇ ୧୦/୨୦ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

୪ ଚୋରା ଟ୍ରକ୍ ଜବତ

ରାଜନଗର, ୩୦।୪ (ଡି.ଏନ୍.ଏ.): ରାଜନଗର ବ୍ଲକ ତାଳଚୁଆ ଅଞ୍ଚଳରୁ କଲିକତାକୁ ଧାନ ଚାଲାଣ ହେଉଥିବା ୪ଟି ଟ୍ରକକୁ ବୁଧବାର ରାତିରେ ଜବତ କରାଯାଇଛି। ତାଳଚୁଆ ସାମୁଦ୍ରିକ ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ବାରିକ ୪ ଟ୍ରକ ଜବତ କରି ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ଅଧିକାରୀ ଏହାର ଯାଞ୍ଚ କରୁଛନ୍ତି।

ପିପିଏଲ୍ ଦେଲା ୧.୫ କୋଟି

ପାରାଦୀପ, ୩୦।୪ (ସ୍ୱ.ପ୍ର.): କରୋନା ମୁକାବିଲା ପାଇଁ ପାରାଦୀପ ଫସ୍‌ଫେଟସ୍ ଲିମିଟେଡ୍ (ପିପିଏଲ୍) ପକ୍ଷରୁ ମଙ୍ଗଳବାର ରାଜ୍ୟ ବିପର୍ଯ୍ୟୟ ପ୍ରଶାସନ କର୍ତ୍ତୃପକ୍ଷଙ୍କୁ ୧.୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଓସ୍‌ଡମାର ଏମ୍‌ଡି ପ୍ରଦୀପ କୁମାର ଜେନାଙ୍କୁ ପିପିଏଲ୍‌ର ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ୧.୫ କୋଟିର ଚେକ୍ ପ୍ରଦାନ କରିଛନ୍ତି। ଏହି ସମୟରେ କମ୍ପାନୀ କର୍ତ୍ତୃପକ୍ଷ ସୁଧୀର ରଞ୍ଜନ ମିଶ୍ର ଓ ଓମ୍‌ପ୍ରକାଶ ସାହୁ ଉପସ୍ଥିତ ଥିଲେ।

ଖେଳ ହେଲା କାଳ

ନୟାଗଡ଼ ଅଫିସ,୩୦।୪: ପୋଖରୀରେ ବାଉଁଶପଟାଳି ଖେଳ ଜଣେ ଛାତ୍ରଙ୍କ ପାଇଁ କାଳ ହୋଇଛି। ଗୁରୁବାର ପୂର୍ବାହ୍ନରେ ସେ ଖେଳୁଥିବାବେଳେ ପୋଖରୀରେ ବୁଡିଯାଇଥିଲେ। ପରିବାର ଲୋକେ ପହଞ୍ଚି ପାଣିରେ ମୃତଦେହ ଭାସୁଥିବା ଦେଖିଥିଲେ। ମୃତକ ହେଲେ ଦଶପଲ୍ଲା ବ୍ଲକ ଟାକେରା ପଞ୍ଚାୟତ ଚିଲିପଥର ଟିକିରିସାହିର ସନ୍ଦୀପ ପ୍ରଧାନ (୧୩)।

ବିପନ୍ନ ହୋଇଛି ଶ୍ରମିକଙ୍କ ଜୀବନଜୀବିକା

ଯାଜପୁର ଅଫିସ,୩୦।୪

ଦରମା ପାଇଁ ଆନ୍ଦୋଳନରତ ଶ୍ରମିକ। (ଫାଇଲ୍ ଫଟୋ)

ଏସିଆର ସର୍ବବୃହତ୍ତ ଇସ୍ପାତ ହବ୍ ଭାବେ ପରିଚିତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆନ୍ତର୍ଜାତିକ ଶ୍ରମିକ ଦିବସ କେବଳ ପ୍ରହସନ ପାଲଟିଛି। ଏହି ଦିବସକୁ କେବଳ ଛୁଟିଦିନ ଭାବେ ପାଳନ କରାଯାଉଥିବାବେଳେ ଶ୍ରମିକଙ୍କ ବାସ୍ତବ ସମସ୍ୟା ଅସମାହିତ ହୋଇ ରହିଛି। କରୋନା ସଂକ୍ରମଣକୁ ପ୍ରତିହତ ସକାଶେ ଲକଡାଉନ ଜାରି କରାଯାଇଥିବାବେଳେ କେତେକ ଶିଳ୍ପ କାରଖାନା ବନ୍ଦ କରାଯାଇ ଶ୍ରମିକଙ୍କ ଜୀବନଜୀବିକା ସହିତ ଖେଳ ଖେଳାଯାଇଛି। କଳିଙ୍ଗନଗରସ୍ଥିତ ୪ରୁ ଊର୍ଦ୍ଧ୍ୱ କାରଖାନାରେ ଗତ ପ୍ରାୟ ୩ ମାସ ହେବ ୭ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏକମାତ୍ର ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ)ର କୋକ୍ ଓଭେନ ଓ ବାଏ ପ୍ରଡକ୍ଟ ପ୍ଲାଣ୍ଟକୁ ମାର୍ଚ୍ଚ ୩୦ରୁ ବନ୍ଦ କରି ଦେବା ପରେ ପ୍ରାୟ ୪ ହଜାର କର୍ମଚାରୀ, ଶ୍ରମିକଙ୍କ ଜୀବିକା ବିପନ୍ନ ହୋଇଛି। ଏଭଳି ସ୍ଥିତିରେ ଶ୍ରମିକ ଦିବସରେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଶ୍ରମିକଙ୍କ ଆଖିରେ ଲୁହ ଝରୁଛି ବୋଲି ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ପ୍ରକାଶ କରିଛନ୍ତି।

କରୋନା ମହାମାରୀ ପ୍ରତିକାର କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାର କୋଟିକୋଟି ଶ୍ରମିକ, କର୍ମଚାରୀଙ୍କ ଜୀବନ ରକ୍ଷା ପାଇଁ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଶିଳ୍ପ କାରଖାନାର କର୍ତ୍ତୃପକ୍ଷ କେତେକ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହାତ କରି ଶ୍ରମିକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି ବୋଲି ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଇସ୍ପାତ କାରଖାନାକୁ ଲକଡାଉନର ସୁଯୋଗ ନେଇ ବେଆଇନଭାବେ ବନ୍ଦ କରି ତିନି ମାସ ଧରି କର୍ମଚାରୀଙ୍କୁ ଦରମା ନ ଦେବା ଶ୍ରମିକ ଶ୍ରେଣୀଙ୍କୁ ବ୍ୟଥିତ କରିଛି। ଏହାସହ ମେସ୍‌କୋ ଷ୍ଟିଲ କର୍ମଚାରୀଙ୍କୁ ଦରମା ନ ଦେଇ କାରଖାନାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ସହିତ ଜିନ୍ଦଲ କର୍ତ୍ତୃପକ୍ଷ ଠିକ୍ ସେହିପରି ଠିକାଦାରଙ୍କ ଦ୍ୱାରା କାମ ନାହିଁ ତ ଦରମା ନାହିଁ ପଦ୍ଧତି ଅନୁସରଣ କରୁଛନ୍ତି। ଯୁବ ଶ୍ରମିକ ନେତା ଅଶ୍ୱିନୀ ଧଳ କହିଛନ୍ତି, ଭିସା ଷ୍ଟିଲ, ମୈଥାନ ଇସ୍ପାତ କାରଖାନାରେ ପ୍ରାୟ ୨ହଜାର ଶ୍ରମିକ ଗତ ୬ମାସ ହେଲା ଦରମା ପାଇ ନାହାନ୍ତି। ଏପରିକି କେତେକ ଶ୍ରମିକଙ୍କୁ କାମ ନାହିଁ କହି ତଡ଼ି ଦେଇଥିବାରୁ ସେମାନେ ଭୋକ ଉପାସରେ କାଳାତିପାତ କରୁଛନ୍ତି। ତେଣୁ ଏହା ଉପରେ ତୁରନ୍ତ ଦୃଷ୍ଟି ନ ଦେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଧଳ ଚେତାବନୀ ଦେଇଛନ୍ତି। ବିଶେଷ କରି ଅଣସଂଗଠିତ ଶ୍ରମିକ କ୍ଷେତ୍ରରେ ସରକାରଙ୍କ କୌଣସି ଆଇନ କାର୍ଯ୍ୟକାରୀ ହେଉ ନାହିଁ। ଏହି କ୍ରମରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସରକାରଙ୍କ ବିଭିନ୍ନ ଶ୍ରମ ଆଇନକୁ ଉଲ୍ଲଂଘନ ହେବାର ଅନେକ ନଜିର ରହିଛି। ଦିନକୁ ଦିନ ଠିକା ଶ୍ରମିକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ବିନା ନୋଟିସରେ ବାହାର କରି ଦିଆଯାଉଛି। ଏନେଇ ଶ୍ରମ ବିଭାଗର ଦ୍ୱାରସ୍ଥ ହେଉଥିଲେ ହେଁ କୌଣସି ଫଳପ୍ରଦ ହେଉନାହିଁ। ହଜାର ହଜାର ଠିକା ଓ ନିୟମିତ ଶ୍ରମିକ ମାମଲା ବିଚାର ହୋଇ ନ ପାରି ପଡ଼ି ରହିଛି। ଅନ୍ୟପକ୍ଷେ କମ୍ପାନୀ ମାଲିକ କୋଟିକୋଟି ଟଙ୍କା ଲାଭ ପାଉଥିବାବେଳେ ଶ୍ରମିକଙ୍କ ଦୁର୍ଦ୍ଦଶା ଅଣାୟତ୍ତ ହେବାରେ ଲାଗିଛି। ପ୍ରକୃତ ଉତ୍ପାଦନକାରୀ ଶ୍ରମିକମାନଙ୍କ ପାଖରେ ଲାଭାଂଶ ଅର୍ଥ ପହଞ୍ଚି ପାରୁନାହିଁ ବୋଲି ବିଭିନ୍ନ ଶ୍ରମିକ ସଂଗଠନ ଅଭିଯୋଗ ଆଣିଛି। ମେ ଦିବସରେ ହୋଇଥିବା ଶ୍ରମିକଙ୍କ ବଳିଦାନ କ୍ରମଶଃ ଆଇନ ଭିତରେ ଚପି ହୋଇ ରହିଯାଉଛି। ଶ୍ରମିକଙ୍କ ସ୍ୱାର୍ଥ ପାଇଁ କେହି ଚିନ୍ତା କରୁ ନ ଥିବାବେଳେ ମେ ଦିବସରେ କେବଳ ରାଜନୈତିକ ଭାଷଣ ବାଜିରେ ସୀମିତ ରହୁଛି ବୋଲି ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ମତ ପ୍ରକାଶ କରିଛନ୍ତି।

ଆଜି ବିଶ୍ୱ ଶ୍ରମିକ ଦିବସ

- କାର୍ଯ୍ୟକାରୀ ହେଉନି ସରକାରଙ୍କ ଆଇନ
- ୪ରୁ ଊର୍ଦ୍ଧ୍ୱ କାରଖାନାରେ ପ୍ରାୟ ୩ ମାସ ହେବ ଦରମା ପାଇ ନାହାନ୍ତି କର୍ମଚାରୀ

ଗାଁ ସାନିଟାଇଜ କଲେ ଯୁବକ

ଯୁବକମାନେ ଗାଁରେ ସଫେଇ କାର୍ଯ୍ୟ କରୁଛନ୍ତି।

ରସୁଲପୁର,୩୦।୪(ଡିଏନଏ): ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଗାଁର ଯୁବକମାନେ ରାସ୍ତାକୁ ଓଲ୍ଟାଇଛନ୍ତି। ଏହିକ୍ରମରେ ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଅରଡା ଗ୍ରାମର ଯୁବକମାନେ ଗାଁ ରାସ୍ତା ସଫା କରିଛନ୍ତି। ଯୁବକମାନେ ଗ୍ରାମର ମୁଖ୍ୟ ରାସ୍ତା, ସାହି, ଗଲିକନ୍ଦିକୁ ସଫା କରିଥିଲେ। ଗୁରୁବାର ଯୁବକମାନେ ଗ୍ରାମ ଦେବତୀ ବାରଡ଼ଙ୍ଗୀଠାରୁ ସଫେଇ କାର୍ଯ୍ୟ ଆରମ୍ଭ କରି ଅରଡା ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱକୁ ସଫା କରିବା ସହ ସାନିଟାଇଜ୍ କରିଥିଲେ। ଉକ୍ତ କାର୍ଯ୍ୟକୁ ଗ୍ରାମର ଯୁବକ ପ୍ରଶାନ୍ତ ସାହୁ, ଶିବବ୍ରତ ସାହୁ, ରାମେଶ୍ୱର ମହାନ୍ତି, ମନୋରଞ୍ଜନ ମହାନ୍ତି, ବିଭୁଦତ୍ତ ମହାନ୍ତି, ବିଶ୍ୱଜିତ ମହାନ୍ତି, ସୁଶୀଲ ବେହେରାଙ୍କ ସହିତ ଗ୍ରାମର ଯୁବକମାନେ ସାମିଲ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ମଲିକ ଯୁବକଙ୍କୁ ଉତ୍ସାହିତ କରିଥିଲେ।

୧୩୭ କଲିକତା ଫେରନ୍ତାଙ୍କ ନମୁନା ସଂଗ୍ରହ

ରସୁଲପୁର,୩୦।୪(ଡିଏନଏ)

ରସୁଲପୁର ବ୍ଲକ ଅଞ୍ଚଳକୁ ଫେରିଥିବା ୧୩୭ କଲିକତା ଫେରନ୍ତାଙ୍କ ନମୁନା ବୁଧବାର ସଂଗ୍ରହ କରାଯାଇଛି। ପୂର୍ବାହ୍ନରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧିର କୁମାର ସାହୁଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରୁ ଆସିଥିବା ଏକ ଡାକ୍ତରୀ ଦଳ ବିଭିନ୍ନ ପଞ୍ଚାୟତର କ୍ୱାରାଣ୍ଟାଇନ କେନ୍ଦ୍ର ବୁଲି ସନ୍ଦିଗ୍ଧଙ୍କ ନମୁନା ସଂଗ୍ରହ କରିଥିଲେ। ରିପୋର୍ଟ ଆସିବା ପରେ ଆଗାମୀ ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ କହିଛି।

ଖଣିସଂସ୍ଥା ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସମୀକ୍ଷା

ଯାଜପୁର ଅଫିସ, କାଳିଆପାଣି ୩୦।୪(ଡିଏନଏ)

ଓଏମ୍‌ସିସ୍ଥିତ ବୈଠକରେ ଉପସ୍ଥିତ ଜିଲା ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ।

ଲକ୍‌ଡାଉନ ଯୋଗୁ ଯାଜପୁର ଜିଲାରେ ମାସେରୁ ଊର୍ଦ୍ଧ୍ୱ ସମୟ ଧରି କିଛି ଖଣିରେ ଆଶିଂକଭାବେ କ୍ରୋମ ଉତ୍ତୋଳନ ଓ ପରିବହନ ହେଉଛି। ତେବେ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର କାଳିଆପାଣିସ୍ଥିତ ଓଡ଼ିଶା ଖଣି ନିଗମର ଅତିଥି ଭବନ ଓ ଜିନ୍ଦଲ ଷ୍ଟେନଲେସ ଲିମିଟେଡ କଳିଙ୍ଗନଗରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। କାଳିଆପାଣିସ୍ଥିତ ଓଡ଼ିଶା ଖଣିନିଗମ ଅତିଥି ଭବନରେ ଅନୁଷ୍ଠିତ ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଜିଲାପାଳ ମିହିର ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁକିନ୍ଦା ତହସିଲଦାର, ବିଡିଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, ଖଣି ନିରୀକ୍ଷକ ଅସିତ ବେହେରା, ବିଭିନ୍ନ ଖଣି ପରିଚାଳକ ଉପସ୍ଥିତ ଥିଲେ। ସେହିପରି ଜିନ୍ଦଲରେ ହୋଇଥିବା ବୈଠକରେ କଳିଙ୍ଗନଗର ଏଡିଏମ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଫ୍ୟାକ୍ଟୋରି ଆଣ୍ଡ ବଏଲର ବିଭାଗର ଉପନିର୍ଦ୍ଦେଶକ, ଯୁଗ୍ମ ଶ୍ରମ କମିଶନର, କଳିଙ୍ଗନଗର ଶିଳ୍ପାଞ୍ଚଳର ସମସ୍ତ କାରଖାନାର ମୁଖ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବୈଠକଗୁଡ଼ିକରେ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ଜିଲାପାଳ ପ୍ରତ୍ୟେକ କାରଖାନାକୁ ପୂର୍ଣ୍ଣମାତ୍ରାରେ ଉତ୍ପାଦନକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀ ଓ ଶ୍ରମିକମାନେ ନିଜ ଗାଡ଼ିରେ କମ୍ପାନୀ ପ୍ରଦତ୍ତ ପରିଚୟ ପତ୍ର ଦେଖାଇ ଶିଳ୍ପସଂସ୍ଥାଗୁଡ଼ିକୁ ଯାତାୟାତ କରିପାରିବେ। କାର୍ଯ୍ୟସ୍ଥଳରେ ସାମାଜିକ ଦୂରତ୍ୱ ବଜାୟ ରହିବ। ମାସ୍କ ପିନ୍ଧିବା ଓ ସାନିଟାଇଜେଶନକୁ ଗୁରୁତ୍ୱ ଦିଆଯିବ। ଯେଉଁ କର୍ମଚାରୀ ଓ ଶ୍ରମିକ ହଟସ୍ପଟ ଓ କଣ୍ଟେନମେଣ୍ଟ ଜୋନରୁ ଆସିବେ ସେମାନେ କ୍ୱାରାଣ୍ଟାଇନରେ ରହିବା ପରେ କାର୍ଯ୍ୟରେ ଯୋଗ ଦେବେ। ଏହାବାଦ୍ ଯେଉଁ ଡ୍ରାଇଭର ହଟସ୍ପଟ ଅଞ୍ଚଳକୁ ଲୋଡିଂ ନେଇ ଯିବେ ସେମାନେ କେଉଁ କେଉଁ ସ୍ଥାନ ଓ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି ତାହାର ସମ୍ପୂର୍ଣ୍ଣ ବିବରଣୀ ଦେବେ। ଏହି ବିବରଣୀରେ ତ୍ରୁଟି ପରିଲକ୍ଷିତ ହେଲେ ଡ୍ରାଇଭରଙ୍କୁ ୧୪ଦିନ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯିବ ବୋଲି ଜିଲାପାଳ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପରଚାଳନା କରିବା ପାଇଁ ନୋଡାଲ ଅଫିସରଭାବେ ଖଣି ନିରୀକ୍ଷକ ବେହେରାଙ୍କୁ ନିଯୁକ୍ତ କରାଯାଇଛି। ତେବେ ଜିଲାର ସମସ୍ତ ସରପଞ୍ଚ ସେମାନଙ୍କ ଅଞ୍ଚଳରୁ ଶିଳ୍ପ ସଂସ୍ଥାକୁ ଆସୁଥିବା ଶ୍ରମିକଙ୍କୁ ଅଟକାଇ ପାରିବେ ନାହିଁ ବୋଲି ଜିଲାପାଳ କହିଥିଲେ। ସମସ୍ତ ପ୍ରକାର ପରିବହନ କାର୍ଯ୍ୟକାରୀ କରିବାକୁ ଶିଳ୍ପସଂସ୍ଥାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବିଶୋଧିତ ହେଉନି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ

ପଟ୍ଟାମୁଣ୍ଡାଇ, ୩୦।୪ (ସ୍ୱ.ପ୍ର.): କରୋନା ସଂକ୍ରମଣ ରୋକିବା ପାଇଁ ସାରାଦେଶକୁ ମେ ୩ ପର୍ଯ୍ୟନ୍ତ ଲକ୍‌ଡାଉନ୍ କରାଯାଇଥିବାବେଳେ ଜନଗହଳି ସ୍ଥାନ ଓ ରାସ୍ତାଘାଟକୁ ବିଶୋଧିତ କରାଯାଉଛି। ହେଲେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମ୍ୟୁନିସିପାଲିଟି ଅଧୀନ ରାସ୍ତା ଓ ଗଳିରୁ ଅଳିଆ ସଫା ଓ ବିଶୋଧନ କାର୍ଯ୍ୟ ନାମକୁ ମାତ୍ର କରାଯାଉଛି। ପୌରପରିଷଦ ଅଧୀନ ୨୦ ୱାର୍ଡରେ ପ୍ରାୟ ୩୭ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପୌର କର୍ତ୍ତୃପକ୍ଷ ସଫେଇ ଓ ବିଶୋଧନ କାର୍ଯ୍ୟ କରାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୌରପରିଷଦରେ ୫୮ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ପୌରାଞ୍ଚଳରେ ସଫେଇ କାର୍ଯ୍ୟ ଠିକ୍ ଭାବେ କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବରିଷ୍ଠ ଆଇନଜୀବୀ ବିଜୟକେତନ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ସଚିବ, କେନ୍ଦ୍ରାପଡ଼ା ଜିଲାପାଳ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଟୁଇଟ କରି ଜଣାଇଛନ୍ତି।

ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ

ରଘୁନାଥପୁର,୩୦।୪(ଡି.ଏନ.ଏ.)

ରଘୁନାଥପୁର ଥାନା ତାରପୁର ବାଇପାସ୍‌ଠାର ଥିବା ଗୋରଖଶକ୍ତି ଜଳଖିଆ ଦୋକାନୀଙ୍କୁ ଦୋକାନ ଘର ଭଡ଼ା ଦେଇଥିବା ମାଲିକଙ୍କ ପକ୍ଷରୁ ବୁଧବାର ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏଥିରେ ଜଳଖିଆ ଦୋକାନୀ ପ୍ରହ୍ଲାଦ ସାହୁ ଆହତ ହୋଇଛନ୍ତି। ଆକ୍ରମଣକାରୀ ନିର୍ମାଣାଧୀନ ଇଟାକାନ୍ଥ ଭାଙ୍ଗିବା ସହ ସାମଗ୍ରୀ ନଷ୍ଟ କରି ଦେଇଛନ୍ତି। ଏନେଇ ଅଭିଯୋଗ ହେବାପରେ ଥାନା ପକ୍ଷରୁ ୭ ଜଣଙ୍କ ନାମରେ (ନଂ-୬୨/୨୦)ରେ ମାମଲା ରୁଜୁ ହୋଇଛି। ସାହୁ ଅଭିଯୋଗରେ ଦର୍ଶାଇଛନ୍ତି, କାଳବୈଶାଖୀ ଯୋଗୁ ଦୋକାନ ପଛପଟେ ଥିବା ଖାଦ୍ୟ ପ୍ରସ୍ତୁତି ଗୃହ ଭାଙ୍ଗି ଯାଇଥିବାରୁ ସେ ମରାମତି କରାଉଥିଲେ। ଏହି ସମୟରେ ଦୋକାନ ଭଡ଼ା ଦେଇଥିବା ପ୍ରଦୀପ ମହାନ୍ତି, ତାଙ୍କ ୨ ଭାଇ, ସମ୍ପର୍କୀୟ ଜଣେ ବନ୍ଧୁ ଓ ପରିବାରର ୩ ମହିଳା ପହଞ୍ଚି ସାହୁଙ୍କୁ ଠେଲାପେଲା କରିବା ସହ ପିଟିବାକୁ ଉଦ୍ୟମ କରିଥିଲେ। ଥାନା ଅଧିକାରୀ ନିରଞ୍ଜନ ମଲ୍ଲିକ ପହଞ୍ଚି ପ୍ରଦୀପ ଓ ତାଙ୍କର ଜଣେ ଭାଇ ଏବଂ ସମ୍ପର୍କୀୟ ବନ୍ଧୁଙ୍କୁ ଥାନାକୁ ନେଇଥିଲେ। ଅନ୍ୟଜଣେ ଫେରାର ହୋଇ ଯାଇଥିଲେ। ଗୁରୁବାର ଏସ୍‌ଆଇ ଚିନ୍ମୟ ପାଣି ପହଞ୍ଚି ଏହାର ତଦନ୍ତ କରିଛନ୍ତି।

ଖଣ୍ଡପଡ଼ାର ୪୩ ଜଣଙ୍କ ସ୍ୱାବ୍ ନମୁନା ନେଗେଟିଭ୍

ଖଣ୍ଡପଡ଼ା,୩୦।୪(ସ୍ୱ.ପ୍ର.)

ଖଣ୍ଡପଡ଼ା କୋଭିଡ୍ ହସ୍ପିଟାଲରେ ସଂଗୃହୀତ ୪୩ ଜଣଙ୍କ ସ୍ୱାବ୍ ନମୁନା ନେଗେଟିଭ୍ ଥିବା ଜଣାପଡିଛି। ଖଣ୍ଡପଡା ବ୍ଲକର ୨୧ ଓ ଭାପୁର ବ୍ଲକର ୨୨ ଏପରି ୪୩ ଜଣ ବାହାର ଫେରନ୍ତାଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ସମସ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ଓ ରିପୋର୍ଟ ନେଗେଟିଭ୍ ଆସିଥିବା ଖଣ୍ଡପଡା କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଥିବା ମୁଖ୍ୟ ଡ. ପ୍ରଦୀପ କୁମାର ପାଇକରାୟଙ୍କଠାରୁ ସୂଚନା ମିଳିଛି। ଏହି ଖବର ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ଦେଇଛି। ଏଣିକି ପ୍ରତି ସପ୍ତାହରେ ରାଜ୍ୟ ବାହାରୁ ଫେରୁଥିବା ବ୍ୟକ୍ତିଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ କଟକ ପଠାଯିବ ବୋଲି ଜଣାପଡିଛି।

ରୋକାଗଲା ନାବାଳିକା ବିବାହ

**

ସଂକ୍ଷେପରେ

ବଜ୍ରପାତରେ ମନ୍ଦିରରେ ଫାଟ

ଭଦ୍ରକ ଅଫିସ, ୩୦।୪-ଭଦ୍ରକ ବ୍ଲକ ଅଧୀନ ବେନ୍ତାଳ ପଞ୍ଚାୟତ ଗୋପାଳବିନ୍ଧା ଗ୍ରାମର ହନୁମାନ ମନ୍ଦିରରେ ବୁଧବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀଜନିତ ବର୍ଷା ଓ ବଜ୍ରାଘାତରେ ହନୁମାନ ମନ୍ଦିରରେ ବିରାଟ ଫାଟ ସୃଷ୍ଟି ହୋଇଛି। ଏହା ଜଣାପଡିବା ପରେ ଗୁରୁବାର ଆଖପାଖ ଗାଁର ଲୋକ ଏକାଠି ହୋଇ ଏହାକୁ ମରାମତି କରିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ।

ଲକ୍‌ଡାଉନ ବେଳେ ଚୋରା ମଦ କାରବାର: ୪ ଗିରଫ

ବଡ଼ବିଲ, ୩୦।୪(ସ୍ୱ.ପ୍ର.)-ଲକ୍‌ଡାଉନ ପାଇଁ ମଦ ବିକ୍ରି ଉପରେ ନିଷେଧାଦେଶ ଲାଗିଛି। ହେଲେ ଲୁଚାଛପାରେ ବିକ୍ରି ହେଉଛି ମହୁଲି ଓ ବିଦେଶୀ ମଦ। ବଡ଼ବିଲ ପୋଲିସ ଚଢ଼ାଉ କରି ୨ଦିନରେ ମୋଟ ୧୨ ବୋତଲ ବିଦେଶୀ ମଦ ଓ ୨୦ ଲିଟର ମହୁଲି ମଦ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୪ଜଣ ଅଭିଯୁକ୍ତଙ୍କୁ ବୁଧବାର ଓ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବିଲ ମୁଖ୍ୟ ବଜାରସ୍ଥିତ ଟୁରିଷ୍ଟ ଲଜ ମ୍ୟାନେଜର ଚନ୍ଦ୍ରସେନ ମହାନ୍ତ, ସହଯୋଗୀ ଛୋଟୁ ଗୁପ୍ତା, ଗାଡ଼ା ହଟିଂ ଅଞ୍ଚଳର କୈଳାଶ ପୂର୍ତ୍ତି ଏବଂ ଦଲକି ବସ୍ତିର ସୁରେଶ ମୁଣ୍ଡା। ବୁଧବାର ପୋଲିସ କୈଳାଶ ଓ ସୁରେଶଙ୍କ ନିକଟରୁ ମୋଟ ୨୦ ଲିଟର ମହୁଲି ମଦ ଓ ଗୁରୁବାର ପୋଲିସ ଚନ୍ଦ୍ରସେନ ଓ ତାଙ୍କ ସହଯୋଗୀ ଛୋଟୁଙ୍କ ନିକଟରୁ ୧୨ ବୋତଲ ବିଦେଶୀ ମଦ ଜବତ କରିଛି।

ଆବଦ୍ଧାଞ୍ଚଳରେ ଖଇରାର ୨ ଗାଁ

ଖଇରା, ୩୦।୪(ଡି.ଏନ.ଏ.)

କଣ୍ଟେନମେଣ୍ଟ ଜୋନରେ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ପଞ୍ଚାୟତର କନ୍ଦଡା ଗ୍ରାମର ଜଣେ କଲିକତା ଫେରନ୍ତା କରୋନା ପଜିଟିଭ ଜଣାପଡିବା ପରେ ବାଲେଶ୍ୱର ଉପଜିଲାପାଳ ବୁଧବାର ସନ୍ଧ୍ୟାରେ କନ୍ଦଡା ସମେତ ପଡୋଶୀ ମହତୀପୁର ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ବୁଧବାର ରାତିରେ ଉକ୍ତ ସଂକ୍ରମିତଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ-୧୯ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ଗ୍ରାମକୁ ସଂଯୋଗ କରୁଥିବା ଅନ୍ତରା-ଚରମ୍ପା, ଓସଙ୍ଗ ବରଦା, ରାଣୀତାଲ କେନାଲ ବନ୍ଧ, ମହତୀପୁର ଶାସନରୁ ବାଣିତିଆ ଆଦି ରାସ୍ତାକୁ ସିଲ୍ କରାଯାଇଛି। ଗୁରୁବାର ସକାଳେ ଉପଜିଲାପାଳ ନୀଲୁ ମହାପାତ୍ର, ଖଇରା ତହସିଲଦାର ପ୍ରଦୀପ ସାହୁ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସିମୁଳିଆ ଥାନା ଆଇଆଇସି ପର୍ଶୁରାମ ସାହୁ ପ୍ରମୁଖ ପହଞ୍ଚି ସମସ୍ତ କାର୍ଯ୍ୟର ତଦାରଖ କରିଛନ୍ତି । ସମସ୍ତ ଯାତାୟାତ ଉପରେ କଟକଣା ଲଗାଯିବା ସହ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କ ସ୍ୱାବ ସଂଗ୍ରହ କରାଯାଇଛି । ସଂକ୍ରମିତ ଜଣକ ଅନ୍ୟ ୮ଜଣଙ୍କ ସହ ମାର୍ଚ୍ଚ ୨୯ତାରିଖରେ କଲିକତାରୁ ବୋଲେରୋ ଯୋଗେ ଘରକୁ ଆସିଥିଲେ। ଏମାନଙ୍କ ମଧ୍ୟରୁ ସୋର ସବିରା ଓ ସୁନାରୀ ଅଞ୍ଚଳର ଆସିଥିବା ୨ଜଣ ବ୍ୟକ୍ତିଙ୍କ ସ୍ୱାବ ମଧ୍ୟ ପଜିଟିଭ ଥିବା ଜଣାଯାଇଛି। ଏଥିସହ ସମସ୍ତ ଗ୍ରାମକୁ ବିଶୋଧନ କାର୍ଯ୍ୟ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି ।

ସୋରର ୭ ମୁଖ୍ୟ ରାସ୍ତା ସିଲ୍

ସୋର, ୩୦।୪(ଡି.ଏନ.ଏ.)

ପ୍ରଶାସନିକ ଅଧିକାରୀମାନେ ସୋରରେ ପହଞ୍ଚି ରାସ୍ତାକୁ ସିଲ୍ କରୁଛନ୍ତି।

ବାଲେଶ୍ୱର ଜିଲା ସୋର ବ୍ଲକ ତଳନଗର ପଞ୍ଚାୟତର ବେଲସବିରା ଓ ସୁନାରୀ ଗ୍ରାମରେ ବୁଧବାର ୨ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନ ପକ୍ଷରୁ କଟକଣା କଡାକଡି କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଡ଼ିଓ ସୁଶାନ୍ତ ବାରିକ, ତହସିଲଦାର ଅଶୋକ କୁମାର ଦାସ, ଉପଜିଲାପାଳ ନୀଲୁ ମହାପାତ୍ର, ସୋର ମୁନିସିପାଲିଟିର ନିର୍ବାହୀ ଅଧିକାରୀ ରାକେଶ ପଣ୍ଡା, ଡା. ସତ୍ୟନାରାୟଣ ନାୟକ ତଥା ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ଦାସ ପ୍ରମୁଖ ଗୁରୁବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ସଂକ୍ରମଣ ରୋକିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୭ଟି ଗ୍ରାମର ମୁଖ୍ୟ ରାସ୍ତାକୁ ସିଲ୍ କରାଯାଇ ଘରୁ ନ ବାହାରିବା ପାଇଁ ତାଗିଦ୍ କରାଯାଇଛି। ଆସନ୍ତା ୬ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ଦମକଳବାହିନୀ ଦ୍ୱାରା ପଞ୍ଚାୟତର ୭ଟି ଗ୍ରାମକୁ ସାନିଟାଇଜର କରାଯାଇଛି।

ଚେକ୍‌ଡ୍ୟାମ୍‌ରେ ବୁଡ଼ି ଜୀବନ ଗଲା

ପାଟଣା, ୩୦।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ କମାରମରା ଚେକଡ୍ୟାମରେ ବୁଡି ଜଣେ ବ୍ୟକ୍ତିଙ୍କର ବୁଧବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ବନ୍ତ ଥାନା ଜିରାଣ ଗ୍ରାମ ଆଦିବାସୀ ସାହିର ଗୋବର୍ଦ୍ଧନ ହୋ। ଲକ୍‌ଡାଉନ ପୂର୍ବରୁ ଗୋବର୍ଦ୍ଧନ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ପଡ଼ିଆର ସାହିର ସମୁଦି ଘରକୁ ଆସି ଆଉ ଗାଁ କୁ ଫେରିପାରି ନ ଥିଲେ। ବୁଧବାର ଦୁଇ ସମୁଦି ୨ଟି ସାଇକେଲରେ ଗୋବର୍ଦ୍ଧନଙ୍କ ପୁରୁଣା ଗ୍ରାମ ସାହାରପଡା ବ୍ଲକ ବୁଧୁ ସାହିକୁ ବୁଲିବାକୁ ଆସିଥିଲେ। ଫେରିବା ବେଳେ ଗୋବର୍ଦ୍ଧନ କମାରମରା ନାଳରେ ବନ୍ଧାଯାଇଥିବା ଚେକଡ୍ୟାମରେ ସାଇକେଲକୁ ଟେକି ପାର ହେବାକୁ ଚେଷ୍ଟା କରୁଥିବା ବେଳେ ପାଣିରେ ପଡିଯାଇଥିଲେ। ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲେ ହେଁ ବନ୍ଧରେ ବେଶୀ ପାଣିଥିବାରୁ ଶବ ଉଦ୍ଧାର ହୋଇ ପାରି ନ ଥିଲା। ଗୁରୁବାର ଡ୍ୟାମରୁ ପାଣି ଛାଡିବା ପରେ ପାଟଣା ପୋଲିସ ଶବ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୦) ରୁଜୁ କରିଛି ।

ନେପାଳରୁ ଉଦ୍ଧାର ପାଇଁ ନିବେଦନ

ଭଦ୍ରକ ଅଫିସ, ୩୦।୪

ନେପାଳରେ ଫସି ରହିଥିବା ଭଦ୍ରକ ଓ କେଉଁଝର ଜିଲାର ଶ୍ରମିକ।

ନେପାଳରେ ଫସି ରହିଥିବା ଭଦ୍ରକ ଜିଲା ଧାମନଗର ତଥା କେଉଁଝର ଜିଲା ସାଳଣିଆ ଅଞ୍ଚଳର କେତେକ ଶ୍ରମିକ ପ୍ରଶାସନ ନିକଟରେ ଉଦ୍ଧାର ପାଇଁ ଦାବି ଜଣାଇଛନ୍ତି। କରୋନା ଲାଗି ଲକ୍‌ଡାଉନ ହେବାର କିଛି ମାସ ପୂର୍ବରୁ କେଉଁଝର ଜିଲା ସାଳଣିଆ ଓ ଭଦ୍ରକ ଜିଲା ଧାମନଗରରୁ ପାଖାପାଖି ୩୦ଜଣ ଶ୍ରମିକ ଛତା କମ୍ପାନୀକୁ କାମ କରିବା ପାଇଁ ଆଦର୍ଶ ନଗର, ବିରିଗଞ୍ଜ, ପାରସା ଜିଲା, ନେପାଳ ଯାଇଥିଲେ। ଏବେ ସେଠାରେ ଖାଇବା, ପିଇବା ଓ ରହିବା କଥା କମ୍ପାନୀ ମାଲିକ କିଛି ବୁଝୁନାହାନ୍ତି। ସେମାନଙ୍କ ପାଖରେ ଟଙ୍କା ପଇସା ନ ଥିବାରୁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସେଠାରୁ କିପରି ଉଦ୍ଧାର ହେବେ ସେମାନଙ୍କ ପରିବାର ପକ୍ଷରୁ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ପାଖରେ ଟୁଇଟର୍ ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି। ଏ ଦିଗରେ ସରକାର ପଦକ୍ଷେପ ନେବାକୁ ଧାମନଗର ଅଞ୍ଚଳର ସାମାଜିକ କର୍ମୀ ସନ୍ତୋଷ କୁମାର ମହାପାତ୍ର ଟୁଇଟର୍ ଯୋଗେ କେନ୍ଦ୍ର, ରାଜ୍ୟ ସରକାର ସମେତ ବୈଦେଶିକ ମନ୍ତ୍ରୀ ଓ ଜିଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

କରୋନା ମୁକାବିଲା ଲାଗି ଶପଥ

କେନ୍ଦୁଝର, ୩୦।୪ (ସ୍ୱ.ପ୍ର.)

କରୋନା ମୁକାବିଲା ଲାଗି କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ପଞ୍ଚାୟତ ମୁରୁସୁଆଁ ଗ୍ରାମରେ ସାମାଜିକ ଦୂରତ୍ୱ ସହ ନିୟମିତ ମାସ୍କ ପିନ୍ଧିବା ନେଇ ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏକାଠି ହୋଇ ଶପଥ ନେଇଛନ୍ତି। ଆସନ୍ତା ୩ତାରିଖ ପରେ ଜିଲା ଓ ରାଜ୍ୟ ବାହାରୁ ଆସିବାକୁ ଥିବା କର୍ମଜୀବୀମାନଙ୍କୁ ଗ୍ରାମ ଭିତକୁ ଆମନ୍ତ୍ରଣ ନ କରି ପଞ୍ଚାୟତ ସ୍ତରରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ଜିମା ଦେବାକୁ ନିଷ୍ପତ୍ତି ନେଇ ପ୍ରତି ଘର ଘର ବୁଲି ପରାମର୍ଶ ଦେଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ପଳାଶପଙ୍ଗା ସରପଞ୍ଚ ସଞ୍ଜୟ କୁମାର ନାଏକ, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ସାହାଣୀ, ନାଏବ ସରପଞ୍ଚ ଲୀଳାବତୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ହୋଇଥିଲା ।

ଶ୍ରମିକଙ୍କୁ ମାଡ଼ ମାରି ୪ ଗିରଫ

ବାରିପଦା ଅଫିସ, ୩୦।୪

ରାସ୍ତା କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଧମକ ଦେବା ଓ ମାଡ଼ ମାରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କୁଳିଆଣା ଥାନା କାମତା ଗ୍ରାମର ଶିବପ୍ରସାଦ ବାରିକ, ସଂଗ୍ରାମ କେଶରୀ ବେହେରା, ଶୁଭମ ଦାସଅଧିକାରୀ ଓ ଶ୍ରୀତମ ଦାସଅଧିକାରୀ। ଏନେଇ ପୋଲିସ ଏକ ମାମଲା(ନଂ.୫୦/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୩ଟା ସମୟରେ କାମତା ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥ ନଂ.୧୮ରେ ଶ୍ରମିକମାନେ କାମ କରୁଥିବା ବେଳେ ପ୍ରଥମେ ଶିବପ୍ରସାଦ ବାରିକ ଏକ ବାଇକ୍‌ରେ ଆସି ସେମାନଙ୍କୁ କାମ ବନ୍ଦ କରିବାକୁ ଧମକ ଦେବା ସହିତ ଗାଳି ଗୁଲଜ କରିଥିଲେ। ପରେ ତାଙ୍କର ଅନ୍ୟ ୩ ଜଣ ସହଯୋଗୀ ପହଞ୍ଚି ଶ୍ରମିକମାନଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିବାରୁ ୩ ଶ୍ରମିକ ଆହତ ହୋଇଥିଲେ। ଫଳରେ ଭୟଭୀତ ହୋଇ ଶ୍ରମିକମାନେ କାମ ଛାଡ଼ି ସେଠାରୁ ପଳାଇ ଯାଇଥିଲେ। ଏନେଇ ଜଣେ ଶ୍ରମିକ କୁଳିଅଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ପୋଲିସ ଏକ ବାଇକ୍, ପ୍ଲାଷ୍ଟିକ୍ ପାଇପ୍ ଓ ଲାଠି ଜବତ କରିଛି। ଗୁରୁବାର ଅଭିଯୁକ୍ତ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

ଆସିକା,୩୦।୪(ଡି.ଏନ୍.ଏ)

ଆସିକା ଥାନା ଅଞ୍ଚଳରେ ଗତ ନଭେମ୍ବର ମାସରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କାର୍ତ୍ତିକ ନାହାକ (୨୭)। ଏ ନେଇ ନଂ. ୨୪୮/୨୦ରେ ମାମଲା ରୁଜୁ କରାଯାଇ କାର୍ତ୍ତିକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଆସିକା ଡାକ୍ତରଖାନାରେ ଅଭିଯୁକ୍ତ ଓ ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ନଭେମ୍ବର ମାସରେ ଯୁବତୀ ଜଣକ ଧାନ ଅମଳ ଲାଗି ଖଳାକୁ ଯାଇଥିବା ବେଳେ କାର୍ତ୍ତିକ ତାଙ୍କୁ ଏକାକୀ ଦେଖି ବଳାତ୍କାର କରିଥିଲେ। ୨ଦିନ ପରେ ପୁଣି ସେଭଳି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା।

ଭାଇରାଲ ଭିଡିଓକୁ ନେଇ ବନ ବିଭାଗ ନଯାନ୍ତ

ଭଞ୍ଜନଗର,୩୦।୪(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଦକ୍ଷିଣ ଘୁମୁସର ବନଖଣ୍ଡ ଓ ଉତର ଘୁମୁସର ବନଖଣ୍ଡ ବିରଳ କୃଷ୍ଣସାର ମୃଗଙ୍କ ପାଇଁ ପରିଚିତ। ଗୁରୁବାର ବୁଗୁଡ଼ା-ବାଲିପଦର ରାସ୍ତାରେ ଶତାଧିକ ମୃଗ ରାସ୍ତାପାର ହୋଇ ଚଳପ୍ରଚଳ କରୁଥିବାର ଏକ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏହି ଖବର ବନ ବିଭାଗର ଉଚ୍ଚ ପଦାଧିକାରୀଙ୍କ ପାଖରେ ପହଞ୍ଚିଥିଲା। ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାର ସତ୍ୟତା ଜାଣିବା ପାଇଁ ଘୁରି ବୁଲିଥିଲେ। ତେବେ ମୃଗପଲ ଚଳପ୍ରଚଳ ନେଇ କୌଣସି ପ୍ରମାଣ ନ ମିଳିବାରୁ ଏହା ମିଥ୍ୟା ଭିଡ଼ିଓ ବୋଲି ବିଭାଗ ପକ୍ଷରୁ କୁହାଗଲା।

ପୂର୍ବତନ ବିଧାୟକଙ୍କ ଗାଡ଼ିକୁ ଗୁଳିମାଡ଼

ଫୁଲବାଣୀ ଅଫିସ, ୩୦।୪

କନ୍ଧମାଳ ଜିଲା ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁରଙ୍କ ବୋଲେରୋ ଉପରକୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ଗୁଳିମାଡ଼ କରିଛନ୍ତି। ଗାଡ଼ିରେ କେହି ନ ଥିବା ବେଳେ ଦୁର୍ବୃତ୍ତ ଏପରି କାଣ୍ଡ ଭିଆଇଛନ୍ତି। ଏ ନେଇ ଗୁରୁବାର ଫୁଲବାଣୀ ଟାଉନ ଥାନାରେ ଦେବେନ୍ଦ୍ରଙ୍କ ଏତଲାକ୍ରମେ ନଂ.୫୮/୨୦ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ସନ୍ଦେହରେ ଅଟକ ରଖି ପଚରାଉଚୁରା ଚଳାଇଛି। ବୁଧବାର ରାତିରେ ପୂର୍ବତନ ବିଧାୟକ କହଁର ତାଙ୍କ ସମ୍ପର୍କୀୟଙ୍କ ଘରେ ରହିଥିଲେ । ରାତି ପ୍ରାୟ ସାଢ଼େ ୧ଟାରେ ହଠାତ୍ ଗୁଳି ଶବ୍ଦ ଶୁଭିଥିଲା। ଭୟରେ ସେ ବାହାରକୁ ବାହାରି ନ ଥିଲେ। ଗୁରୁବାର ସକାଳେ ଦେବେନ୍ଦ୍ର ବାହାରକୁ ଯାଇ ଦେଖିବାରେ ଗାଡ଼ି ଉପରକୁ ଗୁଳିମାଡ଼ ହୋଇଥିବା ଜାଣିଥିଲେ। ଗୁଳି ବୋଲେରୋର ଗୋଟିଏ ପାର୍ଶ୍ୱ ଡୋର କାଚ ଭାଙ୍ଗି ପଶି ଅନ୍ୟ ଏକ କାଚ ଫଟାଇ ବାହାରକୁ ପଳାଇଥିବା ଦେଖାଯାଇଥିଲା। ପୂର୍ବ ଶତ୍ରୁତା ନଚେତ୍ ଅନ୍ୟ କୌଣସି କାରଣରୁ ଦୁର୍ବୃତ୍ତ ଏପରି କରିଥିବା ଅନୁମାନ କରାଯାଉଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

ବ୍ରହ୍ମପୁର

୧୦ ମତ୍ସ୍ୟଜୀବୀଙ୍କ ସ୍ୱାବ୍ ପରୀକ୍ଷା

ଛତ୍ରପୁର,୩୦।୪(ଡି.ଏନ୍.ଏ.)

ଚେନ୍ନାଇରୁ ସମୁଦ୍ରପଥରେ ବୋର୍ଟରେ ୩୩ ମତ୍ସ୍ୟଜୀବୀ ଆସି ସୋମବାର ରାତିରେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ନିକଟ ଫିସେରି ଜେଟିଠାରେ ପହଞ୍ଚିଥିଲେ। ସେମାନଙ୍କୁ ଆର୍ଯ୍ୟପଲ୍ଲୀ ହାଇସ୍କୁଲ ଆଇସୋଲେଶନ ସେଣ୍ଟରକୁ ନିଆଯାଇ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଇନଫ୍ରାରେଡ୍ ଥର୍ମୋମିଟର ଗନ ଦ୍ୱାରା ସମସ୍ତଙ୍କ ଶରୀରର ତାପମାତ୍ରା ଯାଞ୍ଚ କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ଏଥିମଧ୍ୟରୁ ୧୯ ଜଣଙ୍କୁ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲକୁ ନେଇ ସ୍ୱାବ ପରୀକ୍ଷା କରାଯାଇଥିବା ସୂଚନା ମିଳିଛି ।

ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

ବ୍ରହ୍ମପୁର ଅଫିସ,୩୦।୪

ବଡ଼ବଜାର ଥାନା ପ୍ରହଲ୍ଲାଦନଗର ବି.ଗୋଲାମ୍ପାଙ୍କ ଘରେ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ ଘଟିଛି। ସେ ଗ୍ୟାସ୍ ପାଇପ ସଂଯୋଗ କରୁଥିବା ବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ୨୦ ହଜାର ଟଙ୍କାର ଆସବାବପତ୍ର ପୋଡ଼ି ଯାଇଥିବା ଅଗ୍ନିଶମ ବିଭାଗ ସୂତ୍ରରୁ ପ୍ରକାଶ।

ଶ୍ରମିକଙ୍କୁ ମାସ୍କ ଯୋଗାଇଲେ ଏସ୍‌ଏଚ୍‌ଜି ସଦସ୍ୟା

ରାଇକିଆ,୩୦।୪(ଡି.ଏନ୍.ଏ.)

ଲକ୍‌ଡାଉନ ସତ୍ତ୍ୱେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକମାନେ କାମ କରିବା ପାଇଁ କଟକଣା କୋହଳ କରାଯାଇଛି। କନ୍ଧମାଳ ଜିଲା ରାଇକିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ କାମ ମଧ୍ୟ ଆରମ୍ଭ ହୋଇଛି। ଏହିସବୁ କାମରେ ନିୟୋଜିତ ଶ୍ରମିକଙ୍କ ପାଇଁ ସହାୟତାର ହାତ ବଢାଇଛନ୍ତି ଏସ୍‌ଏଚଜି ମହିଳା। ରାଇକିଆ ଜବିକମିଶନ ସହଯୋଗରେ ପାଜିମାହା ମା' ଗାୟତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ଶ୍ରମିକଙ୍କ ପାଇଁ ୨୦୦ ମାସ୍କ ଯୋଗାଇ ଦିଆଯାଇଛି। ଗୁରୁବାର ସଂଘର ସଦସ୍ୟାମାନେ ବିଡିଓ ପ୍ରବୀଣ କୁମାର ବାଣୁଆଙ୍କୁ ଏହି ମାସ୍କ ପ୍ରଦାନ କରିଛନ୍ତି।

ସ୍କ୍ରିନିଂ ପରେ କ୍ୱାରାଣ୍ଟାଇନ୍‌ରେ ସୁରଟ ଫେରନ୍ତା

ଛତ୍ରପୁର/ଧରାକୋଟ/ଶେରଗଡ଼, ୩୦।୪(ଡି.ଏନ୍.ଏ.)

କଡ଼ା ସୁରକ୍ଷାରେ ଧରାକୋଟ, ଶେରଗଡ଼ ଆଦର୍ଶ ବିଦ୍ୟାଳୟ ଆଇସୋଲେଶନ ସେଣ୍ଟର

ଶେରଗଡ ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟର ।

ଗୁଜରାଟର ସୁରଟରୁ ୪ଟି ବସ୍ ଯୋଗେ ୨୧୭ ଜଣ ମଙ୍ଗଳବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଧରାକୋଟର ୫୮ ଜଣ, ଶେରଗଡ଼ର ୪୩ ଜଣ, ବେଲଗୁଣ୍ଡାର ୩୩, ଆସିକାର ୧୮, ଜଗନ୍ନାଥପ୍ରସାଦର ୨୦, ଭଞ୍ଜନଗରର ୧୧, ସାନଖେମୁଣ୍ଡିର ୧୦, ସୋରଡ଼ାର ୯, ହିଞ୍ଜିଳିର ୭, ପୋଲସରା, ବୁଗୁଡ଼ା ଓ ପୁରୁଷୋତ୍ତମପୁରର ୨ଜଣ ଲେଖାଏ ଏବଂ କବିସୂର୍ଯ୍ୟନଗର ଓ ଦିଗପହଣ୍ଡିର ଜଣେ ଲେଖାଏ ଅଛନ୍ତି। ସମସ୍ତଙ୍କ ସ୍କ୍ରିନିଂ କରାଯାଇ ଧରାକୋଟ ଓ ଶେରଗଡ଼ ବ୍ଲକ ଓଡ଼ିଶା ଆଦର୍ଶବିଦ୍ୟାଳୟରେ ହୋଇଥିବା ଆଇସୋଲେଶନ ସେଣ୍ଟରରେ ରଖାଯାଇଛି। ଆଇସୋଲେଶନ ସେଣ୍ଟରରେ ଲୋକଙ୍କ ଖାଇବା, ସ୍ୱଚ୍ଛ ପାନୀୟ ଜଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି। ପ୍ରତି ଆଇସୋଲେସନ ସେଣ୍ଟର ପାଇଁ ଜଣେ ଲେଖାଏ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ସ୍ୱତନ୍ତ୍ର କୋଭିଡ ଆମ୍ବୁଲାନ୍ସ, ଡାକ୍ତରୀ ଟିମ୍, ଦମକଳ ବାହିନୀ ଉପସ୍ଥିତ ଥିବା ବେଳେ ବାହାରେ ପୋ

ସଂକ୍ଷେପରେ

ଜେସିବି, ଟ୍ରାକ୍ଟର ଜବତ

ବଇଣ୍ଡା, ୩୦।୪(ଡି.ଏନ.ଏ.): କିଶୋରନଗର ଥାନା ବୈରାଗୀପାଲି ଗ୍ରାମ୍ୟ ଜଙ୍ଗଲ ନିକଟରେ ଥିବା ସରକାରୀ ଗ୍ରାମ୍ୟ ଜଙ୍ଗଲ ଜମିରେ ବେଆଇନ ପୋଖରୀ ଖୋଳୁଥିବାବେଳେ ଏକ ଜେସିବି ସହ ୪ ଟ୍ରାକ୍ଟର ଜବତ କରାଯାଇଛି। କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଓ ପୋଲିସ ଚଢ଼ାଉ କରି ତାହାକୁ ଜବତ କରିଛନ୍ତି। ଡାଳପକା ଗ୍ରାମର ଜଣେ ବ୍ୟକ୍ତି ଅନେକ ଶାଳ ଗଛ କାଟି ପୋଖରୀ ଖୋଳୁଥିବା ବୈରାଗୀପାଲି ଗ୍ରାମବାସୀ ବୁଧବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ।

ତାରଜାଲିରେ ଲାଗି କୁଟୁରା ମୃତ

ବନ୍ତଳା, ୩୦।୪(ଡି.ଏନ.ଏ.): ବନ୍ତଳା ବଜାରଠାରୁ ସାମାନ୍ୟ ଦୂରରେ ଥିବା ତାର ଜାଲିରେ ଲାଗି ଗୁରୁବାର ଭୋର ସମୟରେ ଏକ କୁଟୁରାର ମୃତ୍ୟୁ ଘଟିଛି। ମନ୍ଦରଗିରି ଜଙ୍ଗଲରୁ ଉକ୍ତ କୁଟୁରାଟି କୌଣସି କାରଣରୁ ବାହାରି ଆସିଥିଲା। ବନ୍ତଳା ରେଞ୍ଜର ବିନ୍ଦୁ ପ୍ରସାଦ ପ୍ରଧାନ ତାହାକୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ପରେ କୁଟୁରାଟିର ମୃତ୍ୟୁ ଘଟିଥିଲା।

୧୫ ବାଇକ୍ ଜବତ

ମାଧପୁର, ୩୦।୪: ଆଠମଲ୍ଲିକ ଥାନା ମାଧପୁର ବଜାରରେ କଟକଣା ଉଲ୍ଲଂଘନ କରିବା, ମାସ୍କ ନ ପିନ୍ଧିବା ଅଭିଯୋଗରେ ପୋଲିସ ୧୫ଟି ବାଇକ୍ ଜବତ କରିଛି। ତେବେ ଜରୁରୀ କାମରେ ଓ ମେଡିକାଲ ଯାଉଥିବା କେତେଜଣଙ୍କୁ ପୋଲିସ ପଚରାଉଚରା ପରେ ଛାଡିଦେଇଛି।

ଟ୍ରକ୍‌ରୁ ଜରିମାନା ଆଦାୟ

ଆଠମଲ୍ଲିକ, ୩୦।୪(ଡି.ଏନ.ଏ.): ସମ୍ବଲପୁରରୁ ଆଠମଲ୍ଲିକ ଅଭିମୁଖେ ଆସୁଥିବା ଏକ ଟିପ୍ସ ବୋଝେଇ ଟ୍ରକ୍ (ନଂ.ଓଆର ୧୫କେ-୦୩୮୮)ର ଆବଶ୍ୟକ କାଗଜପତ୍ର ନ ଥିବାରୁ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ ୮୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ରାଜସ୍ୱ ପରିଦର୍ଶକ ରଶ୍ମି ରଞ୍ଜନ ହୋତା, ସହକାରୀ ସହାୟକ ରବି ନାରାୟଣ ରାଉତ ପ୍ରମୁଖ ମାଧପୁରଠାରେ ଟ୍ରକଟିକୁ ଅଟକାଇ ଯାଞ୍ଚ କରିଥିଲେ।

ଯୁବକଙ୍କ ଆତ୍ମହତ୍ୟା

ବଉଁରପାଳ, ୩୦।୪(ଡି.ଏନ.ଏ.): ନାଲ୍‌କୋ ଥାନା କୁଲାଡ଼ ଗ୍ରାମ ନିକଟସ୍ଥ ଏକ ଗାଡ଼ି ମରାମତି କ୍ୟାମ୍ପର କର୍ମଚାରୀ ବଳିଆ ସାହୁ(୨୫) ଗୁରୁବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରୁଛି।

ମନ୍ଦିର ସଫା କଲେ ମହିଳା

ଆଠମଲ୍ଲିକ, ୩୦।୪(ଡି.ଏନ.ଏ.): ଆଠମଲ୍ଲିକ ଏନ୍‌ଏସି ୪ ଓ ୫ ନମ୍ବର ୱାର୍ଡର ୭ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମାହେଶ୍ୱରୀ ମନ୍ଦିର ପରିସରର ସଫେଇ କରିଛନ୍ତି। ମା' ତାରିଣୀ, ଭଗବତୀ, ମାହେଶ୍ୱରୀ, ସରସ୍ୱତୀ, ମଙ୍ଗଳା, ସିଂହବାହିନୀ, ପଞ୍ଚଧାରା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଯୁବ ବିଜେଡି ପକ୍ଷରୁ ଖାଦ୍ୟ ବଣ୍ଟନ

ବନ୍ତଳା, ୩୦।୪(ଡି.ଏନ.ଏ.)- ବିଜୁ ଯୁବ ଜନତା ଦଳର ଅନୁଗୋଳ ଜିଲା ସଭାପତି ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ ବନ୍ତଳା ଥାନା ବସଲା ପଞ୍ଚାୟତ ଲକେଇପସି କୁଶକଣ ହରିଜନ ସାହିରେ ଗୁରୁବାର ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନଙ୍କ ଉପସ୍ଥିତିରେ ଖାଦ୍ୟ ସହ ମାସ୍କ ବଣ୍ଟନ କରାଯାଇଥିଲା। ଯୁବ ବିଜେଡି ସାଧାରଣ ସମ୍ପାଦକ ସପେନ୍ଦ୍ର ସାହୁ, ସମ୍ପାଦକ ସୁଧୀର କୁମାର ନାଏକ, ନାଏବ ସରପଞ୍ଚ ଅଲିଭା ସାହୁ, ବିଜୁ ଯୁବ ବାହିନୀ ସଭାପତି ଗଣେଶ୍ୱର ସାହୁ, ସୁଶିତ ସାହୁ, ଅନ୍ତର୍ଯାମୀ ପ୍ରଧାନ, ରାହୁଲ ପ୍ରଧାନ, ମୃତ୍ୟୁଞ୍ଜୟ ସାହୁ ସହଯୋଗ କରିଥିଲେ।

କୃଷି ଉପନିର୍ଦ୍ଦେଶକଙ୍କ ଅବସର

ଢେଙ୍କାନାଳ ଅଫିସ, ୩୦।୪: ଢେଙ୍କାନାଳ ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଅବସରର ଦିନକ ପୂର୍ବରୁ ସେ ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ସହଯୋଗୀ ଅଧିକାରୀ ଏବଂ କର୍ମଚାରୀଙ୍କୁ ସେ ଧନ୍ୟବାଦ ଦେଇଥିଲେ।

ମାଲ୍ ପରିବହନରେ ବାଧା ହଟାଅ

ଅନୁଗୋଳ ଅଫିସ, ୩୦।୪

ବୈଠକରେ ଜିଲାପାଳ ସମୀକ୍ଷା କରୁଛନ୍ତି।

- ■ଲକ୍ଷ୍ମଣନାଥ ଚେକ୍ ଗେଟ୍‌ରେ ମିଳୁନି ଅନୁମତି
- ■ଅଟକି ରହୁଛି ବାହାର ରାଜ୍ୟରୁ ଆସୁଥିବା ବହୁ ଟ୍ରକ୍
- ■ସମସ୍ୟାର ସମାଧାନ କରିବାକୁ ଜିଲାପାଳଙ୍କ ପରାମର୍ଶ

ଲକ୍‌ଡାଉନ୍ ସମୟରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ସଫଳତାର ସହିତ କାର୍ଯ୍ୟକାରୀ କରିବାକୁ ନେଇ ଗୁରୁବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାମାରୀ କରୋନାର ଠିକ୍ ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରାଯାଉଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଟ୍ରକ୍ ଦ୍ୱାରା ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ସେଥିପ୍ରତି ଟ୍ରକ୍ ମାଲିକ ସଂଘ ଓ ପରିବହନକାରୀ ସଂସ୍ଥା ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।।

ଅତ୍ୟାବଶ୍ୟକ ସହ ଅନ୍ୟାନ୍ୟ ସାମଗ୍ରୀ ଟ୍ରକ୍‌ରେ ପରିବହନ ହେଉଥିବା ବେଳେ ପଶ୍ଚିମବଙ୍ଗ-ଓଡ଼ିଶା ସୀମାରେ ଥିବା ଲକ୍ଷ୍ମଣନାଥ ଚେକ୍ ଗେଟ୍‌ରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀ ଥିବା ଟ୍ରକ୍‌କୁ ଏହି ଗେଟ୍‌ରେ ଅନୁମତି ମିଳୁଛି। କିନ୍ତୁ ଅନ୍ୟ ସାମଗ୍ରୀ ପରିବହନ କରୁଥିବା ଟ୍ରକ୍‌କୁ ଛଡ଼ାଯାଉନାହିଁ। ଅନୁଗୋଳରୁ ଅଧିକାଂଶ ଟ୍ରକ୍ ଆଲୁମିନିୟମ ନେଇ ଅନ୍ୟ ରାଜ୍ୟକୁ ଯାଆନ୍ତି ଓ ସେଠାରୁ ଅତ୍ୟାବଶ୍ୟକ ସମେତ ଅନ୍ୟାନ୍ୟ ଜିନିଷ ଧରି ଓଡ଼ିଶା ଫେରିଥାନ୍ତି। କିନ୍ତୁ ତାଲା ବନ୍ଦ ଯୋଗୁ ଅନ୍ୟ ରାଜ୍ୟରୁ କୌଣସି ସାମଗ୍ରୀ ଆସିପାରୁନାହିଁ। ଯାହା କିଛି ଆସୁଛି ଉକ୍ତ ଗେଟ୍‌ରେ ତାହାକୁ ପ୍ରବେଶ ଅନୁମତି ମିଳୁନାହିଁ। ସେହିପରି ଓଡ଼ିଶା ବ୍ୟତୀତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଢାବା ଓ ଗ୍ୟାରେଜ ଖୋଲା ରହୁ ନ ଥିବାରୁ ଟ୍ରକ୍ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଲକ୍ଷ୍ମଣନାଥ ଚେକ୍‌ଗେଟ୍‌ରେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଜିଲାପାଳ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘ ସଭାପତି ବିଭୂତି ଭୂଷଣ ଦାସ, ଜିଲା ଟ୍ରକ୍ ମାଲିକ ସଂଘ ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, ନାଲ୍‌କୋ ଟ୍ରକ୍ ମାଲିକ ସଂଘ ସଭାପତି ରାଜୀବ ଜେନାଙ୍କ ସମେତ ବିଭିନ୍ନ ପରିବହନ ସଂସ୍ଥାର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।

ଅବକାରୀ ବିଭାଗ ରିପୋର୍ଟ ନେଇ ଚାଲିଛି ତର୍ଜମା

ଅନୁଗୋଳ ଅଫିସ, ୩୦।୪

ଜେଲ ସମ୍ମୁଖରେ ବଢ଼ାଯିବ ପାଟ୍ରୋଲିଂ ବ୍ୟବସ୍ଥା

ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆ ଭାଟିରେ ଚୋରା ମଦ କାରବାର ଅଭିଯୋଗରେ ଗିରଫ ହୋଇ ଜେଲ୍‌ରେ ଥିବା ଜଣାଶୁଣା ବ୍ୟବସାୟୀ ବିକ୍ରମ କିଶୋର ସାହୁଙ୍କ ସମ୍ପର୍କରେ ପ୍ରଶାସନ ପକ୍ଷରୁ ଅଧିକ ଖୋଳତାଡ଼ କରାଯାଉଛି। ଭାଟି ଲାଇସେନ୍ସ ରଦ୍ଦ ପାଇଁ ଅନୁଗୋଳ ପୋଲିସ ପକ୍ଷରୁ ଜିଲାପାଳଙ୍କୁ ସୁପାରିସ କରାଯାଇଥିବା ବେଳେ ଅବକାରୀ ବିଭାଗ ଦେଇଥିବା ରିପୋର୍ଟ ଉପରେ ପ୍ରଶାସନ ତର୍ଜମା କରୁଥିବା ସୂଚନା ମିଳିଛି। ତେବେ ଗିରଫ ହେବା ପରଠାରୁ ବ୍ୟବସାୟୀ ବିକ୍ରମ ଅସୁସ୍ଥ ଥିବା ଦର୍ଶାଇ ଆସୁଥିବା ବେଳେ ଏବେ ତାହାକୁ ଦେଖାଇ ପରିବାର ଲୋକମାନେ ବେଲ୍ ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଛି। ଏପରି କି ଗିରଫ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କୁ କଟକ ମେଡିକାଲ ସ୍ଥାନାନ୍ତର ପାଇଁ ସେତେବେଳେ ବିଭିନ୍ନ ମହଲରୁ ଚାପ ପକାଯାଇଥିଲା ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ତାଙ୍କ ନାମରେ ଥିବା ଦେଶୀ ଭାଟି ଗୁଡ଼ିକ ଉପରେ ପୋଲିସ, ଅବକାରୀ ବିଭାଗ କଡ଼ା ନଜର ରଖିଛି। କେବଳ କରଡ଼ାଗାଡ଼ିଆ ଭାଟିରେ ଏପରି ଚୋରା ମଦ ପ୍ରସ୍ତୁତି ଚାଲିଥିଲା ନା ତାଙ୍କ ମାଲିକାନାରେ ଥିବା ଆଉ କେଉଁ ଭାଟି ଏଥିରେ ସାମିଲ ଥିଲା ତାହାର ଖୋଳତାଡ଼ ପ୍ରଶାସନ କରୁଛି। ଅବକାରୀ ବିଭାଗର ରିପୋର୍ଟ ହସ୍ତଗତ ହୋଇଥିବା ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି କହିବା ସହ ଲାଇସେନ୍ସ ରଦ୍ଦ ସମ୍ପର୍କରେ ତର୍ଜମା କରାଯାଉଥିବା ସୂଚନା ଦେଇଛନ୍ତି। ତେବେ ଜେଲ ସମ୍ମୁଖରେ ବିକ୍ରମଙ୍କ ସମର୍ଥକଙ୍କ ଭିଡ଼ ବଢୁଥିବାରୁ ଆବଶ୍ୟକ ପଡ଼ିଲେ ପାଟ୍ରୋଲିଂ ବଢ଼ାଯିବ ବୋଲି ଏସ୍‌ପି ଜଗମୋହନ ମୀନା ପ୍ରକାଶ କରିଛନ୍ତି।

ପ୍ରବାସୀଙ୍କ ପାଇଁ ଚାଲିଛି ହୋଟେଲ ଖୋଜା

ଅନୁଗୋଳ ଅଫିସ, ୩୦।୪

ଜିଲାପାଳଙ୍କ ଅନୁମୋଦନକୁ ଅପେକ୍ଷା

ରାଜ୍ୟ ଓ ଜିଲା ବାହାରୁ ଅନୁଗୋଳ ଜିଲାକୁ ଆସିବାକୁ ଥିବା ପ୍ରବାସୀମାନଙ୍କୁ ରଖିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ସେମାନଙ୍କ ମଧ୍ୟରୁ ଯେଉଁମାନେ ସରକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ନ ରହିବେ ସେମାନଙ୍କ ପାଇଁ ହୋଟେଲରେ ସଙ୍ଗରୋଧ ବ୍ୟବସ୍ଥା କରାଯାଉଛି। ଅନୁଗୋଳ ସହରରେ ଥିବା ହୋଟେଲ ଗୁଡ଼ିକକୁ ଏଥିପାଇଁ ପୌରପାଳିକା ପକ୍ଷରୁ ପ୍ରାଧାନ୍ୟ ଦିଆଯାଉଛି। ବୁଝାଯାଇଥିବା ଦୁଇଟି ହୋଟେଲ ମଧ୍ୟରୁ ଗୋଟିଏର ବେଡ୍ ପିଛା ଦର ୭ଶହ ଓ ଅନ୍ୟଟିର ୮ଶହ ରହିଛି। ହୋଟେଲରେ ସଙ୍ଗରୋଧରେ ରହିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଖାଦ୍ୟପେୟ ବାବଦକୁ ଅଲଗା ଟଙ୍କା ଭରଣ କରିବେ। ଶିମିଳିପଡ଼ାରେ ଥିବା ଏକ ହୋଟେଲରେ ୪୦ଟି ବେଡ୍ ଥିବାବେଳେ ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟସ୍ଥ ହୋଟେଲରେ ୬୦ଟି ବେଡ୍ ରହିଛି ବୋଲି ନିର୍ବାହୀ ଅଧିକାରୀ ବିନୋଦଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ତେବେ ଜିଲାପାଳଙ୍କ ଅନୁମୋଦନ ପରେ ଉକ୍ତ ଦୁଇଟି ହୋଟେଲକୁ ସଙ୍ଗରୋଧ ଗୃହ ଭାବେ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ୩ଶହ ଲୋକ ରହିବା ପାଇଁ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଛି। ସେଠାରେ ରହିଲେ ପ୍ରଶାସନ ସମସ୍ତ ବ୍ୟବସ୍ଥା ବୁଝିବ ବୋଲି ପୌର ନିର୍ବାହୀ ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି।

ବଦଳିଲା ଦୋକାନ ଖୋଲିବା ନିୟମ

- ■ସହରାଞ୍ଚଳରେ ସକାଳ ୭ରୁ ଦିନ ୧
- ■ଗ୍ରାମାଞ୍ଚଳରେ ସକାଳ ୭ରୁ ରାତି ୭

ଢେଙ୍କାନାଳ ଅଫିସ, ୩୦।୪

ରାଜ୍ୟରେ ବୃଦ୍ଧିପାଉଥିବା କରୋନା ସଂକ୍ରମଣ ମାମଲାକୁ ନଜରରେ ରଖି ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବା ନିୟମରେ ପରିବର୍ତ୍ତନ କରାଯାଇଛି। ସହରାଞ୍ଚଳରେ ସକାଳ ୭ଟାରୁ ଦିନ ୧ଟା ଏବଂ ଗ୍ରାମାଞ୍ଚଳରେ ସକାଳ ୭ଟାରୁ ରାତି ୭ଟା ଯାଏ ଦୋକାନ ଖୋଲିବ। ଔଷଧ ଦୋକାନ, ସ୍ୱାସ୍ଥ୍ୟ ସୁବିଧା, ପାଥୋଲାବ୍, ଡାଇଗ୍ନୋସିସ୍ ସେଣ୍ଟରକୁ ସମୟ କଟକଣାରୁ ବାଦ୍ ଦିଆଯାଇଛି। ଅପରପକ୍ଷେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନରେ ସାମାଜିକ ଦୂରତା ନିୟମ ରକ୍ଷା, ମାସ୍କ ବ୍ୟବହାର କରିବା ନିୟମ ବଳବତ୍ତର ରହିବ। ଲକ୍‌ଡାଉନ ନିୟମ କଡାକଡି ଭାବେ ପାଳନ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ ଦୋକାନକୁ ସିଲ୍ କରାଯିବ। ଦୋକାନୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ କୁମାର ରାଉତ ସୂଚନା ଦେଇଛନ୍ତି।

କାର୍ଯ୍ୟାଳୟ, ବାସଗୃହ ଉଦ୍‌ଘାଟିତ

ଛେଣ୍ଡିପଦା,୩୦।୪(ସ୍ୱ.ପ୍ର.)

ବନ ସୁରକ୍ଷା ସମିତି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରାଯାଉଛି।

ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନିର୍ମିତ କୋଶଳା ବନପାଳ କାର୍ଯ୍ୟାଳୟ ଓ ବନରକ୍ଷୀଙ୍କ ବାସଗୃହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରଦୀପ ରାଜ କରାଟ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁ ଯୋଗ ଦେଇଥିଲେ। ପରେ କୋଶଳା ଚନ୍ଦନନଗର ବନସୁରକ୍ଷା ସମିତି କାର୍ଯ୍ୟାଳୟ ଓ ସଭାଗୃହ ଉଦ୍‌ଘାଟନ କରାଯାଇଥିଲା। ଫରେଷ୍ଟର ଦୀପକ କୁମାର ସେଠୀଙ୍କ ନେତୃତ୍ୱରେ ଚନ୍ଦନନଗର ବନସୁରକ୍ଷା ସମିତି ସଭାପତି ଭାସ୍କର ବେହେରା, ବନସହାୟକ କ୍ଷୀରୋଦ ବେହେରା, ଗାର୍ଡ ସିନ୍ଧୁ ବେହେରା ଓ ଗୀତାଞ୍ଜଳି ସାହୁ, ଅଭୟ କୁମାର ଗାହାଣ, ବିକାଶ ଅଧିକାରୀ ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ।

ଛାତ୍ର କଂଗ୍ରେସ କଲା ଟୁଇଟ୍

- ■କଳାକେନ୍ଦ୍ରରେ ଭୋଜି ଘଟଣା
- ■ପୌରପାଳିକା କରୁଛି ତଦନ୍ତ
- ■ଅନୁଧ୍ୟାନ କରିବେ ପୌର ପ୍ରଶାସକ

ମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିବା ଟୁଇଟ୍।

ଅନୁଗୋଳ ଅଫିସ, ୩୦।୪

ଲକ୍‌ଡାଉନ କଟକଣା ଉଲ୍ଲଂଘନ କରି ଡିସ୍ ସଫେଇ ବାହାନାରେ ଅନୁଗୋଳ କଳାକେନ୍ଦ୍ରରେ ବୁଧବାର ପୌରପାଳିକାର କେତେଜଣ କର୍ମଚାରୀ ଭୋଜିର ଆୟୋଜନ କରିବା ଘଟଣାର ତଦନ୍ତ ଆରମ୍ଭ କରିଛି ପୌରପରିଷଦ। ଗୁରୁବାର ଏ ନେଇ 'ଧରିତ୍ରୀ'ରେ ପ୍ରକାଶିତ ଖବରକୁ ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ନେତା ଲୁଲୁ ପାଣିଗ୍ରାହୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଟୁଇଟ୍ କରାଯିବା ପରେ ଭୋଜି କରୁଥିବା କର୍ମଚାରୀ ଏବଂ ଉପସ୍ଥିତ ନେତା, ଠିକାଦାରଙ୍କ ମଧ୍ୟ ଛନକା ପଶିଛି। ଅନ୍ୟପକ୍ଷରେ ଅନୁଗୋଳ ପୌରପାଳିକା ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ସୂଚନା ମିଳିଛି। ପୌର ପ୍ରଶାସକ ତଥା ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।

ମାସ୍କ, ସାବୁନ ବଣ୍ଟନ

କଣିହାଁ,୩୦।୪(ଡି.ଏନ.ଏ.)

କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ବୁଧବାର ହନୁମାନପୁର, କାକୁଡ଼ିଆ, ଡେରେଙ୍ଗ ଓ ଛେଣ୍ଡିପଦା ବ୍ଲକର କମ୍ପସଲା ପଞ୍ଚାୟତରେ ମାସ୍କ, ସାବୁନ, ବିସ୍କୁଟ ବଣ୍ଟନ କରାଯାଇଛି। ପ୍ରାୟ ୧୫ ଶହ ଲୋକ ଏହାଦ୍ୱାରା ଉପକୃତ ହୋଇଥିବା ସଂଘ ସଭାପତି ନବଘନ ସାମଲ କହିଛନ୍ତି। ଜିଲା କଳାକାର ସାଂସ୍କୃତିକ ସଂଘ ଓ ପ୍ରଶାସନିକ ଅଧିକାରୀମାନେ ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

କରୋନା ଯୁଦ୍ଧରେ ମୁଁ ବି ସୈନିକ

ଢେଙ୍କାନାଳ ଅଫିସ, ୩୦।୪

ସ୍ୱାସ୍ଥ୍ୟ ବିଭାଗଠାରୁ ପୋଲିସ ପ୍ରଶାସନ, ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ପ୍ରଶାସନିକ ଅଧିକାରୀଙ୍କ ଯାଏ ସମସ୍ତେ ସାମିଲ ହୋଇଛନ୍ତି କରୋନା ବିରୋଧୀ ଯୁଦ୍ଧରେ। ଏହି ପ୍ରତିକୂଳ ସମୟରେ ଯୁବପିଢ଼ି ନିଜର ଦାୟିତ୍ୱ, କର୍ତ୍ତବ୍ୟ ବିଷୟରେ ସଚେତନ ହେବା ନିହାତି ଜରୁରୀ। କରୋନା ଲଢେଇରେ ଛାତ୍ରୀଛାତ୍ରଙ୍କୁ ସାମିଲ କରାଇବା ଉଦ୍ଦେଶ୍ୟରେ ଗୁରୁବାର ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ସପ୍ତଶଯ୍ୟା' ଆନୁକୂଲ୍ୟରେ 'କରୋନା ଯୁଦ୍ଧରେ ମୁଁ ବି ସୈନିକ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଉଦ୍ଭିଦ ବିଜ୍ଞାନ ଛାତ୍ରୀ ପ୍ରଭାସୀ ଦାସ ପ୍ରଥମ, ଓଡ଼ିଆ ବିଭାଗ ଛାତ୍ରୀ ଲିପ୍ସାରାଣୀ ସାହୁ ଓ ଇଂଲିଶ ବିଭାଗ ଛାତ୍ରୀ ଅଙ୍କିତା ବେହେରା ଯୁଗ୍ମ ଦ୍ୱିତୀୟ, ରାଜନୀତି ବିଜ୍ଞାନ ଛାତ୍ର ଆୟୁଷ୍ମାନ ଆର୍ଯ୍ୟ ଅଂଶୁମାନ ଏବଂ ଓଡ଼ିଆ ବିଭାଗ ଛାତ୍ରୀ ରଶ୍ମିତା ବେହେରା

ସଂକ୍ଷେପରେ

ଝାରସୁଗୁଡ଼ା ଫେରିବେ ୫ ହଜାରରୁ ଅଧିକ ପ୍ରବାସୀ

ଝାରସୁଗୁଡା ଅଫିସ,୩୦।୪: ଝାରସୁଗୁଡା ଜିଲାକୁ ୫ ହଜାରରୁ ଅଧିକ ପ୍ରବାସୀ ଫେରିବେ। ଏଥିପାଇଁ ସେମାନେ ଅନ୍‌ଲାଇନ୍ ଯୋଗେ ରେଜିଷ୍ଟ୍ରେଶନ କରିଛନ୍ତି। ସେମାନେ ଆସିବା ପରେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ସୂଚନା ଦେଇଛନ୍ତି। ଜିଲାର ପ୍ରବାସୀଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇଛି। ଜିଲାର ୫ଟି ବ୍ଲକ ଓ ୩ଟି ମ୍ୟୁନିସିପାଲ୍‌ଟିରେ ସର୍ଭେ ପରେ ଜିଲା ବାହାରେ ୫ ହଜାର ୪୦୯ ଲୋକ ଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ୫ ହଜାର ୧୨୩ ପ୍ରବାସୀ ଅନଲାଇନ ଯୋଗେ ରେଜିଷ୍ଟ୍ରେଶନ କରିସାରିଛନ୍ତି। ଝାରସୁଗୁଡା ବ୍ଲକରୁ ୪୬୯, କିର୍ମିରା ବ୍ଲକରୁ ୨୯୦, କୋଲାବିରା ବ୍ଲକରୁ ୨୯୫, ଲଇକେରା ବ୍ଲକରୁ ୪୮୭, ଲଖନପୁର ବ୍ଲକରୁ ୮୯୭, ଝାରସୁଗୁଡା ମୁନିସିପାଲିଟିରୁ ୧୧୫୯, ବ୍ରଜରାଜନଗର ମୁନିସିପାଲଟିରୁ ୧୨୭୦ ଓ ବେଲପାହାଡ ମୁନିସିପାଲିଟିରୁ ୨୫୬ ଜଣ ପ୍ରବାସୀ ଆସିବାକୁ ନାଁ ପଞ୍ଜୀକରଣ କରିଛନ୍ତି।

ବଞ୍ଚିବାର ରାହା ଖୋଜୁଛନ୍ତି ପୂଜକ

କରୋନା ଭୂତାଣୁ ବିଶ୍ୱକୁ ଗ୍ରାସିଛି । ଏହାର ପ୍ରତିଷେଧକ ଭାବେ ଲକ୍ ଡାଉନ କରାଯାଇଛି। ଏଥିରେ ସମସ୍ତେ ପ୍ରଭାବିତ ହୋଇଛନ୍ତି। ସମସ୍ତ ଧାର୍ମିକ ଉତ୍ସବ, ବ୍ରତ, ବିବାହ, ହୋମଯଜ୍ଞ, ନାମଯଜ୍ଞ ପ୍ରଭୃତି କାର୍ଯ୍ୟ ଠପ୍ ପଡିଛି । ତେଣୁ ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣ ଆଉ ଶୁଭୁନାହିଁ । କର୍ମକାଣ୍ଡ ପୁରୋହିତଙ୍କ ଜୀବନଚର୍ଯ୍ୟା ଦୁର୍ବିଷହ ହୋଇପଡିଛି । ଏମିତି ପରିସ୍ଥିତି ଲାଗି ରହିଲେ, ପଣ୍ଡିତମାନେ ଦାଣ୍ଡର ଭିକାରୀ ହେବେ ବୋଲି ମତପ୍ରକାଶ ପାଇଛି।

କରୋନା ଭୂତାଣୁ ଜୀବନ ଚର୍ଯ୍ୟାକୁ ଦୋହଲାଇ ଦେଇଛି । କର୍ମକାଣ୍ଡ ପଣ୍ଡିତମାନେ କରୋନା ଅପେକ୍ଷା ପରିବାର କିପରି ପ୍ରତିପୋଷଣ କରିବେ ସେହି ଚିନ୍ତାରେ ଅଛନ୍ତି। ପ୍ରତିଦିନ ପୂଜାପାଠ କରି ପରିବାର ଚଳାଉଥିଲୁ । ବର୍ତ୍ତମାନ ସମସ୍ତ କାର୍ଯ୍ୟ ବନ୍ଦ ଥିବାରୁ ଘରେ ହାତବାନ୍ଧି ବସିଛୁ । ଆମେ ରାସନ କାର୍ଡ ଓ ରାଜ୍ୟ ସରକାରଙ୍କ ସୁବିଧା ସୁଯୋଗରୁ ବଞ୍ଚିତ ରହିଛୁ । ଏପରି ସ୍ଥିତି ଲାଗୁ ରହିଥିଲେ ପଣ୍ଡିତମାନେ ବାଧ୍ୟ ହୋଇ ରାସ୍ତାରେ ଭିକ ମାଗିବୁ ।

–ପଣ୍ଡିତ ଅମରନାଥ ମିଶ୍ର, ଝାଡୁଆପଡା

ଭକ୍ତଙ୍କ ଦାନରୁ ପରିବାର ପ୍ରତିପୋଷଣ ହୋଇଥାଏ । ମନ୍ଦିର ବନ୍ଦ ହେଲେ ଆମ ଖାଇବା ମଧ୍ୟ ବନ୍ଦ ହୋଇଯାଏ । ଟ୍ରଷ୍ଟ ବୋର୍ଡ ଦେଇଥିବା ୨ହଜାର ଟଙ୍କା ସହାୟତା ଅର୍ଥରେ କଷ୍ଟରେ ଚଳିଗଲୁ । ବର୍ତ୍ତମାନ ଅସୁବିଧା ହେଉଛି । ମନ୍ଦିର ପୂଜା ହିଁ ଏକ ମାତ୍ର ରୋଜଗାର । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମନ୍ଦିର ପୂଜକଙ୍କୁ ଆର୍ଥିକ ସହାୟତା ଦେବା ଆବଶ୍ୟକ ।

–କୈଳାଶ ପୂଜାରୀ, ସୋମନାଥ ମନ୍ଦିର ପୂଜକ

ପଣ୍ଡିତ କାର୍ଯ୍ୟ କରିବାକୁ ଦୀର୍ଘ ଦିନ ହେବ ନୟାଗଡରୁ ସମ୍ବଲପୁର ଆସି ରହୁଛୁ । ପ୍ରକୃତ ପକ୍ଷେ କରୋନା ପଣ୍ଡିତଙ୍କ କଣ୍ଠରୋଧ କରିଦେଇଛି । ତେଣୁ ଲକ୍ ଡାଉନରେ ଭଗବାନଙ୍କ ଶରଣାପନ୍ନ ହୋଇଛି । ବର୍ତ୍ତମାନ କାମଧନ୍ଦା କିଛି ନାହିଁ । ମନର ଦୁଃଖ କାହା ଆଗରେ କହିପାରୁନାହିଁ ।

–ପଣ୍ଡିତ ଡମ୍ବରୁଧର ତ୍ରିପାଠୀ, ପୁରୋହିତ

ଫଗୁଣରୁ ଜ୍ୟେଷ୍ଠ ମାସ ପର୍ଯ୍ୟନ୍ତ ଶୁଭକାମ ହୋଇଥାଏ । ଲଗ୍ନ, ଜନ୍ମ କୁଣ୍ଡଳି, ନାମକରଣ କାର୍ଯ୍ୟ ମଧ୍ୟ ହୁଏ । ପଣ୍ଡିତମାନେ ଅଧିକରୁ ଅଧିକ କାର୍ଯ୍ୟ କରି ଅର୍ଥ ଉପାର୍ଜନ କରିଥାନ୍ତି । ଯାହାକି ପରିବାର ଚଳଣି ସହ ଗ୍ରାମାଞ୍ଚଳର ପଣ୍ଡିତମାନଙ୍କୁ ଆଷାଢ଼ ମାସରେ ଚାଷ କାର୍ଯ୍ୟରେ ମଧ୍ୟ ସହଯୋଗ ହୋଇଥାଏ । ବର୍ତ୍ତମାନ ଲକ୍ ଡାଉନ ଯୋଗୁ ସମସ୍ତ କାର୍ଯ୍ୟ ବନ୍ଦ ରହିଛି । ଆଗକୁ ଲକ୍ ଡାଉନ ବଢ଼ିଲେ ପରିସ୍ଥିତି ଜଟିଳ ହେବ ।

–ଡ. ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର କରଶର୍ମା, ପଣ୍ଡିତ ଓ ଜ୍ୟୋତିଷ

(ପ୍ରସ୍ତୁତି: ବି. ଶଙ୍କର, ସମ୍ବଲପୁର)

ବରଗଡ଼ରେ ଫସି ରହିଥିବା ଉତ୍ତର ପ୍ରଦେଶର ଶ୍ରମିକମାନେ ।

ଘରକୁ ଫେରିପାରୁ ନାହାନ୍ତି ପ୍ରବାସୀ ଶ୍ରମିକ

ବରଗଡ଼ ଅପିସ୍,୩୦।୪

କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ପ୍ରତିହତ ପାଇଁ ଦେଶବ୍ୟାପୀ ଲକ୍ ଡାଉନ କଟକଣା ଲାଗୁ ହୋଇଛି । ଏଭଳି ସ୍ଥଳେ ଉତ୍ତର ପ୍ରଦେଶରୁ ଆସିଥିବା ୧୭ଜଣ ଶ୍ରମିକ ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ବାଞ୍ଚିପାଲିରେ ଫସି ରହିଛନ୍ତି । ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ଖାଇବା, ପିଇବା ବ୍ୟବସ୍ଥା କରାଯାଉଛି। ମାତ୍ର ସେମାନେ ଘରକୁ ଫେରିବାକୁ ଚାହୁଁଥିଲେ ହେଁ ଲକ୍ ଡାଉନ୍ ଯୋଗୁ ସେଥିରେ ସକ୍ଷମ ହୋଇ ପାରୁନାହାନ୍ତି। ଫଳରେ ସମ୍ପୃକ୍ତ ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପହଞ୍ଚାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବରଗଡ଼ ଜିଲା ବିଜେପୁର ବ୍ଲକ ଯୋଖିପାଲି ଗ୍ରାମର ସାମାଜିକ କର୍ମୀ ଦିବସ କୁମାର ସାହୁ ଉତ୍ତର ପ୍ରଦେଶ ସରକାରଙ୍କୁ ଟୁଇଟ୍ କରି ନିବେଦନ କରିଛନ୍ତି ।

ସଂକ୍ଷେପରେ

ବେଉସା ବିଗାଡିଲା କରୋନା: ଲକ୍‌ଡାଉନ ସମୟରେ ନୂଆପଡା ସହରର ଜଣେ ରିକ୍‌ସା ଚାଳକ ପରିବାର ପୋଷିବା ପାଇଁ ଜାଳେଣି କାଠ ସଂଗ୍ରହ କରି ଘରକୁ ଫେରୁଛନ୍ତି ।

ଜିଲାପାଳଙ୍କୁ ଫେରାଦ ହେଲା ବାରିକ ସଂଘ

ବରଗଡ଼ ଅପିସ୍,୩୦।୪

ଲକ୍‌ଡାଉନ କଟକଣା ଯୋଗୁ ବାରିକ ମାନଙ୍କୁ ସେମାନଙ୍କ ଜୀବିକା ହରାଇବାକୁ ପଡ଼ିଛି । କଟକଣା ଯୋଗୁ ସେଲୁନ୍, ପାର୍ଲର ସବୁ ବନ୍ଦ ରହିଛି । ଅନ୍ୟ କୌଣସି ଜୀବିକା ନଥିବା ଯୋଗୁ ବାରିକ ମାନଙ୍କ ଜୀବନଯାପନ ଦୁର୍ବିସହ ହୋଇ ପଡ଼ିଛି। ଫଳରେ ବାରିକ ମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ଏହି କ୍ରମରେ ବରଗଡ଼ ଟାଉନ ବାରିକ ସଂଘ ଗୁରୁବାର ଜିଲାପାଳଙ୍କୁ ଫେରାଦ ହୋଇଥିଲା । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘର ସଭାପତି ବିନୋଦ ବାରିକ, ସମ୍ପାଦକ ବାଳକୃଷ୍ଣ ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ ଦେବଗଡ଼ କରୋନା ସଂକ୍ରମିତ

ଦେବଗଡ଼,୩୦।୪(ଡି.ଏନ.ଏ.)

ଦେବଗଡ଼ ଜିଲା ତିଲେଇବଣୀ ବ୍ଲକ କଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ଜଣେ କରୋନା ରୋଗୀ ଚିହ୍ନଟ ହେବା ପରେ ତାଙ୍କୁ ସ୍ଥାନୀୟ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ଗୁରୁବାର ସଂପୃକ୍ତ ବ୍ୟକ୍ତିଙ୍କ ପରିବାର ଏବଂ ପଡୋଶୀଙ୍କୁ ମିଶାଇ ମୋଟ ୨୬ ଜଣଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ଆଇସୋଲେଶନ ସେଣ୍ଟରେ ଭର୍ତ୍ତି କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ କୁମାର ଉପଧ୍ୟାୟ କହିଛନ୍ତି । ସଂକ୍ରମିତ ବ୍ୟକ୍ତି ନିଜ ଗ୍ରାମରେ ବୁଲାଚଲା କରିଥିବାରୁ ଉକ୍ତ ଗ୍ରାମର ଅନେକ ଗ୍ରାମବାସୀ ମଧ୍ୟ ପରୋକ୍ଷରେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି । ଏପରି ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଥିବା ଅତିରିକ୍ତ ଜିଲାପାଳ ଧରମ ହାଂସଦା ପ୍ରକାଶ କରିଛନ୍ତି। ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମ ରାସ୍ତାକୁ ସିଲ କରାଯାଇଛି।

ସିଲ୍ ହୋଇଥିବା ଗାଁ ରାସ୍ତା ।

ବାସୁଦେବପୁର ଗ୍ରାମ ସମେତ ଝାଟିକିପଶି, ଖୁଣ୍ଟପଶି, ସାମନ୍ତରାପାଲି, ନୂଆଗାଁ, କମଳାବଗିଚା ଓ ବଣିଆକିଲିଣ୍ଡା ପଞ୍ଚାୟତର ସୁନାମୁଣ୍ଡା ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି । ଉପରୋକ୍ତ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକୁ ବନ୍ଦ କରାଯାଇଛି । ସେହି ଅଞ୍ଚଳରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସେବା ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ସ୍ୱେଚ୍ଛାସେବୀଙ୍କୁ ପୋଲିସର ଦୁର୍ବ୍ୟବହାର

ବରଗଡ଼ ଅପିସ୍,୩୦।୪

ସ୍ୱେଚ୍ଛାସେବୀମାନେ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି ।

କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ପ୍ରତିହତ ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ ହୋଇଛି। ଏଭଳି ସ୍ଥଳେ ଗରିବ, ଅସହାୟଙ୍କ ଜୀବନଯାପନ ଦୁର୍ବିସହ ହୋଇ ପଡ଼ିଛି। ଏଭଳି ବିପର୍ଯ୍ୟୟ ସମୟରେ ବିଭିନ୍ନ ସାମାଜିକ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ଜଣେ ଲେଖାଏଁ କରୋନା ଯୋଦ୍ଧା ପାଲଟିଛନ୍ତି। ନିଜ ଜୀବନକୁ ବାଜି ଲଗାଇ ସେମାନେ ନିଜ ଖର୍ଚ୍ଚରେ ଅସହାୟ ଲୋକଙ୍କୁ ଖୋଜି ଆହାର ଯୋଗାଇ ଦେଉଛନ୍ତି । ଏଭଳି ରନ୍ଧାଖାଦ୍ୟ ଯୋଗାଇବାକୁ ଯାଉଥିବା ବେଳେ ଜଣେ ପୋଲିସ କର୍ମଚାରୀ ବରଗଡ଼ ବ୍ଲକ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନଙ୍କୁ ସ୍ଥାନୀୟ ଭଟଲି ରୋଡ୍ ଛକରେ ଅଟକାଇ ଦୁର୍ବ୍ୟବହାର ପ୍ରଦର୍ଶନ ସହିତ ରନ୍ଧାଖାଦ୍ୟ ରହିଥିବା ଅଟୋ ସମ୍ମୁଖକୁ ବାଡ଼େଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ସଂକଳ୍ପ ପରିବାର ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଭ୍ୟମାନେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏବଂ ଏସପି ପତ୍ନିନୀ ସାହୁଙ୍କୁ ଭେଟିଥିଲେ । ସେହି ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ, ଏସ୍‌ପି କହିଥିବାବେଳେ ସେଥିରେ ହତୋତ୍ସାହିତ ହୋଇ ନ ପଡ଼ି ଅସହାୟଙ୍କ ପ୍ରତି ସେବା ମନୋଭାବ ଜାରି ରଖିବାକୁ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇଛନ୍ତି ।

ସମ୍ପର୍କୀୟ ଆସିଲେନି, ମୃତଦେହ ସଂସ୍କାର କଲେ ସ୍ୱେଚ୍ଛାସେବୀ

ସିନାପାଲି,୩୦।୪ (ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଥାନା ଅଧୀନ ଧିଙ୍ଗିଆମୁଣ୍ଡା ଗ୍ରାମର ଜଗସନ ହଂସ (୪୨)ଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଛି। ରୋଜଗାର କରି ଘର ଲୋକଙ୍କୁ ଖୁସିରେ ରଖିବାକୁ ଦିନେ ସେ ଘରୁ ଗୋଡ଼ କାଢି ଥିଲେ। ହେଲେ ଦୁର୍ଘଟଣାର ଶିକାର ହୋଇ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଯେଉଁ କମ୍ପାନୀରେ ସେ କାମ କରୁଥିଲେ ସେହି କମ୍ପାନୀର ମାଲିକଙ୍କ ସହଯୋଗରେ ଅବଶ୍ୟ ଗାଁକୁ ମୃତଦେହ ଫେରିଛି। ହେଲେ କରୋନା ସଂକ୍ରମଣ ଭୟରେ ତାଙ୍କ ପରିବାର ତଥା ବନ୍ଧୁ ପରିଜନ କେହି ବି ଜଣେ ମୃତଦେହ ଛୁଇଁ ନାହାନ୍ତି। ତାମିଲନାଡୁରୁ ମୃତଦେହ ଆଣି ଆସିଥିବା ଗାଁର ୩ ଜଣ ଯୁବକଙ୍କୁ ହିଁ ଶେଷରେ ଜଗସନଙ୍କ ଅନ୍ତିମ ସଂସ୍କାର କରିବାକୁ ପଡ଼ିଛି। ସ୍ତ୍ରୀ ଓ ୨ ନାବାଳକ ପୁଅ ଏବେ ବାହୁନି କାନ୍ଦୁଛନ୍ତି। ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ତାଙ୍କ ସ୍ତ୍ରୀଙ୍କୁ ୨ ହଜାର ଟଙ୍କା ଦିଆଯାଇଛି। ଏହା ସହିତ ସରକାରୀ ନିର୍ଦ୍ଦେଶନାମା ମୁତାବକ ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ମେହେର ପ୍ରକାଶ କରିଛନ୍ତି।

କରୋନା ଭୟ

ସୂଚନାଯୋଗ୍ୟ, ଜାନୁୟାରୀରେ ସେ ଗାଁର ମାଧବ ହଂସ, ଭଦେବ ହଂସ ଓ ଟିକେରାମ ହଂସଙ୍କ ସହିତ ତାମିଲନାଡୁର ରାମନାଥପୁରମକୁ ଯାଇଥିଲେ। ସେଠାରେ ଏକ ନିର୍ମାଣ କମ୍ପାନୀରେ କାମ କରୁଥିଲେ। ହେଲେ ଦୁର୍ଭାଗ୍ୟକୁ ଗତ ରବିବାର ଲିଫ୍ଟରୁ ପଡି ଜଗସନଙ୍କ ମୃତ୍ୟୁ ଘଟିଥିଲା। କମ୍ପାନୀ ମାଲିକ ଜଗସନଙ୍କ ମୃତଦେହ ଏକ ଆମ୍ବୁଲାନ୍ସରେ ଘରକୁ ଫେରିବାର ବ୍ୟବସ୍ଥା କରିଥିଲେ। ସେଠାରେ କାମ କରୁଥିବା ଗାଁର ୩ ଜଣ ଯୁବକ ମୃତଦେହ ଧରି ଗାଁକୁ ଫେରିଥିଲେ। ହେଲେ ଗାଁ ଭିତରକୁ ତାଙ୍କ ମୃତଦେହ ନିଆଯାଇ ନ ଥିଲା। ଗାଁ ମୁଣ୍ଡରୁ ସିଧା ଶ୍ମଶାନକୁ ନିଆଯାଇଥିଲା। କରୋନା ଭୂତାଣୁ ସଂକ୍ରମଣ ଭୟରେ ପରିବାର, ବନ୍ଧୁବାନ୍ଧବ କିମ୍ବା ଗ୍ରାମବାସୀ କେହି ମଧ୍ୟ କାନ୍ଧ ଦେବାକୁ ବାହାରି ନ ଥିଲେ। ମୃତଦେହ ଆଣି ଆସିଥିବା ଗାଁର ୩ ଜଣ ବ୍ୟକ୍ତିଙ୍କୁ କେନ୍ଦୁମୁଣ୍ଡା ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି।

ଲକ୍‌ଡାଉନ ସ୍ଥିତି ପରଖିଲେ ଡିଜି

ସମ୍ବଲପୁର/ବରଗଡ଼ ଅଫିସ, ୩୦।୪ (ବ୍ୟୁରୋ)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏବଂ ଅନ୍ୟମାନେ ସ୍ଥାନୀୟ ଭଟଲି ଛକରେ ଲକ୍ ଡାଉନ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ପୋଲିସ ମହାନିର୍ଦ୍ଦେଶକ ଅଭୟ ଗୁରୁବାର ସମ୍ବଲପୁରକୁ ଦିନିକିଆ ଗସ୍ତ କରିଛନ୍ତି। ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ସମ୍ବଲପୁର ରିଜର୍ଭ ପଡିଆରେ ଓହ୍ଲାଇବା ପରେ ତାଙ୍କୁ ଏଠାରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ଏସ୍‌ପି କନୱର ବିଶାଳ ସିଂ ସ୍ୱାଗତ କରିଥିଲେ। ରିଜର୍ଭ ପଡିଆରେ ପୋଲିସ କର୍ମଚାରୀମାନଙ୍କ ସହ ଡିଜି ଆଲୋଚନା କରିଥିଲେ। ପରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଅଫିସ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଲାଲ, ଏସପି ସିଂ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲାର ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଡିଜି ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ବାହାରୁ ତଥା ଅନ୍ୟ ଜିଲାର ବିନା ପଞ୍ଜୀକରଣରେ ଅନେକ ଲୋକ ଆସିବାର ସମ୍ଭାବନା ରହୁଛି । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଥିଲେ। କରୋନା ମୁକାବିଲା ପାଇଁ କିଭଳି ଭାବେ ପଦକ୍ଷେପ ନିଆଯାଉଛି ସେ ନେଇ ସମୀକ୍ଷା କରିଥିଲେ। ଏହାପରେ ସେ ଲକ୍ଷ୍ମୀ ଟକିଜ ଛକରେ ପହଞ୍ଚିଥିଲେ। ସେଠାରେ ଟ୍ରାଫିକ ଡିଏସ୍‌ପି ହିମାଂଶୁ ବେହେରା, ଏଏସଆଇ ରତିକାନ୍ତ ବିଶ୍ୱାଳ, କନଷ୍ଟେବଲ ମାଧୁରୀ ଛୁରିଆ, ଶିବଶଙ୍କର ବେହେରାଙ୍କ ସହ ଆଲୋଚନା କରିଥିଲେ। ପରିବାରରେ ସମସ୍ତେ କେମିତି ଅଛନ୍ତି, ନିଜର ସ୍ୱାସ୍ଥ୍ୟ କିଭଳି ରହିଛି, କେତେ ଦିନ ହେଲା କରୋନା ମୁକାବିଲାରେ କାର୍ଯ୍ୟରତ, ଛୁଟି ଠିକ ସମୟରେ ମିଳୁଛି କି ନାହିଁ, ଖାଦ୍ୟ ପାନୀୟ ବ୍ୟବସ୍ଥା ଠିକ ସମୟରେ ଦିଆଯାଉଛି କି ନାହିଁ ବୋଲି କର୍ମଚାରୀମାନଙ୍କୁ ପଚାରି ବୁଝିଥିଲେ। ପରେ କ୍ଷେତରାଜପୁର ଥାନା, ଧନୁପାଲି ଥାନା ଓ ଟାଉନ ଥାନା ପରିଦର୍ଶନ କରିଥିଲେ। ସେଠାରେ ୫-ଟି କାର୍ଯ୍ୟକାରତା ଉପରେ ତଦାରଖ କରିଥିଲେ। ଅନ୍ୟପକ୍ଷେ ଅଭୟ ଗୁରୁବାର ବରଗଡ଼ ଜିଲା ଗସ୍ତରେ ମଧ୍ୟ ଯାଇଥିଲେ। ଦିନ ପ୍ରାୟ ଗୋଟାଏରେ ସେ ହେଲିକପ୍ଟରରେ ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆରେ ଓହ୍ଲାଇଥିଲେ । ତାଙ୍କ ସହିତ ଅତିରିକ୍ତ ପୋଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିଆଇଜି ହିମାଂଶୁ ଲାଲ ମଧ୍ୟ ଏଠାକୁ ଆସିଥିଲେ। ଡିଜିପି ବରଗଡ଼ର ବିଭିନ୍ନ ଅଞ୍ଚଳ ଗସ୍ତ କରି କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ପ୍ରତିହତ ପାଇଁ ପୋଲିସ ପକ୍ଷରୁ ନିଆଯାଇଥିବା ବ୍ୟବସ୍ଥା ଏବଂ ଲକ୍ ଡାଉନ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏସପି ପତ୍ନିନୀ ସାହୁ, ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।

ଘରକୁ ଫେରିଲେ ନିଖୋଜ ମହିଳା

ବରଗଡ଼ ଅପିସ୍,୩୦।୪

ବରଗଡ଼ ବ୍ଲକ ବରଢ଼ୋଲ ଗ୍ରାମର ଜଣେ ନିଖୋଜ ମହିଳା ଗୁରୁବାର ସଂକଳ୍ପ ପରିବାରର ଉଦ୍ୟମ କ୍ରମେ ନିଜ ଘରକୁ ଫେରିବାରେ ସକ୍ଷମ ହୋଇଛନ୍ତି। ମହିଳା ଜଣକ ହେଲେ ଉକ୍ତ ଗ୍ରାମର କ୍ଷୀରେଶ୍ୱରୀ ସ୍ୱାଇଁ ।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୨୩ତାରିଖରୁ ମହିଳା ଜଣକ ନିଖୋଜ ଥିଲେ। ଲକ୍ ଡାଉନ୍ ଯୋଗୁ ବରଗଡ଼ ସହରରେ ସଂକଳ୍ପ ପରିବାର ରନ୍ଧାଖାଦ୍ୟ ବିତରଣ କରୁଥିବାବେଳେ ସ୍ଥାନୀୟ ଘରୋଇ ବସ୍‌ଷ୍ଟାଣ୍ଡରେ ମହିଳା ଜଣକ ଅସହାୟ ଅବସ୍ଥାରେ ରହିଥିବା ଦେ

ସଂକ୍ଷେପରେ

ସଙ୍ଗରୋଧ ଗୃହକୁ ଗଣମାଧ୍ୟମକୁ ମନା

ମାଲକାନଗିରି,୩୦।୪(ଡି.ଏନ୍.ଏ.)- କୌଣସି ଗଣମାଧ୍ୟମ ପ୍ରତିନିଧି ଜିଲାର ବିଭିନ୍ନ ସ୍ଥାନରେ ଥିବା ସଙ୍ଗରୋଧ ଗୃହ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ଏହାକୁ ଅବମାନନା କଲେ ସମ୍ପୃକ୍ତ ପ୍ରତିନିଧିଙ୍କୁ ୧୪ ଦିନ ସଙ୍ଗରୋଧ ଗୃହରେ ରଖାଯିବ ବୋଲି ଉପଜିଲାପାଳ ରାମେଶ୍ୱର ପ୍ରଧାନ ଗୁରୁବାର ପ୍ରକାଶ କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ କହିଛନ୍ତି।

ଗାଡ଼ି ଧକ୍କାରେ ଯୁବକ ଗୁରୁତର

ଝରିଗାଁ,୩୦।୪(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧନପୁର ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ରାଇଘର ବ୍ଲକ ମାରିପଦର ଗ୍ରାମର ଆଶୁଦେବ ଗଣ୍ଡ(୩୫)। ଆଶୁଦେବ ବାଇକ୍‌ରେ ଝରିଗାଁ ଅଭିମୁଖେ ଆସୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଝରିଗାଁ ପୋଲିସ ପାଟ୍ରୋଲିଂରେ ଯାଉଥିବା ବେଳେ ଆଶୁଦେବଙ୍କୁ ଦେଖି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଆମ୍ବୁଲାନ୍ସ-ବାଇକ୍ ଦୁର୍ଘଟଣା, ଜଣେ ମୃତ

କାଶୀନଗର,୩୦।୪(ଡି.ଏନ୍.ଏ.)- ଗଜପତି ଜିଲା କାଶୀନଗର ବ୍ଲକ୍‌ର ହାଡୁଭାଙ୍ଗି ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗଜପତି ଜିଲା ଗୁମ୍ମା ବ୍ଲକ୍ ଗାଇବା ଅଞ୍ଚଳରୁ ମେଘା ରାଓ ଏବଂ ବାଲି ମୁରଲୀ ନାମକ ୨ ବ୍ୟକ୍ତି ବାଇକ୍(ଓଡି୨୦ଏ-୪୬୪୬) ଯୋଗେ ଆସୁଥିବାବେଳେ କାଶୀନଗରରେ ଜଣେ ରୋଗୀଙ୍କୁ ଛାଡ଼ି ବ୍ରହ୍ମପୁର ଫେରୁଥିବା ଏକ ଆମ୍ବୁଲାନ୍ସ ସହ ସେମାନଙ୍କ ଧକ୍କା ହୋଇଥିଲା। ଏଥିରେ ବାଇକ୍‌ରେ ବସିଥିବା ୨ ବ୍ୟକ୍ତି ଗୁରୁତର ହୋଇଥିଲେ। ଉଭୟଙ୍କୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମେଘାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ହୋମ୍‌ଗାର୍ଡଙ୍କୁ ଆକ୍ରମଣ

ଉମରକୋଟ,୩୦।୪(ଡି.ଏନ୍.ଏ.)- ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନବରଙ୍ଗପୁର ଜିଲା ଉମରକୋଟ ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ବଙ୍କିମ ମଣ୍ଡଳଙ୍କୁ ଗୁରୁବାର ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ବଙ୍କିମ ବୁଧବାର ସନ୍ଧ୍ୟାରେ ସଉଦା ଆଣିବାକୁ ବଜାର ଯାଇଥିବା ସମୟରେ ସାନଭରଣ୍ଡି ଗ୍ରାମର ବାପି ଧୁରୁଆ ତାଙ୍କୁ ଆକ୍ରମଣ କରିଥିଲେ। ପରେ ବାପିଙ୍କ ଅନ୍ୟ ୨ ସାଥୀ ମଧ୍ୟ ତାଙ୍କୁ ମାଡ ମାରିଥିଲେ। କିଛି ଦିନ ତଳେ ଭଲିବଲ୍ ଖେଳୁଥିବା ସମୟରେ ବଲ୍ ଓ ନେଟ୍ ଜବତ କରିବା ଘଟଣାକୁ ନେଇ ଏହି ଆକ୍ରମଣ ହୋଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅତିରିକ୍ତ ଏସ୍‌ପି ଥାନାକୁ ଆସି ଘଟଣାର ତଦନ୍ତ କରିବା ସହ ୩ ଅଭିଯୁକ୍ତଙ୍କୁ ଥାନାକୁ ଡକାଇଥିବା ଜଣାପଡ଼ିଛି।

ଚିତ୍ରକୋଣ୍ଡା, କାଶୀନଗରକୁ ଫେରିବେ ଶ୍ରମିକ

ଚିତ୍ରକୋଣ୍ଡା/ କାଶୀନଗର, ୩୦।୪ (ଡି.ଏନ.ଏ.)-ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତରେ ପ୍ରସ୍ତୁତ ତାଲିକା ଅନୁସାରେ ବାହାର ରାଜ୍ୟ ଓ ଜିଲାରେ ଫସି ରହିଥିବା ୪୦୨ ଜଣ ଶ୍ରମିକଙ୍କୁ ଲକ୍‌ଡାଉନ ପରେ ଚିତ୍ରକୋଣ୍ଡା ଅଣାଯିବ । ବାହାରୁ ଫେରିଥିବା ଏହି ଶ୍ରମିକମାନେ ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବେ। ବାହାର ରାଜ୍ୟ ଓ ଜିଲାରୁ ଆସିବାକୁ ଥିବା ଶ୍ରମିକଙ୍କ ମଧ୍ୟରେ ଚିତ୍ରକୋଣ୍ଡାର ୬୪, ଦୋରାଗୁଡା ୭୬, ନୂଆଗୁଡା ୫୩, ଗୁଣ୍ଡାୱାର୍ଡା ୫୩, କପାଡୁଟି ୮,ପାପୁଲୁର୧୪, କୁରୁମାନୁର୨୮, ଟନେଲକ୍ୟାମ୍ପ ୨୭,ରାଲେଗାଡା୧୨,ଯୋଡ଼ାମ୍ବ ୧, ପଣସପୁଟ ୩, ଯନ୍ତ୍ରା୧୭, ଓ ଅଣ୍ଡିରାପାଲିକୁ ୭ଜଣ ଶ୍ରମିକ ଫେରିବେ। ଏଥିପାଇଁ ସମସ୍ତ ବ୍ୟବସ୍ଥା ହେଉଥିବା ସିପି ସୁଧାମୟ ମଣ୍ଡଳ କହିଛନ୍ତି। ଲକ୍‌ଡାଉନ ପରେ କାଶୀନଗର ବ୍ଲକ ଓ ଏନଏସିକୁ ବାହାରୁ ପ୍ରାୟ ୩୫୦୦-୪୦୦୦ ଶ୍ରମିକ ଫେରିବେ। ସେମାନଙ୍କ ପାଇଁ ୨୭ଟି କ୍ୱାରାଣ୍ଟାଇନ କେନ୍ଦ୍ର ପ୍ରସ୍ତୁତ କରିବାକୁ ଗୁରୁବାର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିବା ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି। ଉପ ଜିଲାପାଳ ସଂଗ୍ରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବିଡିଓ ରାଜେନ୍ଦ୍ର ପଣ୍ଡା, ମେଡିକାଲ ଅଫିସର ପାର୍ଥସାରଥୀ ବେହେରା ଉପସ୍ଥିତ ଥିଲେ।

କୋଭିଡ୍ ହସ୍ପିଟାଲ ସ୍ଥିତି ପରଖିଲେ ଆର୍‌ଡିସି

ଜୟପୁର କୋଭିଡ୍ ହସ୍ପିଟାଲ ପରିଦର୍ଶନ କରୁଛନ୍ତି ଆର୍‌ଡିସି ।

ଜୟପୁର,୩୦।୪(ଡି.ଏନ୍.ଏ/ନି.ପ୍ର.)

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପଙ୍ଗ ଆଓ ଗୁରୁବାର କୋରାପୁଟ ଜିଲା ଗସ୍ତ କରିଛନ୍ତି। ପୂର୍ବାହ୍ନରେ କୋରାପୁଟ ସର୍କିଟ ହାଉସରୁ ଜୟପୁର ଆସି ଏଠାରେ ନବନିର୍ମିତ କୋଭିଡ ହସ୍ପିଟାଲ ତଦାରଖ କରିଛନ୍ତି। ୧୫୦ ଶଯ୍ୟାବିଶିଷ୍ଟ ଏହି ଚିକିତ୍ସାଳୟରେ ୪ଟି ଭେଣ୍ଟିଲେଟର, ୨୦ଟି କ୍ୟାବିନ ରହିଛି। ସେହିପରି ଆବଶ୍ୟକ ପିପିଇ, ମାସ୍କ ଓ ଅନ୍ୟ ଆବଶ୍ୟକ ଉପକରଣ ସମ୍ପର୍କରେ ପଚାରି ବୁଝିଛନ୍ତି। ଚିକିତ୍ସାଳୟ ଭିତରେ ସମସ୍ତ କ୍ୟାବିନ, କକ୍ଷ ବୁଲି ସେ ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତ ବେଳେ ଏଡିଏମ୍ ଦେବେନ ପ୍ରଧାନ, ଉପଜିଲାପାଳ ଲୋକନାଥ ଦଳବେହେରା, ଡା. ରାମଚନ୍ଦ୍ର ମହାନ୍ତି, ଡା. ଦିଲିପ ବିଶ୍ୱାଳ, ଡା. ପ୍ରମୋଦ ସାମନ୍ତରାୟ ଓ ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଗତ ୨୭ ତାରିଖରେ କୋରାପୁଟ ଜିଲାରେ ପ୍ରଥମ କରୋନା ପଜିଟିଭ ବାହାରିଥିଲା। ଉକ୍ତ ରୋଗୀଙ୍କୁ ଭୁବନେଶ୍ୱର କିମ୍ସକୁ ଚିକିତ୍ସା ପାଇଁ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା କୋରାପୁଟ ଜିଲାରୁ ମୋଟ ୫୨୫ ସ୍ୱାବ ଯାଇଥିବା ବେଳେ ସେଥିରୁ ୪୭୯ ନେଗେଟିଭ ଓ ଗୋଟିଏ ପଜିଟିଭ ରହିଛି।

ନବରଙ୍ଗପୁରରେ କରୋନା ମୁକାବିଲା ସମୀକ୍ଷା

ନବରଙ୍ଗପୁର,୩୦।୪(ବି.ପ୍ର)

ଦକ୍ଷିଣାଞ୍ଚଳର ରାଜସ୍ୱ କମିଶନର(ଆରଡିସି) ଟି. ଆଓ ଗୁରୁବାର ନବରଙ୍ଗପୁର ଜିଲା ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସଠାରେ କରୋନା ମୁକାବିଲା ନେଇ ଜିଲାରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ହିଲି ବିଏଡ କଲେଜଠାରେ ହୋଇଥିବା କୋଭିଡ-୧୯ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନୀୟ ଖ୍ରୀଷ୍ଟିୟାନ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏବଂ ନାଲକୋ ଏବାବଦ ସମସ୍ତ ଖର୍ଚ୍ଚ ବହନ କରିବା ନେଇ ପ୍ରଶାସନ ସହ ହୋଇଥିବା ଚୁକ୍ତି ସମ୍ପର୍କରେ ଆରଡିସିଙ୍କୁ ଅବଗତ କରାଯାଇଥିଲା। ପରେ ସେ ଲଳିତାଦେଇପୁର, ଡିଗ୍ରୀ କଲେଜ ଓ ପଡାଲଗୁଡାରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିଥିଲେ। ଏହି ସମୟରେ ଜିଲାପାଳ ଡ. ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଖ୍ରୀଷ୍ଟିୟାନ ହସ୍ପିଟାଲର ଅଧ୍ୟକ୍ଷ ଡାକ୍ତ ସନ୍ତୋଷ ନାଗ,ଅତିରକ୍ତ ଜିଲାପାଳ ସୁବଶିଷ ମାନସିଂ, ଉପଜିଲାପାଳ ଭାସ୍କର ରଉତୋ, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗଇପଇ, ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ମଜୁରି ନେଇ ଶ୍ରମିକଙ୍କୁ ହତ୍ୟା

ଜୟପୁର,୩୦।୪(ଡି.ଏନ୍.ଏ.)

୪୮ ଘଣ୍ଟା ଭିତରେ ଧରାପଡ଼ିଲେ ୩ ଅଭିଯୁକ୍ତ

ମଜୁରିକୁ କେନ୍ଦ୍ରକରି ଜଣେ ଶ୍ରମିକଙ୍କୁ ହତ୍ୟା କରାଯିବା ଘଟଣାର ୪୮ ଘଣ୍ଟା ଭିତରେ ଏହାର ପର୍ଦ୍ଦାଫାସ କରିଛି କୋରାପୁଟ ଜିଲା ଜୟପୁର ଟାଉନଥାନା ପୋଲିସ। ଏହି ମାମଲାରେ ଜଣେ ସୁପରଭାଇଜଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁପରଭାଇଜର ରଣବୀର ସିଂ ଓରଫ ଭାବନ, ସତୀଶ ସିଂ ଓ ରାକେଶ ସିଂ। ଅଭିଯୁକ୍ତଙ୍କଠାରୁ ହତ୍ୟାରେ ବ୍ୟବହାର କାଠ ଫାଳିଆ, ରକ୍ତଛିଟା ଲାଗିଥିବା କପଡ଼ା ଜବତ ହୋଇଛି।

ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ଅଶୋକ ନଗରସ୍ଥିତ ବିକାଶ ଡାଇଗ୍ନୋଷ୍ଟିକ ଚିକିତ୍ସାଳୟର ନିର୍ମାଣାଧୀନ ଭବନରୁ ଜଣେ ଶ୍ରମିକ ବିଜୟାନନ୍ଦ ପ୍ରସାଦଙ୍କ ମରଶରୀର ଉଦ୍ଧାର କରାଯାଇଥିଲା। ଏନେଇ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହର ବ୍ୟବଚ୍ଛେଦ କରାଇଥିଲା। ତଦନ୍ତ ଅନୁଯାୟୀ, ଉକ୍ତ ଭବନ ନିର୍ମାଣରେ ବାହାର ରାଜ୍ୟର ଶ୍ରମିକମାନେ କାମ କରୁଥିଲେ। ମଜୁରି ଟଙ୍କାକୁ ନେଇ ବିଜୟାନନ୍ଦ ଓ ସୁପରଭାଇଜର ରଣବୀରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ରଣବୀର ଏଥିରେ ଉତ୍କ୍ଷିପ୍ତ ହୋଇ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସହ ମିଶି ବିଜୟାନନ୍ଦଙ୍କୁ କାଠ ଫାଳିଆରେ ମାଡ଼ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତଦନ୍ତ ପରେ ପୋଲିସ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲା ଭାବେ ନେଇ ଦଫା ୩୦୨, ୩୪ ଆଇପିସିରେ କେସ୍ ନଂ ୧୪୨/୨୦ରେ ମାମଲା ରୁଜୁ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପି. ଧାରୁଆ ପ୍ରକାଶ କରିଛନ୍ତି ।

୧୧ ଦୋକାନରେ ଯୋଗାଣ ବିଭାଗ ଚଢ଼ାଉ

ଯୋଗାଣ ବିଭାଗ ଅଧିକାରୀମାନେ ଏକ ଦୋକାନରେ ଚଢାଉ କରୁଛନ୍ତି ।

ନବରଙ୍ଗପୁର,୩୦।୪(ବି.ପ୍ର.)

- କୋଭିଡ୍-୧୯ ନିୟମ ଉଲ୍ଲଂଘନ
- ୧୧ ହଜାର ଜରିମାନା ଆଦାୟ

ଜିଲା ଯୋଗାଣ ବିଭାଗର ଚଢ଼ାଉ ବେଳେ ଗୁରୁବାର ୧୧ଟି ଦୋକାନରେ ଦରତାଲିକା ଟଙ୍ଗାଯାଇ ନ ଥିବାରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। କୋଭିଡ୍-୧୯ ନିୟମ ପାଳନ ନ କରିବା ଓ ସାମଗ୍ରୀର ଦରଦାମରେ ତାରତମ୍ୟ ନ ରହିବା, ବିଭିନ୍ନ ଖାଦ୍ୟ ସାମଗ୍ରୀ ଚଢ଼ାଦରରେ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ସାମାଜିକ ଦୂରତା ରକ୍ଷା କରିବା, ଡାଲି, ତେଲ, ଆଳୁ, ପିଆଜ ଆଦିର ଏକ ଦର ତାଲିକା ଦୋକାନୀମାନଙ୍କୁ ପ୍ରଦାନ କରାଯାଇ ଏହାକୁ ଦୋକାନ ଆଗରେ ଟାଙ୍ଗିବା ପାଇଁ କୁହାଯାଇଥିଲା। ଏହାକୁ ଦୋକାନୀମାନେ ପାଳନ କରି ନ ଥିଲେ। ଅତିରିକ୍ତ ଜିଲା ଯୋଗାଣ ନିରୀକ୍ଷକ ମନୋଜ ଦାଶ, ଯୋଗାଣ ନିରୀକ୍ଷକ ରାଜେଶ ଶବର ଓ ନବରଙ୍ଗପୁର ତହସିଲଦାର ରବୀନ୍ଦ୍ର ରାଉତ ବିଭିନ୍ନ ଦୋକାନ ବୁଲିବା ବେଳେ ଏହି ଅବ୍ୟବସ୍ଥା ଦେଖି ସେମାନଙ୍କୁ ତାଗିଦ କରିବା ସହ ୧୧ ଦୋକାନରୁ ୧ ହଜାର ଲେଖାଏ ୧୧ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

ସାହିରେ ଦୁଇ ବାହାର ଫେରନ୍ତାଙ୍କୁ ଡର

ଜୟପୁର/ଦଶମନ୍ତପୁର, ୩୦।୪(ଡି.ଏନ୍.ଏ.)

ବାହାର ରାଜ୍ୟରୁ କୋରାପୁଟ ଅଞ୍ଚଳକୁ ଫେରିଥିବା ୨ ଜଣ ବ୍ୟକ୍ତିଙ୍କୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଗୋଟିଏ ଜିଲାର ଜୟପୁର ଓ ଅନ୍ୟଟି ଦଶମନ୍ତପୁର ଅଞ୍ଚଳରେ ଦେଖିବାକୁ ମିଳିଛି।

ଦୁଇଦିନ ତଳେ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ମହାରାଷ୍ଟ୍ରରୁ କାର୍ ଯୋଗେ ଜୟପୁର ସହର ମହାନ୍ତି ସାହିକୁ ଫେରିଛନ୍ତି। ସେ ସହରରେ ବୁଲାବୁଲି କରୁଥିବାରୁ ସାହିବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ସୂଚନା ପାଇ ଗତ ବୁଧବାର ସନ୍ଧ୍ୟାରୁ ରାତି ୯ଟା ଯାଏ ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଓ ପୌରସଂସ୍ଥା ତାଙ୍କୁ ଚିକିତ୍ସାଳୟକୁ ନେଇ ନମୁନା ସଂଗ୍ରହ କରିବା ପାଇଁ ବୁଝାଇଥିଲେ। କିନ୍ତୁ ସେ ନିଜ ଜିଦ୍‌ରେ ଅଟଳ ରହିବା ଯୋଗୁ ଯାଇଥିବା ଆମ୍ବୁଲାନ୍ସ ସହ କର୍ମଚାରୀମାନେ ଖାଲି ହାତରେ ଫେରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି, ଜୟପୁର ଉପଜିଲାପାଳଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଉପଜିଲାପାଳ ଲୋକନାଥ ଦଳବେହେରା କହିଛନ୍ତି, ଉକ୍ତ ବ୍ୟକ୍ତି ଜଣକ ମହାରାଷ୍ଟ୍ରରେ କୋଭିଡ୍ ଟେଷ୍ଟ ରିପୋର୍ଟ ଦେଖାଇଥିଲେ।

ସେହିପରି ଜିଲାର ପ୍ରଥମ କରୋନା ପଜିଟିଭ ଠାବ ହୋଇଥିବା ଦଶମନ୍ତପୁର ବ୍ଲକର ଗିର୍ଲିଗୁମ୍ମା ପଞ୍ଚାୟତ ଫୁଣ୍ଡାଗୁଡ଼ାରେ ଜଣେ ଯୁବକ ବାହାର ରାଜ୍ୟରୁ ଫେରିଛନ୍ତି। ସେ ସ୍ଥାନୀୟ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବା ପରିବର୍ତ୍ତେ ନିଜ ଗାଁରେ ଛପିରହିଥିବା ଜଣାପଡ଼ିଛି। ଫଳରେ ଗାଁଲୋକ ଭୟଭୀତ ହୋଇପଡ଼ିଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ଠାବ କରାଯାଇ କ୍ୱାରାଣ୍ଟାଇନକୁ ପଠାଯିବ ବୋଲି ବିଡିଓ ଡମ୍ବରୁଧର ମଲ୍ଲିକ ଓ ତହସିଲଦାର ଅଜୟ ପ୍ରକାଶ ତର୍କି କହିଛନ୍ତି।

ଅବକାରୀ ଚଢ଼ାଉ, ୨ ଗିରଫ

ରାୟଗଡ଼ା ଅଫିସ,୩୦।୪:

ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶ ଓ ଅବକାରୀ ଏସ୍‌ପି ଦଣ୍ଡପାଣି ବେହେରାଙ୍କ ତତ୍ତ୍ୱାବଧାନରେ ରାୟଗଡ଼ା ଥାନା ବାରିଖୋଲା ଗ୍ରାମରେ ଗୁରୁବାର ଚଢ଼ାଉ କରାଯାଇଛି। ଦେଶୀ ରନ୍ଧାମଦ ତିଆରି କରି ବିକ୍ରି ପାଇଁ ଅନ୍ୟ ଜାଗାକୁ ଚାଲାଣ କରାଯାଉଥିବା ବେଳେ ୩୫ ଲିଟର ମଦ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଏହି ଘଟଣାରେ ବିଶ୍ୱମ୍ଭର ବେହେରା (୨୮) ଓ ହାଡ଼ପା ରାଇତୁ (୩୨) ଗିରଫ ହୋଇଥିବା ସଦର ଥାନା ଓଆଇସି ଏସ୍.ଏନ୍. ରଥ ସୂଚନା ଦେଇଛନ୍ତି।

ସହାୟତା ଦେଲା ଏଚ୍‌ଡିଏଫ୍‌ସି

ଦାମନଯୋଡ଼ି,୩୦।୪:

କରୋନା ମୁକାବିଲା ପାଇଁ ବୁଧବାର ଦାମନଯୋଡ଼ିସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ତରଫରୁ ୨୦୦ ମାସ୍କ ଏବଂ ୫୦ ବୋତଲ ସାନିଟଇଜର ପଟ୍ଟାଙ୍ଗୀ ବିଡିଓ ମୋନାଲିସା ଦେବତାଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ବ୍ୟାଙ୍କ ଶାଖା ପ୍ରବନ୍ଧକ ସୌମେନ୍ଦ୍ର ଛୋଟରାୟ, ଆଶିଷ ସେନାପତି, ରଞ୍ଜିତ ସାହୁ, ମୟୁରସା ମିଶ୍ର ଉପସ୍ଥିତ ଥିଲେ।

ବିଧାୟକଙ୍କ ହସ୍ତକ୍ଷେପ ପରେ ହେଲା ସମାଧାନ

ପାପଡାହାଣ୍ଡି, ୩୦।୪(ଡି.ଏନ.ଏ.)

ବିଧାୟକଙ୍କ ଉପସ୍ଥିତିରେ ଘଟଣାର ଆଲୋଚନା ଚାଲିଛି ।

ପାଣି ପାଇଁ ଖଲିଗୁଡ଼ାବାସୀ ରାସ୍ତାକୁ ଓହ୍ଲାଇବା ଘଟଣା

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଖଲିଗୁଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ବୁଧବାର ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। ଗ୍ରାମରେ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା ଥିଲେ ମଧ୍ୟ ପମ୍ପ ଡ୍ରାଇଭର ମନମାନି କରି ବୋରୱେଲ ପାଣିକୁ ନିଜ ଜମିରେ ମଡାଉଥିଲେ। ଗ୍ରାମବାସୀ ଦୁଇ ମାସ ହେଲା ପାଣି ପାଇଁ ହଇରାଣ ହେଉଥିଲେ। ଏନେଇ ଏକ ଖବର ଗୁରୁବାର ପ୍ରକାଶ ପାଇବା ପରେ ବିଡ଼ିଓ ରଞ୍ଜିତା ମଲିକ, ତହସିଲଦାର ପ୍ରେମଲାଲ ହିଆଲ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଗ୍ରାମରେ ପହଞ୍ଚି ଏକ ବୈଠକ କରିଥିଲେ। ପମ୍ପ ଡ୍ରାଇଭରଙ୍କ ଜମିରେ ବୋରୱେଲ ଖୋଲାଯାଇଥିବାରୁ ସେ ମନ ମାନି କରି ଗ୍ରାମବାସୀଙ୍କୁ ପାଣି ନ ଦେଇ ନିଜ ଜମିରେ ପାଣି ମଡ଼ାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସମ୍ପୃକ୍ତ ପମ୍ପ ଡ୍ରାଇଭରଙ୍କୁ ଡକାଇ ତାଙ୍କ ମତାମତ ନେବାରୁ ସେ ନିଜ ଜମି ଛାଡ଼ିବେ ନାହିଁ ବୋଲି କହିଥିଲେ। ପରେ ଗ୍ରାମବାସୀ ଅନ୍ୟ ଏକ ସ୍ଥାନରେ ବୋରୱେଲ ଖୋଲିବା ଲାଗି ପ୍ରସ୍ତାବ ଦେଇଥିଲେ। ବିଧାୟକ ଉକ୍ତ ପ୍ରସ୍ତାବକୁ ସମର୍ଥନ କରିଥିଲେ। ବିଡ଼ିଓ ଓ ଜଳ ଯୋଗାଣ ବିଭାଗ ଯନ୍ତ୍ରୀଙ୍କୁ ଆସନ୍ତା ସୋମବାର ମଧ୍ୟରେ ବୋରୱେଲ ଖୋଲିବା ଲାଗି କହିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୯ରେ ଗ୍ରାମର ପମ୍ପ ଡ୍ରାଇଭରଙ୍କ ଜମିରେ ଗ୍ରାମ ପାଇଁ ବୋରୱେଲ ଖୋଲାଯାଇଥିଲା। ସେ ଗ୍ରାମବାସୀଙ୍କୁ ପାଣି ନ ଯୋଗାଇ ନଜି ଜମିରେ ପାଣିକୁ ବ୍ୟବହାର କରୁଥିଲେ।

ଗୋଷ୍ଠୀ ସଂଘର୍ଷ: ୬ ଆହତ, ୭ ଗିରଫ

ଟିକିରି,୩୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ହାଡ଼ିଗୁଡ଼ା ପଞ୍ଚାୟତରେ ଗତ ବୁଧବାର ସନ୍ଧ୍ୟାରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ନୂଆପଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଆହତଙ୍କ ମଧ୍ୟରୁ ଯତୀରାମ ସାହୁ, ତୁଳସୀ ସାହୁ ଗୁରୁତର ଅଛନ୍ତି। ୨୦୧୩ରେ ଘଟିଥିବା ଏକ ପ୍ରେମଜନିତ ଘଟଣାକୁ ନେଇ ଗ୍ରାମର ଗୋଟିଏ ଗୋଷ୍ଠୀ ଯତୀରାମଙ୍କ ପରିବାରକୁ ହଠାତ୍ ଆକ୍ରମଣ କରିଥିଲେ। ଦୋରାଗୁଡ଼

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ମେ ୧/୨୦୨୦ Friday, May 1/2020

ଅଭିବୃଦ୍ଧି ଚିନ୍ତାରେ ସରକାର

- ଜରୁରୀ ବୈଠକ ଡାକିଲେ ମୋଦି
- ସଂସ୍କାର ପ୍ରକ୍ରିୟାକୁ ଗୁରୁତ୍ୱ
- ଶିଳ୍ପକୁ ପ୍ରୋତ୍ସାହନ, ନିବେଶ ଆକୃଷ୍ଟ କରିବାକୁ ଫୋକସ
- ରାଜ୍ୟଗୁଡିକୁ ପ୍ରସ୍ତୁତ ରହିବାକୁ କେନ୍ଦ୍ରର ପରାମର୍ଶ

ନୂଆଦିଲ୍ଲୀ,୩୦।୪

ଦେଶର ଅଭିବୃଦ୍ଧିକୁ ନେଇ ସରକାର ଏବେ ଚିନ୍ତାରେ । ଲକ୍‌ଡାଉନ ପରେ ଦେଶର ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଛିଡା କରାଇବା ଲାଗି ସରକାର ଯୋଜନା ହାତକୁ ନେଉଛନ୍ତି । ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ଏବେ ପ୍ରାଥମିକତା ଦିଆଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବିଭିନ୍ନ ମନ୍ତ୍ରଣାଳୟ ସହ ଏ ସମ୍ପର୍କରେ ବୈଠକରେ ଆଲୋଚନା କରିଛନ୍ତି । ସଂସ୍କାର ଦ୍ୱାରା ଅର୍ଥ ବ୍ୟବସ୍ଥା ସାମ୍ନାରେ ଆସୁଥିବା ବିଭିନ୍ନ ଅସୁବିଧା ଦୂରୀକରଣ, ଔଦ୍ୟୋଗିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଏବଂ ନୂଆ ନିବେଶ ଆକୃଷ୍ଟ କରିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯିବ । କୋଭିଡ-୧୯ ପରେ ସାରା ଦେଶରେ ବାଣିଜ୍ୟ କାରବାର ଠପ୍ ହୋଇ ପଡିଛି । ଏଭଳି ସ୍ଥିତିରେ ସ୍ଥାନୀୟ ନିବେଶ ଏବଂ ଅଧିକ ବିଦେଶୀ ପୁଞ୍ଜି ଆକୃଷ୍ଟ କରିବା ଲାଗି ମୋଦି ବୈଠକରେ ଆଲୋଚନା କରିଛନ୍ତି ।

କେଉଁ ମନ୍ତ୍ରଣାଳୟ କିଭଳି ସଂସ୍କାର ପ୍ରକ୍ରିୟା ହାତକୁ ନେଇଛନ୍ତି ସେ ପ୍ରସଙ୍ଗ ମଧ୍ୟ ବୈଠକରେ ସ୍ଥାନୀତ ହୋଇଛି । ଶିଳ୍ପ ବିକାଶ ଦିଗରେ ରହିଥିବା ଚ୍ୟାଲେଞ୍ଜକୁ ଦୂର କରିବା, ନିରନ୍ତର ଭିତ୍ତିରେ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଜାରି ଏବଂ ଅସୁବିଧା ଦୂରୀକରଣକୁ ସରକାର ଧ୍ୟାନରେ ରଖିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି । ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ଏବଂ ଭିତ୍ତିଭୂମି ଉନ୍ନତିକରଣ ଲାଗି ଆଗାମୀ ୫ ବର୍ଷରେ ୧୧୧ ଲକ୍ଷ କୋଟି ଟଙ୍କାର ନିବେଶ ଆବଶ୍ୟକତା ରହିଥିବା ସରକାରଙ୍କ ଏକ ଟାସ୍କ ଫୋର୍ସ କହିଛି । କେନ୍ଦ୍ର ଅର୍ଥନୈତିକ ବ୍ୟାପାର ସଚିବ ଅତନୁ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଉକ୍ତ ଟାସ୍କ ଫୋର୍ସ ଗଠନ ହୋଇଛି । ନ୍ୟାଶନାଲ ଭିତ୍ତିଭୂମି ପାଇପଲାଇନ(ଏନ୍‌ଆଇପି) ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରି କରାଇବାକୁ କମିଟି ସରକାରଙ୍କୁ ପ୍ରସ୍ତାବ ଦେଇଛି । ଏଥି ଲାଗି ରାଜ୍ୟ ସରକାର, ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡିକର ପରାମର୍ଶ ମଧ୍ୟ ନିଆଯାଇଛି । ପ୍ରକଳ୍ପ ସମୀକ୍ଷା, ଠିକ୍ ସମୟରେ କାର୍ଯ୍ୟ ଶେଷ, ପୁଞ୍ଜି ସଂଗ୍ରହ ଭଳି ଦିଗକୁ ଦେଖିବା ଲାଗି ୩ଟି କମିଟି ଗଠନ ହୋଇଛି । ଏହାବାଦ ପ୍ରତି ମନ୍ତ୍ରଣାଳୟ ସ୍ତରରେ ଷ୍ଟିଅରିଂ କମିଟି ମଧ୍ୟ ରହିଛି ।

ଶିଳ୍ପ ଭିତ୍ତିଭୂମି ବିକାଶ, କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଥିବା ସମସ୍ତ ଅସୁବିଧା ଦୂରୀକରଣ ଦ୍ୱାରା ନିବେଶକଙ୍କୁ ଆକୃଷ୍ଟ କରିବ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଏ ଦିଗରେ ରାଜ୍ୟ ଗୁଡିକ ସେମାନଙ୍କ ଯୋଜନା କିଭଳି ଠିକ୍ ଭାବେ ହାତକୁ ନେଇ ପାରିବେ ସେ ଦିଗରେ କେନ୍ଦ୍ର ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ଥିବା ପିଏମ୍‌ଓ ପକ୍ଷରୁ ସ୍ପଷ୍ଟ କରାଯାଇଛି । ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପିୟୂଷ ଗୋୟଲ ଏବଂ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ ।

୧୦୦୦ ଏୟାରକୁଲର ଦେଲା ସିଙ୍ଗୋନି

ନୂଆଦିଲ୍ଲୀ,୩୦।୪: କୋଭିଡ୍-୧୯ ଯୁଦ୍ଧରେ ପ୍ରମୁଖ ଏୟାରକୁଲର ମାନୁଫାକଚର କମ୍ପାନୀ ସିଙ୍ଗୋନି ଲିମିଟେଡ୍ ସାମିଲ ହୋଇଛି । ଗୁଜରାଟ ସରକାରଙ୍କୁ ଏହା ୧୦୦୦ ଏୟାରକୁଲର ଦାନ ସମ୍ପର୍କରେ ସୂଚନା ଦେଇଛି । ଗୁଜରାଟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଏହି କୁଲରଗୁଡିକ ବ୍ୟବହାର କରାଯିବା କାର୍ଯ୍ୟକ୍ରମ ରହିଛି । କରୋନା ବିରୋଧରେ ସମସ୍ତେ ଆଗେଇ ଆସିବାକୁ କମ୍ପାନୀ ପକ୍ଷରୁ ଆହ୍ୱାନ କରାଯାଇଛି । ଗୁଜରାଟ ସରକାରଙ୍କ ସହ ମିଳିତ ହୋଇ କାମ କରୁଥିବାରୁ ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆଚଲ ବାକେରି କହିଛନ୍ତି ।

ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୭୬.୧%

ଭୁବନେଶ୍ୱର,୩୦।୪: ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଫେବୃୟାରେ ୩୨୮ ପଏଣ୍ଟ ଥିଲା । ଏଥିରେ ୨ ପଏଣ୍ଟ ହ୍ରାସ ଘଟି ମାର୍ଚ୍ଚରେ ୩୨୬ ପଏଣ୍ଟ ରହିଛି । ତାଳଚେର ଏବଂ ଅନୁଗୋଳରେ ଏହା ୩୪୬ ପଏଣ୍ଟରେ ଅପରିବର୍ତ୍ତିତ ରହିଛି । ରାଉରକେଲାରେ ଏହା ୩୩୩ ପଏଣ୍ଟ ଥିବା ବେଳେ ଏଥିରେ ୪ ପଏଣ୍ଟ ହ୍ରାସ ହୋଇ ୩୨୯ ପଏଣ୍ଟ ରହିଛି । ବର୍ତ୍ତମାନ ବ୍ୟାଙ୍କ କର୍ମଚାରୀମାନେ ୭୫.୯ % ମହଙ୍ଗା ଭତ୍ତା ପାଉଛନ୍ତି । ଏଥିରେ ୦.୨% ବୃଦ୍ଧି ଘଟି ୭୬.୧% ହୋଇଛି । ଏହା ମେ ମାସ ପହିଲାରୁ ଲାଗୁ ହେବ । ବୀମା କର୍ମଚାରୀମାନେ ବର୍ତ୍ତମାନ ୬୯.୨% ମହଙ୍ଗା ଭତ୍ତା ଲାଭ କରୁଛନ୍ତି । ସେମାନଙ୍କର ମଧ୍ୟ ଡିଏରେ ୦.୨% ବୃଦ୍ଧି ଘଟି ୬୯.୪% ହୋଇଛି । ଏହି ବର୍ଦ୍ଧିତ ଡିଏ ସେମାନେ ମେ ପହିଲାରୁ ପାଇବେ । ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୬୦.୭% ମହଙ୍ଗା ଭତ୍ତା ପାଉଛନ୍ତି । ଏଥିରେ ୨.୬% ହ୍ରାସ ଘଟି ୧୫୮.୦୫% ହୋଇଛି । ଏହି ବର୍ଦ୍ଧିତ ଡିଏ ସେମାନେ ଜୁଲାଇ ପହିଲାରୁ ପାଇବେ ।



ସରକାରୀ କର୍ମଚାରୀମାନେ ୧୭% ମହଙ୍ଗା ଭତ୍ତା ପାଉଛନ୍ତି । ଏଥିରେ ୭% ବୃଦ୍ଧି ଘଟି ୨୪% ହୋଇଛି । ଏମାନେ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଗରିବଙ୍କ ପାଇଁ ଆବଶ୍ୟକ ୬୫ ହଜାର କୋଟି

ମୁମ୍ବାଇ, ୩୦।୪: ମହାମାରିର ପ୍ରଭାବ ସମ୍ପୂର୍ଣ୍ଣ ହ୍ରାସ କରିବା ପାଇଁ ଗରିବଙ୍କ ପାଇଁ ସରକାରଙ୍କୁ ୬୫ହଜାର କୋଟି ଖର୍ଚ୍ଚ କରିବାର ଆବଶ୍ୟକ ପଡ଼ିବ ବୋଲି ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ କହିଛନ୍ତି । କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ ସହ ଆଲୋଚନା କରିବାବେଳେ ରାଜନ ଏଭଳି ତଥ୍ୟ ପ୍ରକାଶ କରିଥିବା ଜଣାପଡ଼ିଛି । ଗରିବଙ୍କୁ ସାହାଯ୍ୟ କରିବାକୁ ସରକାରଙ୍କୁ କେତେଟଙ୍କା ଦରକାର ବୋଲି ରାହୁଲ୍‌ଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ରାଜନ କହିଛନ୍ତି ଯେ, ଏଥିପାଇଁ ସରକାରଙ୍କୁ ୬୫ହଜାର

ଲକ୍‌ଡାଉନ ବଢ଼ିଲେ ବିଶ୍ୱସନୀୟତା ହରାଇବେ ସରକାରଃ ରାଜନ

କୋଟି ଟଙ୍କା ଆବଶ୍ୟକ । ସରକାର ଲକ୍‌ଡାଉନକୁ ବୃଦ୍ଧି କରିବା ମାନେ ତାଲାବନ୍ଦକୁ ସମ୍ପୂର୍ଣ୍ଣ ଭାବେ ଖୋଲିବା ପ୍ରସ୍ତୁତରେ ନାହାନ୍ତି । ଲକ୍‌ଡାଉନ ପୁନଃ ବୃଦ୍ଧି ହେଲେ ସରକାର ବିଶ୍ୱସନୀୟତା ହରାଇବେ ଏବଂ ଏହାଦ୍ୱାରା ଶୂନ ସଂକ୍ରମଣ ଲକ୍ଷ୍ୟ ପୂରଣ କେବେ ହୋଇପାରିବ ନାହିଁ ବୋଲି ରାଜନ କହିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ୨ୟ ଲକ୍‌ଡାଉନର ଅବଧି ଆସନ୍ତା ୩ରେ ଶେଷ ହେବାକୁ ଯାଉଛି । ତେଣୁ ସରକାର ଦେଶର ଅର୍ଥନୈତିକ ଦିଗପ୍ରତି ଦୃଷ୍ଟି ହେଇ ଲକ୍‌ଡାଉନକୁ ବୃଦ୍ଧି ନ କରି କଟକଣା ମଧ୍ୟରେ କାର୍ଯ୍ୟ କରିବାକୁ ଗାଇଡ ଲାଇନ ଜାରି କରିବା ଆବଶ୍ୟକ ବୋଲି ରାଜନ କହିଛନ୍ତି ।

ଜିଓର ନିଟ୍ ଲାଭରେ ବୃଦ୍ଧି

ନୂଆଦିଲ୍ଲୀ,୩୦।୪: ୨୦୧୯-୨୦ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସରେ ରିଲାଏନ୍ସ ଜିଓର ଲାଭ ୧୭୭.୫% ବୃଦ୍ଧି ଘଟି ୨୩୩୧ କୋଟି ଟଙ୍କା ରହିଛି । ଏହି ତିନି ମାସରେ ଜିଓର ନିଜସ୍ୱ ରାଜସ୍ୱ ୧୪,୮୩୫ କୋଟି ଟଙ୍କା ରହିଛି । ଗତବର୍ଷ ତୁଳନାରେ ଏଥିରେ ୧୬.୬% ବୃଦ୍ଧି ପରିଲକ୍ଷିତ ହୋଇଛି । ବର୍ତ୍ତମାନର ସଙ୍କଟ ସମୟରେ ଗ୍ରାହକଙ୍କ ଲାଗି ଯୋଗାଯୋଗ ଏବଂ ପରିଚାଳନା ସହଜ କରି ପାରିଥିବାରୁ ବେଶ୍ ଖୁସି ବୋଲି ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି । ସେହିଭଳି ଜିଓର ମୂଳ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିର ଚତୁର୍ଥ ତ୍ରୈମାସ ନେଟ୍ ଲାଭ ୩୯% ଖସି ୬,୩୪୮ କୋଟି ଟଙ୍କା ରହିଛି । ଏହି ସମୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରି ପକ୍ଷରୁ ୫୩,୧୧୨ କୋଟି ଟଙ୍କାର ରାଇଟ୍ସ ଇସ୍ୟୁ ମଧ୍ୟ ଘୋଷଣା କରାଯାଇଛି ।

କୋର୍ ସେକ୍ଟରକୁ କୋଭିଡ୍ ମାଡ଼

ନୂଆଦିଲ୍ଲୀ, ୩୦।୪: କୋଭିଡ୍-୧୯ ଯୋଗୁ ସାରା ଦେଶରେ ମେ ୩ ଯାଏ ଲକ୍‌ଡାଉନ ଜାରି ରହିବ । ଏହି ସମୟରେ ଦେଶର ଶିଳ୍ପ କ୍ଷେତ୍ର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଠପ୍ ରହିଛି । ଏଥିଲାଗି ପ୍ରମୁଖ ଶିଳ୍ପ କ୍ଷେତ୍ର ବା କୋର ସେକ୍ଟର ଅଭିବୃଦ୍ଧି ମାର୍ଚ୍ଚ ମାସରେ ୬.୫% ଖସିଛି । ଗତବର୍ଷ ସମାନ ସମୟରେ ଏହି କ୍ଷେତ୍ରରେ ୫.୮% ଅଭିବୃଦ୍ଧି ଦେଖାଯାଇଥିଲା । ଭାରତ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ କୋଭିଡ-୧୯ ଯୋଗୁ ବଜାର ଉପରେ ଗଭୀର ଭାବେ ଚାପ ପଡିଛି ।

କରୋନାର ପ୍ରଭାବ ଶିଳ୍ପ ଉପରେ କେମିତି ରହିଛି ତାହା ସରକାରଙ୍କ ଏହି ଡାଟାରୁ ସ୍ପଷ୍ଟ ହେଉଛି । ମାର୍ଚ୍ଚରେ ଇସ୍ପାତ, ସାର ଏବଂ ସିମେଣ୍ଟ ଉତ୍ପାଦନ କମିବା ଯୋଗୁ ଏହା ଦ୍ୱାରା କୋର୍ ସେକ୍ଟର କ୍ଷତିଗ୍ରସ୍ତ ହୋଇଛି । ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଉପରେ ପ୍ରଭାବ ନକରାତ୍ମକ ରହିଛି । ଆଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ

ମାର୍ଚ୍ଚରେ ୬.୫% ଖସିଲା ଉତ୍ପାଦନ

ଉତ୍ପାଦନ ଯଥାକ୍ରମେ ୫.୫%, ୦.୫%, ୧୧.୯%, ୧୩%, ୨୪.୭% ଏବଂ ୭.୨% ଖସିଥିବା ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି ।

ଖେଳ ଖବର

ଫିଜିଓଙ୍କ ରୁମ୍‌ରେ ବନ୍ଦ ହୋଇଥିଲେ ସଚିନ

ନୂଆଦିଲ୍ଲୀ, ୩୦।୪: ଟେଷ୍ଟ ହେଉ କିମ୍ବା ଦିନିକିଆ କ୍ରିକେଟ, ସଚିନ ତେନ୍ଦୁଲକର ଓ ଶେନ ୱର୍ନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବେଶ୍ ଚର୍ଚ୍ଚିତ । ଦିନଥିଲା ସଚିନ-ୱର୍ନ ମୁକାବିଲା ଦେଖିବାକୁ ଦର୍ଶକମାନେ ଉତ୍କଣ୍ଠାର ସହ ଅପେକ୍ଷା କରୁଥିଲେ । ୧୯୯୮ ସିରିଜର କଥା । ଏକ ଟେଷ୍ଟରେ ମାତ୍ର ୪ରନ କରି ୱର୍ନଙ୍କ ବଲ୍‌ରେ ଆଉଟ ହେବାପରେ ସଚିନ ନିଜକୁ ଦୀର୍ଘ ସମୟ ଫିଜିଓଙ୍କ ରୁମ୍‌ରେ ନିଜକୁ ବନ୍ଦକରି ରଖିଥିଲେ । ପରବର୍ତ୍ତୀ ଇନିଂସରେ ସେ ଚମତ୍କାର ଖେଳିଥିଲେ । ଅତୀତକୁ ମନେପକାଇ ଏହା ପ୍ରକାଶ କରିଛନ୍ତି ସଚିନଙ୍କ ପୂର୍ବତନ ଟିମ୍‌ମେଟ୍ ତଥା କ୍ରିକେଟ ଭାଷ୍ୟକାର ଭିଭିଏସ୍ ଲକ୍ଷ୍ମଣ ।

୧୯୯୮ରେ ମାର୍କ ଟେଲରଙ୍କ ଅଷ୍ଟ୍ରେଲିଆ ଭାରତ ଭ୍ରମଣରେ ଆସିଥାଏ । ଏହି ସିରିଜରେ ଚର୍ଚ୍ଚାର ଶିରୋନାମାରେ ରହିଥିଲେ ବିଶ୍ୱର ଆଗଧାଡ଼ିର ବ୍ୟାଟ୍ସମ୍ୟାନ ସଚିନ ଓ ଚମତ୍କାରୀ ବୋଲର ୱର୍ନ । ସେତେବେଳେ ମହମ୍ମଦ ଆଜାରୁଦ୍ଦିନଙ୍କ ନେତୃତ୍ୱାଧୀନ ଭାରତ ଘରୋଇ ପରିବେଶରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରୁଥାଏ । ୧୯୮୭ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନଠାରୁ ହାରିବାପରେ ଘରୋଇ ପରିବେଶରେ ଭାରତକୁ ଆଉ କୌଣସି ଦଳ ହରାଇପାରି ନ ଥାନ୍ତି । ୧୯୯୬ରେ ଟେଲରଙ୍କ ଅଷ୍ଟ୍ରେଲିଆ ଭାରତ ଆସି ନୂଆଦିଲ୍ଲୀରେ ଏକ ଟେଷ୍ଟ ଖେଳିଥିଲେ ହେଁ ପରାଜିତ ହୋଇଥିଲା । ତେଣୁ ୧୯୯୮ ସିରିଜ ମୁଖ୍ୟତଃ ୱର୍ନଙ୍କ କୌଶଳ ଓ ସଚିନଙ୍କ ଅସାଧାରଣ ବ୍ୟାଟିଂ ଉପରେ ପର୍ଯ୍ୟବସିତ ଥିଲା । ପ୍ରଥମ ଟେଷ୍ଟ ଚେନ୍ନାଇର ଚେପକ୍‌ରେ ଖେଳାଯାଇଥିଲା । ଭାରତର ଟପ୍-୩ ବ୍ୟାଟ୍ସମ୍ୟାନ ଭଲ ଖେଳି ଅର୍ଦ୍ଧଶତକ ହାସଲ କଲାପରେ ସଚିନଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା । ୱର୍ନଙ୍କ ବଲ୍‌ରେ ଚୌକା ମାରି ସଚିନ ଇନିଂସ ଆରମ୍ଭ କରିଥିଲେ । ମାତ୍ର ପରବର୍ତ୍ତୀ ବଲକୁ ମିଡ୍‌ଅନ୍ ଉପରେ ବଡ଼ ଶଟ୍ ମାରିବା ଚକ୍କରରେ ମାର୍କ ଟେଲରଙ୍କ ଦ୍ୱାରା କ୍ୟାଚ ହୋଇ ପ୍ୟାଭିଲିୟନ ଫେରିଥିଲେ । ଏହାକୁ ସହଜରେ ହଜମ କରିପାରି ନ ଥିଲେ ସଚିନ । ସେ ପଡ଼ିଆରୁ ଆସି ସିଧା ଫିଜିଓଙ୍କ ରୁମ୍‌ରେ ନିଜକୁ ବନ୍ଦକରି ରଖିଥିଲେ । ପାଖାପାଖି ୧ଘଣ୍ଟା ପରେ ସେଠାରୁ ବାହାରିବା ବେଳକୁ ତାଙ୍କ ଆଖି ଲାଲ ହୋଇଯାଇଥିଲା । ଭାବପ୍ରବଣ ହୋଇ ପଡ଼ିଥିବା ସଚିନ ଏପରି ଆଉଟ୍‌ରେ ଖୁସି ନ ଥିଲେ । ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଅଗ୍ରଣୀ ନେଇଥିବାରୁ ଭାରତ ଦ୍ୱିତୀୟ ଇନିଂସରେ ବଡ଼ ସ୍କୋର କରିବା ଆବଶ୍ୟକ ହେଉଥିଲା । ନିଜ ତ୍ରୁଟିକୁ ବୁଝିପାରିଥିବା ସଚିନ ଖେଳିଥିଲେ ଅନ୍ୟତମ ଶ୍ରେଷ୍ଠ ଇନିଂସ । ସେ ୱର୍ନ ଏବଂ ଅନ୍ୟ ବୋଲରଙ୍କ ବଲ୍‌କୁ ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ମାରି ୧୫୫ ରନରେ ଅପରାଜିତ ରହିଥିଲେ । ୱର୍ନଙ୍କ ସମସ୍ତ କୌଶଳ ସଚିନଙ୍କ ଆଗରେ ଫେଲ୍ ମାରିଥିଲା । ପରେ ଅନୀଲ କୁମ୍ବଲେ ଓ ଭେଙ୍କଟପତି ରାଜୁଙ୍କ କ୍ୱାଲିଟି ସ୍ପିନକୁ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଶୀଘ୍ର ଆଉଟ ହୋଇ ଯାଇଥିଲା । ଭାରତ ଏହି ଟେଷ୍ଟ ଓ ସିରିଜ ଜିତିଥିଲା । "ମୁଁ ଦେଖିବାରେ ସଚିନ-ୱର୍ନଙ୍କ ମଧ୍ୟରେ ଏହା ସବୁଠାରୁ ଶ୍ରେଷ୍ଠ ଲଢ଼େଇ ଥିଲା" ବୋଲି କହିଛନ୍ତି ଲକ୍ଷ୍ମଣ ।

ଜର୍ମାନୀ, ନେଦରଲାଣ୍ଡ୍ସ, ଫିନ୍‌ଲାଣ୍ଡରେ ମୋଟୋ ଗ୍ରାଁ ପ୍ରି ରେସ୍ ବାତିଲ

ପ୍ୟାରିସ୍,୩୦।୪ (ଏଏଫ୍‌ପି): କୋଭିଡ-୧୯ କାରଣରୁ ଜର୍ମାନୀ, ନେଦରଲାଣ୍ଡ୍ସ ଓ ଫିନ୍‌ଲାଣ୍ଡରେ ଆୟୋଜନ ହେବାକୁଥିବା ମୋଟୋ ଗ୍ରାଁ ପ୍ରି ରେସ୍‌ଗୁଡିକୁ ବାତିଲ କରାଯାଇଛି । ଜୁନ୍ ଓ ଜୁଲାଇରେ ଏହି ରେସ୍‌ଗୁଡିକ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା । ତେବେ ଏଗୁଡିକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଅନ୍ତର୍ଜାତୀୟ ମୋଟୋର ସାଇକ୍ଲିଂ ଫେଡେରେଶନ (ଏଫ୍‌ଆଇଏମ୍) ଓ ପ୍ରମୋଟର ଡୋର୍ନା ସ୍ପୋର୍ଟ୍ସ ତରଫରୁ ଘୋଷଣା କରାଯାଇଛି । କରୋନା ଭାଇରସ୍ ସଂକ୍ରମଣ କାରଣରୁ ଏପରି କଷ୍ଟକର ନିଷ୍ପତ୍ତି ନେବାକୁ ହେଲା ବୋଲି କୁହାଯାଇଛି । ଜର୍ମାନ ଗ୍ରାଁ ପ୍ରି ଜୁନ୍ ୧୯ରୁ ୨୧ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା ।

ୱିଲିୟମସନ୍ ଶ୍ରେଷ୍ଠ ଦିନିକିଆ କ୍ରିକେଟର

ଅକ୍‌ଲାଣ୍ଡ,୩୦।୪(ପି.ଟି.): ଅଧିନାୟକ କେନ୍ ୱିଲିୟମସନ ଗୁରୁବାର ନ୍ୟୁଜିଲାଣ୍ଡର ଶ୍ରେଷ୍ଠ ଦିନିକିଆ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି । ସାରା ବର୍ଷରେ ଦମ୍‌ଦାର ପ୍ରଦର୍ଶନ କରି ସେ ନ୍ୟୁଜିଲାଣ୍ଡ କ୍ରିକେଟର ବାର୍ଷିକ ପୁରସ୍କାର ଉତ୍ସବରେ ଶ୍ରେଷ୍ଠ ଦିନିକିଆ କ୍ରିକେଟର ଭାବେ ପୁରସ୍କୃତ ହୋଇଛନ୍ତି । ସେହିପରି ଅଭିଜ୍ଞ ରସ୍ ଟେଲର ଓ ଅଧିନାୟିକା ସୋଫି ଡିଭାଇନ୍ ଯଥାକ୍ରମେ ପୁରୁଷ ଓ ମହିଳା ଟି୨୦ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି । ଅନ୍ୟପଟେ ସାରା ବର୍ଷ ସ୍ଥିର ପ୍ରଦର୍ଶନ କରି ସୁଜି ବେଟ୍ସ ଶ୍ରେଷ୍ଠ ମହିଳା ଦିନିକିଆ କ୍ରିକେଟର ବିବେଚିତ ହୋଇଛନ୍ତି । କୋଭିଡ୍-୧୯ ମହାମାରୀ କାରଣରୁ ଏହି ପୁରସ୍କାର ଅନ୍ ଲାଇନ୍ ମାଧ୍ୟମରେ

ପ୍ରଦାନ କରାଯାଇଥିଲା । ଗତବର୍ଷ ୨୯ ୱିଲିୟମସନ ଅସାଧାରଣ ପ୍ରଦର୍ଶନ କରିଥିଲେ । ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସେ ୮୨ ହାରରେ ୫୭୮ ରନ ସଂଗ୍ରହ କରିଥିଲେ । ଏଥିରେ ଦୁଇଟି ଶତକ ସାମିଲ ରହିଛି ଓ ସେ ପ୍ଲେୟାର ଅଫ୍ ଟୁର୍ନାମେଣ୍ଟ ମଧ୍ୟ ବିବେଚିତ ହୋଇଥିଲେ । ତାଙ୍କ ଦମ୍‌ଦାର ପ୍ରଦର୍ଶନ ଓ ନେତୃତ୍ୱରେ ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା । ତେବେ ରୋମାଞ୍ଚକ ଫାଇନାଲରେ ଆୟୋଜକ ଇଂଲଣ୍ଡଠାରୁ ପରାସ୍ତ ହୋଇ ରନର୍ସ ଅପ୍ ହୋଇଥିଲା । ସେହିପରି ଟି୨୦ରେ ଟେଲର ୧୩୦ ଷ୍ଟ୍ରାଇକ୍‌ରେଟ୍‌ରେ ୩୩୦ ରନ ସଂଗ୍ରହ କରି ବେଶ୍ ସଫଳ ପ୍ରଦର୍ଶନ କରିଥିଲେ ।

କୋଭିଡ୍-19 ବିରୁଦ୍ଧ ଲଢ଼ାଇରେ ନିଜକୁ ସାମିଲ କରନ୍ତୁ

ଏହି ଲଢ଼ାଇରେ ଆମେ ଆପଣଙ୍କ ସହ